(ପୃଷ୍ଠା-୮+୮)

# ଧରିତ୍ରୀ
DHARITRI

ଢେଙ୍କାନାଳ, ବୁଧବାର, ଫେବୃୟାରୀ ୨୩/୨୦୨୨ (୮+୮=୧୬ ପୃଷ୍ଠା) | Dhenkanal, Wednesday, February 23/2022 | Page 16 | ₹ 7.00 | ★★★★★

୧୮ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଭାରତୀୟ ଦଳରେ ଓଡ଼ିଶାର ଦୀପ୍‌ସାନ**

ସ୍ପେନ୍ ବିପକ୍ଷ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ଲାଗି ଭାରତୀୟ ଦଳରେ ଓଡ଼ିଶାର ଦୁଇ ଖେଳାଳି ଦୀପ୍‌ସାନ ତିର୍କୀ ଓ ଶୀଳାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି।

୦୮

୦୨

**ଭାରତ ସହ ବନ୍ଧୁତା ଚାହୁଁ**

ଭାରତ ସହ ଥିବା ତିକ୍ତତାପୂର୍ଣ୍ଣ ସମ୍ପର୍କ ଶେଷ କରି ବନ୍ଧୁତା ଚାହୁଁ ବୋଲି କହିଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍।



# ଡୋନେସ୍କ, ଲୁହାନସ୍କରେ ରୁଷିଆ ସୈନ୍ୟ

## କଠୋର ହେଲା ଆମେରିକା: ଦୁଇ ଅଞ୍ଚଳରେ ବାଣିଜ୍ୟିକ କଟକଣା

**ମସ୍କୋ,୨୨।୨**

ବିଚ୍ଛିନ୍ନତାବାଦୀଙ୍କ ଦଖଲରେ ଥିବା ପୂର୍ବ ୟୁକ୍ରେନର ଡୋନ୍‌ବାସ୍‌କୁ ରୁଷିଆ ଦୁଇଟି ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ଦେଇଛି। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏହାକୁ ଦୁଇଭାଗ କରି ଡୋନେସ୍କ ଏବଂ ଲୁହାନ୍‌ସ୍କ ରୂପେ ଘୋଷଣା କରିବା ପରେ ସମ୍ପୃକ୍ତ କ୍ଷେତ୍ରରେ ଯୁଦ୍ଧ ଭୟ ବଢ଼ିବାରେ ଲାଗିଛି। କେବଳ ଏତିକି ନୁହେଁ, ଏହାକୁ ନେଇ ରୁଷିଆ ଓ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ମୁହାଁମୁହିଁ ସ୍ଥିତିକୁ ଚାଲିଆସିଛନ୍ତି। ପୁଟିନ୍‌ଙ୍କ ପଦକ୍ଷେପକୁ ଜାତିସଂଘ ସମେତ ଆମେରିକା, ବ୍ରିଟେନ, ଜର୍ମାନୀ ଓ ଅନେକ ରାଷ୍ଟ୍ର ନିନ୍ଦା କରିଛନ୍ତି। ଏବେ ଗୋଟିଏ ପରେ ଗୋଟିଏ ରାଷ୍ଟ୍ର ରୁଷିଆ ଉପରେ ଆର୍ଥିକ କଟକଣା ଜାରି କରିବାରେ ଲାଗିଥିବାରୁ ଆଗକୁ ସ୍ଥିତି ଆହୁରି ଖରାପ ଆଡ଼କୁ ଗତି କରିପାରେ ବୋଲି କୁହାଯାଉଛି। ପୁଟିନ୍ ଆକ୍ରମଣାତ୍ମକ ଆଭିମୁଖ୍ୟ ତ୍ୟାଗ ନ କଲେ ରୁଷିଆ ଉପରେ ଲାଗିବାକୁ ଥିବା କଟକଣା ବିଶ୍ୱ ଅର୍ଥନୀତିକୁ ବହୁଳ ଭାବେ ପ୍ରଭାବିତ କରିପାରେ।

ରୁଷିଆ ରାଷ୍ଟ୍ରପତି ପୁଟିନ୍ ସୋମବାର ବିଳମ୍ବିତ ରାତିରେ ଏକ ଟେଲିଭିଜନ୍ ବାର୍ତ୍ତାରେ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ। ☞ପୃଷ୍ଠା-୪






> ‘ୟୁକ୍ରେନ ହେଉଛି ଲେନିନଙ୍କ ଦାନ ଏବଂ ସେ ଏହାର ପ୍ରତିଷ୍ଠାତା। ପ୍ରକୃତ ରାଷ୍ଟ୍ରର ପରମ୍ପରା କେବେବି ୟୁକ୍ରେନ ପାଖରେ ନ ଥିଲା’
>
> **- ଭ୍ଲାଡିମିର ପୁଟିନ, ରୁଷିଆ ରାଷ୍ଟ୍ରପତି**



# ୭ ବର୍ଷର ରେକର୍ଡ ଭାଙ୍ଗିଲା ତେଲ

- ବ୍ୟାରେଲ ପ୍ରତି ୯୮ ଡଲାର
- ୟୁପି ନିର୍ବାଚନ ପରେ ଭାରତରେ ଆହୁରି ବଢ଼ିବ

**ନୂଆଦିଲ୍ଲୀ,୨୨।୨**

କୋଭିଡ୍ ମହାମାରୀ ଯୋଗୁ ଭୁଶୁଡ଼ିପଡ଼ିଥିବା ବିଶ୍ୱ ଅର୍ଥନୀତି ଅଣ୍ଟା ସଳଖି ଛିଡ଼ା ହେବାକୁ ଉଦ୍ୟମ କରୁଥିବାବେଳେ ରୁଷିଆର ଜିଦ୍‌ଖୋର ମନୋବୃତ୍ତି ଆଉ ଏକ ବିପତ୍ତିକୁ ଡାକି ଆଣିଛି। ରୁଷିଆ-ୟୁକ୍ରେନ୍ ମୁହାଁମୁହିଁ ସ୍ଥିତି ମଧ୍ୟରେ ବିଶ୍ୱରେ ତେଲ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଥିବାରୁ ଏହାର ଦର ଆକାଶଛୁଆଁ ହୋଇଛି। ଅନ୍ତର୍ଜାତୀୟ ବଜାରରେ ମଙ୍ଗଳବାର ବ୍ରେଣ୍ଟ ଅଶୋଧିତ ତେଲର ମୂଲ୍ୟ ୭ ବର୍ଷର ରେକର୍ଡ ଭାଙ୍ଗି ବ୍ୟାରେଲ ପିଛା ୯୮ ଡଲାରରେ ପହଞ୍ଚିଛି। ବ୍ରିଟେନ ଓ ପାଶ୍ଚାତ୍ୟର ଅନେକ ସହଯୋଗୀ ରାଷ୍ଟ୍ର ରୁଷିଆ ଉପରେ କଟକଣା ଜାରି ପାଇଁ ଚେତାବନୀ ଦେଲେଣି। ତେଣୁ ବିଶ୍ୱ ଅର୍ଥନୀତି ଦୁର୍ବଳ ହେବା ଆଶଙ୍କା ଦେଖାଦେଲାଣି।

ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କ୍ଷେତ୍ରରେ ରୁଷିଆ ହେଉଛି ବିଶ୍ୱରେ ପ୍ରଥମ। ସେହିପରି ସାଉଦି ଆରବ ପରେ ଏହା ଦ୍ୱିତୀୟ ବୃହତ୍ ତୈଳ ରପ୍ତାନୀକାରୀ ରାଷ୍ଟ୍ର। ୟୁରୋପର ଏକ-ତୃତୀୟାଂଶ ପ୍ରାକୃତିକ ଗ୍ୟାସ୍ ଏବଂ ବିଶ୍ୱର ପ୍ରାୟ ୧୦% ତେଲ ଚାହିଦା ରୁଷିଆ ପୂରଣ କରିଥାଏ। ୟୁରୋପକୁ ରୁଷିଆର ଏକ-ତୃତୀୟାଂଶ ଗ୍ୟାସ୍ ରପ୍ତାନି ପାଇପ୍‌ଲାଇନ ଜରିଆରେ ହୋଇଥାଏ, ଯାହାକି ୟୁକ୍ରେନ୍ ଦେଇ ଗତିଶୀଳ ହୋଇଛି। ରାଷ୍ଟ୍ରପତି ଭ୍ଲାଡିମିର ☞ପୃଷ୍ଠା-୪




# ବୋଲେରୋ-ଟ୍ରକ୍ ମୁହାଁମୁହିଁ: ୪ ମୃତ

**ଭୋଜି ଖାଇ ଫେରୁଥିଲେ**

**କେସିଙ୍ଗା/ତୁଣ୍ଡଲା,୨୨।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ତୁର୍ଲାଖମନ ପଞ୍ଚାୟତ ଧାନମଣ୍ଡି ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାହାଘର ଭୋଜିରେ ଯୋଗଦେଇ ବରଯାତ୍ରୀଙ୍କୁ ନେଇ ଫେରୁଥିବା ଏକ ବୋଲେରୋ ଓ ଧାନ ବୋଝେଇ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଜାଣିବା ଦରକାର ନାହିଁ






# ୟୁକ୍ରେନ୍ ସଙ୍କଟ: ଦୋଛକିରେ ଭାରତ

**ନୂଆଦିଲ୍ଲୀ,୨୨।୨**

ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ(ନାଟୋ)ରେ ୟୁକ୍ରେନ୍ ସାମିଲ ହେଲେ ପାଶ୍ଚାତ୍ୟର ସୈନ୍ୟ ରୁଷିଆ ସୀମାରେ ମୁତୟନ ହେବେ। ଏହାକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଗ୍ରହଣ କରିପାରି ନ ଥିଲେ। ତେଣୁ ସେ ବିଚ୍ଛିନ୍ନତାବାଦୀଙ୍କ କଥା ମାନି ପୂର୍ବ ୟୁକ୍ରେନ୍‌ରୁ ଡୋନ୍‌ବାସକୁ ବିଚ୍ଛିନ୍ନ କରି ଡୋନେସ୍କ ଓ ଲୁହାନସ୍କ ନାମରେ ଦୁଇଭାଗ କରିଦେଇଛନ୍ତି। ପୁଟିନ୍‌ଙ୍କ ବିସ୍ତାରବାଦୀ ମହତ୍ତ୍ୱାକାଂକ୍ଷା ବିଶ୍ୱ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଥିବାବେଳେ ଭାରତ ଏବେ ଦୋଛକିରେ ପଡ଼ିଯାଇଛି। ଗୋଟିଏ ପଟେ ପ୍ରତିରକ୍ଷା କ୍ଷେତ୍ରରେ ରୁଷିଆ ଉପରେ ନିର୍ଭରଶୀଳତା ଓ ଅନ୍ୟପକ୍ଷେ ଆମେରିକାର ଚାପ। ଭାରତ କାହା ସପକ୍ଷରେ ଯିବ ତାହା ଏବେ ବଡ଼ ପ୍ରଶ୍ନ।

ୟୁକ୍ରେନ୍ ସଙ୍କଟକୁ ନେଇ ଆଲୋଚନା ନିମନ୍ତେ ଆମେରିକା, ଫ୍ରାନ୍ସ ଓ ବ୍ରିଟେନର ଅନୁରୋଧ କ୍ରମେ ସୋମବାର ବିଳମ୍ବିତ ରାତିରେ ଜାତିସଂଘ ସୁରକ୍ଷା ପରିଷଦ ବୈଠକ ବସିଥିଲା। ଉକ୍ତ ବୈଠକରେ ଭାରତ ମାପିଚୁପି ମନ୍ତବ୍ୟ ରଖିଛି। ଏଭଳି ସମ୍ପୃକ୍ତ କ୍ଷେତ୍ରରେ ସ୍ଥିତି ଶାନ୍ତି ଓ ନିରାପତ୍ତାକୁ ବିପନ୍ନ କରିବା ଆଶଙ୍କା ଥିବାରୁ ଉତ୍ତେଜନା ହ୍ରାସ ପାଇଁ ଉଦ୍ୟମ ହେଉ ବୋଲି ଭାରତ କହିଛି। ସେହିପରି ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ରୁଷିଆ ବିରୋଧରେ ମନ୍ତବ୍ୟ ଦେବାରୁ ଦୂରତା ଅବଲମ୍ବନ କରିଛନ୍ତି। ୟୁପିର ବାଲିଆରେ ଭାଜପା ପକ୍ଷରୁ ନିର୍ବାଚନୀ ସଭା ବେଳେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ରାଜନାଥ କହିଛନ୍ତି, ୟୁକ୍ରେନ୍ ସଙ୍କଟର କୂଟନୈତିକ ସମାଧାନ ହେବା ଉଚିତ। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୁଷିଆ ପ୍ରତିପକ୍ଷଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତ ଥିବା କହିଛନ୍ତି। ବାଇଡେନ୍ ନିଜ ପକ୍ଷରୁ ପଦକ୍ଷେପ ନେଇଛନ୍ତି। ଭାରତ କୌଣସି ପ୍ରକାରେ ଶାନ୍ତି ଚାହେଁ। ଆଲୋଚନା ହେଲେ ବାଟ ବାହାରିବ ବୋଲି ରାଜନାଥ କହିଛନ୍ତି। ଭାରତ କାହା ସପକ୍ଷରେ ଯିବ ବୋଲି ପ୍ରଶ୍ନ ହେବାରୁ ରାଜନଥ କହିଥିଲେ, ଆମେ ଶାନ୍ତି ଚାହୁଁ।



ପୂର୍ବ ୟୁକ୍ରେନ୍‌ର ଲୁହାନ୍‌ସ୍କ ଅଞ୍ଚଳରୁ ଲୋକେ ଷ୍ଟାନିସ୍ଥିଆ କ୍ରସିଂ ପଏଣ୍ଟ ଦେଇ ରୁଷିଆ ଅଭିମୁଖେ ଯାଉଛନ୍ତି।

## ଫସିଛନ୍ତି ୨୦ ହଜାର ଭାରତୀୟ

**ନୂଆଦିଲ୍ଲୀ/କ୍ୱିଭ୍,୨୨।୨**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍‌ର ଡୋନ୍‌ବାସକୁ ଡୋନେସ୍କ ଓ ଲୁହାନସ୍କ ନାମରେ ଦୁଇଟି ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଆଶଙ୍କା ମଧ୍ୟ ବଢ଼ିବାରେ ଲାଗିଛି। ଏଭଳି ସମୟରେ ୟୁକ୍ରେନ୍‌ରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ର ଓ ନାଗରିକ ଫସିରହିଛନ୍ତି। ସେମାନଙ୍କ ସୁରକ୍ଷା ନୂଆଦିଲ୍ଲୀର ସର୍ବୋଚ୍ଚ ପ୍ରାଥମିକତା ବୋଲି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)କୁ ଭାରତ ଅବଗତ କରାଇଛି। ଏଥିସହ ସମ୍ପୃକ୍ତ କ୍ଷେତ୍ରରେ ସମସ୍ତ ପକ୍ଷଙ୍କୁ ଶାନ୍ତି ବଜାୟ ପାଇଁ ଭାରତ ପରାମର୍ଶ ଦେଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଟି.ଏସ୍. ତିରୁମୂର୍ତ୍ତି ୟୁଏନ୍‌ଏସ୍‌ସି ଜରୁରୀ ବୈଠକରେ କହିଛନ୍ତି, ୟୁକ୍ରେନର ବିଭିନ୍ନ ଭାଗରେ ବସବାସ କରୁଥିବା ସମସ୍ତ ୨୦ ହଜାର ଭାରତୀୟଙ୍କ ସୁରକ୍ଷା ହେଉଛି ଆମର ସର୍ବୋଚ୍ଚ ପ୍ରାଥମିକତା। ସ୍ଥିତି ଓ ଘଟଣାକ୍ରମ ଉପରେ ଆମର ତୀକ୍ଷ୍ଣ ନଜର ରହିଛି। ସେହିପରି ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମୀନାକ୍ଷୀ ଲେଖି କହିଛନ୍ତି, ଆତଙ୍କିତ ହେବା ଆବଶ୍ୟକ ନାହିଁ। ୟୁକ୍ରେନ୍ ରାଜଧାନୀ କ୍ୱିଭ୍‌ସ୍ଥିତ ଭାରତୀୟ ଦୂତାବାସ ସହ ସେଠାରେ ରହୁଥିବା ଭାରତୀୟମାନେ ଯୋଗାଯୋଗ କରନ୍ତୁ। ଦୂତାବାସ ପକ୍ଷରୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ ସାମୟିକ ଭାବେ ୟୁକ୍ରେନ୍ ଛାଡ଼ିବାକୁ ପରାମର୍ଶ ଦେଇଛି। ଏନେଇ କେନ୍ଦ୍ର ସରକାର ମଧ୍ୟ ଆଡ୍‌ଭାଇଜରି ଜାରି କରିଛନ୍ତି।

## ରୁଷିଆ ଉପରେ ଜର୍ମାନୀର କଟକଣା

**ବର୍ଲିନ,୨୨।୨**

### ନର୍ଡ ଷ୍ଟ୍ରିମ୍ ୨ ଗ୍ୟାସ୍ ପାଇପ୍‌ଲାଇନ ବାତିଲ




ୟୁକ୍ରେନ୍ ପ୍ରତି ମସ୍କୋର ଆକ୍ରମଣାତ୍ମକ ଆଭିମୁଖ୍ୟକୁ ନେଇ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷିଆ ଉପରେ କଟକଣା ଆରମ୍ଭ କରିଛନ୍ତି। ମଙ୍ଗଳବାର ରୁଷିଆର ନର୍ଡ ଷ୍ଟ୍ରିମ୍ ୨ ଗ୍ୟାସ୍ ପାଇପ୍‌ଲାଇନକୁ ଜର୍ମାନୀ ବାତିଲ କରିଛି। ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ କହିଛନ୍ତି, ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍‌ର ଡୋନ୍‌ବାସକୁ ଭାଗ କରି ଡୋନେସ୍କ ଓ ଲୁହାନସ୍କ ନାମରେ ଦୁଇଟି ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବା ଅନ୍ତର୍ଜାତୀୟ ଆଇନର ଘୋର ଉଲ୍ଲଂଘନ। ଏବେ ଏହି ଏକତରଫା ଓ ଅଯୌକ୍ତିକ ପଦକ୍ଷେପ ଉପରେ ଅନ୍ତର୍ଜାତୀୟ ସମୁଦାୟକୁ ପ୍ରତିକ୍ରିୟା ପ୍ରକାଶ କରିବାକୁ ପଡ଼ିବ। ଏଭଳି ପଦକ୍ଷେପ ଫଳଶୂନ୍ୟ ହୁଏନାହିଁ। ମସ୍କୋକୁ ଏହି ଜବାବ ଦେବା ଜରୁରୀ ବୋଲି ବର୍ଲିନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସ୍କୋଲ୍‌ଜ କହିଛନ୍ତି। ଆମେରିକା ଓ କେତେକ ୟୁରୋପୀୟ ରାଷ୍ଟ୍ରର ଚାପ ସତ୍ତ୍ୱେ ଜର୍ମାନୀ ରୁଷିଆ ସହ ଗ୍ୟାସ୍ ପାଇପ୍‌ଲାଇନ ପାଇଁ ଚୁକ୍ତି କରିଥିଲା। ରୁଷିଆରୁ ଜର୍ମାନୀକୁ ପ୍ରାକୃତିକ ବାଷ୍ପ ଆଣିବା ପାଇଁ ଆଉ ଏକ ପାଇପ୍‌ଲାଇନ ବିଛାଇଲେ ରୁଷୀୟ ଶକ୍ତି ଯୋଗାଣ ଉପରେ ୟୁରୋପର ନିର୍ଭରଶୀଳତା ବୃଦ୍ଧି ପାଇବ ବୋଲି ୱାଶିଂଟନ ଦୀର୍ଘ ସମୟ ଧରି ଯୁକ୍ତି ବାଢ଼ିଆସୁଥିଲା।

## ଇଟାଭାଟିରୁ ମିଳିଲା କୋଟିଏ ମୂଲ୍ୟର ହୀରା

**ଭୋପାଳ,୨୨।୨**



ଭାଗ୍ୟ ବଦଳିବାକୁ ବେଶି ସମୟ ଲାଗି ନ ଥାଏ । ମଧ୍ୟପ୍ରଦେଶ ପାନ୍ନା ଜିଲାରେ ଏମିତି ଗୋଟିଏ ଘଟଣା ଘଟିଛି ଯାହା ସାଧାରଣରେ ଅବିଶ୍ୱସନୀୟ ହେଲେ ବି ସତ, ଯାହା ସୁଶୀଲ ଶୁକ୍ଳାଙ୍କ ଭାଗ୍ୟ ବଦଳେଇ ଦେଇଛି। ମଧ୍ୟପ୍ରଦେଶର ପାନ୍ନା ଜିଲା ଅନ୍ତର୍ଗତ କିଶୋରଗଞ୍ଜର ସୁଶୀଲ ଶୁକ୍ଳା। କ୍ରିଷ୍ଣା କଲ୍ୟାଣପୁରର ଏକ ଜାଗା ଭଡ଼ା ନେଇ ସେ ଏକ ଛୋଟିଆ ଇଟାଭାଟି ଚଳାନ୍ତି। ପ୍ରତିଦିନ ଭଳି ସୋମବାର ମଧ୍ୟ ସେ ଓ ତାଙ୍କ ବନ୍ଧୁ ଇଟାଭାଟିରେ କାମ କରୁଥାନ୍ତି। କିନ୍ତୁ କିଏ ଜାଣିଥିଲା ସୋମବାର ତାଙ୍କ ପାଇଁ ଏତେ ଶୁଭଙ୍କର ହେବ। ଭାଟିରେ କାମ କରୁଥିବାବେଳେ ୨୬.୧୧ କ୍ୟାରେଟ୍‌ର ହୀରା ସେ ପାଇଥିଲେ, ଯାହାର ବଜାର ମୂଲ୍ୟ ୧ କୋଟି ୨୦ ଲକ୍ଷ ହେବ ବୋଲି ଆକଳନ କରାଯାଇଛି। ତେବେ ଆସନ୍ତା ଦିନରେ ଏହି ହୀରା ନିଲାମ ହେବ ବୋଲି ପାନ୍ନାର ବରିଷ୍ଠ ଅଧିକାରୀ କହିଛନ୍ତି।

## ମୋଦିଙ୍କୁ ବିତର୍କ ପାଇଁ ଆହ୍ୱାନ ଦେଲେ ଇମ୍ରାନ

**ଇସଲାମାବାଦ,୨୨।୨**



ଦୀର୍ଘ ୭୫ ବର୍ଷ ଧରି ଭାରତ ସହିତ ଥିବା ତିକ୍ତପୂର୍ଣ୍ଣ ସମ୍ପର୍କକୁ ଶେଷ କରିବାକୁ ଚାହୁଁଛି ପାକିସ୍ତାନ। ନିଜର ଏକ ସାକ୍ଷାତକାରରେ ଏ କଥା କହିଛନ୍ତି ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍। ଦୁଇ ଦିନିଆ ମସ୍କୋ ଗସ୍ତରେ ଥିବା ଇମ୍ରାନ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଭାରତ ସହିତ ପାକିସ୍ତାନ ଭଲ ସମ୍ପର୍କ ରଖିବାକୁ ଚାହୁଁଛି। ଭାରତ ବିଭାଜନଠାରୁ ଆରମ୍ଭକରି ବର୍ତ୍ତମାନ ସୁଦ୍ଧା ଦୁଇ ଦେଶ ମଧ୍ୟରେ ଲାଗି ରହିଥିବା କନ୍ଦଳର ସମାଧାନ ଆମେ ଚାହୁଁ। ଏ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଟିଭି ଚ୍ୟାନେଲର ବିତର୍କ କାର୍ଯ୍ୟକ୍ରମ କରିବାକୁ ସେ ଚାହୁଁଛନ୍ତି। ଯେଉଁଠାରେ ଦୁଇ ପଡ଼ୋଶୀ ରାଷ୍ଟ୍ରର ସମ୍ପର୍କ ବାବଦରେ ଖୋଲା ଆଲୋଚନା ହୋଇପାରିବ ଏବଂ ଉଭୟ ପକ୍ଷ ନିଜର ମତ ରଖିପାରିବେ। ଭାରତ ସହିତ ମୈତ୍ରୀ ସ୍ଥାପନ ଦ୍ୱାରା ଭାରତ ସହ ବାଣିଜ୍ୟିକ ସମ୍ପର୍କ ଗଢିବାକୁ ଚାହାନ୍ତି ଇମ୍ରାନ। କିଛିଦିନ ପୂର୍ବେ ପଡ଼ୋଶୀ ରାଷ୍ଟ୍ର ଭାରତ ସହ ବାଣିଜ୍ୟ କରିବାକୁ ଚାହୁଁଥିବା ପାକିସ୍ତାନ ବାଣିଜ୍ୟିକ ପରାମର୍ଶଦାତା ରଜକ ଦାଉଦ କହିଥିଲେ।

## ଆଣିବାକୁ ଗଲା ଏୟାର ଇଣ୍ଡିଆ



**ନୂଆଦିଲ୍ଲୀ,୨୨।୨**

ପୂର୍ବ ୟୁରୋପୀୟ ରାଷ୍ଟ୍ର ୟୁକ୍ରେନ୍‌ରେ ଫସିଥିବା ଭାରତୀୟମାନଙ୍କୁ ଆଣିବା ପାଇଁ ସେଠାକାର ରାଜଧାନୀ କ୍ୱିଭ୍‌କୁ ମଙ୍ଗଳବାର ଏୟାର ଇଣ୍ଡିଆର ଏକ ବିମାନ ଯାତ୍ରା କରିଛି। ବୋଇଂ ୭୮୭ ଏୟାରକ୍ରାଫ୍ଟରେ ୨୫୦ରୁ ଅଧିକ ସିଟ୍ ରହିଛି। ଏଆଇ ୧୯୪୭ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ମଙ୍ଗଳବାର ସକାଳ ୭ଟା ୩୦ରେ ଉଡ଼ାଣ ଆରମ୍ଭ କରି କ୍ୱିଭ୍‌ସ୍ଥିତ ବୋରିସ୍ପିଲ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଅବତରଣ କରିଛି। ଆସନ୍ତା ୨୪ ଓ ୨୬ ତାରିଖରେ ଏୟାର ଇଣ୍ଡିଆର ଆଉ ଦୁଇଟି ବିମାନ କ୍ୱିଭ୍ ଅଭିମୁଖେ ଯାତ୍ରା କରିବ। ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଗତ ୧୭ରେ ଏୟାର ଇଣ୍ଡିଆ ସମେତ ଅନ୍ୟ କ୍ୟାରିୟରଗୁଡ଼ିକୁ ଅନୁରୋଧ କରାଯାଇଥିଲା।

## ବ୍ରିଟେନରୁ ହଟିବ କରୋନା କଟକଣା

**ଇଂଲଣ୍ଡ,୨୨।୨**

ବ୍ରିଟେନରୁ କରୋନା କଟକଣା ହଟାଯିବା ନେଇ ନିଷ୍ପତ୍ତି ନେଇଛନ୍ତି ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍। ସୋମବାର ପାର୍ଲାମେଣ୍ଟ ଉଦବୋଧନ ଦେବା ସମୟରେ ସେ ଏକଥା କହିଛନ୍ତି। ଦେଶରେ ଏବେ ସଂକ୍ରମଣ ନିୟନ୍ତ୍ରଣରେ ଅଛି। ପ୍ରଭାବିତ ଅର୍ଥନୀତିରେ ସୁଧାର ଆଣିବା ପାଇଁ ଦେଶରେ ଲାଗୁ କରୋନା କଟକଣା ହଟାଯିବା ଆବଶ୍ୟକ। ମହାମାରୀ କେବେ ଦୂର ହେବ ସେ ନେଇ କୌଣସି ସୂଚନା ନ ଥିବାବେଳେ ଏହା ସହ ବଞ୍ଚିବାକୁ ହେବ ବୋଲି ବୋରିସ କହିଛନ୍ତି।

## ପୁଟିନ୍‌ଙ୍କ ପଦକ୍ଷେପ ୟୁକ୍ରେନ୍ ଅଖଣ୍ଡତା ପାଇଁ ବିପଦ

➩ରୁଷିଆର ଏପରି ନିଷ୍ପତ୍ତି ୟୁକ୍ରେନ ସାର୍ବଭୌମତା ଏବଂ ଅଖଣ୍ଡତା ପ୍ରତି ବିପଦ। ଏହା ଜାତିସଂଘର ନୀତି ବରୋଧୀ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି।

➩ପୂର୍ବ ୟୁକ୍ରେନର ଡୋନେସ୍କ ଓ ଲୁହାନ୍‌ସ୍କକୁ ରୁଷିଆ ସ୍ୱାଧୀନ ମାନ୍ୟତା ଦେବାକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିନ୍ଦା କରିଛନ୍ତି। ରୁଷିଆର ଏଭଳି ଉତ୍ତେଜନାପୂର୍ଣ୍ଣ ପଦକ୍ଷେପ ଜବାବରେ ଆମେରିକା ସହଯୋଗୀ ରାଷ୍ଟ୍ରଙ୍କ ସହ ଆଲୋଚନା କରି ନିର୍ଣ୍ଣାୟକ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

➩ରୁଷିଆକୁ ସମର୍ଥନ ଦେଉଥିବା ଚାଇନା ଏହି ପ୍ରସଙ୍ଗରେ ଖୋଲାଖୋଲି କାହାର ପକ୍ଷ ନେଇନାହିଁ। ବର୍ତ୍ତମାନର ସ୍ଥିତି ବେଶ୍ ଜଟିଳ। ଉତ୍ତେଜନା ସୃଷ୍ଟିକାରୀ କୌଣସି ପଦକ୍ଷେପ ନେବାରୁ ବିରତ ହେବାକୁ ଜାତିସଂଘରେ ଚାଇନା ରାଷ୍ଟ୍ରଦୂତ ଝାଙ୍ଗ୍ ଜୁନ୍ କହିଛନ୍ତି।

➩ୟୁକ୍ରେନ ସଙ୍କଟ ଉପରେ ଇରାନ ନଜର ରଖିଛି। ଆମେରିକା ନେତୃତ୍ୱରେ ନାଟୋର ହସ୍ତକ୍ଷେପ ଯୋଗୁ ସ୍ଥିତି ଖରାପ ହେବାରେ ଲାଗିଛି। ସମସ୍ତ ପକ୍ଷ ଆଲୋଚନା ମାଧ୍ୟମରେ ସମାଧାନ ବାହାର କରିବା ଜରୁରୀ ବୋଲି କହିଛନ୍ତି ଇରାନ ବହିର୍ବ୍ୟାପାର ମନ୍ତ୍ରୀ ସଇଦ୍ ଖାତିବ୍‌ଜାଦେହ।

➩ବିଚ୍ଛିନ୍ନତାବାଦୀଙ୍କ ଅଞ୍ଚଳକୁ ସ୍ୱାଧୀନ ମାନ୍ୟତା ଦେଇ ରୁଷିଆ ୟୁକ୍ରେନର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ଦେଇଥିବା ପ୍ରତିଶ୍ରୁତିରୁ ଓହରି ଯାଇଛି। ଏହାକୁ ନିନ୍ଦା କରୁଛି। ରୁଷିଆ ଉପରେ କଟକଣା ଲଗାଇବା ନିମନ୍ତେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ କହିଛନ୍ତି।

➩ରୁଷିଆର ଏଭଳି ଘୋଷଣା ୟୁକ୍ରେନର ଅଖଣ୍ଡତାକୁ ବିପଦରେ ପକାଇଛି। ଏହା ମିନ୍‌ସ୍କ ଚୁକ୍ତିର ଉଲ୍ଲଂଘନ। ଏପରି କରି ପୁଟିନ୍ ଯୁଦ୍ଧକୁ ଆହ୍ୱାନ ଦେଉଥିବା ନାଟୋ ମୁଖ୍ୟ ଜେନ୍ସ ଷ୍ଟୋଲେନବର୍ଗ ପ୍ରକାଶ କରିଛନ୍ତି।

➩ମିନ୍‌ସ୍କ ଚୁକ୍ତିକୁ ନ ମାନି ରୁଷିଆ ୟୁକ୍ରେନରେ ଅସ୍ଥିରତା ଏବଂ ଉତ୍ତେଜନା ସୃଷ୍ଟି କରିଛନ୍ତି। ୟୁକ୍ରେନବାସୀଙ୍କ ସହ ବ୍ରିଟେନ୍ ଛିଡ଼ାହୋଇଛି। ରୁଷିଆକୁ ଏହାର ଫଳ ଭୋଗିବାକୁ ପଡ଼ିବ ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ କହିଛନ୍ତି।

➩ୟୁକ୍ରେନକୁ ୟୁରୋପୀୟ ସଂଘ(ଇୟୁ) ସମ୍ପୂର୍ଣ୍ଣ ନିଷ୍ଠାର ସହ ସହଯୋଗ କରିବ। ଏକଜୁଟ ହୋଇ ରୁଷିଆକୁ ଜବାବ ଦିଆଯିବ ବୋଲି ୟୁରୋପୀୟ କମିଶନ ପ୍ରେସିଡେଣ୍ଟ ଉର୍‌ସୁଲା ଭୋନ୍ ଡେର୍ ଲେୟେନ କହିଛନ୍ତି।

➩ଡୋନେସ୍କ ଓ ଲୁହାନ୍‌ସ୍କକୁ ରୁଷିଆ ସ୍ୱାଧୀନ ମାନ୍ୟତା ଦେବା ଗ୍ରହଣୀୟ ନୁହେଁ। ସମସ୍ତ ପକ୍ଷ ଅନ୍ତର୍ଜାତୀୟ ନିୟମକୁ ପାଳନ କରିବା ଉଚିତ ବୋଲି ତୁର୍କୀ ରାଷ୍ଟ୍ରପତି ରିସେପ୍ ତାୟିପ୍ ଏର୍‌ଡୋଗାନ ପ୍ରତିକ୍ରିୟା ରଖିଛନ୍ତି।

➩ରୁଷିଆର ଏପରି ଘୋଷଣା ୟୁକ୍ରେନର ଆଞ୍ଚଳିକ ଅଖଣ୍ଡତାକୁ ବିପଦରେ ପକାଇଛି। ଏହା ଗ୍ରହଣୀୟ ନୁହେଁ। ରୁଷିଆ ବିରୋଧରେ କଠୋର କଟକଣା ଲଗାଯିବ ବୋଲି ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଦା ଚେତାବନୀ ଦେଇଛନ୍ତି।

➩ଅନ୍ୟ ରାଷ୍ଟ୍ରରେ ନିଜ ସ୍ଥିତି ମଜଭୁତ କରିବା ପାଇଁ ହିଂସାକୁ ମାଧ୍ୟମ କରାଯିବାକୁ ଦିଆଯିବ ନାହିଁ। ଶାନ୍ତିପୂର୍ଣ୍ଣ ବିଶ୍ୱରେ ଏପରି ବ୍ୟବସ୍ଥା ଗ୍ରହଣୀୟ ନୁହେଁ ବୋଲି କହି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ରୁଷିଆର ପଦକ୍ଷେପକୁ ନିନ୍ଦା କରିଛନ୍ତି।

## ଖଲିସ୍ତାନୀ ଆପ୍ ଉପରେ କେନ୍ଦ୍ରର କଟକଣା

**ନୂଆଦିଲ୍ଲୀ, ୨୨।୨**

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମଙ୍ଗଳବାର ପଞ୍ଜାବ ପଲିଟିକୋଲ ଟିଭି ଆପ୍ ଏବଂ ୱେବ୍ ସାଇଟ୍ ବନ୍ଦ କରିବାର ନିଷ୍ପତ୍ତି ନେଇଛି। ଏହି ଚ୍ୟାନେଲ ଖଲିସ୍ତାନୀ ସଂଗଠନ ଶିଖ୍ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ) ଦ୍ୱାରା ପରିଚାଳିତ ହେଉଥିବା ଅଭିଯୋଗରେ କେନ୍ଦ୍ର ପକ୍ଷରୁ ଏ ପ୍ରକାର ପଦକ୍ଷେପ ନିଆଯାଇଛି। ଇନ୍‌ଫରମେଶନ୍ ଟେକନୋଲୋଜି ଗାଇଡ୍ ଲାଇନ୍ ଏବଂ ଡିଜିଟାଲ ମିଡିଆ ନିୟମ, ୨୦୨୧ ଅନୁଯାୟୀ ମନ୍ତ୍ରଣାଳୟ ଉକ୍ତ ଟିଭି ଚ୍ୟାନେଲକୁ ବନ୍ଦ କରାଯିବା କଥା କହିଛି। ବିଶେଷ କରି ସୋସିଆଲ ସାଇଟ୍‌ଗୁଡ଼ିକରେ ରାଷ୍ଟ୍ର ବିରୋଧୀ କାର୍ଯ୍ୟକଳାପକୁ ରୋକାଯିବା ପାଇଁ ଏହି ନିୟମ ଗତବର୍ଷ ଲାଗୁ କରାଯାଇଥିଲା।

## ପରମବୀରଙ୍କ ବିରୋଧରେ ତଦନ୍ତ ବନ୍ଦ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୨।୨:** ଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବା ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂଙ୍କ ବିରୋଧରେ ତଦନ୍ତ ରୋକିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ମହାରାଷ୍ଟ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ବିରୋଧରେ ହୋଇଥିବା ଆପରାଧିକ ମାମଲା କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରାଯିବା ନାଁ ତାହା ସ୍ଥିର ହେବା ପର୍ଯ୍ୟନ୍ତ ଯାଞ୍ଚ ଅଟକାଇବାକୁ କୁହାଯାଇଛି। ଜଷ୍ଟିସ୍ ସଞ୍ଜୟ କିଶାନ କୌଲ ଏବଂ ଏମ୍. ଏମ୍. ସୁନ୍ଦରେଶଙ୍କ ଖଣ୍ଡପୀଠ କହିଛନ୍ତି, ରାଜ୍ୟ ସରକାର ଓ ପରମବୀରଙ୍କ ମଧ୍ୟରେ ଲାଗିଥିବା ବିବାଦକୁ ଦୁର୍ଭାଗ୍ୟଜନକ କହିବା ସହ ଏଥିଯୋଗୁ ପୋଲିସ ବ୍ୟବସ୍ଥାରେ ଲୋକଙ୍କ ବିଶ୍ୱାସ ତୁଟିପାରେ



ପରମବୀର ସିଂ

ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆଇନର ପ୍ରକ୍ରିୟା ଠିକ୍ ଉପାୟରେ ଚାଲିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପରମବୀରଙ୍କ ବିରୋଧରେ ସମସ୍ତ ପ୍ରକାର ତଦନ୍ତ ରୋକିବା ସହ ସର୍ବୋଚ୍ଚ ଅଦାଲତ ଚାର୍ଜସିଟ୍ ଫାଇଲ ନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୯ରେ ହେବ। ସିବିଆଇକୁ ମାମଲା ହସ୍ତାନ୍ତର ଉପରେ ନିଷ୍ପତ୍ତି ନ ନିଆଯିବା ଯାଏ ମହାରାଷ୍ଟ୍ର ସରକାର ଏଥିରୁ ନିଜକୁ ଦୂରେଇ ରହିବାକୁ ଖଣ୍ଡପୀଠ କହିଛନ୍ତି।

ସୂଚନାଯୋଗ୍ୟ ଯେ, ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖ ମୁମ୍ବାଇର ପୂର୍ବତନ ପୋଲିସ ଅଧିକାରୀ ସଚିନ ୱାଜେଙ୍କୁ ମାସିକ ୧୦୦ କୋଟି ଟଙ୍କା ବଟି ଆଦାୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ପୋଲିସ କମିଶନର ପରମବୀର ସିଂ ଏ ନେଇ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ପତ୍ର ଲେଖି ଜଣାଇଥିଲେ। ଏହି ଘଟଣା ପରେ ମହାରାଷ୍ଟ୍ର ସରକାର ପରମବୀରଙ୍କୁ ପ୍ରଥମେ ହୋମଗାର୍ଡ ବିଭାଗକୁ ବଦଳି କରିଥିଲେ। ପରମବୀରଙ୍କ ନାଁରେ ମନିଲଣ୍ଡରିଂ ଓ ଦୁର୍ନୀତି ଅଭିଯୋଗ ଆସିବା ପରେ ଗତ ଡିସେମ୍ବରରେ ତାଙ୍କୁ ନିଲମ୍ବନ କରାଯାଇଥିଲା।

## ସଂକ୍ଷେପରେ

### ଘାଟିରୁ ଖସିଲା ଯାତ୍ରୀବାହୀ ସଭ୍, ୧୪ ମୃତ

**ଡେରାଡୁନ,୨୨।୨:** ଉତ୍ତରାଖଣ୍ଡ ଚମ୍ପାୱତ ଜିଲା ଅନ୍ତର୍ଗତ ସୁଖିନ୍ଦର ରୀଥା ସାହିବ ସଡ଼କରେ ମଙ୍ଗଳବାର ବଡ ଧରଣର ଦୁର୍ଘଟଣା ଘଟିଛି। ଏଥିରେ ୧୪ ଜଣଙ୍କ ମୃତ ହୋଇଥିବାବେଳେ ଏକାଧିକ ଆହତ ହୋଇଥିବା ଜଣାପଡିଛି। ଗୁରୁତର ଆହତମାନଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ପୋର୍ଟସ୍ ୟୁଟିଲିଟି ଭେହିକଲ (ସଭ୍)ରେ ଥିବା ସମସ୍ତ ଯାତ୍ରୀ ଏକ ବିବାହ ଉତ୍ସବରୁ ଫେରୁଥିଲେ। ଗାଡିଟି ନିୟନ୍ତ୍ରଣ ହରାଇ ମଙ୍ଗଳବାର ଭୋର ୩ଟାବେଳେ ଘାଟି ତଳକୁ ଖସିପଡ଼ିଥିବା ସ୍ଥାନୀୟ ପୋଲିସ ଅଧିକାରୀ ନୀଲେଶ ଆନନ୍ଦ ଭରନେ କହିଛନ୍ତି। ଦୁର୍ଘଟଣା ନେଇ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୋକବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିଜନଙ୍କ ପାଇଁ ୨ ଲକ୍ଷର ସହାୟତାମୂଳକ ଅନୁକମ୍ପା ରାଶି ଏବଂ ଆହତମାନଙ୍କ ପାଇଁ ୫୦ ହଜାରର ସହାୟତା ଘୋଷଣା କରିଛନ୍ତି।

### ବାଣ କାରଖାନାରେ ନିଆଁ : ୭ ଦଗ୍ଧ

**ଉନା,୨୨।୨:** ହିମାଚଳ ପ୍ରଦେଶର ଏକ ବାଣ କାରଖାନାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୭ ଜଣଙ୍କ ଘଟିଛି। ଘଟଣାରେ ୧୦ ଜଣ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଉନା ଜିଲା ଅନ୍ତର୍ଗତ ବଥୁ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ରେ ଥିବା ବାଣ କାରଖାନାରେ ଏହି ଅଗ୍ନିକାଣ୍ଡ ଘଟିଛି। କାରଖାନାରେ ଥିବା ବିସ୍ଫୋରକ ସାମଗ୍ରୀରେ ନିଆଁ ଲାଗିବା ଫଳରେ ଏ ପ୍ରକାର ଦୁର୍ଘଟଣା ହୋଇଥିବା କୁହାଯାଉଥିବାବେଳେ ବର୍ତ୍ତମାନ ସୁଦ୍ଧା ଏହାର କାରଣ ଅସ୍ପଷ୍ଟ ରହିଛି।

### ରାମ ରହିମଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା




**ଚଣ୍ଡିଗଡ଼,୨୨।୨:** ଡେରା ସଚ୍ଚା ସୌଦା ମୁଖ୍ୟ ରାମ ରହିମଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ଦେବା ପାଇଁ ହରିୟାଣା ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରୋ-ଖଲିସ୍ତାନୀ କର୍ମକର୍ତ୍ତାଙ୍କ ଦ୍ୱାରା ହତ୍ୟା ଧମକ ମିଳିବା ଅଭିଯୋଗ କରିଥିଲେ ରାମ ରହିମ, ଯାହାପରେ ତାଙ୍କ ଜୀବନ ରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ବର୍ତ୍ତମାନ ରାମ ରହିମଙ୍କ ସୁରକ୍ଷାରେ ୧୦ ଦେହରକ୍ଷୀ ନିୟୋଜିତ ଅଛନ୍ତି। ସ୍ଥାନୀୟ ଖବରଦାତା ରାମଚନ୍ଦ୍ର ଛତ୍ରପତି ଏବଂ ଡେରାର ୨ ସାଧ୍ୱୀଙ୍କୁ ହତ୍ୟା ଅଭିଯୋଗରେ ରାମ ରହିମ ରୋହତକ ସୁନାରିଆ ଜେଲରେ ସଜା କାଟୁଛନ୍ତି। ଗତ ୭ ତାରିଖରେ ସେ ଜେଲରୁ ୨୧ ଦିନିଆ ଛୁଟିରେ ଆସିଥିବାବେଳେ ବର୍ତ୍ତମାନ ସେ ଡେରାରେ ରହୁଛନ୍ତି।

### ଏନ୍‌ଓଏସ୍ ପାଇଁ ନୂଆ ଗାଇଡ୍ ଲାଇନ୍ ଜାରି

**ନୂଆଦିଲ୍ଲୀ,୨୨।୨:** ନ୍ୟାଶନାଲ ଓଭରସିଜ୍ ସ୍କୋଲାରଶିପ୍ (ଏନ୍‌ଓଏସ୍) ବାବଦରେ ସାମାଜିକ ନ୍ୟାୟ୍ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ୍ ମଙ୍ଗଳବାର ନୂଆ ଗାଇଡ୍ ଲାଇନ୍ ଜାରି କରିଛି। ଯେଉଁଥିରେ ମାର୍ଚ୍ଚ ୩୧ ସୁଦ୍ଧା ଛାତ୍ରୀଛାତ୍ରମାନେ ଆବେଦନ ପତ୍ର ଦାଖଲ କରିବାକୁ କୁହାଯାଇଛି। ଏ ନେଇ ସାମାଜିକ ଓ ସଶକ୍ତିକରଣ ମନ୍ତ୍ରଣାଳୟ୍ ସଚିବ ଆର୍ ଶୁବ୍ରମଣ୍ୟମ କହିଛନ୍ତି, ଭାରତୀୟ୍ ଇତିହାସ, ସଂସ୍କୃତି ଆଦି ବିଷୟ୍ ଅଧ୍ୟୟନ ପାଇଁ ବିଦେଶ ଯିବାର ଆବଶ୍ୟକତା ନାହିଁ। ଭାରତରେ ମଧ ବହୁ ବିଶ୍ୱବିଦ୍ୟାଳୟ୍ ରହିଛି ଯେଉଁଠାରେ କମ୍ ଖର୍ଚ୍ଚରେ ଏହି ବିଷୟ୍ ସବୁ ଉତ୍ତମ ଢଙ୍ଗରେ ପଢ଼ିହେବ। ବିଦେଶ ବିଶ୍ୱବିଦ୍ୟାଳୟ୍‌ରେ ଖର୍ଚ୍ଚ ହେଉଥିବା ଟଙ୍କାର ୩ରୁ୪ ଭାଗ ଅର୍ଥରେ ଭାରତରେ ଅଧ୍ୟୟନ କରିପାରିବେ ଇଚ୍ଛୁକ ଛାତ୍ରୀଛାତ୍ର। ଏ ନେଇ ୪ ହଜାର ଅଧାପକ ନିଯୁକ୍ତି ଲାଗି ମନ୍ତ୍ରଣାଳୟ୍ ଯୋଜନା କରିଛି। ଯେଉଁ ବିଷୟ୍ ଭାରତରେ ପଢ଼ିହେବ ତାକୁ ବାଦ୍ ଦେଲେ ଅନ୍ୟ ବିଷୟ୍‌ର ଏନ୍‌ଓଏସ୍ ପାଇଁ କୌଣସି ପ୍ରତିବନ୍ଧକ ଲାଗି ନାହିଁ। ମାନବିଯ୍ ବିଷୟ୍ ଯଥା ଭାରତୀୟ୍ ଇତିହାସ, ସଂସ୍କୃତି ଏବଂ ଦର୍ଶନୀୟ୍ ସ୍ଥାନ ବିଷୟ୍‌ରେ ବିଦେଶରେ ଅଧିକ ଅଧ୍ୟୟନ ପାଇଁ ଯେଉଁ ଛାତ୍ରୀଛାତ୍ର ଚାହାନ୍ତି ସେମାନଙ୍କୁ ଏନ୍‌ଓଏସ୍ ବୃତ୍ତି ପ୍ରଦାନ କରାଯାଏ। ତେବେ ଏ ନେଇ ଛାତ୍ରୀଛାତ୍ରଙ୍କୁ ସାମାଜିକ ନ୍ୟାୟ୍ ଓ ସଶକ୍ତୀକରଣ ମନ୍ତ୍ରଣାଳୟ୍‌ରେ ଆବେଦନ କରିବାକୁ ପଡିଥାଏ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୨,୭୦,୯୦,୯୨୪ | ୫୯,୧୨,୮୮୦ | ୩୫,୪୩,୮୩,୯୦୯ |
| ଭାରତ | ୪,୨୮,୫୧,୯୨୯ | ୫,୧୨,୩୭୧ | ୪,୨୧,୫୮,୫୧୦ |
| ଓଡ଼ିଶା | ୧୨,୮୩,୨୯୭ | ୯୦୩୬(+୫୩) | ୧୨,୭୦,୨୨୧ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



## ସଂକ୍ଷେପରେ

### ଛୁରାମାଡ଼ରେ ଦମ୍ପତି ଗୁରୁତର

**ଆସିକା,୨୨ା୨(ଡି.ଏନ.ଏ):** ଗଞ୍ଜାମ ଜିଲା ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମର ପାଟଣାସାହିରେ ମଙ୍ଗଳବାର ଅପରାହ୍ଣରେ ଆକ୍ରମଣକାରୀଙ୍କ ଛୁରାମାଡ଼ରେ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ପ୍ରମୋଦ ଦାସ (୭୦) ଓ ତାଙ୍କ ସ୍ତ୍ରୀ ଗିରିଜା (୬୦)। ଚିକିତ୍ସା ଲାଗି ସେମାନଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଛି। ଘରବାରିକୁ କେନ୍ଦ୍ର କରି ଆକ୍ରମଣକାରୀ ଓ ଆହତଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ଧରି ଲାଗି ରହିଥିବା ଅସନ୍ତୋଷ ଏହାର କାରଣ ବୋଲି କୁହାଯାଉଛି। ଖବର ପାଇ ପୋଲିସ ଉକ୍ତ ଘଟଣାର ତଦନ୍ତ ଚଳାଇଛି। ଏ ସମ୍ପର୍କରେ ପୋଲିସରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ପର୍ବ ପାଇଁ ୫ ଜିଲାରେ ସ୍ଥାନୀୟ ଛୁଟି ଦିବସ ଘୋଷଣା

**କଟକ ଅଫିସ, ୨୨ା୨:** କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ ଅଧୀନ ୫ଟି ଜିଲାରେ ସ୍ଥାନୀୟ ପାରମ୍ପରିକ ପର୍ବପର୍ବାଣି ନିମନ୍ତେ ଆୟୁକ୍ତ ଗୋପବନ୍ଧୁ ଶତପଥୀ ଏକଦିବସୀୟ ଛୁଟି ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଚିଠି ଅନୁଯାୟୀ ଆର୍‌ଡିସି ଏକ ବିଜ୍ଞପ୍ତି ଜରିଆରେ ଉକ୍ତ ଛୁଟି ଘୋଷଣା କରିଛନ୍ତି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ମାର୍ଚ୍ଚ ୨ ତାରିଖରେ (ଶିବରାତ୍ରି ପରଦିନ) ବାଲେଶ୍ୱର ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ସେହିପରି ଆସନ୍ତା ଜୁନ୍ ୧୬ ତାରିଖ ଶେଷ ରଜ (ଭୂଦାନ) ନିମନ୍ତେ ଯାଜପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ପ୍ରଥମାଷ୍ଟମୀ ନିମନ୍ତେ ଆସନ୍ତା ନଭେମ୍ବର ୧୬ରେ ଜଗତ୍‌ସିଂହପୁର ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ଆର୍‌ଡିସିଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

# ନକଲି ଡାକ୍ତରଙ୍କ ଭଉଣୀ ଅଟକ

**ଭୁବନେଶ୍ୱର, ୨୨ା୨(ବ୍ୟୁରୋ)**

- କେନ୍ଦ୍ରାପଡ଼ାରେ ଚଢ଼ାଉ, ଖସିଗଲେ ଭିଣୋଇ
- ଡ୍ରାଇଭରଙ୍କୁ ଖୋଜୁଛି ପୋଲିସ
- ଆଜି ସରିବ ୫ଦିନିଆ ରିମାଣ୍ଡ



ଅର୍ଥ ପାଇଁ ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ଠକେଇ ଓ ପ୍ରତାରଣା କରିଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ବିଷୟରେ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। କେବଳ ରମେଶ ନୁହନ୍ତି, ତାଙ୍କ ପରିବାର ସଦସ୍ୟମାନେ ମଧ୍ୟ ଏହି କଳାକାରନାମାରେ ସମ୍ପୃକ୍ତ ଅଛନ୍ତି। ବିଶେଷକରି ରମେଶଙ୍କ ଠକେଇ କାରନାମାରେ ଭଉଣୀ ରଶ୍ମିତା ବେହୁରା ସହଯୋଗ କରୁଥିବା ତଦନ୍ତରୁ ଜଣାପଡ଼ିଛି। ତେଣୁ କମିଶନରେଟ ପୋଲିସର ଏକ ଟିମ୍ ମଙ୍ଗଳବାର ଭୋର ସମୟରେ କେନ୍ଦ୍ରାପଡ଼ା ଜିଲା ଈଶ୍ୱରପୁରରେ ରଶ୍ମିତାଙ୍କ ଘରେ ଚଢ଼ାଉ କରିଥିଲା। ସେଠାରୁ ରଶ୍ମିତାଙ୍କୁ କାବୁ କରି ଭୁବନେଶ୍ୱର ଆଣିଛି। ତାଙ୍କୁ ପୋଲିସ ଟିମ୍ ଏକ ଅଜ୍ଞାତ ସ୍ଥାନରେ ଅଟକ ରଖି ବିଭିନ୍ନ ଦିଗକୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି। ତେବେ ପୋଲିସର ଚଢ଼ାଉ ସମ୍ପର୍କରେ ଜାଣିପାରି ରମେଶଙ୍କ ଭିଣୋଇ ଗଣେଶ୍ୱର ବେହୁରା ଖସି ପଳାଇଛନ୍ତି।

### ଗୃହ ପ୍ରବେଶ କରାଉଥିଲେ ଭଉଣୀ, ଭିଣୋଇ

ପୋଲିସ ସୂଚନା ଅନୁଯାୟୀ, ଭଉଣୀ ରଶ୍ମିତା ଏବଂ ଭିଣୋଇ ଗଣେଶ୍ୱର ଅଭିଯୁକ୍ତ ରମେଶଙ୍କ ସହ ସମସ୍ତ ଘଟଣାରେ ସମ୍ପୃକ୍ତ ଥିଲେ। ରମେଶ ଏକାଧିକ ବିବାହ କରୁଥିବାବେଳେ ଭଉଣୀ ଓ ଭିଣୋଇ ବରଯାତ୍ରୀରେ ଯାଉଥିଲେ। ନୂଆ ବୋହୂ ଘରକୁ ଆସିଲେ ଭଉଣୀ ଗୃହ ପ୍ରବେଶ ମଧ୍ୟ କରାଉଥିଲେ। ରମେଶ ଯାହା ଟଙ୍କା ଓ ଅଳଙ୍କାର ମହିଳାଙ୍କଠୁ ଠକି ଆଣୁଥିଲେ ଭଉଣୀ ଓ ଭିଣୋଇ ସେସବୁରୁ ଭାଗ ନେଉଥିଲେ। ଏହି କାରନାମାରେ ରମେଶଙ୍କ ପପୁ ନାମକ ଜଣେ ଡ୍ରାଇଭର ମଧ୍ୟ ସାମିଲ ଥିଲେ। ତାଙ୍କୁ ଧରିବାକୁ ପୋଲିସ ଖୋଳତାଡ଼ କରୁଛି। ତାଙ୍କର ଦ୍ୱିତୀୟ ସ୍ତ୍ରୀ ଠକେଇରେ ସାମିଲ ଥିବା ଅଭିଯୋଗ ହେବାପରେ ପୋଲିସ ତାଙ୍କୁ ଖୋଜିବାରେ ଲାଗିଛି। ଡ୍ରାଇଭର, ଭିଣୋଇ ଧରାପଡ଼ିଲେ ଲୁଚି ରହିଥିବା ଅନେକ ଗୋପନ ତଥ୍ୟ ପଦାକୁ ଆସିବ। ବୁଧବାର ରିମାଣ୍ଡର ୫ମ ତଥା ଶେଷ ଦିନ ହୋଇଥିବାବେଳେ ଭଉଣୀ ଓ ରମେଶଙ୍କୁ ସାମ୍ନାସାମ୍ନି ଜେରା କରିବାକୁ ପୋଲିସ ଚେଷ୍ଟା କରିବ ବୋଲି ଜଣାପଡ଼ିଛି।

### ଟାରା ଆଣି ବ୍ୟବସାୟୀଙ୍କୁ ୪ ଲକ୍ଷ ଠକିଥିବା ଅଭିଯୋଗ

ରମେଶଙ୍କ ନାଁରେ ଠକେଇର ତାଲିକା ବଢ଼ିବାରେ ଲାଗିଛି। ଆନ୍ଧ୍ରପ୍ରଦେଶର ଭେଙ୍କଟ ରମଣ ନାମକ ଜଣେ ବ୍ୟବସାୟୀଙ୍କଠୁ ରମେଶ ୪ ଲକ୍ଷ ଟଙ୍କାର ଟାରା ଆଣି ଟଙ୍କା ଦେଇ ନ ଥିଲେ। ଏହାପରେ ଜାଲ୍ ଚେକ୍ ଦେଇ ତାଙ୍କୁ ଠକିଥିଲେ। ଏନେଇ ମଙ୍ଗଳବାର ବ୍ୟବସାୟୀଙ୍କ ପକ୍ଷରୁ ମହିଳା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେପଟେ ଆଉ ଜଣେ ଡାକ୍ତର ରମେଶଙ୍କ ନାମରେ ଅଭିଯୋଗ ଆଣିଛନ୍ତି। ଲାଇଫ୍ ସ୍ୱାମ୍ କ୍ଲିନିକରେ ନନ୍-ବ୍ରାଣ୍ଡେଡ୍ ଔଷଧ ବିକ୍ରି କରିବାକୁ ବାଧ କରିବା ସହ ଦରମା ଦେଇ ନ ଥିବା ସେ ପୋଲିସକୁ କହିଛନ୍ତି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ନିଜକୁ ଡାକ୍ତର ପରିଚୟ ଦେଇ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରବର୍ତ୍ତୀ ସମୟରେ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତାଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ଏବେ କମିଶନରେଟ ପୋଲିସ ତାଙ୍କୁ ଗିରଫ କରିଛି।

# ୧୦ହଜାର ଟଙ୍କା ମାସିକ ଭରଣପୋଷଣ ପାଇବେ ତପସ୍ୱିନୀ

- ପୂର୍ବରୁ ୧୭ହଜାର ଟଙ୍କା ଦେବାକୁ ସୁମିତଙ୍କୁ ହୋଇଥିଲା ନିର୍ଦ୍ଦେଶ
- ଜିଲାଜଜ୍‌ଙ୍କ ନିର୍ଦ୍ଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସୁମିତ



**କଟକ ଅଫିସ,୨୨ା୨**

ବ୍ରହ୍ମପୁର ବ୍ରହ୍ମାନଗର ଡାକ୍ତର ସୁମିତ ସାହୁ ଏବଂ ତପସ୍ୱିନୀଙ୍କ ପାରିବାରିକ ବିବାଦ ମାମଲାରେ ହାଇକୋର୍ଟ ମଙ୍ଗଳବାର ଜିଲାଜଜ୍ ଦେଇଥିବା ଭରଣପୋଷଣ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଯେଉଁ ଘରେ ତପସ୍ୱିନୀ ଏବେ ରହୁଛନ୍ତି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସେଠାରେ ରହିବେ। ଇତିମଧ୍ୟରେ ଯଦି ସୁମିତ୍ ବାହାରେ ଘରଭଡ଼ା ନେଇ ସ୍ତ୍ରୀ ତପସ୍ୱିନୀଙ୍କ ସହିତ ରହିବାକୁ ଚାହାନ୍ତି ତେବେ ପରବର୍ତ୍ତୀ ଶୁଣାଣି ସମୟରେ ତାହା କୋର୍ଟଙ୍କୁ ଜଣାଇବାକୁ ନିର୍ଦ୍ଦେଶ ହୋଇଛି। ଏଥିସହ ତପସ୍ୱିନୀଙ୍କୁ ସୁମିତ ମାସିକ ୧୭ ହଜାର ପରିବର୍ତ୍ତେ ୧୦ହଜାର ଟଙ୍କା ଦେବେ। ପ୍ରତ୍ୟେକ ମାସ ୧୦ ତାରିଖ ସୁଦ୍ଧା ଏହି ଟଙ୍କା ଦେବାକୁ ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ମାର୍ଚ୍ଚ ୨୮ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ବ୍ରହ୍ମପୁର ଜିଲା ଦୌରାଜଜ୍ ଗତ ଜାନୁୟାରୀ ୪ରେ ତପସ୍ୱିନୀଙ୍କୁ ସୁମିତଙ୍କ ବ୍ରହ୍ମାନଗର ଦ୍ୱିତୀୟ ଲେନ୍‌ରେ ଥିବା ଘରେ ରହିବାକୁ ଅନୁମତି ଦେବା ସହ ତାଙ୍କୁ ମାସିକ ଭରଣପୋଷଣ ବାବଦ ୧୭ହଜାର ଟଙ୍କା ଲେଖାଏ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଏହି ଟଙ୍କାକୁ ପ୍ରତି ମାସର ୧୦ତାରିଖ ମଧ୍ୟରେ ଏସ୍‌ଡିଜେଏମ୍ କୋର୍ଟରେ ପଇଠ କରିବାକୁ କହିଥିଲେ। ଜିଲାଜଜ୍‌ଙ୍କ ଉକ୍ତ ନିର୍ଦ୍ଦେଶ ବିରୋଧରେ ଡାକ୍ତର ସୁମିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁମିତ ତାଙ୍କ ଆବେଦନରେ ଦର୍ଶାଇଥିଲେ, ବ୍ରହ୍ମପୁର ଜିଲା ଦୌରାଜଜ୍ ତାଙ୍କ ନିର୍ଦ୍ଦେଶରେ ଯେଉଁ ଘରେ ଉଭୟଙ୍କୁ ରହିବାକୁ କହିଛନ୍ତି ସେ ଘର ତାଙ୍କର ନୁହେଁ। ଉଭୟଙ୍କ ମଧ୍ୟରେ ମନମାଳିନ୍ୟ ଥିବାବେଳେ ଗୋଟିଏ ଘରେ ରହିବା ଅସମ୍ଭବ। ଏହାଦ୍ୱାରା ଅଧିକ ବିଶୃଙ୍ଖଳା ସୃଷ୍ଟି ହେବ। ତପସ୍ୱିନୀଙ୍କ କାର୍ଯ୍ୟ ଦ୍ୱାରା ସୁମିତ ଓ ତାଙ୍କ ପରିବାରର ସାମାଜିକ ସମ୍ମାନ କ୍ଷୁଣ୍ଣ ହୋଇଛି ବୋଲି ଅଦାଲତଙ୍କୁ ଦର୍ଶାଇଥିଲେ। ଉକ୍ତ ଆବେଦନର ଶୁଣାଣି କରି ହାଇକୋର୍ଟ ମଙ୍ଗଳବାର ବ୍ରହ୍ମପୁର ଜିଲା ଦୌରାଜଜ୍‌ଙ୍କ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ହାଇକୋର୍ଟରେ ତପସ୍ୱିନୀଙ୍କ ପକ୍ଷରୁ ଆଇନଜୀବୀ ମାନସ ଚାନ୍ଦ ଓ ସୁମିତଙ୍କ ପକ୍ଷରୁ ଆଇନଜୀବୀ ବିପ୍ଳବ ବାହାଲି ମାମଲା ପରିଚାଳନା କରୁଛନ୍ତି। ପ୍ରକାଶ ଯେ, ଜିଲାଜଜ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ତପସ୍ୱିନୀ ସୁମିତଙ୍କ ଘରେ ରହିବା ସହ ସୋମବାର ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ସୁମିତ ଦାଖଲ କରିଥିବା ୧୭ହଜାର ଟଙ୍କାର ଡ୍ରାଫ୍ଟକୁ ଗ୍ରହଣ କରିଛନ୍ତି।

# ଆସୁଛି ଆଉ ଏକ ପଶ୍ଚିମା ଝଡ଼

**୨୪ରୁ ୨୭ ଯାଏ ବର୍ଷା**

**ଭୁବନେଶ୍ୱର, ୨୨ା୨(ବ୍ୟୁରୋ)**

ପୁଣି ଆସୁଛି ଆଉ ଏକ ପଶ୍ଚିମା ଝଡ଼। ବର୍ତ୍ତମାନ ଆଫଗାନିସ୍ତାନ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଥିବା ଏହି ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ ୨୪ ତାରିଖରୁ ବର୍ଷା ଆରମ୍ଭ ହେବ। ୨୫ ତାରିଖରେ ବର୍ଷାର ପରିମାଣ ବଢ଼ିବ ଏବଂ କିଛି ଜିଲାରେ ବଜ୍ରପାତ ହେବାର ସମ୍ଭାବନା ରହିଛି। ତେବେ ୨୫ରେ ପୁଣି ପଶ୍ଚିମ-ହିମାଳୟ ଅଞ୍ଚଳରେ ଆଉ ଏକ ପଶ୍ଚିମା ଝଡ଼ ସକ୍ରିୟ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୨୪ରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜର କିଛି ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ୨୫ରେ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବା ସହିତ ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ବଜ୍ରପାତ ହେବ। ତେଣୁ ଏହିସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୬ରୁ ୨୭ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ଆସନ୍ତା ୩ରୁ ୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ରାତ୍ରୀ ତାପମାତ୍ରାରେ ସେଭଳି କୌଣସି ପରିବର୍ତ୍ତନ ହେବ ନାହିଁ। ଅପରପକ୍ଷେ ରାଜ୍ୟରେ ଏବେ ତାତି ବଢ଼ିଥିବା ଜଣାପଡ଼ିଛି। ଦିନରେ ଗରମ ଅନୁଭୂତ ହେଉଛି। ପାଣିପାଗ କେନ୍ଦ୍ର ସୂଚନାନୁଯାୟୀ, ମଙ୍ଗଳବାର ଟିଟିଲାଗଡ଼ରେ ସର୍ବାଧିକ ୩୪ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସେହିଭଳି ବୌଦ୍ଧ ୩୩, ବଲାଙ୍ଗୀର ୩୩, ଅନୁଗୋଳ ୩୨.୭, ସୋନପୁର ୩୨.୬, ନୟାଗଡ଼ ୩୨.୫, ସମ୍ବଲପୁର ୩୨.୪, ଭବାନୀପାଟଣା ୩୨.୨, ଝାରସୁଗୁଡ଼ା ୩୨.୨, ଭୁବନେଶ୍ୱରରେ ୩୧.୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ଆମେରିକାରେ ଓଡ଼ିଆ ଡାକ୍ତର ସମ୍ମାନିତ

**କଟକ ଅଫିସ,୨୨ା୨**

କୋଭିଡ୍ ମହାମାରୀ ସମୟରେ ରୋଗୀ ଏବଂ ସମାଜର ଉଲ୍ଲେଖନୀୟ ନିଷ୍ଠାପର ସେବା ପାଇଁ ଆମେରିକା ସେଣ୍ଟ ଲୁଇସ ଜେଫାରସନସ୍ଥିତ ମର୍ସି ହସ୍ପିଟାଲର ଡାଇରେକ୍ଟର ଡା. ଆୟୁଷ୍ମାନ ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ମର୍ସି ହସ୍ପିଟାଲ ବୋର୍ଡ ଅଫ୍ ଡାଇରେକ୍ଟର୍ସର ସଭାପତି ସି. ଏରିକ ଆମ୍ମନସ ଆମେରିକାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ସମ୍ମାନିତ କରିଥିଲେ। ପୂର୍ବତନ ମୁଖ୍ୟ ଆୟକର କମିଶନର କେ. କେ. ମିଶ୍ରଙ୍କ ପୁତ୍ର ତଥା ଇପ୍‌ସାରର ପୂର୍ବତନ ଅଧ୍ୟକ୍ଷ ଡ. ରାଧାନାଥ ମିଶ୍ରଙ୍କ ନାତି ଡା. ଆୟୁଷ୍ମାନ ମିଶ୍ର କଟକର ମୂଳ ବାସିନ୍ଦା ଅଟନ୍ତି।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**ଫୁଲବାଣୀ ଅଫିସ, ୨୨ା୨:** କନ୍ଧମାଳ ଜିଲା କାରାଗାରରେ ବିଚାରାଧୀନ ଥିବା ଜଣେ କଏଦୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସେ ହେଲେ ଫିରିଙ୍ଗିଆ ଥାନା ଡିଣ୍ଡ୍ରାଗାଁ ପଞ୍ଚାୟତ ସିମିଝରି ଗ୍ରାମର ଦଣ୍ଡପାଣି କହଁର (୫୫)। ସୋମବାର ରାତିରେ ତାଙ୍କ ଦେହ ଅସୁସ୍ଥ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଜେଲ୍ ଅଧୀକ୍ଷକ ସୂଚନା ଦେଇଛନ୍ତି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଗିରଫ ହୋଇ ସେ ଗତ ଏକ ବର୍ଷ ହେଲା ଫୁଲବାଣୀ ଜେଲ୍‌ରେ ଥିଲେ। ସୂଚନାଯୋଗ୍ୟ, ଏହି ଜେଲ୍‌ର ଆଉ ଜଣେ ଆଜୀବନ କଏଦୀ କାହ୍ନୁଚରଣ ପ୍ରଧାନ ଗତ ୧୩ରେ ରୋଗରେ ପଡ଼ି ମୃତ୍ୟୁବରଣ କରିଥିଲେ ।



Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road,Vasant Kunj - Phase -II, New Delhi - 110070, India. I CIN: L35911DL1984PLC017354 I For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. For more details, please visit your nearest authorized Hero MotoCorp outlet. *Largest Motorcycle & Scooter selling company in the world for any particular country for the year 2020. *This is the Ex-Showroom Price for Self Drum Cast variant of Glamour Xtec in Guwahati. For more details, please visit your nearest authorized Hero MotoCorp outlet. HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

**AUTHORISED DEALERS: Bhubaneswar:** Rohan Hero – 7799766422, Bharat Hero – 7799766378, DD Hero – 7799766329, Arundhati Hero - 9311733967; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Angul:** Parbati Hero - 7799766342; **Balasore:** Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Motors, Dharma Nagar – 7799766350, Lakshmi Automotives, Gajapati Nagar – 9311853279; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada:** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Dhenkanal:** Som Hero - 7799766347; **Talcher:** Tarini Hero - 7799766374.

WT.5005.2022ORI

**ଆଜିର ମନ୍ତବ୍ୟ**
"ବିଶ୍ୱରେ ସଙ୍କଟ ଦେଖାଦେଲେ ଭାରତକୁ ଅଧିକ ଶକ୍ତ ହେବାକୁ ପଡ଼ିବ। କଠିନ ସମୟରେ କଡ଼ା ନେତା ବି ଦରକାର।"
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସୁପ୍ରିମକୋର୍ଟରେ ଦଶମ, ଦ୍ୱାଦଶ ପରୀକ୍ଷା ଶୁଣାଣି ଆଜି

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଅନ୍‌ଲାଇନ୍ ନା ଅଫ୍‌ଲାଇନ୍‌ରେ ହେବ, ଏନେଇ ଦ୍ୱନ୍ଦ୍ୱ ଲାଗି ରହିଥିବାବେଳେ ବୁଧବାର ଏହି ମାମଲାର ଶୁଣାଣି କରିବେ ସୁପ୍ରିମକୋର୍ଟ। ସମସ୍ତ ରାଜ୍ୟ, ସିବିଏସ୍‌ଇ, ସିଆଇଏସ୍‌ସିଇ, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓପନ ସ୍କୁଲିଂ ପରୀକ୍ଷା ନେଇ ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି କରିବେ। ଶ୍ରେଣୀଗୃହରେ ପାଠପଢ଼ା ହୋଇ ନ ଥିବାରୁ ଅଫଲାଇନ୍ ପରୀକ୍ଷା ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅଫ୍‌ଲାଇନ୍ ପରୀକ୍ଷାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିଶନ ଦାୟର କରାଯାଇଛି। ବୁଧବାର ଏହାର ଶୁଣାଣି ହେବ। ତେଣୁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାବିତ୍ ସମସ୍ତଙ୍କ ନଜର ସୁପ୍ରିମକୋର୍ଟଙ୍କ ରାୟ ଉପରେ ରହିଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାଚିଲା ମଣ୍ଡା ରୁଚେ ନାହିଁ**
**ତୋଡ଼କିଲା ମଣ୍ଡା ଗଳ ଗଳ ଯାଇ।**

ଆମ ସମାଜରେ ଏପରି କେତେଜଣ ବ୍ୟକ୍ତି ଅଛନ୍ତି ଯେଉଁମାନେ ମାନ ସମ୍ମାନକୁ ଖାତିର ନ କରି ପର ଆଗରେ ହାତ ପତେଇଥାନ୍ତି। ଅଥଚ ଆଉ କେହି ଭଲ ଭାବେ ଅଭ୍ୟର୍ଥନା କଲେ ମଧ୍ୟ ସେ ତାହାକୁ ଗ୍ରହଣ ନ କରି ନାନା ସମାଲୋଚନା କରିଥାନ୍ତି। ପ୍ରକୃତିଛଡ଼ା ବ୍ୟକ୍ତିଙ୍କ ଏପରି ରଙ୍ଗଢଙ୍ଗ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେବେ ଗୁଲାମ୍ ଘୋଡ଼ା ଚଢ଼େ**
**ତେବେ ଗୁଲାମ୍ ଖୋଇ ନ ଛାଡ଼େ।**

ମଣିଷର ଜନ୍ମଗତ ପ୍ରକୃତି ସହଜରେ ବଦଳି ନ ଥାଏ। ନୀଚ ସ୍ତରର ବ୍ୟକ୍ତି ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲେ ସୁଦ୍ଧା ତାଙ୍କ ଆଚାର ବ୍ୟବହାର ଯଥା ପୂର୍ବଂ ତଥା ପରମ୍ ଭଳି ଅପରିବର୍ତ୍ତିତ ରହୁଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

### ପ୍ରଥମ ପୃଷ୍ଠାରୁ...

## ବୋଲେରୋ-ଟ୍ରକ୍...



ଦୁର୍ଘଟଣାଗ୍ରସ୍ତ ବୋଲେରୋ ଓ ଟ୍ରକ୍।

୪ଜଣଙ୍କର ମୃତ୍ୟୁ ଘଟିଛି। ୮ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ସିସ୍‌କେଲା ଗ୍ରାମର ଯଜ୍ଞା ନାଗ (୩୫), ସୁକନ ନାଗ (୬୨), ଖଇରମାଲ ଗ୍ରାମର ଚମ୍ପା ନାଗ (୩୮), କଳାହାଣ୍ଡି ଜିଲା ପଲମ ଫାଣ୍ଡି ଅଧୀନ କେନ୍ଦୁବାହାଲି ଗ୍ରାମର ସୁଦାମ ସୁନା (୪୫)। ଗୁରୁତର ୮ଜଣଙ୍କୁ ସ୍ଥାନୀୟ ଲୋକେ ଏବଂ ପୋଲିସ ଉଦ୍ଧାରକରି ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଯେ, ନର୍ଲା ବ୍ଲକ ତିତକେଲା ଗ୍ରାମରୁ ବିବାହ କାର୍ଯ୍ୟକ୍ରମ ସାରି ବୋଲେରୋ (ନଂ.ଓଡ଼ିଓ୩-ଏମ୍-୩୧୭୦) ଯୋଗେ ୧୨ଜଣ ସଇଁତଲାକୁ ଫେରୁଥିଲେ। ଦୁର୍ଲାଖମନ ପଞ୍ଚାୟତ ଧାନମଣ୍ଡି ନିକଟରେ ନୂନମାଟ ଛକରୁ ଏମ୍. ରାମପୁର ଅଭିମୁଖେ ଯାଉଥିବା ଧାନ ବୋଝେଇ ଟ୍ରକ୍ (ନଂ. ସିଜି୦୪ଜି-୬୫୪୧) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଡୋନେସ୍କ, ଲୁହାନସ୍କରେ...

ସେ ଡୋନେସ୍କ ଓ ଲୁହାନସ୍କକୁ ସ୍ୱାଧୀନ ମାନ୍ୟତା ପ୍ରଦାନ ସମ୍ପର୍କିତ ଘୋଷଣାନାମାରେ ସ୍ୱାକ୍ଷର କରିବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହି ଦୁଇ ଅଞ୍ଚଳରେ ବାଣିଜ୍ୟ କାରବାର, ନିବେଶ ଉପରେ କଟକଣା ଲଗାଇଛନ୍ତି। ଡୋନେସ୍କ ପିପୁଲ୍ସ ରିପବ୍ଲିକ୍ ଏବଂ ଲୁହାନ୍‌ସ୍କ ପିପୁଲ୍ସ ରିପବ୍ଲିକ କୁହାଯାଉଥିବା ଏହି ଅଞ୍ଚଳରେ କୌଣସି ଆମେରିକୀୟ ବ୍ୟକ୍ତି, ସଂସ୍ଥା କମ୍ପାନୀ ଆଦି ଦ୍ୱାରା ନୂଆ ନିବେଶ କିମ୍ବା ବ୍ୟବସାୟ ହୋଇପାରିବ ନାହିଁ। ଏହାସହ ଅନ୍ୟ କେହି ସେଠାରେ ବାଣିଜ୍ୟ କାରବାର କଲେ ସେମାନଙ୍କ ଉପରେ ମଧ୍ୟ ଏହି କଟକଣା ଲାଗୁ ହେବ ବୋଲି ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ବାଇଡେନ୍ ଦସ୍ତଖତ କରିଛନ୍ତି। ଅନ୍ୟପକ୍ଷରେ ରୁଷିଆ ଉକ୍ତ ଦୁଇ ବିଚ୍ଛିନ୍ନତାବାଦୀ ଅଞ୍ଚଳକୁ ନିଜର ସୈନ୍ୟ, ଯୁଦ୍ଧାସ୍ତ୍ର ଆଦି ପଠାଇଛି। ସେଠାରେ ରୁଷିଆ ସୈନ୍ୟ ଶାନ୍ତି ରକ୍ଷକ ଭାବେ କାର୍ଯ୍ୟ କରିବେ ବୋଲି ପୁଟିନ୍ କହିଛନ୍ତି।

ସୋମବାର ରାତିରେ ପୁଟିନ୍ ପୂର୍ବ ୟୁକ୍ରେନର ଉକ୍ତ ଦୁଇ ଅଞ୍ଚଳକୁ ସ୍ୱାଧୀନ ମାନ୍ୟତା ଦେବା ସମୟରେ କହିଥିଲେ, ଆମେରିକା ନେତୃତ୍ୱରେ ପାଶ୍ଚାତ୍ୟ ଦେଶଗୁଡ଼ିକ ଏପରି କରିବାକୁ ରୁଷିଆକୁ ବାଧ୍ୟ କରିଛନ୍ତି। ବହୁ ପୂର୍ବରୁ ଏହି ନିଷ୍ପତ୍ତି ନେବାର ଥିଲା। ୟୁକ୍ରେନ ଆମେରିକାର କଲୋନି ପାଲଟିଛି। ଯଦି ୟୁକ୍ରେନ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ)ରେ ସାମିଲ ହୁଏ ତେବେ ତାହା ରୁଷିଆର ନିରାପତ୍ତା ପାଇଁ ବଡ଼ ବିପଦ। ଆଧୁନିକ ୟୁକ୍ରେନକୁ ରୁଷିଆ ତିଆରି କରିଛି। ଆମେରିକା ସହ ଥିବା ୟୁରୋପୀୟ ମେଣ୍ଟ ଏହାକୁ ଭଲ ଭାବେ ଜାଣିଛି। କିନ୍ତୁ ୟୁରୋପୀୟ ଦେଶଗୁଡ଼ିକ ନିଜ ବରିଷ୍ଠ ତଥା ପୁରୁଣା ସହଯୋଗୀଙ୍କୁ ନ ଛାଡ଼ିପାରି ରୁଷିଆ ବିରୋଧରେ ଯିବାକୁ ବାଧ୍ୟ ହେଉଛନ୍ତି। ଆମେରିକା କେବଳ ରୁଷିଆ ବିରୋଧୀ କାର୍ଯ୍ୟକଳାପରେ ସେମାନଙ୍କୁ ବ୍ୟବହାର କରୁଛି। ଆମକୁ ବାରମ୍ବାର କଟକଣା ଧମକ ଦିଆଯାଉଛି। ଏହା ପଛର ମୁଖ୍ୟ ଉଦ୍ଦେଶ୍ୟ ରୁଷିଆର ବିକାଶକୁ ରୋକିବା। ସେମାନେ ପୂର୍ବରୁ ଏହା କରିଛନ୍ତି, ଆଗକୁ ମଧ୍ୟ କରିବେ। କିନ୍ତୁ ଦେଶର ସାର୍ବଭୌମତ୍ୱ, ସୁରକ୍ଷା ସୁନିଶ୍ଚିତ କରିବାରେ କୌଣସି ବୁଝାମଣା ହେବ ନାହିଁ ବୋଲି ପୁଟିନ୍ ସ୍ପଷ୍ଟ କରିଥିଲେ।

## ୭ ବର୍ଷର ରେକର୍ଡ...

ପୁଟିନ ୟୁକ୍ରେନ୍‌ର ଭୌଗୋଳିକ ଅବସ୍ଥିତିରେ ଆଣିଥିବା ପରିବର୍ତ୍ତନକୁ ନେଇ ଆମେରିକା ସମେତ ଅନେକ ଦେଶ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି। ଆଗକୁ କଟକଣା ଜାରିର ଏହି ଧାରା ଲାଗି ରହିଲେ ରୁଷିଆର ତେଲ ଓ ଗ୍ୟାସ୍ ରପ୍ତାନି ହ୍ରାସ ପାଇବ। ଏଥିସହ ବିଶ୍ୱ ଅର୍ଥନୀତି ମଧ୍ୟ ପ୍ରଭାବିତ ହେବ ବୋଲି ମାନୁଲାଇଫ୍ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟର ସୁ ଟ୍ରିନ୍ କହିଛନ୍ତି। ୨୦୧୪ ସେପ୍ଟେମ୍ବରରେ ବ୍ରେଣ୍ଟ ତେଲ ଦର ବ୍ୟାରେଲ ପିଛା ସର୍ବାଧିକ ୯୯ ଡଲାରକୁ ଛୁଇଁଥିଲା। ସମ୍ଭାବ୍ୟ ଯୁଦ୍ଧ ଆଶଙ୍କାରେ ସାରା ବିଶ୍ୱର ଷ୍ଟକ୍ ମାର୍କେଟ ମଧ୍ୟ ଲଗାତର ତଳମୁହାଁ ହେବାରେ ଲାଗିଛି। ଅନ୍ୟପକ୍ଷେ ତେଲ ଦର ବୃଦ୍ଧିର ପ୍ରଭାବରୁ ଭାରତ ମଧ୍ୟ ମୁକ୍ତ ହୋଇପାରି ନାହିଁ। ଭାରତ ରୁଷିଆରୁ ଦୈନିକ ୪୩,୪୦୦ ବ୍ୟାରେଲ ତେଲ ଆମଦାନୀ କରିଥାଏ। ୨୦୨୧ରେ କୋଇଲା ଆମଦାନୀ ୧.୮ ନିୟୁତ ଟନ୍ ଥିବାବେଳେ ୨.୫ ନିୟୁତ ଟନ୍ ସିଏନ୍‌ଜି ରୁଷିଆରୁ ଆଣିଥାଏ। ଯଦିଓ ଏହି କ୍ଷେତ୍ରରେ ରୁଷିଆ ଉପରେ ଭାରତର ନିର୍ଭରଶୀଳତା ଅଧିକ ନୁହେଁ, ତଥାପି ବିଶ୍ୱ ବଜାରରେ ଦର ବୃଦ୍ଧି ଭାରତୀୟ ଅର୍ଥନୀତିକୁ ପ୍ରଭାବିତ କରିବ। ଦେଶରେ ପେଟ୍ରୋଲ ଓ ଡିଜେଲ ଦର ଆକାଶଛୁଆଁ ହୋଇଥିବାବେଳେ ସରକାର ଏଥିରେ ବୃଦ୍ଧି ଘଟାଉନାହାନ୍ତି। କାରଣ ଆସନ୍ତା ୨୩, ୨୭, ୩ ଓ ୭ରେ ଉତ୍ତର ପ୍ରଦେଶ ନିର୍ବାଚନ ହେବ। ୟୁପିର ୪ ପର୍ଯ୍ୟାୟ ସହ ମଣିପୁରର ୬୦ ଆସନରେ ମଧ୍ୟ ଫେବୃୟାରୀ ୨୮ ଓ ମାର୍ଚ୍ଚ ୫ରେ ମତଦାନ ବାକି ଅଛି। ୧୧୦ ଦିନ ହେଲା ତେଲ ଦରକୁ ନେଇ ସମୀକ୍ଷା କରାଯାଇ ନାହିଁ। ଏହି ନିର୍ବାଚନ ଶେଷ ହେବା ପରେ କେନ୍ଦ୍ର ସରକାର ତେଲ ଦର ବଢ଼ାଇବା ଏକପ୍ରକାର ନିଶ୍ଚିତ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସତ୍ କାର୍ଯ୍ୟରେ ବ୍ୟୟ ସଙ୍ଗକୁ ଯେଉଁ କାମ ଆରମ୍ଭ କରିବେ ସଫଳତା ପାଇବେ। ବନ୍ଧୁଙ୍କ ସାହାଯ୍ୟ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବା ନିଷ୍ପତ୍ତି ନେବେ। ମିଠା ପ୍ରତିଶ୍ରୁତି ପାଇବେ ସତ ଆଶା କରିଥିବା ଦିଗରୁ ମୂଲ୍ୟବାନ୍ ଜିନିଷଟି ପ୍ରାପ୍ତି ହେବ ନାହିଁ। କଳା, ସାହିତ୍ୟ, ସଙ୍ଗୀତ ଅଧ୍ୟାପନା, କ୍ରୀଡା ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**
ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଅନ୍ୟ ମାନଙ୍କ ସହ ମିତ୍ରତା କରିବା ସକାଶେ ମନ ବଳାଇବେ। ସତର୍କତା ଅଭାବରୁ ଧନହାନୀ କିମ୍ବା କଳହର ସୂତ୍ରପାତ ହୋଇପାରେ। ପରିସ୍ଥିତି ବଶତଃ ବହୁତ ଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। କଳା ସାହିତ୍ୟ, ଧାର୍ମିକ ପ୍ରବଚନ ଏବଂ କ୍ରୀଡା, ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ।

**ମିଥୁନ**
ବନ୍ଧୁଙ୍କ ବଦାନ୍ୟତା, ସାମାଜିକ ସମ୍ମାନ, ଆର୍ଥିକ ଉନ୍ନତି ଓ ଆଧ୍ୟାତ୍ମିକ ବାତାବରଣରେ ମନ ପ୍ରଫୁଲ୍ଲିତ ରହିବ। କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ସୁଧା ଏଥିରୁ ଓହରି ପାରିବେ ନାହିଁ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଉପର ଅଧିକାରୀ ମାନେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି।

**କର୍କଟ**
ସମସ୍ୟା ସମାଧାନଜନିତ କାର୍ଯ୍ୟରେ ଅଗ୍ରଗତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ଆଲୋଚନାର ଶେଷ ପର୍ଯ୍ୟାୟରେ ବନ୍ଧୁ ବିଶ୍ୱାସ ଘାତକତା କରିପାରନ୍ତି। ଅର୍ଥ ସମ୍ପର୍କୀୟ ଆଲୋଚନା ସୁରୁଖୁରୁରେ ସମ୍ପନ୍ନ ହେବ, ଏଥିପାଇଁ କିଛିଟା ହଇରାଣ ହେବେ। ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ।

**ସିଂହ**
କର୍ମକ୍ଷେତ୍ରରେ ପ୍ରତ୍ୟେକ କାମ ସମସ୍ୟା ବହୁଳ ହେଉଥିବା କାରଣରୁ ମନରେ ସରସତା ରହିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ଆକସ୍ମିକ ଭାବରେ ଶତ୍ରୁମାନେ ମିତ୍ର ଭଳି ଆଚରଣ କରି ପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ଉନ୍ନତ ମାନର ଫଳ ପାଇବେ।

**କନ୍ୟା**
ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାରର ସମସ୍ୟାକୁ ସାମନା କରି ମାନସିକ ଦୁର୍ବଳତା ଦେଖାଦେଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ଭାଇଙ୍କ ଅସୁବିଧା ପରିସ୍ଥିତି ବିଷୟ ଚିନ୍ତା କରି ଅଶାନ୍ତ ରହିପାରନ୍ତି।

**ତୁଳା**
ସମସ୍ୟାର ସରଳ ସମାଧାନ କରି ଶାନ୍ତି ଲଭିବେ। କର୍ମକ୍ଷେତ୍ରରେ ଆପଣ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବାରେ ସମର୍ଥ ହୋଇପାରନ୍ତି। ଶିଳ୍ପ,ବାଣିଜ୍ୟ, ବ୍ୟବସା.ପରିବହନରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। ଅଫିସ୍‌ରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିବାର ସୂଚନା ରହିଛି ।

**ବିଛା**
ଆଜି ଆପଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ଜଣେ ବନ୍ଧୁ ପ୍ରଗାଢ ଅନୁରକ୍ତି ପ୍ରକାଶ କରିପାରନ୍ତି। କ୍ରୟବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିବେ। ସାହିତ୍ୟ ଆସର, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନ,ସଙ୍ଗୀତ ସମାରୋହ, କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ଧନୁ**
ଆଜିର କର୍ମକ୍ଷେତ୍ରରେ ସାଧାରଣ ଟିକିଏ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମ, ଆନୁଷ୍ଠାନିକ କାର୍ଯରେ ଉଚ୍ଚ ପ୍ରଶଂସା ପାଇବେ। ପରିବାରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା ଯୋଗଁ ସାମୟିକ ବିଚଳିତବୋଧ କରିବେ।

**ମକର**
ଆଜି ଯେଉଁ କାମରେ ହାତ ଦିଅନ୍ତୁ ନା କାହିଁକି, ସହଯୋଗର ଅଭାବ ରହିବ ନାହିଁ। କର୍ମ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ମାତ୍ର ସାମୟିକ କଳହଜନିତ ସମ୍ପର୍କ ହାନି ହୋଇପାରେ। ବକେୟା ଅର୍ଥ ଆଦାୟରେ ସକ୍ଷମ ନ ହେବା କାରଣରୁ ମନଟା ଭାରାକ୍ରାନ୍ତ ରହିପାରେ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହେବ।

**କୁମ୍ଭ**
ଦୀର୍ଘ ଦିନର ଅପୂରଣୀୟ ଆଶା ମନରେ ଭାବାନ୍ତର ସୃଷ୍ଟି କରିବ। ଆତ୍ମୀୟସ୍ୱଜନ ମାନେ ସ୍ୱାର୍ଥ ସାଧନ ଆଶା କ୍ଷୀଣ ଦେଖି ଦୂରେଇ ଯାଇପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି, ଜମିଜମା କାରବାରରେ ଚୁକ୍ତି ଆଦି କାମ ସମ୍ପନ୍ନ କରିପାରିବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ ଉଠିପାରେ।

**ମୀନ**
କୌଣସି କାମ ଅଟକିବ ନାହିଁ। ଯାହା ଆଶା କରୁଛନ୍ତି ଅବଶ୍ୟ ପାଇବେ। ପରିବାରର ଖର୍ଚ୍ଚ ବଢ଼ିଯିବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ପ୍ରିୟ ବନ୍ଧୁଟି ସହଯୋଗ କରିବେ। ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ର, ଆଲୋଚନାରେ, ରାଜନୀତିରେ, ସଂଗଠନରେ, କଳା, ସାହିତ୍ୟରେ ଚେଷ୍ଟା ସଫଳ ହେବ।


# classifieds Everyday
0674-2580101, 2549302



MATRIMONIAL

**BRIDE WANTED**

Brahmin oriya doctor, 33/5'7", doing MRCOG (P.G. in Gynaecology) in England, will settle in India, needs Brahmin doctor 9437057753. D-23196

**GROOM WANTED**

40 ବୟସ (୫'୪''– ଉଚ୍ଚତା) ସରକାରୀ Teacher, ଦରମା 54 ହଜାର, ମହିଳା ହେତୁ ବର ଦରକାର । ଘରଜ୍ୱାଇଁକୁ ପ୍ରାଥମିକତା । (ସଭିଜାତି ସଭିମାନ୍ୟ ଅଟନ୍ତି)। ଯୋଗାଯୋଗ: 6232883900. D-23224

ଭୁବନେଶ୍ୱରସ୍ଥିତ Divorced ନିଃସନ୍ତାନ, 51 ବୟସ୍କା, Private ଚାକିରିଆ ବ୍ରାହ୍ମଣ ଝିଅଙ୍କୁ ଯେ କୌଣସି ଜାତିର ବର ଆବଶ୍ୟକ । 7608010434. D-23225

Beautiful brahmin girl 1993, 5'4" MCA serving Cuttack, "SUNASANSAR". 9937512659, 8249969649. D-23200

Groom for high qualified Scientist bride, M.Sc., Ph.D., PDF (Southkorea), age-39-45 Govt of India, Delhi, Khandayat, Karan. Cell- 9437226297, 7008597578. D-23209



real estate

**SALE**

Plot for sale at Chhatabar per sq.ft. @99/-. 8249017091, 9937816565. D-23232

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71947

Government Employees ମାନେ ଲୋନ୍‌ରେ ପ୍ଲଟ୍ କିଣନ୍ତୁ। Maharaja College, Gangapada Bhubaneswar sqft.-949/-, 9938016295. D-71800

Plot for sale at heart of Chandikhole in front of Chandikhole Govt. College, area-9000sqft. (Approx.). Contact: 9776025750, 9861072465. D-23210

**Gharabari yellowzone plot for sale near NH at Hanspal, Pahala and Balianta with compoun wall. Contact: 9437922726, 7205337726.** D-23198

ଭୁବନେଶ୍ୱର ଜଟଣୀଗେଟ୍ (sqft.-649/-ରୁ 350/-), Sundarpada Xavier (1200sqft. 3,36,000/), ଜାଆଁଳା (sqft.-649/-). Contact: 8114994259, 8658963803. D-23184

**30' road** ଘରବାରି ପ୍ଲଟ୍ ପାଚେରି ସହ **Sum Hospital**ରୁ **4K.M.** ଘଙ୍ଗାପାଟଣାରେ ମିଳୁଛି। **Owner- 8249779595.** D-71763

Gharabari plot with boundary near Utkal Hights 57 Dec. Rs.-6500000/-. Mob: 7848983289. D-23083

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71865

**30' Road, Gated society, Security guard, CCTV** ଥାଇ ତୁରନ୍ତ ଘର କଲାଭଳି **3ଟି plot** ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। **9437033320.** D-71798

Proposed Duplex Bungalow at Botanda Sunderpada near Gangajamuna Apartment Bhubaneswar BDA plan approved 78,00,000/- : 9861125539 / 9040521173. D-70777

ଭୁବନେଶ୍ୱର ଯାଆଁଳା **NH-5** ରୁ **400** ମିଟର ଦୂରତାରେ ପକ୍କା, **boundary,** ଇଲେକ୍ଟ୍ରିସିଟି ସୁବିଧା ଥାଇ **immediate** ଘର କଲାଭଳି ପ୍ଲଟ୍ **15,60,000/-. 9437691481.** D-71783

**Private plot 6000sqft.** ଘରବାରି **(6ft. height boundary) near Sai life style Apartment** ଗୁଡ଼ିଆପୋଖରୀ ଛକ– **48,00,000/-, direct owner- 9937373013.** D-71796

Full furnishing 4BHK new flat SB area 2132sqft. Cuttack road near Vits Hotel Rs per sqft.- 9500/- . Mob: 7848983289. D-23084

**Gated community township gharabari plot sale in Gudiapokhari near KEC College with 30' road, Electricity, boundary wall. 8763887357, 8144730854.** D-71786

Gharabari plot, Gohriachhaka, 200m from NH and investment gharabari plot Sundarpada and KEC Gudiapokhari for sale. 9777345831. D-71017

**PURCHASE**

ଭୁବନେଶ୍ୱରରେ ନିଜର ନୂଆ କିମ୍ବା ପୁରୁଣା flats duplexes ବିକିବାକୁ ଚାହୁଁଛନ୍ତି କି? 6371090682. D-68289




to-let

ଡୁମୁଡୁମାରେ 3rd ଫେଜ୍‌ରେ 3BHK (2ୟ ମହଲା) ଡୁପ୍ଲେକ୍ସ ଭଡ଼ା ଦିଆଯିବ, Rs.7,500/- । Contact: 7749047892, 9960698058. D-23235

Full furnishing 4BHK flat @ 40000/-, near Vits Hotel. Mob: 7848983289. D-23082



healthcare

Refreshing your mind and body with the best therapy, 7873794731. D-23024

Take wellness relax body massage by experienced lady therapist. 7008773793. D-71473

**Relax, Refresh your body, mind at SAIKRUPA SPA with best therapies. 8984068077.** D-23219

Newly opening SPA positively health benefits with expert therapist. 8917332216. D-71946

**One hour any therapy by expert therapist @999 only. 9078484455.** D-71474

Newly open full body massage ladies and gents. 8327740003. D-71864

Full body massage in homely atmosphere all therapy. Contact: 8114881641. D-60897

All types body massage with hiprofile smart lady room service available. 9142145769. D-71337

**LOST**

I Bhagabana Padhan, S/o Late Dukhu Padhan, village Dedarha, P.S.-Khoprakhol, Dist.-Balangir declare that on dt.06.02.22, while I was returned to my village from Patnagarh by Bus at that time I had lost my Registration Dalil No. 10321600902 dt.30.07.2016, DCB Bank Pass Book and some other documents. After through search I could not find it. D-23234

**AFFIDAVIT**

By virtue of an affidavit No.3263, dt. 14.3.2002 before Notary Public, Bhubaneswar, my name has changed from Nirod Kishore Mohanty to Niroj Mohanty. Henceforth, I shall be known as Niroj Mohanty, S/o Nayan Kishore Mohanty, at Plot No.-346/506, Tamando, Dist.- Khorda for all purpose. D-23226

By an affidavit stated that some documents inadvertently my name has been reflected as Sivani Mohapatra instead of Shivani Mohapatra. That Sivani Mohapatra and Shivani Mohapatra is one and same person and my mothers name reflected as Jayashree Mohapatra instead of Jayashree Das. That Jayashree Mohapatra and Jayashree Das is also one and same person. D-23223

I, Shailendra Kumar Muduli change my name to Sailendra Kumar Muduli vide affidavit date 22.02.2022 sworn before Notary, Bhubaneswar. D- 71475

I, Suchandra Mohalik resident of Vill- Barapur, P.S.- Basudevpur, Dist.- Bhadrak in State of Odisha have changed my son's name from Satya Shriyan Mohalik to Satya Shriyan Patra vide affidavit on 15 February, 2022 in the Court of the Executive Magistrate & Tahasildar, Basta, Balasore, Odisha. Hence, Satya Shriyan Patra has been used for all purposes. D-23230

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପରିତ୍ୟକ୍ତ ଘରୁ ନରକଙ୍କାଳ ଜବତ

**ଧର୍ମଶାଳା,୨୨।୨(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବ୍ଲକ୍ ପରିସରରେ ଥିବା ପରିତ୍ୟକ୍ତ ଘରୁ ମଙ୍ଗଳବାର ଏକ ନରକଙ୍କାଳ ପୋଲିସ ଜବତ କରିଛି। ପିଲାମାନେ ସେଠାରେ ଖେଳୁଥିବା ବେଳେ ନରକଙ୍କାଳ ପଡ଼ିଥିବା ଦେଖିଥିଲେ। ପରେ ଲୋକେ ଜାଣି ପୋଲିସକୁ ଖବର ଦେଇଥିଲେ। ଧର୍ମଶାଳା ପୋଲିସ ପହଞ୍ଚି ଖପୁରୀ, କିଛି ହାଡ଼, ଚୁଟି ଓ କପଡ଼ା ଜବତ କରିଥିବା ଜଣାଯାଇଛି। ତେବେ ଏହି ନରକଙ୍କାଳ କାହାର ଏବଂ ଏହି ପରିତ୍ୟକ୍ତ ଘରକୁ କିଭଳି ଆସିଲା ସେ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

# ‘ନିର୍‌ତାର ପ୍ରତି ନନ୍ଦିନୀ ଦେବୀଙ୍କ ଅବଦାନ ଅତୁଳନୀୟ’

କଣ୍ଡାପଡା, ୨୨।୨(ଡି.ଏନ୍.ଏ.)

କଟକ ଜିଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେଶନ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ(ଏସ୍‌ଭି ନିର୍‌ତାର)ର ୩୮ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଅଡିଟୋରିୟମରେ ଆୟୋଜିତ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଓଡ଼ିଶାରେ ଦିବ୍ୟାଙ୍ଗମାନଙ୍କ ସେବାକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଏସ୍‌ଭି ନିର୍‌ତାର ପ୍ରତି ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଅବଦାନ ଅତୁଳନୀୟ। ଏହି ଅନୁଷ୍ଠାନ ଡାଇରେକ୍ଟୋରେଟ ଅଫ୍ ଆର୍ଟିଫିସିଆଲ ଲିମ୍ବ୍ ନାମରେ ନୂଆଦିଲ୍ଲୀସ୍ଥିତ ସଫଦରଗଞ୍ଜ ହସ୍ପିଟାଲ ପରିସରରେ ଥିଲା। ୧୯୭୪ରେ ନନ୍ଦିନୀଙ୍କ ଉଦ୍ୟମ ଯୋଗୁ ଅନୁଷ୍ଠାନଟି ଓଲଟପୁରକୁ ସ୍ଥାନାନ୍ତର କରାଯାଇ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ପ୍ରସ୍ଥେଟିକ ଆଣ୍ଡ ଅର୍ଥୋଟିକ ନାମରେ ନାମିତ କରାଯାଇଥିଲା। ଏହି ଅବଦାନ ପାଇଁ ନନ୍ଦିନୀ ଦେବୀ ଚିରସ୍ମରଣୀୟ ହୋଇ ରହିବେ ବୋଲି ନିର୍‌ତାରର ବୈଷୟିକ ନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟର ନିର୍ଦ୍ଦେଶିକା ଅଞ୍ଜଳି ଭୱରୀ ମୁଖ୍ୟଅତିଥି, ପଦ୍ମଭୂଷଣ ଡ. ପ୍ରତିଭା ରାୟ ମୁଖ୍ୟବକ୍ତା, ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ସଶକ୍ତୀକରଣ ବିଭାଗ କମିଶନର ଭାସ୍କରଜ୍ୟୋତି ଶର୍ମା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି ଯୋଗଦେଇ ଦିବ୍ୟାଙ୍ଗଙ୍କ ଶିକ୍ଷାକ୍ଷେତ୍ରରେ ନିର୍‌ତାର କିପରି ଜାତୀୟ ତଥା ଅନ୍ତର୍ଜାତୀୟ ଶିକ୍ଷାନୁଷ୍ଠାନ ସହ ଅନୁବନ୍ଧିତ ହେବାକୁ ଯାଉଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ନିର୍‌ତାରକୁ ଡିମ୍ଡ ୟୁନିଭର୍ସିଟିରେ ପରିଣତ କରିବା ପାଇଁ ସେ ବିଭାଗୀୟ ସଚିବଙ୍କୁ ଅନୁରୋଧ କରିଥିଲେ। ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଶ୍ୱ ରେକର୍ଡ କରିଥିବା ହ୍ୱିଲଚେୟାର ମାରାଥନର କମଳାକାନ୍ତ ନାୟକଙ୍କୁ ସମ୍ମାନିତ କରାଯାଇଥିବାବେଳେ ଡ. ଦୀପକ ସିଂହଙ୍କ ନିର୍ଦ୍ଦେଶନାରେ ନାଟକ ‘ଟ୍ରଲିବ୍ୟାଗ’ ପରିବେଷିତ ହୋଇଥିଲା। ରଶ୍ମିରଞ୍ଜନ ସ୍ୱାଇଁ, ଶ୍ରୀକାନ୍ତ ମହାରଣାଙ୍କ ସହ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଶ୍ୱ ରେକର୍ଡ କରିଥିବା କମଳାକାନ୍ତ ନାୟକଙ୍କୁ ସମ୍ମାନିତ କରାଯାଉଛି।

**ଏସ୍‌ଭି ନିର୍‌ତାର ପ୍ରତିଷ୍ଠା ଦିବସ**

# ରାଜଧାନୀରେ ଗାଡ଼ି ବେଗ ଉପରେ ଲାଗିଲା କଟକଣା

**୫୦ କି.ମି. ବେଗରେ ଚଲାଇଲେ ୭ ହଜାର ଜରିମାନା**

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଯାନବାହନ ବେଗ ଉପରେ ଅଙ୍କୁଶ ଲଗାଯାଇଛି। ଘଣ୍ଟା ପ୍ରତି ୫୦ କିମି ବେଗରେ ଗାଡ଼ି ଚଲାଇଲେ ଲାଗୁ ହେବ ୭ ହଜାର ଜରିମାନା । ଏଥିସହ ଗାଡ଼ି ଚାଳକଙ୍କ ଲାଇସେନ୍ସ ମଧ୍ୟ ରଦ୍ଦ କରାଯିବ । ଏପରି ଯଦି ୩ ଥର ରଦ୍ଦ ହୁଏ, ତେବେ ସବୁଦିନ ପାଇଁ ଲାଇସେନ୍ସ ବାତିଲ ହୋଇଯିବ । ସହରରେ ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣିବା ପାଇଁ ଟ୍ରାଫିକ୍ ପୋଲିସ ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ।

ଦ୍ରୁତ ଗତି ଓ ମୋବାଇଲ ଫୋନରେ କଥା ହେବା କାରଣରୁ ଗାଡ଼ି ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଏହା ଚାଳକଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏଭଳି କଠୋର ପଦକ୍ଷେପ ଗ୍ରହଣ କରାଯାଇଛି । ଏ ନେଇ ରାଜଧାନୀର ୧୩ଟି ଛକରେ ଅତ୍ୟାଧୁନିକ ଏଏନ୍‌ପିଆର/ ଟିଭିଡିଏସ୍ ସିସିଟିଭି କ୍ୟାମେରା ଲଗାଯାଇଛି । ସେହି ଛକଗୁଡ଼ିକ ହେଲା ପଟିଆ, ପାୱାର ହାଉସ୍, କଳିଙ୍ଗ ଷ୍ଟାଡିୟମ, କ୍ୟାପିଟାଲ ହସ୍ପିଟାଲ, କିଟ୍ ଛକ, କିଟ୍ କ୍ୟାମ୍ପସ ନମ୍ବର–୩, ଶିଶୁଭବନ ଛକ, ବାଣୀବିହାରଠାରୁ ଶିଶୁଭବନ, କ୍ୟାପିଟାଲ ଛକ, ଶାସ୍ତ୍ରୀନଗର ଛକ, ରାଜମହଲ ଛକ, ଟ୍ରାଇଡେଣ୍ଟ ହୋଟେଲ ଓ ନାକାଗେଟ୍ । ଯଦି ଉକ୍ତ ଛକଗୁଡ଼ିକରେ ଗାଡ଼ିର ବେଗ ୫୦ କି.ମି.ରୁ ଅଧିକ ହେବ, ତେବେ ସିଟିସିଭିରେ ଚାଳକଙ୍କ ମୋବାଇଲକୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଚାଲାଣ ପଠାଯିବ । ଯଦି ଉକ୍ତ ଗାଡ଼ିଚାଳକ ଡ୍ରାଇଭିଂ ଲାଇସେନ୍ସ ଦେଖାଇବେ, ତେବେ ତାଙ୍କର ଜରିମାନା ରାଶି ୨ ହଜାର ଟଙ୍କାକୁ ହ୍ରାସ କରାଯିବ । ଏଭଳି ଘଟଣା ୩ ଥର ହେଲେ ଚତୁର୍ଥ ଥର ବେଳକୁ ଡ୍ରାଇଭିଂ ଲାଇସେନ୍ସ ସବୁଦିନ ପାଇଁ ବାତିଲ କରାଯିବ ବୋଲି କୁହାଯାଇଛି ।

# ପୁଣି ୨ ଛାତ୍ରୀ ଅସୁସ୍ଥ

**ବାସି ଡାଲମା ଖାଇ ଛାତ୍ରୀ ଅସୁସ୍ଥ ଘଟଣା**

କୋରାପୁଟ,୨୨।୨(ସ୍ୱ.ପ୍ର.)

କୋରାପୁଟସ୍ଥିତ ନବୋଦୟ ବିଦ୍ୟାଳୟରେ ବାସି ଡାଲମା ଖାଇ ଛାତ୍ରୀ ଅସୁସ୍ଥ ଘଟଣାରେ ମଙ୍ଗଳବାର ପୁଣି ୨ ଜଣ ଛାତ୍ରୀ ଗୁରୁତର ଅସୁସ୍ଥ ହୋଇ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକମେଡିକାଲ କଲେଜରେ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ସପ୍ତମ ଶ୍ରେଣୀର ଛାତ୍ରୀ ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବାବେଳେ ଅନ୍ୟ ଜଣେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ଲାଗି ବାହାରକୁ ସ୍ଥାନାନ୍ତର କରାଯାଇଛି। କୋରାପୁଟ ମେଡିକାଲରେ ଚିକିତ୍ସିତ ହେଉଥିବା ଛାତ୍ରୀଙ୍କ ଘର କୋଟପାଡରେ ବୋଲି ଜଣାପଡିଛି। ବାହାରକୁ ସ୍ଥାନାନ୍ତର ହୋଇଥିବା ଛାତ୍ରୀଙ୍କ ଘର କୋରାପୁଟର କୋଲାବ କୋଲନୀରେ। ସୂଚନାଯୋଗ୍ୟ, ଗତ ରବିବାର ରାତିରେ ଏହି ନବୋଦୟ ବିଦ୍ୟାଳୟର ଛାତ୍ରୀନିବାସରେ ଛାତ୍ରୀମାନେ ବାସି ଡାଲମା ଖାଇଥିଲେ। କିଛି ସମୟ ପରେ ୭ ଜଣ ଛାତ୍ରୀ ପେଟ ଯନ୍ତ୍ରଣା ଅନୁଭବ କରି ଗୁରୁତର ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ମେଡିକାଲ କଲେଜରେ ବିଳମ୍ବିତ ରାତିରେ ଭର୍ତ୍ତି କରିଥିଲେ ।

# ୧୩ ମାମଲା ରୁଜୁ, ୯୮ ଗିରଫ

## ଯାଜପୁର ଜିଲାରେ ନିର୍ବାଚନୀ ହିଂସା

ଯାଜପୁର ଅଫିସ,୨୨।୨

ଯାଜପୁର ଜିଲାରେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପୋଲିସ ଓ ଖବରଦାତାଙ୍କୁ ଆକ୍ରମଣ, ବୁଥ୍ କ୍ୟାପ୍‌ଚରିଂ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏଥିରୁ ପୋଲିସ ପ୍ରଶାସନର ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଉପରେ ଅଙ୍ଗୁଳି ଉଠିଛି। ଗତ ୩ ପର୍ଯ୍ୟାୟ ନିର୍ବାଚନରେ ଘଟିଥିବା ହିଂସାରେ ମଙ୍ଗଳବାର ସୁଦ୍ଧା ଯାଜପୁର ପୋଲିସ ୧୩ ମାମଲା ରୁଜୁ କରି ମୋଟ୍ ୯୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହିସବୁ ଘଟଣାରେ କେଉଁ ରାଜନୈତିକ ଦଳର ସମ୍ପୃକ୍ତି ରହିଛି ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଯାଜପୁର ଏସ୍‌ପି ରାହୁଲ ପିଆରଙ୍କ ସୂଚନା ଅନୁଯାୟୀ, ନିର୍ବାଚନୀ ହିଂସା ଘଟଣାରେ ମଙ୍ଗଳବାର ୬୯ ଜଣଙ୍କୁ ଗିରଫ କରାଯାଇଛି। ବିଞ୍ଝାରପୁର ଥାନା ଅନ୍ତର୍ଗତ ବଛାଲୋ ପଞ୍ଚାୟତରେ ନିର୍ବାଚନୀ ହିଂସା ଘଟଣାରେ ରୁଜୁ ମାମଲା(ନଂ.୧୨୬/୨୦୨୨)ରେ ୧୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଜରି ପଞ୍ଚାୟତରେ ପୋଲିସକୁ ଆକ୍ରମଣ ମାମଲା (ନଂ.୧୨୭/୨୦୨୨)ରେ ୪ଜଣ, ଦଶରଥପୁର ବ୍ଲକ୍‌ରେ ଘଟିଥିବା ନିର୍ବାଚନୀ ହିଂସା ଘଟଣାରେ ମଙ୍ଗଳପୁର ଥାନାରେ ରୁଜୁ ମାମଲା(ନଂ.୮୪/୨୦୨୨)ରେ ୧୧ ଜଣ, ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ପଞ୍ଚାୟତ ଓ ନଳିପୁର ପଞ୍ଚାୟତ ନିର୍ବାଚନରେ ସଂଘଟିତ ହିଂସା ଘଟଣାରେ ବାଲିଚନ୍ଦ୍ରପୁର ଥାନାରେ ରୁଜୁ ମାମଲା(ନଂ.୮୪/୨୦୨୨)ରେ ୭ ଜଣ, ଯାଜପୁର ବ୍ଲକ ସୁଜନପୁର ଓ ଏରବାଙ୍କ ପଞ୍ଚାୟତ ନିର୍ବାଚନ ସମୟରେ ଘଟିଥିବା ହିଂସାରେ ସଦର ପୋଲିସ ରୁଜୁ କରିଥିବା ମାମଲା(ନଂ.୫୮, ୬୨ ଓ ୬୩/୨୦୨୨) ରେ ୧୩ ଜଣ, ଅକରପଦା ପଞ୍ଚାୟତ ନିର୍ବାଚନ ସମୟରେ ଯାଜପୁର ପୋଲିସ ରୁଜୁ କରିଥିବା ମାମଲା(ନଂ.୬୨/୨୦୨୨)ରେ ୭ ଜଣ, ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ରୁଜୁ ମାମଲା(ନଂ. ୪୭ ଓ ୫୨/୨୦୨୨)ରେ ୮ଜଣ ଏବଂ ଧର୍ମଶାଳା ବ୍ଲକ ଦେଓଦା ଓ ଅରାବଳ ପଞ୍ଚାୟତ ନିର୍ବାଚନରେ ହିଂସା ଘଟଣାରେ ଧର୍ମଶାଳା ଥାନା ପୋଲିସ ରୁଜୁ କରିଥିବା ମାମଲା(ନଂ. ୯୧ ଓ ୯୨/୨୦୨୨)ରେ ୭ ଜଣଙ୍କୁ ଗିରଫ କରାଯାଇଛି। ଏହାପୂର୍ବରୁ ୨୯ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିସାରିଛି ।

# ଭାଜପା ନେତାଙ୍କ ବିରୋଧରେ ହତ୍ୟା ଅଭିଯୋଗ କଲା ବିଜେଡି

## ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ

ଭୁବନେଶ୍ୱର,୨୨।୨(ବ୍ୟୁରୋ)

ଭାଜପା ନେତାଙ୍କ ବିରୋଧରେ ବିଜେଡି ହତ୍ୟା ଅଭିଯୋଗ ଆଣିଛି । ଭଦ୍ରକ ଜିଲା ଧାମନଗର ଥାନା ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ଅଞ୍ଚଳର ପ୍ରତାପ ଚନ୍ଦ୍ର ରାଉତଙ୍କୁ ରାଜନୈତିକ ଆକ୍ରୋଶ ଯୋଗୁ ଏକ ରାଜନୈତିକ ଦଳର ଲୋକେ ପିଟିପିଟି ହତ୍ୟା କରିଥିବା ନେଇ ମୃତକଙ୍କ ସମ୍ପର୍କୀୟ ଅଭିଯୋଗ କରିଥିଲେ। ପ୍ରତାପ ସୋମବାର ରାତିରେ ଘରକୁ ଯାଉଥିବା ବେଳେ କେତେକ ଲୋକ ତାଙ୍କୁ ଆକ୍ରମଣ କରିଥିଲେ। ପ୍ରତାପଙ୍କୁ କେତେକ ଭାଜପା ନେତା ହତ୍ୟା କରିଥିବା ବିଜେଡି ଅଭିଯୋଗ କରିଛି।

ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବ୍ୟୋମକେଶ ରାୟ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ଏହି ହତ୍ୟାକାଣ୍ଡ ସମୟରେ ଉପସ୍ଥିତ ଥିବା ବିଜେଡି ଅଭିଯୋଗ କରିଛି। ତୁରନ୍ତ ମନମୋହନଙ୍କୁ ଗିରଫ କରିବାକୁ ବିଜେଡି ଦାବି କରିଛି। ମନମୋହନଙ୍କ ସମ୍ପୃକ୍ତି ନେଇ ଭିଡିଓ ଓ ପ୍ରମାଣ ପୋଲିସକୁ ଦିଆଯିବ ବୋଲି ବ୍ୟୋମକେଶ କହିଛନ୍ତି। ଏ ନେଇ ବିଜେଡିର ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଭାଜପା ନେତା ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ପ୍ରରୋଚନାରେ ଏହି ହତ୍ୟାକାଣ୍ଡ ହୋଇଛି ବୋଲି ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛି। ପଞ୍ଚାୟତ ନିର୍ବାଚନ ହାରିବା ଭୟରେ ଭାଜପା ନେତା ଓ କର୍ମୀମାନେ ହିଂସାକୁ ଆପଣାଇଛନ୍ତି। ଗତ ଫେବୃୟାରୀ ୧୪ ତାରିଖରେ ଗଜପତି ଜିଲା ଗୋଷାଣି ବ୍ଲକର ଶ୍ରଦ୍ଧାପୁର ପଞ୍ଚାୟତର ଜଣେ ବିଜେଡି ସମର୍ଥକ ସରପଞ୍ଚ ପ୍ରାର୍ଥୀଙ୍କୁ ଭାଜପା ନେତା ଓ ତାଙ୍କ ସମର୍ଥକ ମରଣାନ୍ତକ ଆକ୍ରମଣ କରିଥିଲେ। ଫେବୃୟାରୀ ୨୦ ତାରିଖରେ ଯାଜପୁର ଜିଲାର ବିଞ୍ଝାରପୁରରେ ଜଣେ ଖବରଦାତାଙ୍କୁ ଭାଜପା ନେତା ଓ ସମର୍ଥକ ଆକ୍ରମଣ କରିଥିଲେ। ହିଂସାକାଣ୍ଡରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧି ଦଳ ଦାବି କରିଛି।


ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ବିଜେଡି ନେତୃବୃନ୍ଦ ଦାବିପତ୍ର ଦେଉଛନ୍ତି।

# ଗ୍ରାହକ ହୋଇ ଆସିଲେ, ସୁନା ଗହଣା ଲୁଟିଲେ

ସମ୍ବଲପୁର,୨୨।୨(ବ୍ୟୁରୋ)- ସମ୍ବଲପୁର ଟାଉନ ଥାନା ବୈଦନାଥ ଛକ ନିକଟରେ ଥିବା ମୁଦ୍ରା ଜୁଏଲର୍ସରୁ ମଙ୍ଗଳବାର ୧୦ଲକ୍ଷ ଟଙ୍କାର ସୁନା ଗହଣା ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ରାହକ ହୋଇ ଆସି ଗହଣା ଲୁଟିନେଇ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି। ଦୋକାନ ମାଲିକ ବସନ୍ତ ମୁଦ୍ରାଙ୍କ ଅଭିଯୋଗକ୍ରମେ ଅପରାହ୍ନ ପ୍ରାୟ ୧ଟା ୪୫ ମିନିଟରେ ଏକ ଆକ୍ଟିଭାରେ ଦୁଇଜଣ ଦୁର୍ବୃତ୍ତ ଆସି ଦୋକାନ ଆଗରେ ଅଟକିଥିଲେ। ଜଣେ ବାହାରେ ଥିବାବେଳେ ଅନ୍ୟଜଣେ ଦୋକାନ ଭିତରକୁ ଆସି ଗିଫ୍ଟ ଦେବା ପାଇଁ ସୁନା ଗହଣା ଦେଖାଇବାକୁ କହିଥିଲେ। ଦୋକାନ କର୍ମଚାରୀ ତାଙ୍କୁ ଗହଣା ଦେଖାଇଥିଲେ। ଏହି ସମୟରେ ଲୁଟେରା ଜଣକ କୌଶଳ କରି ୯ଟି ସୁନାଚେନ ଥିବା ଏକ ବାକ୍ସ ଧରି ଫେରାର ହୋଇଯାଇଥିଲେ। କର୍ମଚାରୀ ଏହା ଜାଣିବା ପରେ ପିଛା କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ପାଇ ନ ଥିଲେ। ଲୁଟ୍ ଅଳଙ୍କାର ଓଜନ ପ୍ରାୟ ୩ ଶହ ଗ୍ରାମ ହେବ। ଷ୍ଟକ୍ ଯାଞ୍ଚ କରିବା ପରେ ଠିକ୍ ପରିମାଣ ଜଣାପଡିବ ବୋଲି କହିଥିଲେ। ଦୁର୍ବୃତ୍ତମାନେ ହିନ୍ଦୀ ଭାଷାରେ କଥା ହେଉଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

# ଦୁଇ ବାଇକ୍‌କୁ ପିଟିଲା କାର୍, ଜଣେ ମୃତ

ବୌଦ୍ଧ,୨୨।୨(ସ୍ୱ.ପ୍ର.)-ବୌଦ୍ଧ ମହାନଦୀ ପୋଲ ଉପରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ବୌଦ୍ଧ ପଟରୁ ରେଢ଼ାଖୋଲ ଆଡ଼କୁ ଦ୍ରୁତ ଗତିରେ ଯାଉଥିବା ଏକ କାର୍ ଓଡି ୦୨ ବିଏନ ୯୮୮୨ ସମ୍ମୁଖରୁ ଆସୁଥିବା ଗୋଟିଏ ସ୍କୁଟି ଓ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ମୋତିଲାଲ ଜୋସିରା(୨୭)ଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସହିତ ଥିବା ବୌଦ୍ଧ ବ୍ରାହ୍ମଣସାହିର ଅଭିଷେକ ସାହୁ ଓ ଅନ୍ୟ ଏକ ବାଇକ୍‌ରେ ଥିବା ସରସରା ଗ୍ରାମର ରଞ୍ଜନ ନାଏକ ଗୁରୁତର ଆହତ ହୋଇଛନ୍ତି।

# କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

**ଆମ୍ବୁଲାନ୍ସ ଧକ୍କାରେ ସାଇକେଲ ଆରୋହୀ ମୃତ**

ବୌଦ୍ଧ,୨୨।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ଖୋର୍ଦ୍ଧା–ବଲାଙ୍ଗୀର ଜାତୀୟ ରାଜପଥର ହରେକୃଷ୍ଣପୁରଠାରେ ମଙ୍ଗଳବାର ଦୁର୍ଘଟଣା ଘଟିଛି। ଆମ୍ବୁଲାନ୍ସ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ହରଭଙ୍ଗା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମର ସରଜୁ ମାହାର(୫୦)। ସେ କୁକୁଡ଼ା ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ସକାଳ ୯ଟାରେ ଗାଁ ନିକଟ ହରେକୃଷ୍ଣପୁର ଠାରେ ଥିବା ଏକ ଫାର୍ମକୁ କୁକୁଡ଼ା ଆଣିବାକୁ ସାଇକେଲରେ ଯାଉଥିବାବେଳେ ବୌଦ୍ଧ ଆଡ଼କୁ ଆସୁଥିବା ଏକ ଆମ୍ବୁଲାନ୍ସ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକ ଓ ପରିବାର ପକ୍ଷରୁ କ୍ଷତିପୂରଣ ଦାବିରେ ହରେକୃଷ୍ଣପୁରଠାରେ ସକାଳ ୯ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଖବରପାଇ ଘଟଣାସ୍ଥଳରେ ପୋଲିସ, ରାଜସ୍ୱ ନିରୀକ୍ଷକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।


ହରେକୃଷ୍ଣପୁରଠାରେ ଲୋକେ ରାସ୍ତା ଅବରୋଧ କରିଛନ୍ତି।

# ‘ବିଜ୍ଞାନ ସର୍ବତ୍ର ପୂଜ୍ୟତେ’ ଅଭିଯାନ ଉଦ୍‌ଘାଟିତ

**୨୮ ପର୍ଯ୍ୟନ୍ତ ଖୋଲା ରହିବ ବିଜ୍ଞାନ ପାଭିଲିୟନ୍**

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଆଜାଦୀ କା ଅମୃତ ମହୋତ୍ସବ’ ଅନ୍ତର୍ଭୁକ୍ତ ‘ବିଜ୍ଞାନ ସର୍ବତ୍ର ପୂଜ୍ୟତେ’ ଅଭିଯାନ ସାରା ଦେଶର ୭୫ଟି ସ୍ଥାନରେ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଜ୍ଞାନ ଓ କାରିଗରି ବିଭାଗ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟରେ ଉକ୍ତ ଅଭିଯାନ ଉଦ୍‌ଘାଟିତ ହୋଇଛି। ମାନବ ଜାତି ପାଇଁ ବିଜ୍ଞାନ ଅପରିହାର୍ଯ୍ୟ। ଭାରତରେ ବୈଜ୍ଞାନିକ ଉଦ୍ଭାବନ, ଅବିଷ୍କାର ସାଙ୍ଗକୁ କାରିଗରି କୌଶଳର ପ୍ରୟୋଗ ମାଧ୍ୟମରେ ଆତ୍ମନିର୍ଭରତାର ଉପଲବ୍ଧି ଆସିପାରିଛି। ଜୀବନର ବିଭିନ୍ନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ପାଇଁ ବିଜ୍ଞାନ ସହାୟକ ହୋଇଛି। ସେଥିପାଇଁ ବିଭିନ୍ନ ସମସ୍ୟାଗୁଡ଼ିକର ଚିହ୍ନଟ ସାଙ୍ଗକୁ ସେଗୁଡ଼ିକର ସମାଧାନ ପାଇଁ ଅନ୍ୟାନ୍ୟ କ୍ଷେତ୍ର ସହିତ ସମନ୍ୱୟ ରକ୍ଷାକରି ବୈଜ୍ଞାନିକମାନେ କାର୍ଯ୍ୟ କରୁଛନ୍ତି ବୋଲି ଉଦ୍‌ଘାଟନୀ ସଭାରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ବିଜ୍ଞାନ ଓ କାରିଗରି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ବିଜ୍ଞାନ ଏକାଡେମୀ, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେଶନ୍ କ୍ଲଷ୍ଟର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଏବଂ କିଟ୍ ବିଶ୍ୱବିଦ୍ୟାଳୟ ସହାୟତାରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, ବିଜ୍ଞାନ ଓ କାରିଗରି ବିଭାଗର ଶାସନ ସଚିବ ମନୋଜ କୁମାର ମିଶ୍ର, ଓଡ଼ିଶା ବିଜ୍ଞାନ ଏକାଡେମୀ ସଭାପତି ପ୍ରଫେସର ବିଭୂତି ଭୂଷଣ ମିଶ୍ର, ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ, ଆର୍‌ଏମ୍‌ଆର୍‌ସି ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି, ଭୁବନେଶ୍ୱର ସିଟି ନଲେଜ୍ ଇନୋଭେଶନ୍ କ୍ଲଷ୍ଟର ଅଧ୍ୟକ୍ଷ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର, ସିଏସ୍‌ଆଇଆର୍–ଆଇଆଇଏମ୍‌ଟି ନିର୍ଦ୍ଦେଶକ ପ୍ରଫେସର ସୁଧାସତ୍ତ୍ୱ ବସୁ ପ୍ରମୁଖ ଯୋଗଦେଇଥିଲେ। ନଲେଜ୍ ଇନୋଭେଶନ୍ କ୍ଲଷ୍ଟର ନିର୍ଦ୍ଦେଶକ ଡ. ପ୍ରଶାନ୍ତ ସିଂହ ଧନ୍ୟବାଦ ଦେଇଥିଲେ। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ବିଜ୍ଞାନ ପାଭିଲିଅନ୍ ଖୋଲିଛି। ଛାତ୍ରୀଛାତ୍ର, ଯୁବବର୍ଗ ତଥା ଜନସାଧାରଣଙ୍କୁ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନ ସମ୍ପର୍କରେ ଅବଗତି ସମେତ ବିଜ୍ଞାନ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି କରାଇବା ‘ବିଜ୍ଞାନ ସର୍ବତ୍ର ପୂଜ୍ୟତେ’ କାର୍ଯ୍ୟକ୍ରମର ଆଭିମୁଖ୍ୟ ବୋଲି ସୂଚନା ଦିଆଯାଇଛି।

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ,
୨ୟ ମହଲା, ଶ୍ରୀମା କନଷ୍ଟ୍ରକ୍ସନ୍ ବିଲ୍ଡିଂ, ସା/ପୋ: ମଧୁପାଟଣା, କଟକ, ଓଡ଼ିଶା, ପିନ୍-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା/ ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ବଜରଙ୍ଗ ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ଉମାକାନ୍ତ ଡ଼ାଙ୍ଗୁଆ, ସା/ପୋ.: ବାସୁଦେବପୁର, ଜିଲ୍ଲା: ଭଦ୍ରକ-୭୫୬୧୨୫ | ଜାମିନ୍‌ଦାର: ଶ୍ରୀମତୀ ସାବିତ୍ରୀ ଡ଼ାଙ୍ଗୁଆ, ସ୍ୱାମୀ: ଶ୍ରୀ ଉମାକାନ୍ତ ଡ଼ାଙ୍ଗୁଆ, ସା/ପୋ.: ବାସୁଦେବପୁର, ଜିଲ୍ଲା: ଭଦ୍ରକ-୭୫୬୧୨୫ / ସମ୍ପତ୍ତି ମାଲିକମାନେ: ଶ୍ରୀ ଉମାକାନ୍ତ ଡ଼ାଙ୍ଗୁଆ ଏବଂ ଶ୍ରୀମତୀ ସାବିତ୍ରୀ ଡ଼ାଙ୍ଗୁଆ | ୧) ଶ୍ରୀ ଉମାକାନ୍ତ ଡ଼ାଙ୍ଗୁଆଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସମିଆଁ, ଖାତା ନଂ.: ୧୧୦/୫୮, ପ୍ଲଟ୍ ନଂ.: ୧୯୧/୩୬୧, କ୍ଷେତ୍ର: ଏକର୦.୦୬୦ଡିସିମିଲି, କିସମ: ଘରବାରି, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ୨) ଶ୍ରୀମତୀ ସାବିତ୍ରୀ ଡାଙ୍ଗୁଆଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସମିଆଁ, ଖାତା ନଂ.: ୧୧୦/୭୭, ପ୍ଲଟ୍ ନଂ.: ୧୯୧/୩୬୧/୩୭୨ (ଘରବାରି), କ୍ଷେତ୍ର: ଏକର୦.୦୬୦ଡିସିମିଲି, କିସମ: ଘରବାରି, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ | ୦୪.୧୨.୨୦୨୧ | ୧୮.୦୨.୨୦୨୨ | ୦୩.୧୨.୨୦୨୧ ସୁଦ୍ଧା ଟ.୪୯,୦୯,୧୯୭/- + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ସ୍ଥାନ: କଟକ, ତାରିଖ: ୨୨.୦୨.୨୦୨୨
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ, ୨ୟ ମହଲା,
ଶ୍ରୀମା କନଷ୍ଟ୍ରକ୍ସନ୍ ବିଲ୍ଡିଂ, ସା/ପୋ: ମଧୁପାଟଣା, କଟକ, ଓଡ଼ିଶା, ପିନ୍-୭୫୩୦୧୦
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **“ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି” ଏବଂ “ସେଠାରେ ଯାହା ଅଛି”** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୭.୦୩.୨୦୨୨ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ |
|---|---|---|---|---|
| ୧. | ଋଣଗ୍ରହୀତା: ମେସର୍ସ ଶ୍ରଦ୍ଧାନନ୍ଦ ରାଇସ୍ ମିଲ୍ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ସ୍ୱ ସଞ୍ଜିତ କୁମାର ସାହୁ, ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ / ଜାମିନ୍‌ଦାରମାନେ: ୧) ଶ୍ରୀମତୀ ଶାନ୍ତିଲତା ସାହୁ, ୨) ଶ୍ରୀମତୀ ରଞ୍ଜିତା ସାହୁ, ୩) ସ୍ୱ ସଞ୍ଜିତ କୁମାର ସାହୁ, ସମସ୍ତଙ୍କ ଠିକଣା- ସା/ପୋ: ସୋମପୁର, ଜିଲ୍ଲା: କଟକ, ପିନ୍-୭୫୪୧୩୦ / ଆକାଉଣ୍ଟ ନଂ.: ୩୦୭୦୯୯୬୨୬୪୨, ୩୦୭୧୬୭୭୦୦୪୩ | (କ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଅରିଲୋ, ଖାତା ନଂ.: ୪୩୦, ପ୍ଲଟ୍ ନଂ.: ୫୫୯, କ୍ଷେତ୍ର: ଏକର୦.୫୫୦ ଡିସିମିଲି, ପ୍ଲଟ୍ ନଂ.: ୫୮୩, କ୍ଷେତ୍ର: ଏକର୦.୫୭୦ ଡିସିମିଲି, ପ୍ଲଟ୍ ନଂ.: ୫୯୭, କ୍ଷେତ୍ର: ଏକର୩.୧୫୦ ଡିସିମିଲି ଏବଂ ଖାତା ନଂ.: ୫୨, ପ୍ଲଟ୍ ନଂ.: ୫୯୬, କ୍ଷେତ୍ର: ଏକର୦.୫୪୦ଡିସିମିଲି, କିସମ: ଘରବାରି | ଟ.୧,୯୯,୦୦,୦୦୦/- / ଟ.୧୯,୯୦,୦୦୦/- / ଟ.୧,୦୦,୦୦୦/- | ୩୧.୧୨.୨୦୨୧ ପର୍ଯ୍ୟନ୍ତ ସୁଧ ସହିତ ଟ.୭,୮୦,୩୮,୦୧୧.୫୯ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୫.୦୫.୨୦୧୪ |
| | | (ଖ) ସ୍ୱ ସଞ୍ଜିତ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସୋମପୁର, ତହସିଲ: କିଶାନ ନଗର, ଜିଲ୍ଲା: କଟକ, ଖାତା ନଂ.: ୫୪୮, ପ୍ଲଟ୍ ନଂ.: ୬୩୭, କ୍ଷେତ୍ର: ଏକର୦.୧୧୦ ଡିସିମିଲି, ପ୍ଲଟ୍ ନଂ.: ୬୪୦, କ୍ଷେତ୍ର: ଏକର୦.୧୪୦ଡିସିମିଲି, ପ୍ଲଟ୍ ନଂ.: ୬୩୬, କ୍ଷେତ୍ର: ଏକର୦.୦୭୦ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୩୨୦ଡିସିମିଲି**, କିସମ: ଘରବାରି | ଟ.୫୦,୫୨,୬୦୦/- / ଟ.୫,୦୫,୨୬୦/- / ଟ.୫୦,୦୦୦/- | |
| | | (ଗ) ଶ୍ରୀମତୀ ଶାନ୍ତିଲତା ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସୋମପୁର, ତହସିଲ: କିଶାନ ନଗର, ଜିଲ୍ଲା: କଟକ, ଖାତା ନଂ.: ୬୦୮/୧୪, ପ୍ଲଟ୍ ନଂ.: ୬୩୮/୨୦୬୬, କ୍ଷେତ୍ର: ଏକର୦.୦୮୦ଡିସିମିଲି, କିସମ: ଘରବାରି | ଟ.୨୦,୭୭,୨୦୦/- / ଟ.୨,୦୭,୭୨୦/- / ଟ.୫୦,୦୦୦/- | |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ତା.୧୧.୦୩.୨୦୨୨ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଚନ୍ଦନ କୁମାର ମହଲା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୫୦୬୨୪୫୩୩୯ ଏବଂ ଶ୍ରୀ ମୁକ୍ତିକାନ୍ତ ଶତପଥୀ (ସିଟି କେସ୍ ଅଫିସର), ମୋ.: ୯୦୭୮୧୩୬୧୯୯

ତାରିଖ : ୨୨.୦୨.୨୦୨୨, ସ୍ଥାନ : କଟକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। –ଶ୍ରୀଅରବିନ୍ଦ



# ଜାଣିବା ଦରକାର ନାହିଁ

ଭାରତୀୟ ଇତିହାସ, ସଂସ୍କୃତି ଓ ଐତିହ୍ୟ ଉପରେ ଭାରତ ସରକାର ସର୍ବଦା ଗୁରୁତ୍ୱ ଦେଉଥିବା କହୁଛନ୍ତି। ହେଲେ ବିଦେଶ ବିଶ୍ୱବିଦ୍ୟାଳୟରେ ଏହି ହ୍ୟୁମାନିଟିଜ୍ ସବ୍‌ଜେକ୍ଟସ ବା ମାନବବାଦୀ ବିଷୟ ପଢ଼ିବା ଲାଗି ଜାତୀୟ ଦରିଆପାରି ମେଧାବୃତ୍ତି (ଏନ୍‌ଓଏସ୍) ସକାଶେ ଆବେଦନ କରୁଥିବା ଛାତ୍ରୀଛାତ୍ରଙ୍କୁ ଆଉ ସେହି ସୁବିଧା ଦିଆଯିବ ନାହିଁ ବୋଲି ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟ ନିୟମାବଳୀ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ, ଭାରତରେ ଏହିସବୁ ବିଷୟ ପଢ଼ିବା ଲାଗି ଏଠାକାର ବିଶ୍ୱବିଦ୍ୟାଳୟରେ ପାଠର ଭଣ୍ଡାର ରହିଛି। ତେଣୁ ସେହି ବିଷୟଗୁଡ଼ିକ ବିଦେଶରେ ପଢ଼ିବା ଲାଗି ଅର୍ଥ ବ୍ୟୟ କରିବାର ଆବଶ୍ୟକତା ନାହିଁ। ଏହା ପରିବର୍ତ୍ତେ ବିଦେଶ ବିଶ୍ୱବିଦ୍ୟାଳୟରେ ଅନ୍ୟାନ୍ୟ ବିଷୟ ଉପରେ ବିଶେଷ ଜ୍ଞାନ ଆହରଣ କରିବା ନିମନ୍ତେ ସମ୍ବଳ ବିନିଯୋଗ କରାଯାଇପାରିଲେ ମଙ୍ଗଳଦାୟକ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯିବା ପରେ ବିଭିନ୍ନ ଆଡ଼ୁ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବାସ୍ତବରେ ଦେଖିଲେ ମନୁବାଦ ଚିନ୍ତାଧାରା ଭାରତୀୟ ସାମାଜିକ ପ୍ରଗତିକୁ ସବୁବେଳେ ବାଧା ପହଞ୍ଚାଇଆସିଛି। ସେଥିରେ ଅନେକ ସକାରାତ୍ମକ ଚିନ୍ତାଧାରା ଥିବା ସତ୍ତ୍ୱେ ସାଧାରଣରେ ଯାହା ହୁଏ ତାହା ହିଁ ହୋଇଛି। ଅର୍ଥାତ୍ ସକାରାତ୍ମକ ଦିଗକୁ ଛାଡ଼ିଦେଇ ସମାଜ ପାଇଁ ଯାହାସବୁ ନକାରାତ୍ମକ ସେତିକି ଉପରକୁ ଦିଶୁଛି। ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏବେ ନେଇଥିବା ନିଷ୍ପତ୍ତି ପଛରେ ଏକ ଷଡ଼ଯନ୍ତ୍ର ରହିଛି ବୋଲି ବୁଝାପଡୁଛି। ପ୍ରକୃତ କଥା ହେଉଛି ଯେତେବେଳେ ଭାରତୀୟ ଯୁବପିଢ଼ି ବିଦେଶ ଯାଇ ଭାରତୀୟ ଇତିହାସ, ସଭ୍ୟତା, ସଂସ୍କୃତି, ଐତିହ୍ୟ ବିଷୟରେ ପଢ଼ିବେ ସେତେବେଳେ ସେମାନେ ସବୁ ଦିଗରୁ ବୁଝିବାର ସୁଯୋଗ ପାଇବେ। ଯେଉଁ ବହିଗୁଡ଼ିକୁ ଭାରତରେ ପଢ଼ିବା ସମ୍ଭବ ନୁହେଁ, ତାହାକୁ ସେମାନେ ବିଦେଶରେ ଭଲ ଭାବେ ପଢ଼ିପାରିବେ। ଉଦାହରଣସ୍ୱରୂପ ୱେଣ୍ଡି ଡନିଗରଙ୍କ 'ଦି ହିନ୍ଦୁ: ଆନ୍ ଅଲ୍‌ଟରନେଟିଭ୍ ହିଷ୍ଟ୍ରି' ପୁସ୍ତକର ବିକ୍ରିକୁ ଭାରତ ସରକାର ଏହି ଦେଶରେ ନିଷିଦ୍ଧ କରିଦେଇଛନ୍ତି। ସେହିସବୁ ପାଶ୍ଚାତ୍ୟ ଚିନ୍ତାଧାରା ସବୁବେଳେ ଖ୍ରୀଷ୍ଟଧର୍ମ ଦିଗରୁ ଭାରତୀୟମାନଙ୍କୁ ସମାଲୋଚନା କରୁଛି ବୋଲି କେତେକ ମହଲରୁ ଯେଉଁ ଯୁକ୍ତି ବଢ଼ାଯାଏ, ତାହା ନିର୍ବୁଦ୍ଧିଆର ଲକ୍ଷଣ। ସାଧାରଣରେ ମଣିଷ ଚରିତ୍ର ନିଜର ତ୍ରୁଟିକୁ ସ୍ୱୀକାର କରେନାହିଁ। ଅପରପଟେ ଇତିହାସର ଦ୍ୱାହି ଦେଇ ଦୀର୍ଘକାଳ ରହିଆସିଥିବା ଜାତିପ୍ରଥା ଭଳି ଅସାମାଜିକ ଚିନ୍ତାଧାରାକୁ ଏପର୍ଯ୍ୟନ୍ତ ବଞ୍ଚାଇ ରଖାଯାଇଛି। ଯେଉଁମାନେ ଜାତିପ୍ରଥାକୁ ସମର୍ଥନ କରନ୍ତି ସେମାନଙ୍କ ଯୁକ୍ତି ଅସରନ୍ତି। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟର ଉପରଲିଖିତ ନିଷ୍ପତ୍ତି ସ୍ପଷ୍ଟ କରିଦେଉଛି ଯେ ଭାରତୀୟ ଇତିହାସ ଓ ସଂସ୍କୃତି ଉପରେ ନିରପେକ୍ଷ ଗବେଷଣାକୁ ଆଜିର ଭାରତୀୟ ବ୍ୟବସ୍ଥା ଚିହ୍ନିବାକୁ ଅନିଚ୍ଛୁକ। ବିଦେଶ ବିଶ୍ୱବିଦ୍ୟାଳୟରେ ବଞ୍ଚିରହିଥିବା ନିରପେକ୍ଷତା ଏବେକାର ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରାକୁ ବ୍ୟସ୍ତ କରୁଥିବା ଭଳି ମନେହେଉଛି। ଏହାର ଅନ୍ୟ ଏକ ମାରାତ୍ମକ ଦିଗକୁ ବି ଦେଖାଯିବା ଦରକାର। ଏହି ବ୍ୟବସ୍ଥା ଭାରତୀୟ ଇତିହାସକୁ ସମ୍ପୂର୍ଣ୍ଣ ଭାବେ ବଦଳାଇଦେବାକୁ ଚେଷ୍ଟିତ। ଇତିହାସ କେବଳ ଜବାହରଲାଲ୍ ନେହେରୁଙ୍କଠାରେ ଅଟକି ଯାଇନାହିଁ। ଏହି ଚିନ୍ତାଧାରା ମୋଗଲ ଶାସନକୁ ମଧ୍ୟ ଇତିହାସରୁ ଲୋପ କରିଦେବା ପାଇଁ ସୁଯୋଗ ମିଳିଲେ କରିଦିଅନ୍ତା। ଏହାର ଅର୍ଥ ନୁହେଁ ଯେ, ମୁସଲମାନ ଶାସକମାନେ ଭାରତ ପାଇଁ ମଙ୍ଗଳମୟ ହୋଇଥିଲେ। କିନ୍ତୁ ଇତିହାସର ବାସ୍ତବତାକୁ ବଦଳାଇ ଦେଲେ ଆଜିର ଭାରତୀୟ ଚରିତ୍ର ସୁଦୃଢ଼ ହେବା ପରିବର୍ତ୍ତେ ଅଧିକ ଦୁର୍ବଳ ହେବାର ସବୁ ସମ୍ଭାବନା ରହିଛି। ଉଦାହରଣ ସ୍ୱରୂପ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଇତିହାସ ଦେଖାଯାଉ। ସେ ଜେଲରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ରହି ପ୍ରାଣ ହରାଇଥିଲେ। ତେବେ ସୁରେନ୍ଦ୍ର ସାଏଙ୍କୁ ବ୍ରିଟିଶ ହାତରେ ଧରାଇଦେବାରେ ତାଙ୍କ ନିଜ ଲୋକଙ୍କ ହାତ ଥିଲା ବୋଲି ସାଧାରଣରେ ଜଣା। ଏଭଳି ଇତିହାସ ଅନେକ ତଥାକଥିତ ଦେଶପ୍ରେମୀ ବୋଲାଉଥିବା ଲୋକଙ୍କୁ ବାଧିପାରେ। ଆଜିର ସ୍ଥିତିରେ ଏହିଭଳି ଅପ୍ରିୟ ସତ୍ୟକୁ ଲୁଚାଇଦେବାର ଉଦ୍ୟମ ଏବେ ଆରମ୍ଭ ହୋଇଛି। ସେଥିପାଇଁ ଏବର ସବୁ ବିଫଳତାକୁ ବୁଝାଇଦେବା ପାଇଁ ଇତିହାସ ତ୍ରୁଟିର ଦ୍ୱାହି ଦିଆଯାଉଛି। ତେଣୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଚାହୁଁ ନାହିଁ ଭାରତୀୟ ଛାତ୍ରୀଛାତ୍ର ବିଦେଶ ଯାଇ ଭାରତର ବାସ୍ତବ ଇତିହାସ ପଢ଼ନ୍ତୁ ଓ ତାହା ଉପରେ ଅଧିକ ଗବେଷଣା କରନ୍ତୁ। ଏବେ ଯେଉଁଭଳି ଭାବେ ପ୍ରକୃତ ଇତିହାସକୁ ବଦଳାଇ ଦେବାର ଉଦ୍ୟମ ହେଉଛି, ତାହା ଆଗାମୀ ପିଢ଼ିକୁ ବାସ୍ତବତାଠାରୁ ଦୂରେଇ ଦେବ।

# ଦୁର୍ନୀତିର ମଞ୍ଜି ନିର୍ବାଚନୀ ଖର୍ଚ୍ଚ



ସହଦେବ ସାହୁ

ସାରା ଭାରତ କଥା ବହୁତ ବଡ଼, ଆସନ୍ତୁ କେବଳ ଓଡ଼ିଶା କଥା ଦେଖିବା। ଏମ୍‌ଏଲ୍‌ଏ ଆଉ ଏମ୍‌ପି ନିର୍ବାଚନ କଥା ବି ଛାଡ଼ିଦେବା। ଗଣତନ୍ତ୍ରର ଶିକ୍ଷାକ୍ଷେତ୍ର ହେଉଛି ପଞ୍ଚାୟତିରାଜ; ତାହା ପୁଣି ତ୍ରିସ୍ତରୀୟ। ସର୍ବନିମ୍ନ ସ୍ତର ହେଉଛି ଗ୍ରାମପଞ୍ଚାୟତ, ତା' ଉପରେ ପଞ୍ଚାୟତ ସମିତି ଓ ତା' ଉପରେ ଜିଲା ପରିଷଦ। ଜିଲା ପରିଷଦର ସଭ୍ୟମାନେ ନିର୍ବାଚିତ କରିବେ ଜିଲା ପରିଷଦ ଅଧ୍ୟକ୍ଷ, ସେ ସାରା ଜିଲାର ଗଣତାନ୍ତ୍ରିକ ବ୍ୟବସ୍ଥାର ମୁଖ୍ୟ। ତାଙ୍କ ଇଲାକା କଥା ଭାବନ୍ତୁ, ସାରା ରାଜ୍ୟ ୧୪୭ ବିଧାୟକ ଆଉ ୨୧ ସାଂସଦ ପଠାଏ ତ ମାତ୍ର ୩୦ଟି ଜିଲା ପାଇଁ ୩୦ଟି ଜିଲା ପରିଷଦ, ତହିଁର ସଦସ୍ୟମାନେ ସେମାନଙ୍କ ଭିତରୁ ଜଣକୁ ଅଧ୍ୟକ୍ଷ ନିର୍ବାଚିତ କରିବେ। ତା' ମାନେ ପ୍ରତ୍ୟେକ ଜିଲାପରିଷଦ ସଦସ୍ୟ ଜଣେ ଜଣେ ସମ୍ଭାବ୍ୟ ଅଧ୍ୟକ୍ଷ। ଜିଲା ପରିଷଦର ଅଧ୍ୟକ୍ଷ ଯେଉଁ ଜନତା ଓ ଇଲାକାର କଥା ବୁଝିବେ ତାହା ହାରାହାରି ୪.୯ (୫ ବୋଲି ଧରାଯାଉ) ଏମ୍‌ଏଲ୍‌ଏଙ୍କ ସଙ୍ଗେ ସମାନ, ପ୍ରାୟ ୦.୭ (୧ ବୋଲି ଧରାଯାଉ) ଲୋକ ସଭା ସାଂସଦ ସହ ସମାନ। ଗଞ୍ଜାମ ଜିଲା ପରିଷଦର ଚେୟାରମ୍ୟାନ ତ ଆସ୍କା ଆଉ ବ୍ରହ୍ମପୁର ଦୁଇ ଏମ୍‌ପି ତଥା ୧୪ ଏମ୍‌ଏଲ୍‌ଏଙ୍କ ଇଲାକା ଓ ଲୋକ ସଂଖ୍ୟା ନିୟନ୍ତ୍ରଣ କରିବେ; ଗଞ୍ଜାମ ଜିଲା ପରିଷଦରେ ଦୁଇ ଜଣ ଲୋକ ସଭା ଓ ଜଣେ ରାଜ୍ୟ ସଭା ସାଂସଦ ସାଧାରଣ ସଭ୍ୟ ରୂପେ ରହିବେ। ପୁଣି ଖୋଦ୍ ଜିଲାପାଳ ଜିଲା ପରିଷଦର ପ୍ରଶାସନିକ ଅଧିକାରୀ, ତେଣୁ ଆଇନତଃ ଜିଲାପରିଷଦ ଅଧ୍ୟକ୍ଷଙ୍କ ପଦ ଓ ମର୍ଯ୍ୟାଦା ବିଧାୟକ ତଥା ସାଂସଦମାନଙ୍କଠାରୁ ଉଚ୍ଚତର। ଜିଲା ପରିଷଦର ସଭ୍ୟମାନେ ହିଁ ଚେୟାରମ୍ୟାନ ନିର୍ବାଚିତ କରିବେ, ଏପରି ସମ୍ଭାବନା ପାଇଥିବା ପ୍ରତ୍ୟେକ ଜିଲାପରିଷଦ–ସଭ୍ୟ ଏମ୍‌ଏଲ୍‌ଏ ଓ ଏମ୍‌ପିଠାରୁ ଉଚ୍ଚତର; କିନ୍ତୁ ସେମାନଙ୍କୁ ସେ ପ୍ରକାରର କ୍ଷମତା ଓ ମର୍ଯ୍ୟାଦା ମିଳୁନାହିଁ, କାରଣ ରାଜ୍ୟ ପାଇଁ ଆଇନ ତିଆରି କରୁଥିବା ଏମ୍‌ଏଲ୍‌ଏମାନେ କି ରାଜ୍ୟ ସରକାର ସେଭଳି ଖାତିର ଦେଖାଉ ନାହାନ୍ତି।

ଏବେ ଆସନ୍ତୁ ଦେଖିବା ବର୍ତ୍ତମାନର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରସଙ୍ଗ: ଯାହାର ନିର୍ବାଚନ ଫେବୃୟାରୀ ୧୬ରୁ ୨୪ ଯାଏ। ପ୍ରତ୍ୟେକ ପ୍ରାର୍ଥୀ କେତେ ଖର୍ଚ୍ଚ କରିପାରିବେ ତାହା ନିର୍ବାଚନ କମିଶନ ନିର୍ଦ୍ଦିଷ୍ଟ କରିଛନ୍ତି। ପ୍ରତି ସରପଞ୍ଚ ପ୍ରାର୍ଥୀ ଟ.୨,୦୦,୦୦୦ (ଦୁଇ ଲକ୍ଷ ଟଙ୍କା) ଯାଏ ଖର୍ଚ୍ଚ କରିପାରିବେ। ସମିତି ମେମ୍ବର ପ୍ରାର୍ଥୀ ବି ସେତିକି ଖର୍ଚ୍ଚ କରିପାରିବେ। ଆଉ ୱାର୍ଡ ମେମ୍ବର ପ୍ରାର୍ଥୀ ବି। ଜିଲା ପରିଷଦ ପ୍ରାର୍ଥୀ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ଏମ୍‌ଏଲ୍‌ଏ ଓ ଏମ୍‌ପି ନିର୍ବାଚନରେ ପ୍ରାର୍ଥୀର ନିର୍ବାଚନୀ ଖର୍ଚ୍ଚର ସୀମା ଏହାଠାରୁ ବହୁତ ବେଶି, ୫୬ ଲକ୍ଷରୁ ୭୦ ଲକ୍ଷ ଯାଏ। ଏହାଠାରୁ ବେଶି ଖର୍ଚ୍ଚ କଲେ ବି ହିସାବ ପତ୍ରରେ କମ୍ ଦେଖାନ୍ତି। ପ୍ରତି ନିର୍ବାଚନମଣ୍ଡଳୀରେ ଏକାଧିକ ପ୍ରାର୍ଥୀ, ଏକ ହେଲେ ତ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଯିବେ, ପ୍ରଚାର–ଖର୍ଚ୍ଚ ଆଦୌ ହେବ ନାହିଁ। ଆମ ରାଜ୍ୟରେ ଏବେ ଫେବୃୟାରୀ ୧୬ରୁ ୨୪ ମଧ୍ୟରେ ହେଉଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ସଂଖ୍ୟା ଦେଖନ୍ତୁ। ସରପଞ୍ଚ ପ୍ରାର୍ଥୀ ସଂଖ୍ୟା ୨୬, ୫୩୯, ସମିତି ମେମ୍ବର ପ୍ରାର୍ଥୀ ସଂଖ୍ୟା ୨୨,୧୦୯, ୱାର୍ଡମେମ୍ବର ପ୍ରାର୍ଥୀ ସଂଖ୍ୟା ୧,୩୭,୧୬୩ ଏବଂ ଜିଲାପରିଷଦ ଆସନ ପାଇଁ ପ୍ରାର୍ଥୀ ସଂଖ୍ୟା ୩୨୮୮। ସେମାନଙ୍କୁ ମିଳିଥିବା ଖର୍ଚ୍ଚର ସୀମା ଯଦି ସମସ୍ତେ ମାନନ୍ତି ତେବେ ହିସାବ ଏପରି ହେବ: ୨୬,୫୩୯ ସରପଞ୍ଚ ପ୍ରାର୍ଥୀ ୫୩୦ କୋଟି ୭୮ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ; ସମିତି ମେମ୍ବର ପ୍ରାର୍ଥୀ ସଂଖ୍ୟା ୨୨,୧୦୯, ସେମାନେ ଖର୍ଚ୍ଚ କରିପାରିବେ ୪୪୨ କୋଟି ୨୨ ଲକ୍ଷ ଟଙ୍କା; ୱାର୍ଡମେମ୍ବର ପ୍ରାର୍ଥୀ ସଂଖ୍ୟା ୧,୩୭,୧୬୩, ପ୍ରତ୍ୟେକ ୨ ଲକ୍ଷ ଲେଖାଏ ଖର୍ଚ୍ଚ କରିପାରିବେ ୨୭୪୩ କୋଟି ୨୬ ଲକ୍ଷ ଟଙ୍କା; ଜିଲାପରିଷଦ ଆସନ ପାଇଁ ପ୍ରାର୍ଥୀ ୩୨୮୮, ପ୍ରତ୍ୟେକ ୫ ଲକ୍ଷ ଲେଖାଏ ୧୬୪ କୋଟି ୪୦ ଲକ୍ଷ ଖର୍ଚ୍ଚ କରିପାରିବେ; ଅର୍ଥାତ୍ ୧୬ରୁ ୨୪ ତାରିଖ ଭିତରେ ମୋଟ ଖର୍ଚ୍ଚ ହୋଇଥିବ ୨୯୦୭ କୋଟି ୬୬ ଲକ୍ଷ ଟଙ୍କା। ନିର୍ବାଚନ ପ୍ରଚାରରେ ଏତିକି ଖର୍ଚ୍ଚ ଅର୍ଥ ବ୍ୟବସାୟିକ ଭାଷାରେ ପୁଞ୍ଜିନିବେଶ ବୋଲି ଧରାହେବ, ଯେଉଁମାନେ ହାରିଯିବେ ସେମାନଙ୍କ ପଇସା ଗଲା, କିନ୍ତୁ ଯେଉଁମାନେ ଜିତିବେ ସେମାନେ ନିବେଶିତ ପୁଞ୍ଜିର ଲାଭ ଉଠାଇବେ। ଏହି ତ ଦୁର୍ନୀତିର ମଞ୍ଜି। ନିର୍ବାଚନ କମିଶନଙ୍କ ଅନୁମୋଦିତ ସୀମାର ପାଞ୍ଚ ଛ' ଗୁଣ ଜଣେ ଜଣେ ପ୍ରାର୍ଥୀ ଖର୍ଚ୍ଚ କରିଥିବେ, କିନ୍ତୁ ଖର୍ଚ୍ଚକୁ ଲୁଚେଇ କମିଶନକୁ ହିସାବ ଦେବେ ସିନା ଖର୍ଚ୍ଚ ଅନୁପାତରେ ଲାଭ ଉଠାଇବେ! ଅବଶ୍ୟ କେତେକ କମ୍ ଖର୍ଚ୍ଚରେ ସାରିଦେବେ। ୬୭୯୮ ସରପଞ୍ଚ, ସେତିକି ନାଏବ୍ ସରପଞ୍ଚ, ୬୬୬୫ ପଞ୍ଚାୟତ ସମିତି ମେମ୍ବର, ୮୫୩ ଜିଲା ପରିଷଦ ମେମ୍ବର। ନିର୍ବାଚିତ ପ୍ରତିନିଧି ହିସାବରେ ବିଜୟୀ ପ୍ରାର୍ଥୀମାନେ ଯେଉଁ ଦରମା ପାଇବେ ତାହା ହେଲା: ପଞ୍ଚାୟତ ସମିତି ମେମ୍ବର ମାସକୁ ଟ.୨୩୫୦, ବ୍ଲକ୍ ଚେୟାରମ୍ୟାନ୍ ମାସକୁ ଟ.୩୫୩୦, ସରପଞ୍ଚ ମାସକୁ ଟ.୨୩୫୦, ଜିଲାପରିଷଦ ସଭ୍ୟ ମାସକୁ ଟ.୭୦୪୦, ଚେୟାରମ୍ୟାନ୍ ମାସକୁ ଟ.୯୩୮୦, ଗାଏ ମୋଟ ବର୍ଷକୁ ରାଜ୍ୟର ରାଜକୋଷରୁ ପାଇବେ ୧୦ କୋଟି ଟଙ୍କାରୁ ସାମାନ୍ୟ ବେଶି। ଅବଶ୍ୟ ସେମାନେ ସଭାରେ ଯୋଗଦେବା ଲାଗି ଦୈନିକ ଭତ୍ତା ପାଇବେ, ଯଥା ୱାର୍ଡମେମ୍ବର ଓ ନାଏବ ସରପଞ୍ଚ ଟ.୪୦, ଚେୟାରମ୍ୟାନ୍‌ଙ୍କ ସିଟିଂ ଫି ଟ.୨୦୦। ବିଶେଷ ଭାବରେ ଗୋଟିଏ ହିସାବ ଦେଖନ୍ତୁ: ପଞ୍ଚାୟତ ସମିତି ମେମ୍ବର ମାସକୁ ୨୩୫୦ ଟଙ୍କା ପାରିଶ୍ରମିକ ପାଇବ, ବର୍ଷକୁ ୨୮,୨୦୦, ପାଞ୍ଚ ବର୍ଷକୁ ୧,୪୧,୦୦୦ଟଙ୍କା, ଅଥଚ ସେ ନିର୍ବାଚନ ପ୍ରଚାର ପାଇଁ ଆଇନ ଅନୁଯାୟୀ ଗାଡ଼ି ଘୋଡ଼ା ବ୍ୟବହାର ସହ ଗାଏ ମୋଟ ୨,୦୦,୦୦୦ ଟଙ୍କା ଖର୍ଚ୍ଚ କରିଥିବ, ସେ ତ ୫୯,୦୦୦ ଟଙ୍କା ହରାଇଲା। ଅନୁମୋଦିତ ରାଶିଠାରୁ ବହୁତ ବେଶି ଅଧିକାଂଶ ପ୍ରାର୍ଥୀ ଖର୍ଚ୍ଚ କରିଥିବେ। ୨ ଲକ୍ଷ ଧରିଲେ ବି ତାହାର ମୂଲ୍ୟ ୫ ବର୍ଷ ପରେ ୧୦ ସୁଧ ହାରରେ ସମୂଳସୁଧ ହୋଇଥିବ ୩,୦୦,୦୦୦ ଟଙ୍କା। ଦରମା ଆକାରରେ ଏହାର ଅଧାରୁ କମ୍ ପାଇବା ଲାଗି କ'ଣ ସେ ରାଜନୀତିରେ ପଶିଛି? ତେଣୁ ସେ ବିଭିନ୍ନ ସରକାରୀ ଯୋଜନାରୁ ଓ କାମରୁ ଲାଭ ପାଇବାର ଆଶା ରଖିଥିବା ଲୋକଙ୍କଠାରୁ କୌଣସି ସରକାରୀ ଉପଭୋଗ ବା ଅନୁଦାନ ଯୋଗାଇଦେବା ସୁବିଧା କରାଇଦେବା ଆଳରେ ୩ ଲକ୍ଷରୁ ବେଶି ଆଦାୟ କରିବ। କେତେକ କାମ ସେ କରିପାରିବ ନାହିଁ, ତାହାର ପାହ୍ୟା ବା ପ୍ରଭାବର ଭଡ଼ା ସ୍ୱରୂପ ସେ ପଇସା ଆଦାୟ କରିବ। ପ୍ରାର୍ଥୀ ବ୍ୟକ୍ତିଗତ ଭାବେ ପ୍ରଚାର କରୁ, ତାକୁ କାହିଁକି ଖର୍ଚ୍ଚ କରିବାକୁ ପ୍ରଶ୍ରୟ ଅର୍ଥାତ୍ ନିର୍ବାଚନ ଖର୍ଚ୍ଚକୁ ସ୍ୱୀକୃତି ଦେବା ମାନେ ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ପ୍ରଶ୍ରୟ ଦେବା। ସରକାର ଏପ୍ରକାରର ଦୁର୍ନୀତିକୁ ଉତ୍ସାହିତ କରିବାକୁ ସରକାରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି ଯେ ୱାର୍ଡ ମେମ୍ବର, ପଞ୍ଚାୟତ ସମିତି ମେମ୍ବର, ସରପଞ୍ଚ ବା ନାଏବ ସରପଞ୍ଚ, ଜିଲା ପରିଷଦ ସଭ୍ୟ ଆଦିଙ୍କ ସୁପାରିସ୍ ବିନା କୌଣସି କାମ ହୋଇପାରିବ ନାହିଁ। ଯେଉଁ ଡାଇରେକ୍ଟ ଡେବିଟ୍ ପେମେଣ୍ଟ ବ୍ୟବସ୍ଥା ଅନୁସାରେ ସରକାରୀ ଅନୁଦାନ ପାଇବାରେ କେହି ମଧ୍ୟସ୍ଥ ନ ରହୁ ବୋଲି ସରକାର ଡିଣ୍ଡିମ ପିଟନ୍ତି ତାହା ପାଇବା ଲାଗି ଉପଭୋକ୍ତାର ନାମ ଦରଜ କରିବେ ନାହିଁ, ଯେ ପର୍ଯ୍ୟନ୍ତ ସେ ଲାଞ୍ଚ ନ ଦେଇଛି। ଯଦି ପଇସା ଦେଇପାରିବା ଶକ୍ତି ନାହିଁ ବୋଲି କେହି ମହିଳାଟିଏ କହେ ତାକୁ ଘରେ କିଛିଦିନ ଗୃହିଣୀ ରୂପେ ରଖିବା ଅନୁଚିତ ମନେକରନ୍ତି ନାହିଁ। ୨୦୧୧ରେ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରୁ ନାଁ କାଟି ଦେବେ, ଉପଭୋକ୍ତା ଲାଞ୍ଚ ଦେଲେ ପୁଣି ତାଲିକାକୁ ନାଁ ଆସିଯିବ। ପାଇଖାନା ନିର୍ମାଣ କଥା ତ ସମସ୍ତଙ୍କୁ ଊଣାଅଧିକେ ଜଣା।

ଏସବୁକୁ ତ ମାପିହେଉଛି, କିନ୍ତୁ ସାରା ସମାଜଟା ଯେ ଭ୍ରଷ୍ଟାଚାରଗ୍ରସ୍ତ ହୋଇଯାଉଛି ତାହାର ସୁଧାରିବା ବ୍ୟୟ କେତେ ବେଶି ଭାବନ୍ତୁ! ଏପରି ପରିସ୍ଥିତି ସୃଷ୍ଟି କରିଥିବା ସରକାରମାନେ କିପରି କହୁଛନ୍ତି ଯେ ନ୍ୟାଶନାଲ୍ ଏଜୁକେଶନ୍ ପଲିସି ୨୦୨୦ରେ ଯେଉଁ ନୂତନ ଶିକ୍ଷା ନୀତି ଜାରି କରିବେ ସେଥିରେ ପିଲାମାନଙ୍କୁ ନୈତିକତା ଶିକ୍ଷା ଦିଆଯିବ; ଯେଉଁଥିରେ ପାଠର ଅଙ୍ଗ ହେବ ନୀତିଶାସ୍ତ୍ର, ମାନବିକ ଓ ସାମ୍ବିଧାନିକ ମୂଲ୍ୟବୋଧ, ଅନ୍ୟ ପ୍ରତି ଦରଦ, ଅନ୍ୟକୁ ସମ୍ମାନ, ପରିଷ୍କାର ପରିଚ୍ଛନ୍ନତା, ସୌଜନ୍ୟ, ଗଣତାନ୍ତ୍ରିକ ଚେତନା (ସ୍ପିରିଟ୍), ସେବା ମନୋଭାବ, ସର୍ବସାଧାରଣ ସମ୍ପତ୍ତିର ସମ୍ମାନ, ବୈଜ୍ଞାନିକ ମନୋଭାବ, ବ୍ୟକ୍ତି ସ୍ୱାଧୀନତା, ଦାୟିତ୍ୱବୋଧ, ବହୁବିଧ ଗୋଷ୍ଠୀ ପ୍ରତି ସମ୍ମାନ (ପ୍ଲୁରାଜମ୍), ସମାନତା ଓ ନ୍ୟାୟ। ଜାତିସଂଘ ଘୋଷଣା ଅନୁଯାୟୀ ଏ ସବୁ ୨୦୩୦ ସୁଦ୍ଧା ଫଳବତୀ ହେବ ତ!

sahadevas@yahoo.com

# ଭାରତରେ ହେପାଟାଇଟିସ୍ 'ବି'



ଡା. ଉମେଶ ଚନ୍ଦ୍ର ପାତ୍ର

ଭାରତରେ ହେପାଟାଇଟିସ୍ 'ବି' ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି। ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଏହି ଭୂତାଣୁ ଦ୍ୱାରା ଅନ୍ୟଲୋକମାନେ ମଧ୍ୟ ସଂକ୍ରମିତ ହୋଇଥାନ୍ତି। ବିଶୁଦ୍ଧ ହୋଇ ନ ଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକ୍ସନ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ ଏହି ସଂକ୍ରମଣର ସମ୍ଭାବନା ରହିଥାଏ। ସେହିପରି ସଂକ୍ରମିତ ରକ୍ତନେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ। ଛୋଟପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା' ଠାରୁ ଭୂତାଣୁର ଶିକାର ହୋଇଥାନ୍ତି, ଯାହାକୁ ସିଧାପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଏହି କ୍ଷେତ୍ରରେ ରୋଗୀକୁ ଭୋକ ଲାଗି ନ ଥାଏ, ବାନ୍ତି ହୋଇଥାଏ, ଶରୀରରେ ଜ୍ୱର ଦେଖାଯାଏ, ଦେହ ଘୋଳାବିନ୍ଧା, କଷ୍ଟ ଲାଗେ, ଆଖି ଓ ଚର୍ମ ହଳଦିଆ ଦେଖାଯିବା ସହ ପରିସ୍ରା ଗାଢ଼ ରଙ୍ଗର ହୋଇଥାଏ। ମଳ ମଧ୍ୟ ହାଲୁକା ରଙ୍ଗର ହୋଇଥାଏ। ବେଳେବେଳେ ବୃକ୍କ ଓ ମସ୍ତିଷ୍କ ମଧ୍ୟ ଅକାମୀ ହୋଇଯାଏ ଓ ଏ କ୍ଷେତ୍ରରେ ରୋଗୀ ସଂଜ୍ଞାହୀନ ହୋଇଯାଏ।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ୫ କୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହାକ ରହିଛନ୍ତି। ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାଙ୍କଠାରେ ସାଧାରଣତଃ କୌଣସି ଲକ୍ଷଣ ନ ଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି। ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥା'ନ୍ତି। ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ। କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ୪ଜଣଙ୍କ ମଧ୍ୟରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି। ପ୍ରକାଶିତ ବିଭିନ୍ନ ରିପୋର୍ଟ ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି ୨୦ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ। ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହା ଯେ, ଅଧିକାଂଶ ବାହକମାନେ ଜାଣି ନ ଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ। ଏହି ବାହକମାନଙ୍କ ସାଙ୍ଗରେ ଆକସ୍ମିକ ସମ୍ପର୍କ ଦ୍ୱାରା ଭୂତାଣୁର ପ୍ରବେଶ ଜଣେ ସୁସ୍ଥ ଲୋକକୁ ହୋଇପାରିବ। ହେପାଟାଇଟିସ୍ 'ବି' ଏଡ୍‌ସଠାରୁ ଶହେଗୁଣ ଅଧିକ ସଂକ୍ରାମକ। ଭାରତରେ ଏଡ୍‌ସ ଯୋଗୁ ସାରା ବର୍ଷରେ ଯେତେ ଲୋକ ମରନ୍ତି, ତା'ଠାରୁ ଅଧିକ ଗୋଟିଏ ଦିନରେ ହେପାଟାଇଟିସ୍ 'ବି' ଯୋଗୁ ମୃତ୍ୟୁବରଣ କରନ୍ତି। ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ୫ କୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁଜନିତ ସାଂଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି। ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି। ନିମ୍ନଲିଖିତ ଶ୍ରେଣୀର ବ୍ୟକ୍ତିଙ୍କୁ ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି। ଡାକ୍ତର ଓ ଶଲ୍ୟ ଚିକିତ୍ସକ, ସେବିକା, ପାଥୋଲୋଜି ଟେକ୍ନିସିଆନ୍ ଏବଂ ରକ୍ତଭଣ୍ଡାର ଓ ବୃକ୍କ ଡାଏଲିସିସ୍ ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତାମାନେ ଅଧିକ ସଂକ୍ରମଣ ହେବାର ସମ୍ଭାବନା। ସମଲିଙ୍ଗ ସଂଗମ ପ୍ରୟାସୀ ରୂପଜୀବୀ, ବିଶୃଙ୍ଖଳିତ ଅସୁରକ୍ଷିତ ଯୌନକ୍ରିୟା, ଇଞ୍ଜେକ୍ସନ ମାଧ୍ୟମରେ ନିଶା ସେବନ କରୁଥିବା ବ୍ୟକ୍ତିମାନେ ମଧ୍ୟ ଏହି ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ଅଧିକ ସଂକ୍ରମଣ ହେବା ସମ୍ଭାବନା ରହିଛି । ଥାଲାସିମିଆ ଓ ହିମୋଫିଲିଆ ରୋଗୀ, ଯେଉଁମାନେ ବାରମ୍ବାର ରକ୍ତ ନିଅନ୍ତି ସେମାନେ ମଧ୍ୟ ଏଥିରେ ଆକ୍ରାନ୍ତ ହୁଅନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟିକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟିକା ଜଣେ ଲୋକକୁ ନେବାକୁ ପଡ଼ିଥାଏ। ପ୍ରଥମ ଟିକାର ଏକମାସ ପରେ ଦ୍ୱିତୀୟ ଟିକା ଓ ପ୍ରଥମ ଟିକାର ଛଅମାସରେ ତୃତୀୟ ଟିକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟିକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇ ନ ଥାଏ।

ବର୍ତ୍ତମାନପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ କୌଣସି ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇନାହିଁ। ଯାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ କରିହେବ। ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର୍ ଓ ଟେନୋଫୋଭିର୍ ମୁଖ୍ୟ। ଏହି କାରଣ ଯୋଗୁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା। ଏହା କେବଳ ଟିକା ଦ୍ୱାରା ସମ୍ଭବ। ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ। ଅଭିଜ୍ଞ ଯକୃତ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ।

**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,**
**ମୋ :୯୪୩୭୦୫୧୯୫୭**

## ଏଇ ଭାରତରେ

ବୟସ ୬୭। ଏକୁଟିଆ ନିଜ ଖର୍ଚ୍ଚରେ ଏକ ଜଙ୍ଗଲ କରିପାରିଛନ୍ତି। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି କେରଳ ତ୍ରିଶୂର ଜିଲାର ଗୋପାଳକ୍ରିଷ୍ଣନ କେ.ଆର୍.। ବ୍ୟାଙ୍କ କର୍ମଚାରୀ ଭାବେ ୨୦୧୪ରେ ଅବସର ନେବା ପରେ ପ୍ରଥମେ ୧୫ ଲକ୍ଷ ଟଙ୍କାରେ ଜମି କିଣିଥିଲେ। ଏଥିରେ କେବଳ ରବର ଗଛ ରହିଥିଲା। ଗୋପାଳକ୍ରିଷ୍ଣନ ଧୀରେ ଧୀରେ ଏହି ଗଛକୁ ହଟାଇ ସେହି ସ୍ଥାନରେ ବିଭିନ୍ନ ଫଳଗଛ ଲଗାଇବା ଆରମ୍ଭ କରିଥିଲେ। ଜମି କିଣିବା ଖର୍ଚ୍ଚ ବାଦ୍ ସେ ଏଥିରେ ଆଉ ୧୦–୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ଜଙ୍ଗଲର ନାମ ରଖିଛନ୍ତି 'ପ୍ରାଣ'। ଜଙ୍ଗଲରେ ୫୦୦ ପ୍ରକାର ଗଛ ରହିଛି। ବିଭିନ୍ନ ପ୍ରକାର ୨୦୦ ଫଳଗଛ ସମେତ ୧,୦୦୦ ଔଷଧୀୟ ଗଛ ଶୋଭାପାଉଛି ଏହି ଜଙ୍ଗଲରେ । ଏହା ଏବେ ହଜାର ହଜାର ପକ୍ଷୀଙ୍କ ଆବାସସ୍ଥଳ ପାଲଟିଛି। ଅନ୍ୟ ଲୋକମାନଙ୍କୁ ଜଙ୍ଗଲ ସୃଷ୍ଟି କରିବା ଲାଗି ଚାରା ଯୋଗାଇବା ସହ ତାହାକୁ ରୋପଣ କରିବାରେ ସେ ସାହାଯ୍ୟ କରୁଛନ୍ତି। ଏହାଦ୍ୱାରା ୧୦୦ଟି ପରିବାର ଉପକୃତ ହୋଇଛନ୍ତି। ଏହି କାର୍ଯ୍ୟ ଲାଗି ଗୋପାଳକ୍ରିଷ୍ଣନଙ୍କୁ କେରଳ ସରକାର 'ବନମିତ୍ର' ପୁରସ୍କାର ପ୍ରଦାନ କରିଛନ୍ତି। କେବଳ ଏତିକିରେ ତାଙ୍କ କାର୍ଯ୍ୟ ସୀମିତ ରହିନାହିଁ, ସେ ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସୁବିଧା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି।

## ଚିରନ୍ତନୀ

ଏହି ଛୋଟ ଛୋଟ ବସ୍ତୁ ଘେନି ମୁଁ ଖେଳଇଁ ଖେଳ
ରଞ୍ଜି ଦେବାକୁ ମାନସୀ ପ୍ରିୟାର ସ୍ୱର୍ଣ୍ଣ ବେଳ
ତାହାରି ଭୂଷଣ ଖୋଜି ମୁଁ ବାଚାଳ ଚାଲଇଁ ବାଟେ
ଅରୂପ ରୂପର ଉପାସନା କରି କାଟଇଁ କାଳ।
–(ମାନସୀ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଫେବୃୟାରୀ ୧୯୯୭**

- ଶକ୍ତି ଓ ପରିବହନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇଁ ଭାରତ ଓ ଇରାନ ମଧ୍ୟରେ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ।
- ବିହାର ରାଜ୍ୟପାଳ ଏ.ଆର୍. କିଦୱାଇ, ସ୍ୱରାଷ୍ଟ୍ର ସଚିବ କେ. କଦ୍ମନାଭାୟା ଏବଂ ନିର୍ବାଚନ କମିଶନର ଜିଭିଜି କ୍ରିଷ୍ଣମୂର୍ତ୍ତିଙ୍କ ସମେତ ୩୦ ଜଣଙ୍କୁ ଶିରୋମଣୀ ପୁରସ୍କାର ପ୍ରଦାନ।
- ବିହାରର ମେଦିନଚୌକ ଥାନା ଅନ୍ତର୍ଗତ ରସୁଲପୁର ଗ୍ରାମ ନିକଟବର୍ତ୍ତୀ ମାର୍କଣ୍ଡ ନଦୀରେ ନୌକା ବୁଡିଯିବା ଫଳରେ ୨୦ ଜଣଙ୍କ ମୃତ୍ୟୁ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | 4 |
| | | 7 | 9 | | | | 1 | |
| | 3 | 6 | | 4 | 1 | | | |
| | 4 | | 6 | 1 | 3 | 8 | | |
| | | 8 | | | | 5 | | |
| | | | | 2 | | 3 | | |
| | | | | | 8 | | | |
| 5 | | 2 | | | | 7 | | 3 |
| | | | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 8 | 6 | 5 | 7 | 4 | 9 | 1 |
| 5 | 4 | 1 | 3 | 9 | 8 | 7 | 2 | 6 |
| 6 | 9 | 7 | 4 | 2 | 1 | 5 | 3 | 8 |
| 4 | 1 | 5 | 9 | 6 | 3 | 8 | 7 | 2 |
| 9 | 7 | 6 | 2 | 8 | 4 | 3 | 1 | 5 |
| 3 | 8 | 2 | 1 | 7 | 5 | 6 | 4 | 9 |
| 1 | 5 | 9 | 7 | 3 | 6 | 2 | 8 | 4 |
| 7 | 6 | 4 | 8 | 1 | 2 | 9 | 5 | 3 |
| 8 | 2 | 3 | 5 | 4 | 9 | 1 | 6 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭିତ୍ତିଭୂମି ଅଛି, ପ୍ରୋତ୍ସାହନ ନାହିଁ

ମହାଶୟ,

ରାଜ୍ୟରେ ନାରୀ ନିର୍ଯାତନା ହ୍ରାସ ଲାଗି ଆତ୍ମରକ୍ଷା କ୍ରୀଡ଼ା କୌଶଳ ଏକ ଅମୋଘ ଅସ୍ତ୍ର। ବେସରକାରୀ କ୍ରୀଡ଼ା ସଂଗଠନଗୁଡ଼ିକର ଏଥିପାଇଁ ବଳିଷ୍ଠ ଭିତ୍ତିଭୂମି ରହିଥିଲେ ମଧ୍ୟ ସରକାରୀ ସ୍ତରରୁ ପ୍ରୋତ୍ସାହନର ଅଭାବ ପାଇଁ ସମସ୍ୟା ଦେଖିବାକୁ ମିଳୁଛି। ରାଜଧାନୀର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଦୀର୍ଘଦିନରୁ ଗଢ଼ିଉଠିଥିବା 'ବଳରାମ ଡିଫେନ୍ସ ଏକାଡେମୀ' ବହୁ ଛାତ୍ରୀଛାତ୍ରଙ୍କୁ ଆତ୍ମରକ୍ଷା କ୍ରୀଡ଼ା କୌଶଳରେ ତାଲିମ ଦେଇଆସୁଛି। ଏହି ଅନୁଷ୍ଠାନର ପ୍ରତିଭାବାନ୍ କ୍ରୀଡ଼ାବିତ୍‌ମାନେ ଜାତୀୟସ୍ତରରେ ନିଜର ଦକ୍ଷତା ପ୍ରତିପାଦନ କରି ରାଜ୍ୟର ଗୌରବ ବଢ଼ାଉଛନ୍ତି। ଆତ୍ମରକ୍ଷା କ୍ରୀଡ଼ା କୌଶଳରେ ପାରଙ୍ଗମ କ୍ରୀଡ଼ାବିତ୍‌ମାନେ ଅପରାଧୀଙ୍କ କବଳରୁ ସହଜରେ ବର୍ତ୍ତି ପାରିବେ। ବହୁସଂଖ୍ୟାରେ ବାଳିକା ଏହି ସଂସ୍ଥାରେ ଆତ୍ମରକ୍ଷାର ଅତ୍ୟାଧୁନିକ କୌଶଳ ସମ୍ପର୍କରେ ତାଲିମ ନେଉଛନ୍ତି। ମାତ୍ର ଏହାର ନିଜସ୍ୱ ଗୃହ ନାହିଁ। ଯାହାଫଳରେ ତାଲିମ ପାଇଁ ସମସ୍ୟା ଉପୁଜୁଛି। ରାଜ୍ୟ ସରକାର ବାଳିକାମାନଙ୍କୁ ଆତ୍ମରକ୍ଷା କ୍ରୀଡ଼ା କୌଶଳ ଶିକ୍ଷା ଦିଗରେ ଗୁରୁତ୍ୱ ଦେଉଥିବା ବେଳେ ଏହି ପୁରୁଣା ଅନୁଷ୍ଠାନଟି ଏଯାଏ ସରକାରଙ୍କଠାରୁ କୌଣସି ଆର୍ଥିକ ସହାୟତା ପାଇନାହିଁ। ନିଜସ୍ୱ ଉଦ୍ୟମରେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଏହା ନିଜର କାୟାବିସ୍ତାର କରିଛି। ପ୍ରତିଭାବାନ୍ କ୍ରୀଡ଼ାବିତ୍‌ମାନେ ବିଭିନ୍ନ ତାଲିମ କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାକୌଶଳ ଶିକ୍ଷା ପ୍ରଦାନ କରୁଛନ୍ତି। ଅପରାଧୀମାନେ ଅପରାଧ ଘଟାଇବାକୁ ଅତ୍ୟାଧୁନିକ କୌଶଳ ଅବଲମ୍ବନ କରୁଥିବା ହେତୁ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ଅତ୍ୟାଧୁନିକ କ୍ରୀଡ଼ା କୌଶଳ ସମ୍ପର୍କରେ ତାଲିମ ଦେବା ଦରକାର। ମାତ୍ର ଏ ଦିଗରେ ଅନୁଷ୍ଠାନ ପାଇଁ ଅର୍ଥ ବାଧକ ସାଜିଛି। ଉଚିତ ପଦକ୍ଷେପ ହିଁ ସମସ୍ୟାର ସମାଧାନ କରିପାରିବ।

**–ସୁଧାଂଶୁ ଶେଖର ମହାପାତ୍ର, ନୀଳାଦ୍ରିବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

### ଗୋଟିଏ ଭୋଟର ଶକ୍ତି

ଗଣତନ୍ତ୍ରରେ ଗୋଟିଏ ଭୋଟର ମୂଲ୍ୟ ଅସୀମ। ଅନେକ ଭୋଟର ନିଜ ଭୋଟଟିର ଶକ୍ତି ଓ ସୁଦୂରପ୍ରସାରୀ ପ୍ରଭାବ ସମ୍ପର୍କରେ ବୁଝିପାରନ୍ତି ନାହିଁ। ସେମାନେ ଭାବନ୍ତି ଯେ, ତାଙ୍କରି ଭୋଟଟି ଦେଲେ ବା ନ ଦେଲେ କିଛି ଫରକ ପଡ଼େ ନାହିଁ। ମାତ୍ର ସେମାନେ ବୁଝିବା ଉଚିତ ଯେ, ଗୋଟିଏ ଭୋଟ ନିର୍ବାଚନରେ ଫଳାଫଳକୁ ସମ୍ପୂର୍ଣ୍ଣ ଓଲଟପାଲଟ କରିଦେଇପାରେ। ଏହା ଜିତିବା ଲୋକକୁ ହରାଇ ଦେଇପାରେ ଓ ହାରିବା ଲୋକକୁ ମଧ୍ୟ ଜିତେଇ ଦେଇପାରେ। ଏହାର ଅନେକ ଦୃଷ୍ଟାନ୍ତ ରହିଛି। ୧୯୯୯ ରେ କେନ୍ଦ୍ରରେ ଥିବା ୧୩ ଦିନର ବାଜପେୟୀ ସରକାର ଆସ୍ଥା ଭୋଟରେ ଗୋଟିଏ ମାତ୍ର ଭୋଟ ବ୍ୟବଧାନରେ କ୍ଷମତାଚ୍ୟୁତ ହୋଇଥିବା ସମସ୍ତେ ଜାଣନ୍ତି। ଏବେ ଆମ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଚାଲିଛି। ପଞ୍ଚାୟତ ନିର୍ବାଚନରେ ଗୋଟିଏ ଭୋଟର ମୂଲ୍ୟ ସାଧାରଣ ନିର୍ବାଚନ ଅପେକ୍ଷା ଯଥେଷ୍ଟ ଅଧିକ। ଏହି ଭୋଟରେ ଗୋଟିଏ ଭୋଟ ବ୍ୟବଧାନରେ ବହୁ ପ୍ରାର୍ଥୀ ଜିତିବା ବା ହାରିବାର ଯଥେଷ୍ଟ ଆଶଙ୍କା ରହିଛି। ଏଣୁ ପଞ୍ଚାୟତ ନିର୍ବାଚନରେ ପ୍ରତ୍ୟେକ ଭୋଟର ଭୋଟ ଦାନ କରିବା ଉଚିତ। ଦଳମତ ନିର୍ବିଶେଷରେ ଯୋଗ୍ୟ, ଦକ୍ଷ ଓ ସଚ୍ଚୋଟ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବା ଉଚିତ। ଆପଣଙ୍କ ଗୋଟିଏ ଭୋଟ ସାଧାରଣ ଜନତା ଓ ସମାଜର ଭାଗ୍ୟକୁ ପରିବର୍ତ୍ତନ କରିଦେଇପାରେ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯାଜପୁର, ମୟୂରଭଞ୍ଜ ସିଏସ୍ଓଙ୍କୁ ଜବାବ ତଲବ

**ଯାଜପୁର ଅଫିସ,୨୨।୨**

## ସାବିତ୍ରୀ ରାଇସ୍ ମିଲ୍ ଚାଉଳ ଲୁଟ୍ ମାମଲା

■ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରାଯାଉଛି:ଏମ୍‌ଡି

ଯାଜପୁର ଜିଲା ବଡ଼ଚଣା ବ୍ଲକ ଓଲରାସ୍ଥିତ ସାବିତ୍ରୀ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଓ ମୟୂରଭଞ୍ଜ ଜିଲା କରଞ୍ଜିଆ ସାବିତ୍ରୀ ରାଇସ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଚାଉଳ ଦୁର୍ନୀତି ମାମଲାରେ ସମ୍ପୃକ୍ତ ଅଧିକାରୀମାନଙ୍କ ଅଡୁଆ ବଢ଼ିଛି। ଏହି ଦୁର୍ନୀତି ଉପରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ହୋଇଥିବା ତତ୍କାଳୀନ ଏସିଏସ୍ଓ ପ୍ରହ୍ଲାଦ ସେଠୀ ଓ ମାର୍କେଟିଂ ଇନ୍ସପେକ୍ଟର (ଏମ୍ଆଇ) ବିଶ୍ୱଜିତ୍ ମିଶ୍ରଙ୍କ ସଂକ୍ରାନ୍ତରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶର କୌଣସି ଅନୁପାଳନ ହୋଇ ପାରିନାହିଁ। ଧରିତ୍ରୀରେ ଗତ ୧୧ ତାରିଖରେ ୬ ବର୍ଷ ହେଲା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ସୁରକ୍ଷା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ଓଡ଼ିଶା ଷ୍ଟେଟ ସିଭିଲ ସପ୍ଲାଏଜ୍ କାର୍ପୋରେଶନ (ଓଏସ୍‌ସିଏସ୍‌ସି) ଲିମିଟେଡର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ବିଶ୍ୱଜିତ୍ କେଶରୀ ଦାସ ଗତ ୧୯ ତାରିଖରେ ଉଭୟ ଯାଜପୁର ଓ ମୟୂରଭଞ୍ଜ ଜିଲାର ଯୋଗାଣ ଅଧିକାରୀ(ସିଏସ୍ଓ) ବା ଡିଷ୍ଟ୍ରିକ୍ଟ ମ୍ୟାନେଜର(ଡିଏମ୍)ଙ୍କୁ ଜବାବ ତଲବ କରିଛନ୍ତି। ତାଙ୍କ ପତ୍ରରେ ସେ ଦର୍ଶାଇଛନ୍ତି, ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବଜ୍ଞା ଓ ଅସଦାଚରଣ କରାଯାଇଛି। ତେଣୁ ସରକାରଙ୍କ ପରବର୍ତ୍ତୀ ଅସନ୍ତୋଷର କାରଣ ଏଡାଇବାକୁ ତୁରନ୍ତ ଏହି ଦୁର୍ନୀତି ମାମଲାର ଅନୁପାଳନ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଏମ୍‌ଡି ପୁଣିଥରେ ସୁଯୋଗ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୧୫-୧୬ ବର୍ଷରେ ସାବିତ୍ରୀ ରାଇସ୍ ମିଲରେ ୪ କୋଟି ୪ ଲକ୍ଷ ୨୪ ହଜାର ୩୯୩ ଟଙ୍କାର ଚାଉଳ ହରିଲୁଟ୍ ହୋଇଥିଲା। ମିଲ୍ ମାଲିକ କୋର୍ଟ କଚେରୀର ଦ୍ୱାରସ୍ଥ ହେବା ପରେ ଯୋଗାଣ ବିଭାଗରେ କିସ୍ତି ଅନୁସାରେ ହରିଲୁଟ୍ ଅର୍ଥ ଜମା କରୁଛନ୍ତି। ତେବେ ଏଥିରେ ଅବହେଳା ଓ ଦୁର୍ନୀତିରେ ସାମିଲ ଏସିଏସ୍ଓ ସେଠୀ ଓ ଏମ୍ଆଇ ମିଶ୍ରଙ୍କ ବିରୋଧରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ(ଡିପି) ନମ୍ବର ୧୮୨୦/୨୧।୧।୨୦୧୭ରେ ମାମଲା ରୁଜୁ କରି ବିଭାଗ ନୀରବ ରହିଛି । ଇତିମଧ୍ୟରେ ଉଚ୍ଚ କର୍ତ୍ତୃପକ୍ଷ ଏକାଧିକବାର ସମ୍ପୃକ୍ତ ସିଏସ୍ଓମାନଙ୍କୁ ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇ ଆସୁଛନ୍ତି। ହେଲେ ୨ ଅଧିକାରୀଙ୍କ ଅବସର ପର୍ଯ୍ୟନ୍ତ ସମୟ ଗଡ଼ାଇ ନେବାକୁ ମସୁଧା ହୋଇଥିବାରୁ ଜାଣିଶୁଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ଅବହେଳା କରାଯାଇଛି ବୋଲି ମତପ୍ରକାଶ ପାଇଛି।

# ନିଶାସକ୍ତ ଫାର୍ମାସିଷ୍ଟଙ୍କ ଉନ୍ମତ୍ତକାଣ୍ଡ

**ରୂପସା, ୨୨।୨(ଡି.ଏନ.ଏ.)**


ଫାର୍ମାସିଷ୍ଟ ସୁବାଶିଷ ଟୁଡୁ।

■ ଇଡ଼ଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

■ ମେଡିକାଲ ଟିମ୍‌ର ତଦନ୍ତ ଆରମ୍ଭ

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଇଡ଼ଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଜଣେ ଫାର୍ମାସିଷ୍ଟ ନିଶାସକ୍ତ ଅବସ୍ଥାରେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଫାର୍ମାସିଷ୍ଟଙ୍କ ଆକ୍ରମଣରେ କରୋନା ଟିକା ନେବାକୁ ଆସିଥିବା ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ତାଙ୍କ ହାତ ଓ ଗୋଡରେ ଗଭୀର କ୍ଷତ ହୋଇଛି। ଫାର୍ମାସିଷ୍ଟଜଣକ ଅନ୍ୟମାନଙ୍କୁ ଗୋଡାଇ ଆକ୍ରମଣ କରିବାରୁ ଲୋକେ ତାଙ୍କୁ କାବୁ କରି ବାନ୍ଧି ପକାଇଥିଲେ। ପରେ ସିଂଲା ଥାନା ପୋଲିସ ପହଞ୍ଚି ଫାର୍ମାସିଷ୍ଟଙ୍କୁ ଲୁହାଚେନ୍‌ରେ ବାନ୍ଧି ଥାନାକୁ ନେଇଥିଲା।

ସକାଳେ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ସୁବାଶିଷ ଟୁଡୁ ନିଶାସକ୍ତ ଅବସ୍ଥାରେ ଥିଲେ। ଦାଣ୍ଡି ଗ୍ରାମର ପ୍ରଶାନ୍ତ ଘଡ଼ାଇ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଟିକା ନେବା ପାଇଁ ଆସିଥିଲେ। ସେ ଟିକା ନେବା ସମ୍ପର୍କରେ ପଚାରିବାରୁ ଫାର୍ମାସିଷ୍ଟ ସୁବାଶିଷ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ପ୍ରଶାନ୍ତଙ୍କୁ ମଦ ବୋତଲରେ ଆକ୍ରମଣ କରିଥିଲେ। ଉଲ୍ଲେଖଯୋଗ୍ୟ, କିଛି ମାସ ପୂର୍ବରୁ ଫାର୍ମାସିଷ୍ଟ ଜଣକ ନିଶାସକ୍ତ ଅବସ୍ଥାରେ ଖଣ୍ଡା, ଭୁଜାଲି ଧରି ଲୋକଙ୍କୁ ଗୋଡ଼ାଇ ଆକ୍ରମଣ କରିଥିଲେ। ବାରମ୍ବାର ବିଶୃଙ୍ଖଳା ସୃଷ୍ଟି କରୁଥିବା ଏଭଳି ନିଶାସକ୍ତ ଫାର୍ମାସିଷ୍ଟଙ୍କୁ ଚାକିରିରୁ ବହିଷ୍କାର କରିବା ପାଇଁ ସରପଞ୍ଚ ଦେବୀପ୍ରସାଦ ଭଞ୍ଜଙ୍କ ସମେତ ଅଞ୍ଚଳବାସୀ ବସ୍ତା ମେଡ଼ିକାଲ ଅଫିସରଙ୍କଠାରେ ଲିଖିତ ଦାବି କରିଛନ୍ତି। ଅପରପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ପ୍ରତିନିଧି ଦଳ ଓ ବସ୍ତା ମେଡ଼ିକାଲ ଅଫିସର ଡା. ଦେବବ୍ରତ ଜେନା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଡା. ଜେନାଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଭୋଟର ତାଲିକାରେ ତ୍ରୁଟି: ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୨।୨(ବ୍ୟୁରୋ):** ସ୍ୱାଧିନତାର ୭୫ ବର୍ଷ ପରେ ଭୋଟର ତାଲିକା ଠିକ୍ ଭାବେ ପ୍ରସ୍ତୁତ ନ କରିପାରିବା ଚିନ୍ତା ଓ ପରିତାପର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି କହିଛନ୍ତି। ଧର୍ମେନ୍ଦ୍ର ମଙ୍ଗଳବାର ଟୁଇଟ୍‌ରେ ଦର୍ଶାଇଛନ୍ତି ଯେ, ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପ୍ରକ୍ରିୟାରେ ଅନେକ ସ୍ଥାନରେ ଭୋଟର୍ ତାଲିକାରେ ତ୍ରୁଟି ଏବଂ ଯୋଗ୍ୟ ମତଦାତା ନିଜର ଗଣତାନ୍ତ୍ରିତ ଅଧିକାର ସାବ୍ୟସ୍ତ କରିବାରେ ଅସମର୍ଥ ହେବା ଖବର ଦୁଃଖଦାୟକ ଓ ଗଣତନ୍ତ୍ର ପାଇଁ ଶୁଭ ଖବର ନୁହେଁ। କିଛିଦିନ ପୂର୍ବରୁ ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକର କିଛି ବୁଥ୍‌ରେ ଓଙ୍ଗରିଆ ଭଉଣୀ,ଭାଇମାନଙ୍କ ପାଖରେ ଭୋଟ ପରିଚୟ ପତ୍ର ଥାଇ ମଧ୍ୟ ନିଜ ନାଁ ତାଲିକାରେ ସାମିଲ କରିବା ପାଇଁ ପ୍ରତିବାଦର ଦୃଶ୍ୟ ଦେଖି କଷ୍ଟ ଲାଗିଥିଲା। ଓଡିଶାର ବିଭିନ୍ନ ଜିଲାରେ ପଡୋଶୀ ରାଜ୍ୟଗୁଡିକ ସହ ଥିବା ସୀମା ବିବାଦ ଅଞ୍ଚଳର ଭଉଣୀ, ଭାଇମାନଙ୍କ ନାଁ ଭୋଟର ତାଲିକାରେ ନ ଥିବା ଯୋଗୁ ସେମାନଙ୍କ ପ୍ରତିବାଦର ସ୍ୱର ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ଖାମଖିଆଲ ଓ ମନମୁଖୀ କାର୍ଯ୍ୟ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକମାନେ ସେମାନଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ହେଉଛନ୍ତି। ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଏବଂ ଏହାକୁ ନିର୍ଭୁଲ କରିବା ପାଇଁ ଦାୟିତ୍ୱବାନ ଏବଂ ନିଷ୍ଠାପର ଭାବେ କାର୍ଯ୍ୟ କରିବା ଉଚିତ୍। ପ୍ରାୟ ସବୁ ଜିଲାରେ ଭୋଟର ତାଲିକାରେ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ତ୍ରୁଟି ଥିବା ଖବର ମିଳୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ସମୀକ୍ଷା କରାଯାଉ ଏବଂ ଦୋଷୀଙ୍କ ବିରୋଧରେ ରାଜ୍ୟ ନିର୍ବାଚନ ଆୟୋଗ ଓ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଶା କରୁଥିବା ଧର୍ମେନ୍ଦ୍ର କହିଛନ୍ତି।

# ଥମୁନି ବିଜେଡି-ଭାଜପା ଦୋଷ ଲଦାଲଦି

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

■ ସାନି ମତଦାନ ପାଇଁ ଦାବିକଲା ଭାଜପା

■ ବିଜେଡି କର୍ମୀଙ୍କ ହତ୍ୟା ଘଟଣାରେ ଭାଜପା ନେତାଙ୍କୁ ଟାଣିଲା ବିଜେଡି

ରାଜ୍ୟରେ ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ବିଜେଡି ଓ ଭାଜପା ମଧ୍ୟରେ ଦୋଷ ଲଦାଲଦି ପ୍ରକ୍ରିୟା ଜାରି ରହିଛି। ସବୁଦିନ ଭଳି ମଙ୍ଗଳବାର ମଧ୍ୟ ଉଭୟ ଦଳ ପରସ୍ପର ବିରୋଧରେ ଅଭିଯୋଗ ନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଭାଜପାର ଏକ ପ୍ରତିନିଧି ଦଳ ଅଭିଯୋଗ କରିଛି, କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଘଟଗାଁ ବ୍ଲକର ୭ ନମ୍ବର ଜିଲା ପରିଷଦ ଜୋନ୍‌ର ପଣ୍ଡାସାହି, ମସିଣାଯୋଡ଼ି ଗ୍ରାମର ୭,୮ ଓ ୯ ନମ୍ବର ବୁଥ୍‌ରେ ଗତ ୧୬ ତାରିଖରେ ଅନୁଷ୍ଠିତ ୧ମ ପର୍ଯ୍ୟାୟ ନିର୍ବାଚନରେ ବିଜେଡି ତରଫରୁ ବୁଥ୍ ରିଗିଂ ହୋଇଥିଲା। ଏହି ବୁଥ୍ ଜବରଦଖଲ ସମୟର ସମସ୍ତ ଘଟଣାର ଫଟୋ, ଭିଡିଓକୁ ଘଟଗାଁ ବିଡିଓ, ଉପଜିଲାପାଳ ଏବଂ ଜିଲାପାଳଙ୍କୁ ପ୍ରଦାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରାଯାଇଥିଲା। ଏହାସହ ଗତ ୧୮ ତାରିଖରେ ରାଜ୍ୟ ନିର୍ବାଚନ କମିଶନଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଅବଗତ କରାଯାଇ ସାନି ନିର୍ବାଚନ ପାଇଁ ଦାବି କରାଯାଇଥିଲା। ହେଲେ ଏବେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପୁଣିଥରେ ସାନି ମତଦାନ ପାଇଁ ଭାଜପା ଦାବି କରିଛି। ସେହିପରି ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଅଭିଯୋଗ କରିଛନ୍ତି, ଧାମନଗରରେ ବିଜେଡି କର୍ମୀଙ୍କୁ ହତ୍ୟା କରାଯାଇଛି। ଚଳିତ ନିର୍ବାଚନର ଏହା ପ୍ରଥମ ହତ୍ୟା। ହତ୍ୟାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରାଯାଉ। ନିର୍ବାଚନ ବେଳେ ଭଦ୍ରକ ଜିଲା ଧାମନଗରର ବିଜେଡି କର୍ମୀ ପ୍ରତାପ ଚନ୍ଦ୍ର ରାଉତଙ୍କୁ ଅମାନୁଷିକ ଭାବେ ହତ୍ୟା କରାଯାଇଛି। ଏହି ହତ୍ୟାକାଣ୍ଡରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ପରୋକ୍ଷ ଓ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିବା ବିଜେଡି ଅଭିଯୋଗ କରିଛି। ଯଥାଶୀଘ୍ର ସାମଲ ଏବଂ ହତ୍ୟାରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ଗିରଫ ଲାଗି ବିଜେଡି ଦାବି କରିଛି। ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହାରୁଥିବା ଜାଣି ଭାଜପା ବହୁ ସ୍ଥାନରେ ଏପରି ରକ୍ତମୁଖା ସାଜିଛି। ତେଣୁ ହିଂସାକାଣ୍ଡ ଘଟାଉଥିବା ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ବିଜେଡି ପ୍ରତିନିଧି ଦଳ ଦାବି କରିଛି।

# ଧାର ଟଙ୍କା ମାଗିବାରୁ ଆକ୍ରମଣ

**ପାତ୍ରପୁର, ୨୨।୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଜରଡ଼ା ଥାନା ପୁହୁଣ୍ଡି ଗ୍ରାମରେ ଧାର ଟଙ୍କା ମାଗିବାକୁ ନେଇ ମଙ୍ଗଳବାର ଗୋଟିଏ ପରିବାର ଉପରେ ଆକ୍ରମଣ ହୋଇଥିବା ଖରିଆଗୁଡା ଫାଣ୍ଡିରେ ଅଭିଯୋଗ ହେଇଛି। ଗ୍ରାମର ଧୋବା ସାହୁ ୪ ବର୍ଷ ତଳେ ଜଣେ ବ୍ୟକ୍ତିଙ୍କୁ ୭୭ ହଜାର ଟଙ୍କା ଧାର ଦେଇଥିଲେ। ସେହି ଟଙ୍କା ମାଗିବାରୁ ସମ୍ପୃକ୍ତ ବ୍ୟକ୍ତି ଓ କେତେଜଣ ସାଥୀ ସହ ଶାବଳରେ ଧୋବାଙ୍କ ପରିବାରକୁ ଆକ୍ରମଣ କରିଥିବା ଲୋକେ ପ୍ରକାଶ କରିଛନ୍ତି।


## ସୁଲଗ୍ନା ଶୁଭସ୍ମିତା ଜେନାଙ୍କ Ph.D. ଡିଗ୍ରୀ ଲାଭ



ଶ୍ରୀମତୀ ସୁଲଗ୍ନା ଶୁଭସ୍ମିତା ଜେନା ଉତ୍କଳ ବିଶ୍ୱବିଦ୍ୟାଳୟରୁ Biotechnologyରେ ସମ୍ମାନଜନକ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଛନ୍ତି । ସେ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡଃ ନିହାର ରଂଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "PRODUCTION OF QUALITY PLANTING MATERIALS AND ELUCIDATION OF DIVERSIFICATION OF FLOWERING TIME (FT) GENE IN ORCHIDS" ବିଷୟରେ ଗବେଷଣାତ୍ମକ ସନ୍ଦର୍ଭଟି ପ୍ରସ୍ତୁତ କରିଥିଲେ । ତାଙ୍କର ଏହି ଗବେଷଣାତ୍ମକ ସନ୍ଦର୍ଭଟି ଗୌହାଟୀ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର Prof. K. Tayung ଓ CPMB & B.TNAU, Coimbatore ଉଦ୍ଭିଦ ବିଜ୍ଞାନର Prof. Dr. L. Arulଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି । ଡଃ ସୁଲଗ୍ନା ଶୁଭସ୍ମିତା ଜେନା ପୁରୀ ଜିଲ୍ଲା, ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁସ ଶାସନ ଗ୍ରାମପଞ୍ଚାୟତ ଅଧୀନସ୍ଥ ଦୁର୍ଗାପୁର ଗ୍ରାମ ନିବାସୀ ତଥା ଅବସରପ୍ରାପ୍ତ ଯୁଗ୍ମ ଶାସନ ସଚିବ ଓ RERAର ପୂର୍ବତନ Enforcement Officer ଶ୍ରୀଯୁକ୍ତ ସୁରଥ ଚନ୍ଦ୍ର ଜେନା ଓ ଶ୍ରୀମତୀ ଉର୍ମିଳା ଜେନାଙ୍କ ସୁପୁତ୍ରୀ ଓ ଭୁବନେଶ୍ୱର ଶାସ୍ତ୍ରୀନଗର ନିବାସୀ ଶ୍ରୀଯୁକ୍ତ କୁଳମଣି ମହାନ୍ତି ଓ ଶ୍ରୀମତୀ ନିର୍ମଳା ମହାନ୍ତିଙ୍କର ପୁତ୍ରବଧୂ ତଥା CIMP, Patnaର ପ୍ରଫେସର ଡଃ ନୀଳମାଧବ ମହାନ୍ତିଙ୍କର ସହଧର୍ମିଣୀ ଅଟନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତତ୍ତ୍ୱାବଧାରକ ଡଃ ନିହାର ରଂଜନ ନାୟକଙ୍କୁ କୃତଜ୍ଞତା ଜଣାଇବା ସହିତ ପିତା, ମାତା, ଶାଶୁ, ଶ୍ୱଶୁର, ନଣନ୍ଦ, ନଣନ୍ଦେଇ, ସ୍ୱାମୀ, ତାଙ୍କର କୁନିପୁଅ ପ୍ରିୟାଂଶୁ, ଭାଇଭଉଣୀ, ଗୁରୁଜନ, ଜେନା ପରିବାର ଓ ଶୁଭାକାଂକ୍ଷୀମାନଙ୍କୁ ଶ୍ରେୟ ପ୍ରଦାନ କରିବା ସହିତ ଭଗବାନଙ୍କଠାରେ ଅଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି ।

D-23233


# କୋଇଲା ସଙ୍କଟ ନେଇ ପ୍ରଧାନମନ୍ତ୍ରୀଙ୍କୁ ପତ୍ର

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

## ହସ୍ତକ୍ଷେପ ଲୋଡ଼ିଲା ରାଜ୍ୟ କ୍ଷୁଦ୍ର, ମଧ୍ୟମ ଶିଳ୍ପ ସଂଘ

ରାଜ୍ୟରେ କୋଇଲା ସଙ୍କଟ ଦେଖାଦେଇଛି। ଏଥିଯୋଗୁ ସ୍ଥାନୀୟ ଶିଳ୍ପଗୁଡ଼ିକ ଅତି ମାତ୍ରାରେ ପ୍ରଭାବିତ ହୋଇଛନ୍ତି। କୋଇଲା ଅଭାବରୁ ଶିଳ୍ପଗୁଡ଼ିକ ତିଷ୍ଠି ରହିବା ଲାଗି ଗତ ୮ ମାସ ହେବ ସଂଘର୍ଷ କରୁଛନ୍ତି। ଏଥିରେ ହସ୍ତକ୍ଷେପ କରି ଶିଳ୍ପଗୁଡ଼ିକୁ ଉଦ୍ଧାର କରିବାକୁ ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସମୂହ ସଂଘ(ଓଏଏସ୍ଏମ୍ଇ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡିଛି। ଏ ନେଇ ଓଏଏସ୍ଏମ୍ଇ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ରାଜ୍ୟର ପ୍ରାୟ ୫୦୦ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବନ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଓଏଏସ୍ଏମ୍ଇ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ଚିଠିରେ କୁହାଯାଇଛି ଯେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ୨୦୨୧ ଅଗଷ୍ଟ ମାସରୁ ଉତ୍କଟ କୋଇଲା ଅଭାବ ଦେଇ ଗତି କରୁଛନ୍ତି। ଉଭୟ ରାଜ୍ୟ ଓ ଉଦ୍ୟୋଗଗୁଡ଼ିକ ଏଥିଯୋଗୁ ବୃହତ୍ତର ସାମାଜିକ, ଅର୍ଥନୈତିକ କ୍ଷତି ମଧ୍ୟଦେଇ ଗତି କରୁଛନ୍ତି। ଏହା ଉପରେ ନିର୍ଭର କରୁଥିବା ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ଜୀବନଜୀବିକା ମଧ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି। କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ(ସିପିପି) ଥିବା ଶିଳ୍ପଗୁଡ଼ିକ ଏଥିଯୋଗୁ ଗଭୀର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ଯଦିଓ ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ଲାଣ୍ଟଗୁଡ଼ିକୁ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି, ତେବେ ଅଣତାପଜ କ୍ଷେତ୍ରଗୁଡ଼ିକ ପାଇଁ ପରିସ୍ଥିତି ସଙ୍ଗୀନ ହୋଇଛି।

ଚିଠିରେ ଆହୁରି ଉଲ୍ଲେଖ କରାଯାଇଛି ଯେ ଦେଶର ସମୁଦାୟ କୋଇଲା ମଧ୍ୟରୁ ୨୫ ପ୍ରତିଶତ ଓଡ଼ିଶାରେ ଗଚ୍ଛିତ ଅଛି। ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ ୧୨୯ ନିୟୁତ ଟନ୍ କୋଇଲା ଉତ୍ପାଦନ କରୁଥିବା ବେଳେ ସେଥିରୁ ୫୪ ପ୍ରତିଶତ ଅନ୍ୟ ରାଜ୍ୟକୁ ଚାଲିଯାଉଛି। କେବଳ ୪୬ ପ୍ରତିଶତ ଓଡ଼ିଶା ଶିଳ୍ପ ପାଇଁ ରହୁଛି। ଓଡ଼ିଶା ସିପିପି ପାଇଁ ୬୫ ପ୍ରତିଶତ କୋଇଲାର ଆବଶ୍ୟକତା ରହିଛି। କୋଇଲା ଅଭାବ ଯୋଗୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ ପାଇଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବାକୁ ଓଏଏସ୍ଏମ୍ଇ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରାଯାଇଛି।


## MISSING



**ନାମ: ଶାନ୍ତିଲତା ମାଝୀ,** ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଲ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଲ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.

ଧ-୨୩୨୧୮


# ୫.୨୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଯୁବକ ଗିରଫ

**ଖୋର୍ଦ୍ଧା ଅଫିସ,୨୨।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ନିର୍ବାଚନ ସମୟରେ ବେଆଇନ ମଦ ଓ ନିଶା କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶନାମା ରହିଛି। ଏହି ପ୍ରରିପେକ୍ଷୀରେ ଖୋର୍ଦ୍ଧା ଅବକାରୀ ପୋଲିସ ମଙ୍ଗଳବାର ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡ଼ିହ ଗ୍ରାମରେ ଚଢ଼ାଉ କରି ୫୨ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଗ୍ରାମର ପ୍ରଭାତ ସେଠୀ(୩୨)। ଜବତ ବ୍ରାଉନସୁଗାରର ମୂଲ୍ୟ ୫ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଅବକାରୀ ପକ୍ଷରୁ କୁହାଯାଇଛି। ଏନେଇ ଅବକାରୀ ଥାନାରେ ଏନଡିପିଏସ୍ ଆକ୍ଟ-୨୧ ପ୍ରକାରେ ଏକ ମାମଲା(ନଂ.୬୦/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ପୋଡ଼ାଡ଼ିହ ଅଞ୍ଚଳରେ ପ୍ରଭାତ ଦୀର୍ଘଦିନ ହେବ ବ୍ରାଉନସୁଗାର ବିକ୍ରି କରି ଆସୁଥିଲେ। କୌଣସି ସୂତ୍ରରୁ ଖବରପାଇ ଅବକାରୀ ବିଭାଗର ଏକ ଟିମ୍ ମଙ୍ଗଳବାର ସକାଳେ ଏହି ଗ୍ରାମରେ ଚଢ଼ାଉ କରି ପ୍ରଭାତଙ୍କୁ କାବୁ କରିଥିଲେ। ତେବେ ସେ କେଉଁଠୁ ବ୍ରାଉନସୁଗାର ଆଣୁଥିଲେ, ଏଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହାର ଅନୁସନ୍ଧାନ ଜାରି ରହିଛି ବୋଲି ଅବକାରୀ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଅବକାରୀ ଇନିସ୍ପେକ୍ଟର ଭୈରବ ସାହୁ, ଜିଲା ମୋବାଇଲ ୟୁନିଟ୍, ଟାଙ୍ଗୀ ଅବକାରୀ ଇନିସ୍ପେକ୍ଟରଙ୍କ ସମେତ ଅନ୍ୟ ଅଧିକାରୀ ସାମିଲ ଥିଲେ।


ଜବତ ବ୍ରାଉନସୁଗାର ସହ ଗିରଫ ଅଭିଯୁକ୍ତ।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

भुवनेश्वर में मिल रही हैं जॉब्स शानदार
अकाउंट्स, बैक ऑफिस, टेलीकॉलर, डेटा एंट्री की जॉब्स के लिए अप्लाई करो यार|
Companies : HDFC, Max Life, Bajaj, Reliance, Policy Bazar
कुल पद: 1283 | पगार: ₹15,000 - ₹30,000
तो अबकी बार सीधा HR से करो बात: 080-47185518
apna

ଭୁବନେଶ୍ୱର ଢୁମୁଢୁମା ସ୍ଥିତ ଏକ ପ୍ରତିଷ୍ଠିତ ଲେଡିସ୍ ଟେଲର (ବୁଟିକ୍) ନିମନ୍ତେ ପାର୍ଟ ଟାଇମ୍ ଏବଂ ଫୁଲ୍ ଟାଇମ୍ ପାଇଁ **କଟିଙ୍ଗ୍ ମାଷ୍ଟର୍** (ପୁରୁଷ ଓ ମହିଳା) ଆବଶ୍ୟକ । ଦରମା: ୧୫୦୦୦-୨୫୦୦୦ ହଜାର । ଅଧିକ ସୂଚନା ପାଇଁ ଦୟାକରି ଯୋଗାଯୋଗ କରନ୍ତୁ:
**8652065464 / 6370027823**

ଭୁବନେଶ୍ୱର ଅଫିସ୍ ପାଇଁ
**ଷ୍ଟାଫ୍ ଆବଶ୍ୟକ**
- Graphic Designer - Accountant
- DTP Operator - Office Peon
Business Manager & Business Executive
କେବଳ ଅଭିଜ୍ଞତା ଥିବା ବ୍ୟକ୍ତି ବାୟୋଡାଟା ପଠାନ୍ତୁ
needofficestaffs@gmail.com
8249416516 (Whatsapp)

**Wanted Sales Executive (2 Nos)**
For a company in Bhubaneswar having good knowledge in sales (With good Salary).
**Call : 7978449576**

**ଆବଶ୍ୟକ** ଭୁବନେଶ୍ୱରସ୍ଥିତ ଏକ ଗେଷ୍ଟ ହାଉସ୍ ପାଇଁ ଅଭିଜ୍ଞ କର୍ମଚାରୀ ଦରକାର ।
- FRONT OFFICE ASST. (Male)-2 Nos. Qual: Hotel Mgmt. with knowledge in Computer
- TOURIST CAR DRIVER- 5 nos. (with badge and Heavy Licence.)
- RESTAURANT SERVICE BOY-2 Nos.
- ହାଉସ୍ କିପର (ଅଭିଜ୍ଞ ମହିଳା/ପୁରୁଷ)-୨ ଜଣ
- ୱେଟର- ୪ ଜଣ

WALK-IN-INTERVIEW at Residency 24x7, 13 West, Ashok Nagar, (Behind Khadi Niketan), BBSR (10 AM to 5 PM) **9938329002**
ଯୋଗ୍ୟ ପ୍ରାର୍ଥୀଙ୍କୁ ଉତ୍ତମ ଦରମା ଦିଆଯିବ।

**URGENTLY REQUIRED**
Post : System Admin (Knowledge in Hardware & Network Support) & Php, Java, .Net Developer
Govt. of Odisha in Agency Payroll
Experience : 1 year +,
Salary : 15K to 40K Per month.
Email: bbcommunication.india@gmail.com
8847804942, 7437998623, 8457807986

See Career Appointment on every Wednesday & Saturday

**URGENTLY REQUIRED**
Area Manager, Sales Manager, Sales Executive, Accountant for opening Franchise Mode Chain Store of Appliance Product.
**Contact: 7008485542**

**GURU NANAK ENGLISH MEDIUM PUBLIC SCHOOL - II**
Sangalai Sasan, Pipili, Puri - 752104
**REQUIRES**
**TRAINED TEACHERS** in English, Hindi, Odia, Maths, Science, SST, Computer, P.E.T., Music, Dance, Art, Nursery, Primary Classes and Special Teacher, Counsellor and Clerical Staff with Computer Knowledge. Send resume with photo to **the Principal GNEMPS-II, Sangalai Sasan, Gudiapokhari, Pipili, Puri. E-mail: gnps2bbsr@gmail.com** within 7 days.
**Contact No.: 0674-2959509, 8093043686 (M).**

In need of a **private online/offline tutor** to teach to use computer, must also know about the use of **iOS**, interested candidates can mail their name, and mobile no. and photo, at <amardeepredhand@gmail.com>
I will call back on your mobile no.

Your classified advertisement published in Dharitri will be listed free in Dharitri online edition : www.dharitri.com

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର (R.K. Mahapatra)**
ପୂର୍ବତନ ଚେୟାରମ୍ୟାନ (NIPM)
ମାନବ ସମ୍ବଳ ବିକାଶ ମ୍ୟାନେଜମେଣ୍ଟ ବିଶାରଦ, ପ୍ରଥମ ବ୍ୟାଚ ମ୍ୟାନେଜମେଣ୍ଟ ଛାତ୍ର, XLRI Fellow (NIPM), ଆଜୀବନ ସଭ୍ୟ (Odisha Productivity Council)
ଏ/୯୪, ଶହୀଦନଗର, ଭୁବନେଶ୍ୱର
ବାପା, ଆପଣଙ୍କ ନିର୍ଭୀକତା, ନିଃସ୍ୱାର୍ଥପରତା, ମହାନତା, ଅସୀମ ତ୍ୟାଗ, ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ସରଳତା, ପରୋପକାରିତା, ସଚ୍ଚୋଟତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ଆପଣଙ୍କ ଆଶୀର୍ବାଦ ସର୍ବଦା ରହିଥାଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ଦିଲ୍ଲୀପ, ଦୀପକ, ଆଲୋକ (ପୁତ୍ର), ଶୁଭ୍ରା, ସବିତା, ସିନାଳୀ (ପୁତ୍ରବଧୂ), ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ଅଣନାତୁଣୀ ଓ ମହାପାତ୍ର ପରିବାରବର୍ଗ ।
ଧ-୭୧୦୧୮

**ଶ୍ରଦ୍ଧାଞ୍ଜଳି**



ଶିକ୍ଷାବିତ୍ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସ୍ୱର୍ଗତ ଶ୍ରୀଯୁକ୍ତ ଭାସ୍କର ଶତପଥୀଙ୍କ ସହଧର୍ମିଣୀ **ନେତ୍ରମଣୀ ଦେବୀ**ଙ୍କ ୯୪ ବର୍ଷରେ ଏକ ଘରୋଇ ଡାକ୍ତରଖାନାରେ ୧୬.୨.୨୦୨୨ ତାରିଖ ଅପରାହ୍ନ ୪.୫୦ ସମୟରେ ପରଲୋକ ହୋଇଯାଇଛି। ତାଙ୍କ ପିତା ସ୍ୱର୍ଗତ ଜୟକୃଷ୍ଣ ମିଶ୍ର ଜଣେ ବିଶିଷ୍ଟ କବିରାଜ ଥିଲେ । ତାଙ୍କ ଘର କଟକ ଟାଉନହଲ ରୋଡ୍ ନିକଟସ୍ଥ ଗୋପାଳଜୀଉ ଲେନ୍ ମଠସାହିରେ । ସେ ଜଣେ ସ୍ନେହୀ ଓ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଶ୍ରୀ ଲକ୍ଷ୍ମଣ ଶତପଥୀ, ଶ୍ରୀ ହରିହର ଶତପଥୀ, ଶ୍ରୀ ଶଙ୍କର ପ୍ରସାଦ ଶତପଥୀ, ଶ୍ରୀ ବିଶ୍ୱନାଥ ଶତପଥୀ ଓ କନିଷ୍ଠ ପୁତ୍ର ଶ୍ରୀ କାଶୀନାଥ ଶତପଥୀ, ସମସ୍ତ ପୁତ୍ରବଧୂ, ଝିଅଜ୍ୱାଇଁମାନଙ୍କ ଛଡା ନାତିନାତୁଣୀ, ଆତ୍ମୀୟଜନମାନେ ଉପସ୍ଥିତ ଥିଲେ । ସତୀଚୌରା ଶ୍ମଶାନରେ ଜ୍ୟେଷ୍ଠପୁତ୍ର ଶ୍ରୀ ଲକ୍ଷ୍ମଣ ଶତପଥୀ ମୁଖାଗ୍ନି ଦେଇଥିଲେ।
ଧ-୨୩୨୩୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ସୁରେଶଚନ୍ଦ୍ର ମିଶ୍ର**
ତିରୋଧାନ- 5.3.2021
ପ୍ଲଟ୍ ନମ୍ବର- 500, Unit-9, Behind Bayabaa Matha, Near EMILY Play School, Bhubaneswar
ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ ।
-:ଶୋକସନ୍ତପ୍ତ:-
ଆତ୍ମୀୟସ୍ୱଜନ
ଧ-୨୩୨୨୭

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଯୁଗଳ କିଶୋର ନାୟକ**
(ଓଡ଼ିଶାର ପୂର୍ବତନ ମୁଖ୍ୟ ସ୍ଥପତି)
ଆବିର୍ଭାବ: ୨୦।୦୯।୧୯୪୧
ତିରୋଧାନ: ୧୫।୦୨।୨୦୨୦
ଚାହୁଁ ଚାହୁଁ ୨ବର୍ଷ ବିତିଗଲା। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଆମ ପାଇଁ ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବାପୁ, ପୁଷ୍ପା, କୁନି, ଟମି, ପୁପୁ, ପୁଷି, ସାଇମାତା, ଜଗଜ୍ଜନନୀ, ସାଇକୃଷ୍ଣ, ଗଙ୍ଗାମାତା, କମଳ, ବନ୍ଧୁ ଓ ପରିବାରବର୍ଗ।
D-23236

**CLASSIFIED DISPLAY**
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
**8901110759**

**BIDISHA FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245, 7653803952
Asrayagad, Gulaijang, Gajapati

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ଫେବୃୟାରୀ ୨୩/୨୦୨୨ Dhenkanal, Wednesday, February 23/ 2022

# ଦୀପ୍ତି, ରିଚା, ମେଘନାଙ୍କ ଉନ୍ନତି

**ଦୁବାଇ, ୨୨।୨ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଅନ୍ତର୍ଜାତୀୟ ଦିନିକିଆ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତର ଦୀପ୍ତି ଶର୍ମା, ରିଚା ଘୋଷ ଓ ସାଭିନେନି ମେଘନାଙ୍କ ଉନ୍ନତି ପରିଲକ୍ଷିତ ହୋଇଛି। ବ୍ୟାଟର ତାଲିକାରେ ଦୀପ୍ତି ଦୁଇସ୍ଥାନ ପଦୋନ୍ନତି ପାଇ ୧୮ତମ ସ୍ଥାନରେ ପହଞ୍ଚିଛନ୍ତି। ରିଚା ଘୋଷ ୧୫ ସ୍ଥାନ ଉପରକୁ ଉଠି ୫୪ତମ ସ୍ଥାନ ଅଧିକାର କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଓ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ଅର୍ଦ୍ଧଶତକ ହାସଲ କରିଥିବା ଭାରତ ଅଧିନାୟିକା ମିଥାଲି ରାଜ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଭାରତର ପ୍ରଦର୍ଶନ ଯଦିଓ ନୈରାଶ୍ୟଜନକ ରହିଛି ର୍‍ୟାଙ୍କିଙ୍ଗରେ କିଛି ସକାରାତ୍ମକ ପ୍ରତିଫଳନ ଦେଖିବାକୁ ମିଳିଛି। କ୍ୱାରାଣ୍ଟାଇନ୍ କଟକଣା ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ତିନୋଟି ଦିନିକିଆ ଖେଳି ନ ଥିଲେ ସୁଦ୍ଧା ଷ୍ଟାର ଓପନର ସ୍ମୃତି ମନ୍ଧାନା ତାଲିକାରେ ପୂର୍ବଭଳି ୮ମ ସ୍ଥାନରେ ରହିଛନ୍ତି। ମନ୍ଧାନାଙ୍କ ଅନୁପସ୍ଥିତିରେ ମେଘନା ତାଙ୍କ ୪୯ ଓ ୬୧ ରନ ପାଇଁ ର୍‍ୟାଙ୍କିଙ୍ଗ ତାଲିକାରେ ଲମ୍ବା ଡିଆଁ ମାରିଛନ୍ତି। ସେ ୧୧୩ ସ୍ଥାନ ଉପରକୁ ଉଠି ୬୭ତମ ସ୍ଥାନରେ ରହିଛନ୍ତି। ବୋଲର ତାଲିକାରେ କେବଳ ଜଣେ ଭାରତୀୟ ଝୁଲଣ ଗୋସ୍ୱାମୀ ଟପ୍ ୧୦ରେ ଅଛନ୍ତି। ସେ ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି।

# ଭାରତୀୟ ଦଳରେ ଓଡ଼ିଶାର ଦୀପସାନ, ଶୀଲାନନ୍ଦ



ସ୍ପେନ ବିପକ୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ପାଇଁ ମନୋନୀତ ଭାରତୀୟ ହକି ଦଳ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

**ଭୁବନେଶ୍ୱର, ୨୨।୨ (କ୍ରୀଡ଼ା ପ୍ରତିନିଧି):** କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୬ ଓ ୨୭ ତାରିଖରେ ହେବାକୁଥିବା ସ୍ପେନ୍ ବିପକ୍ଷ ଏଫ୍‌ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚ ମଙ୍ଗଳବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ଏହି ଦଳରେ ଓଡ଼ିଶାର ଦୀପସାନ ତିର୍କୀ ଓ ଶୀଲାନନ୍ଦ ଲାକ୍ରା ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ଅଭିଜ୍ଞ ଡିଫେଣ୍ଡର ଅମିତ ରୋହିଦାସ ଷ୍ଟାଣ୍ଡବାଇ ଖେଳାଳି ରହିଛନ୍ତି। ତାରକା ମିଡ୍‌ଫିଲ୍ଡର ମନପ୍ରୀତ ସିଂ ଭାରତୀୟ ଦଳର ଅଧିନାୟକ ଏବଂ ଡ୍ରାଗ୍‌ଫ୍ଲିକିଂ ସ୍ପେଶାଲିଷ୍ଟ ହରମନପ୍ରୀତ ସିଂ ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ନୂଆ ମୁହଁ ଭାବେ ପଞ୍ଜାବର ଯୁବ ଫରୱାର୍ଡ ସୁଖଜିତ ସିଂଙ୍କୁ ଦଳରେ ନିଆଯାଇଛି। ନିକଟରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହକି ଇଣ୍ଡିଆ ସିନିୟର ପୁରୁଷ ଆନ୍ତଃ-ବିଭାଗୀୟ ଜାତୀୟ ଚାମ୍ପିୟନଶିପ୍‌ରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ପ୍ରଭାବୀ ପ୍ରଦର୍ଶନ କରି ସୁଖଜିତ କୋର୍ ଗ୍ରୁପ୍‌ରେ ସାମିଲ ହୋଇଥିଲେ। ଭାରତୀୟ ଫରୱାର୍ଡ ଲାଇନ୍‌ରେ ଅଛନ୍ତି ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଶୀଲାନନ୍ଦ ଲାକ୍ରା, ସୁଖଜିତ ସିଂ ଓ ଅଭିଷେକ। ଚଳିତ ମାସ ଆରମ୍ଭରେ ଦକ୍ଷିଣ ଆଫ୍ରିକା ଓ ଫ୍ରାନ୍ସ ବିପକ୍ଷରେ ଭଲ ପ୍ରଦର୍ଶନର ପୁରସ୍କାର ପାଇଛନ୍ତି ଅଭିଷେକ।

"ଆମେ ଘରୋଇ ପରିବେଶରେ ଖେଳିବାକୁ ଯାଉଛୁ। ସ୍ପେନ ବିପକ୍ଷ ମ୍ୟାଚ ପାଇଁ ଆମେ ଏକ ସନ୍ତୁଳିତ ଦଳ ଗଠନ କରିଛୁ। ଗତ ମାସରେ ହୋଇଥିବା ଚୟନ କ୍ୟାମ୍ପରେ ପ୍ରଭାବିତ କରିଥିବାରୁ ସୁଖରାମଙ୍କୁ ଦଳରେ ନିଆଯାଇଛି" ବୋଲି ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ପ୍ରକାଶ କରିଛନ୍ତି। ସ୍ପେନ୍ ଦଳ ଏବେ ନୂଆ କୋଚ୍‌ଙ୍କ ଅଧୀନରେ ଖେଳୁଛି। ଇଂଲଣ୍ଡଠାରୁ ୨ଟି ମ୍ୟାଚରେ ପରାଜିତ ହୋଇଥିବାରୁ ଏହି ଦଳ ନିଶ୍ଚିତ ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା କରିବ। ଚଳିତ ବର୍ଷ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଥିବାରୁ ଆଗାମୀ ମ୍ୟାଚ ୨ଟି ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ରିଡ୍ କହିଛନ୍ତି।

### ଭାରତୀୟ ଦଳ

**ଗୋଲକିପର:** ପି.ଆର. ଶ୍ରୀଜେଶ, ସୂରଜ କରକେରା। **ଡିଫେଣ୍ଡର:** ହରମନପ୍ରୀତସିଂ (ଉପଅଧିନାୟକ), ମନଦୀପ ମୋର, ସୁରେନ୍ଦ୍ର କୁମାର, ବରୁଣ କୁମାର, ଜରମନପ୍ରୀତ ସିଂ, ଦୀପସାନ ତିର୍କୀ। **ମିଡ୍‌ଫିଲ୍ଡର:** ମନପ୍ରୀତ ସିଂ (ଅଧିନାୟକ), ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂ, ଜସକରନ ସିଂ, ସମଶେର ସିଂ, ନୀଳକାନ୍ତ ଶର୍ମା, ଆକାଶଦୀପ ସିଂ। **ଫରୱାର୍ଡ:** ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଶୀଲାନନ୍ଦ ଲାକ୍ରା, ସୁଖଜିତ ସିଂ, ଅଭିଷେକ।
**ଷ୍ଟାଣ୍ଡବାଇ:** କ୍ରିଷ୍ଣନ ବାହାଦୁର ପାଠକ, ଅମିତ ରୋହିଦାସ, ରାଜକୁମାର ପାଲ, ମୋଇରଙ୍ଗଥେମ୍ ରବିଚନ୍ଦ୍ର ସିଂ, ଦିଲପ୍ରୀତ ସିଂ।

# ରିଟେନ ଖେଳାଳିଙ୍କ ମଧ୍ୟରେ ମନ୍ଧାନା, ଜେମିମା

**ଲଣ୍ଡନ, ୨୨।୨ (ପି.ଟି.):** ଇଂଲଣ୍ଡରେ ଖେଳାଯାଉଥିବା ମହିଳା ହଣ୍ଡ୍ରେଡ୍ ଲିଗ୍‌ର ୨୦୨୨ ସଂସ୍କରଣ ପାଇଁ ଭାରତର ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜ୍‌ଙ୍କୁ ସେମାନଙ୍କ ଫ୍ରାଞ୍ଚାଇଜ୍ ଦଳରେ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ୩ ଭାରତୀୟ ଖେଳାଳି ହରମନପ୍ରୀତ କୌର, ଶେଫାଳି ବର୍ମା ଓ ଦୀପ୍ତି ଶର୍ମାଙ୍କୁ ସେମାନଙ୍କ ଫ୍ରାଞ୍ଚାଇଜ୍ ରିଲିଜ କରିଛି। ସେମାନେ ଅନ୍ୟ ଦଳର ସିଲେକ୍ସନ ପାଇଁ ଉପଲବ୍ଧ ହେବେ। ଇନିଂସ ପିଛା ୧୦୦ ବଲ୍ ଖେଳାଯାଉଥିବା ଏହି ଟୁର୍ନାମେଣ୍ଟରେ ରୋଡ୍ରିଗୁଏଜ୍ ଗତବର୍ଷ ନର୍ଦ୍ଦର୍ନ ସୁପରଚାର୍ଜର୍ସ ଦଳରେ ଏବଂ ମନ୍ଧାନା ସର୍ଦ୍ଦର୍ନ ବ୍ରେଭ୍ ଦଳରେ ପ୍ରତିନିଧିତ୍ୱ କରୁଥିଲେ। ବର୍ମିଂହାମ୍ ଫୋନିକ୍ସ ଶେଫାଳିଙ୍କୁ ରିଲିଜ କରିଥିବା ବେଳେ ଲଣ୍ଡନ ସ୍ପିରିଟ୍ ଦୀପ୍ତି ଶର୍ମାଙ୍କୁ ଛାଡ଼ିଛି। ମାଞ୍ଚେଷ୍ଟର ୟୁନାଇଟେଡ୍ ହରମନପ୍ରୀତଙ୍କୁ ରିଟେନ କରି ନାହିଁ। ଟୁର୍ନାମେଣ୍ଟର ଗତ ସଂସ୍କରଣରେ ମନ୍ଧାନା ୭ଟି ଇନିଂସରୁ ମୋଟ ୧୬୭ ରନ ସଂଗ୍ରହ କରିଥିଲେ। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୩୩.୬୦ ରହିଥିଲା। ୱେଲ୍ସ ଫାୟାର ବିପକ୍ଷରେ ସେ ୫୨ ବଲ୍‌ରେ ୭୮ ରନ କରିଥିଲେ, ଯାହାକି ଗତ ସିଜନରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଅନ୍ୟପକ୍ଷରେ ରୋଡ୍ରିଗୁଏଜ୍ ୫ଟି ଇନିଂସରୁ ୨୫୦ ପାଖାପାଖି ରନ ସଂଗ୍ରହ କରିଥିଲେ। ତନ୍ମଧ୍ୟରେ ୪୩ ବଲରୁ ବିସ୍ଫୋରକ ୯୨ ରନ ଏବଂ ଦୁଇଟି ଅର୍ଦ୍ଧଶତକ ସାମିଲ ରହିଛି।

# ୭ ଖେଳାଳିଙ୍କୁ ଭାରତ ଫେରିଯିବାକୁ କୁହାଯାଇଥିଲା

## କରୋନା ଭାକ୍ସିନ ପ୍ରସଙ୍ଗ

**ନୂଆଦିଲ୍ଲୀ, ୨୨।୨ (ପି.ଟି.):** ୧୯ବର୍ଷରୁ କମ୍ ବିଶ୍ୱକପ୍ ସଫଳତା ପଥରେ ଦଳର ଶିବିରରେ କରୋନା ସଂକ୍ରମଣ ଦେଖାଦେବା ପଡ଼ିଆ ବାହାରେ ଭାରତ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଏହା ସମସ୍ତ ଖେଳପ୍ରେମୀଙ୍କୁ ଜଣା, ହେଲେ ଏହା ପୂର୍ବରୁ ଆଉ ଏକ ସମସ୍ୟାରୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା। କ୍ୟାରିବିୟନ ଦ୍ୱୀପପୁଞ୍ଜରେ ପହଞ୍ଚିବା ପରେ ଭାରତର ସମସ୍ୟା ଆରମ୍ଭ ହୋଇଥିଲା। ଭ୍ୟାକ୍ସିନ ନେଇ ନ ଥିବାରୁ ଦଳର ୭ଜଣ ସଦସ୍ୟଙ୍କୁ ବିମାନ ବନ୍ଦରରେ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକିବାକୁ ପଡ଼ିଥିଲା। ସମସ୍ୟାର ସମାଧାନ ପାଇଁ ସରକାରୀ ପଦକ୍ଷେପର ଆବଶ୍ୟକତା ଦେଖା ଦେଇଥିଲା। ଦୁବାଇରୁ ଦୀର୍ଘ ପଥ ଯାତ୍ରା ପରେ ଆମଷ୍ଟରଡାମ ବାଟ ଦେଇ ଭାରତୀୟ ଖେଳାଳିମାନେ ପୋର୍ଟ ଅଫ୍ ସ୍ପେନ୍‌ରେ ପହଞ୍ଚିଥିଲେ। ଯେଉଁ ଖେଳାଳିମାନଙ୍କୁ ସ୍ୱଦେଶ ଫେରିଯିବାକୁ କୁହାଯାଇଥିଲା, ସେମାନଙ୍କ ମଧ୍ୟରେ ଦଳର ଅଭୂତପୂର୍ବ ବିଶ୍ୱକପ୍ ସଫଳତା ପଛରେ ବିଶେଷ ଭୂମିକା ରଖିଥିବା ବାମହାତୀ ପେସ୍ ବୋଲର ରବି କୁମାର ଓ ଓପନର ଅଙ୍ଗକ୍ରିସ୍ ରଘୁବଂଶୀ ଅନ୍ୟତମ ଥିଲେ। ଦଳକୁ ସଙ୍କଟରୁ ଉଦ୍ଧାର କରିବା ଲାଗି ଟିମ୍ ମ୍ୟାନେଜର ଲବଜାଙ୍ଗ ଜି. ଟେନ୍‌ଜିଙ୍ଗ୍ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ରେ ଥିବା ତାଙ୍କ ସହକର୍ମୀଙ୍କ ସହାୟତା ନେଇଥିଲେ।

# ନୀତୁ, ଅନାମିକା କ୍ୱାର୍ଟରରେ

**ନୂଆଦିଲ୍ଲୀ, ୨୨।୨ (ପି.ଟି.):** ଭାରତୀୟ ମହିଳା ବକ୍ସର ନୀତୁ (୪୮କେଜି) ଓ ଅନାମିକା (୫୦କେଜି) ବୁଲଗେରିଆର ସୋଫିଆଠାରେ ଚାଲିଥିବା ୭୩ତମ ଷ୍ଟ୍ରାଣ୍ଡଜା ମେମୋରିଆଲ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ନୀତୁ ପ୍ରଥମ ରାଉଣ୍ଡରେ ରୁଷିଆର ଚୁମ୍‌ଗାଲାକୋଭା ଲୁଲିଆଙ୍କୁ ୫-୦ରେ ପରାସ୍ତ କରିଥିବା ବେଳେ ଅନାମିକା ସ୍ଥାନୀୟ ଆଶାୟୀ ଚୁକାନୋଭା କ୍ଲାଷ୍ଟିସ୍ଲାଭାଙ୍କ ବିପକ୍ଷରେ ୪-୧ରେ ବିଜୟ ଲାଭ କରିଥିଲେ। ନୀତୁ ଓ ଅନାମିକା ବର୍ତ୍ତମାନ ସେମାନଙ୍କ ପରବର୍ତ୍ତୀ ବାଉଟ୍ ଇଟାଲୀର ରୋବର୍ଟା ବୋନାଟି ଓ ଆଲଜେରିଆର ରୋମେସା ବୋଆଲେମ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ଶିଖା (୫୪କେଜି) ଓ ଆକାଶ (୬୭କେଜି) ହାରିଯାଇଛନ୍ତି।

# ଭାରତୀୟ ଦଳରେ ଓଡ଼ିଶାରୁ ୭

## ସାଉଥ୍ ଏସିଆନ ଟେନିସ କ୍ରିକେଟ ଆଜିଠାରୁ

**ଭୁବନେଶ୍ୱର, ୨୨।୨ (କ୍ରୀଡ଼ା ପ୍ରତିନିଧି)**

ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ନେପାଳ ଆନୁକୂଲ୍ୟରେ ସର୍ବପ୍ରଥମ ସାଉଥ୍ ଏସିଆନ ଟେନିସ କ୍ରିକେଟ ଚାମ୍ପିୟନଶିପ୍ (ମହିଳା ଓ ପୁରୁଷ) ବୁଧବାରଠାରୁ ନେପାଳର ପୋଖରାଠାରେ ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ସାଉଥ୍ ଏସିଆନ ଟେନିସ କ୍ରିକେଟ ଫେଡେରେଶନ ଓ ଅନ୍ତର୍ଜାତୀୟ ଟେନିସ କ୍ରିକେଟ ଫେଡେରେଶନର ମାନ୍ୟତାପ୍ରାପ୍ତ। ଏଥିରେ ୪ଟି ଦେଶ ଭାରତ, ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କା ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ ୭ ଜଣ ଓଡ଼ିଶା ଖେଳାଳି ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ମହିଳା ଦଳରେ ୪ ଓ ପୁରୁଷ ଦଳରେ ୩ ଖେଳାଳି ଅନ୍ତର୍ଭୁକ୍ତ। ମହିଳା ଦଳରେ ସାମିଲ ହୋଇଥିବା ଖେଳାଳି ହେଲେ ସୁନ୍ଦରଗଡ଼ର ଅଞ୍ଜୁଲତା ସାହୁ, କନ୍ଧମାଳର ପ୍ରୀତିଲତା ନାୟକ, ଭଦ୍ରକର ମମତା ବେହେରା ଓ ବାଲେଶ୍ୱରର ପଦ୍ମାବତୀ ସିଂ। ସେହିପରି ପୁରୁଷ ଦଳରେ ଭୁବନେଶ୍ୱରର ସୁଶୀଲ ବାରିକ, ସୁନ୍ଦରଗଡ଼ର ସ୍ୱାଗତ ଚକ୍ର ଓ ସମ୍ବଲପୁରର ରାଜା କୁସୁମ ସାମିଲ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ କୋଷାଧ୍ୟକ୍ଷ ରାଗିଣୀ ମିତ୍ରଙ୍କ ତତ୍ତ୍ୱାବଧାନରେ ଭାରତୀୟ ଦଳ ନେପାଳ ଯାତ୍ରା କରିଛି।


ଅଞ୍ଜୁଲତା ସାହୁ | ପଦ୍ମାବତୀ ସିଂ | ରାଜା କୁସୁମ | ପ୍ରୀତିଲତା ନାୟକ | ସୁଶୀଲ ବାରିକ | ସ୍ୱାଗତ ଚକ୍ର

# ସୁଭଦ୍ରାଙ୍କ ହ୍ୟାଟ୍ରିକରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

## ଓଡ଼ିଶା ଓମେନ୍ସ ଲିଗ୍

**ଭୁବନେଶ୍ୱର, ୨୨।୨ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍) ଫୁଟବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ପୋଲିସ, ରାଇଜିଂ ଷ୍ଟୁଡେଣ୍ଟ ଓ ଇଷ୍ଟକୋଷ୍ଟ ରେଲୱେ ଦଳ ବିଜୟ ହାସଲ କରିଛି। କ୍ୟାପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ପୋଲିସ ୩-୦ ଗୋଲରେ ଓଜିପିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜବାମଣି ଟୁଡୁ, ମୁନିକା ମିଞ୍ଜ ଓ ଯଶମଣି ସମଦ ଗୋଲ ସ୍କୋର କରିଥିଲେ। କ୍ୟାପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ୩-୧ ଗୋଲରେ ସାଇ-ଏସ୍‌ଟିସିକୁ ପରାସ୍ତ କରିଛି। ରାଇଜିଂ ପକ୍ଷରୁ ଅଧିନାୟିକା ସୁଭଦ୍ରା ସାହୁ ୧୮, ୩୦ ଓ ୩୯ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ସାଇ ଦଳର ଦୀପା ନାୟକ ୪୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ୨-୦ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ହରାଇ ଦେଇଛି। ରେଲୱେ ପକ୍ଷରୁ ଅଧିନାୟିକା ସୁପ୍ରିୟା ରାଉତରାୟ ୩୭ ଓ ୮୦ତମ ମିନିଟରେ ୨ଟି ଯାକ ଗୋଲ ଦେଇଥିଲେ।



ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲରେ ମଙ୍ଗଳବାର ରାଇଜିଂ ଷ୍ଟୁଡେଣ୍ଟ ଓ ସାଇ ଏସ୍‌ଟିସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# କିସ୍‌କୁ ସବ୍‌ଜୁନିୟର ରଗ୍‌ବୀ ଟାଇଟଲ

**ଭୁବନେଶ୍ୱର, ୨୨।୨ (ସ୍ପୋର୍ଟ୍ସ ବ୍ୟୁରୋ)**

କିସ୍ କ୍ୟାମ୍ପସସ୍ଥିତ ଆର୍ଚେରୀ ଗ୍ରାଉଣ୍ଡରେ ଚାଲିଥିବା ୬ଷ୍ଠ ଅଲ୍ ଓଡ଼ିଶା ସବ୍‌ଜୁନିୟର ଆନ୍ତଃ ଜିଲା ୧୪ ବର୍ଷରୁ କମ୍ ଟଚ୍ ରଗ୍‌ବୀ ଟୁର୍ନାମେଣ୍ଟରେ କିସ୍‌ର ଉଭୟ ବାଳକ ଓ ବାଳିକା ଦଳ ଚାମ୍ପିୟନ ହୋଇଛନ୍ତି। କନ୍ଧମାଳ ଓ ମୟୂରଭଞ୍ଜର ଉଭୟ ବାଳକ ଓ ବାଳିକା ଦଳ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଭୟ କାଟେଗୋରିରେ ମୋଟ ୧୮ଜଣ ଖେଳାଳି ୫ଦିନିଆ ସିଲେକ୍ସନ କ୍ୟାମ୍ପକୁ ମନୋନୀତ ହୋଇଛନ୍ତି। ଏଥିରୁ ହାଇଦ୍ରାବାଦରେ ମାର୍ଚ୍ଚ ୫ ଓ ୬ ତାରିଖରେ ହେବାକୁଥିବା ସର୍ବଭାରତୀୟ ସବ୍ ଜୁନିୟର ଆନ୍ତଃରାଜ୍ୟ ରଗ୍‌ବୀ-୭ ଟୁର୍ନାମେଣ୍ଟ ପାଇଁ ୧୨ଜଣିଆ ଓଡ଼ିଶା ବାଳକ ଓ ବାଳିକା ଦଳ ମନୋନୟନ କରାଯିବ। ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ଓ କିସ୍‌ର ମିଳିତ ଆନୁକୂଲ୍ୟରେ ଏହି ଦିନିକିଆ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର, କଟକ, ଖୋର୍ଦ୍ଧା, କିସ୍, କନ୍ଧମାଳ, ଭୁବନେଶ୍ୱର ଓ ଭଦ୍ରକ ଜିଲାରୁ ଉଭୟ ବାଳକ ଓ ବାଳିକା କାଟେଗୋରିରେ ୨୫୦ ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ତନ୍ମୟ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ବୈଷୟିକ ନିର୍ଦ୍ଦେଶକ ମାନସ କୁମାର ଜେନା, କୋଚ୍ ଧୀରେନ କୁମାର ରାଉତ ଓ ରାଜ କିଶୋର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ କିସ୍‌ର ବାଳିକା ଓ ବାଳକ ରଗ୍‌ବୀ ଖେଳାଳି।

# ଉତ୍ଥାନ ପଥରେ ଓଡ଼ିଶା ଭଲିବଲ

**ଭୁବନେଶ୍ୱର, ୨୨।୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଭଲିବଲ ସମ୍ପ୍ରତି ଉତ୍ଥାନ ପଥରେ ରହିଛି। ଉତ୍ତମ କୋଚିଂ ଏବଂ ଉପଯୁକ୍ତ ସମୟରେ କୋଚିଂ କ୍ୟାମ୍ପ ଯୋଗୁ ଦଳର ପ୍ରଦର୍ଶନରେ ପୂର୍ବାପେକ୍ଷା ଅନେକ ପରିମାଣରେ ସୁଧାର ଆସିଛି। ନିକଟରେ କିଟ୍ ପରିସରରେ ଅନୁଷ୍ଠିତ ଜାତୀୟ ସିନିୟର ଓ ଫେଡେରେଶନ କପ୍ ଭଲିବଲ ଟୁର୍ନାମେଣ୍ଟରୁ ଏହାର ପ୍ରମାଣ ମିଳିଛି। ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୩୪ତମ ଫେଡେରେଶନ କପ୍‌ରେ ଓଡ଼ିଶାର ଉଭୟ ମହିଳା ଓ ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତି ଇତିହାସ ରଚିଛି। ମହିଳା ବିଭାଗରେ କେରଳ ଓ ପୁରୁଷରେ ସର୍ଭିସେସ ଚାମ୍ପିୟନ ହୋଇଥିବାବେଳେ ଉଭୟରେ ରେଲୱେ ଦଳ ରନର୍ସଅପ୍ ହୋଇଛି। ପୁରୁଷ ଫାଇନାଲରେ ସର୍ଭିସେସ ୩-୦ (୨୫-୧୮, ୨୯-୨୭, ୨୫-୨୦)ରେ ରେଲୱେକୁ ପରାସ୍ତ କରିଥିବାବେଳେ ବ୍ରୋଞ୍ଜ ପଦକ ପାଇଁ ମୁକାବିଲାରେ ଓଡ଼ିଶା ୩-୧ (୨୫-୧୯, ୧୩-୨୫, ୨୫-୨୦, ୨୫-୨୦) ସେଟ୍‌ରେ ଶକ୍ତିଶାଳୀ ହରିୟାଣାକୁ ହରାଇବାରେ ସକ୍ଷମ ହୋଇଥିଲା। ମହିଳା ବିଭାଗ ଫାଇନାଲରେ କେରଳ ୩-୦ (୨୫-୧୯, ୨୫-୧୯, ୨୫-୧୬) ସେଟ୍‌ରେ ରେଲୱେକୁ ପରାସ୍ତ କରିଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ପଶ୍ଚିମବଙ୍ଗ ଉପରେ ଭାରି ପଡ଼ିଥିଲା ଓଡ଼ିଶା। ପୁରୁଷ ବିଭାଗରେ ଚାମ୍ପିୟନ ଦଳକୁ ୬୦,୦୦୦, ରନର୍ସଅପ୍‌କୁ ୪୦,୦୦୦, ତୃତୀୟ ସ୍ଥାନୀୟ ଦଳକୁ ୩୦,୦୦୦ ଓ ୪ର୍ଥ ସ୍ଥାନ ପାଇଁ ୨୦,୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ସେହିପରି ମହିଳା ବିଭାଗର ଚାମ୍ପିୟନଙ୍କୁ ୪୦,୦୦୦, ରନର୍ସଅପ୍‌କୁ ୩୦,୦୦୦, ତୃତୀୟ ସ୍ଥାନ ପାଇଁ ୨୦,୦୦୦ ଓ ୪ର୍ଥ ସ୍ଥାନୀୟ ଦଳକୁ ୧୦,୦୦୦ଟଙ୍କା ଦିଆ ଯାଇଥିଲା। ଏହା ବ୍ୟତୀତ ଉଭୟ ମହିଳା ଓ ପୁରୁଷ ବିଭାଗରେ ଶ୍ରେଷ୍ଠ ଆଟାକର, ଶ୍ରେଷ୍ଠ ବ୍ଲକର, ଶ୍ରେଷ୍ଠ ସେଟର ଓ ଶ୍ରେଷ୍ଠ ଲିବେରୋଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ବ୍ରୋଞ୍ଜ ପଦକ ଜିତିଥିବାରୁ ଓଡ଼ିଶାର ମହିଳା ଓ ପୁରୁଷ ଦଳକୁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ଅଚ୍ୟୁତ ସାମନ୍ତ ସ୍ୱତନ୍ତ୍ରଭାବେ ୩୦,୦୦୦ଟଙ୍କା ଲେଖାଏ ପ୍ରଦାନ କରି ଉତ୍ସାହିତ କରିଥିଲେ। କୌଣସି ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ମହିଳା ଦଳ ତୃତୀୟ ସ୍ଥାନ ହାସଲ କରିବା ଏହା ପ୍ରଥମ ଥିଲା। ଉଦ୍‌ଯାପନୀ ଉତ୍ସବରେ ଭିଏଫ୍‌ଆଇ ସଭାପତି ଅଚ୍ୟୁତ ସାମନ୍ତ, ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ଭିଏଫ୍‌ଆଇ କାର୍ଯ୍ୟନିର୍ବାହୀ ଉପସଭାପତି (ସେଣ୍ଟ୍ରାଲ ଜୋନ୍) ରାମାବତାର ସିଂ ଜାଖର, ମହାସଚିବ ଅନିଲ ଚୌଧାରୀ, କଣ୍ଟ୍ରୋଲ କମିଟି ଚେୟାରମ୍ୟାନ ମହମ୍ମଦ ବଶିର ଏନ୍, ଓଡ଼ିଶା ଭଲିବଲ୍ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

ପ୍ରକାଶ ଯୋଗ୍ୟ ଯେ, କିଟ୍ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୭୦ତମ ଜାତୀୟ ଭଲିବଲ ଚାମ୍ପିୟନଶିପ (ମହିଳା/ପୁରୁଷ)ରେ ମଧ୍ୟ ଓଡ଼ିଶାର ମହିଳା ଓ ପୁରୁଷ ଦଳ ପ୍ରଦର୍ଶନର ଛାପ ଛାଡ଼ିଥିଲା। ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ଦର୍ଶନୀୟ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲା। ମହିଳା ବିଭାଗରେ ଓଡ଼ିଶା ପ୍ରଥମ ଥର ପାଇଁ ନକ୍‌ଆଉଟରେ ପ୍ରବେଶ କରି ଇତିହାସ ରଚିଥିଲା। ଉଭୟ ବିଭାଗରେ ରାଜ୍ୟ ଦଳ କ୍ରମାଗତ ୪ଟି ଲେଖାଏ ମ୍ୟାଚରେ ବିଜୟୀ ହୋଇଥିଲା। ଓଡ଼ିଶା ଦଳର ପ୍ରଦର୍ଶନରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି କୋଚ୍ ଲୋତକ ବିନ୍ଦୁ ଦାଶ। କିଟ୍‌ରେ ଉପଲବ୍ଧ ଭିତ୍ତିଭୂମୀ ଏବଂ ଭିଏଫ୍‌ଆଇ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ସମର୍ଥନ ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ସେ ପ୍ରକାଶ କରିଛନ୍ତି।



ଫେଡେରେଶନ କପ୍ ଭଲିବଲ ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା ମହିଳା ଓ ପୁରୁଷ ଭଲିବଲ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

DHARITRI

ଢେଙ୍କାନାଳ, ବୁଧବାର, ଫେବୃୟାରୀ ୨୩/୨୦୨୨ (୮+୮=୧୬ ପୃଷ୍ଠା)    Dhenkanal, Wednesday, February 23/2022



**ପ୍ରଶଂସକଙ୍କ କ୍ଲାସ୍ ନେଲେ ସାମନ୍ଥା**

ସାଉଥ ସୁନ୍ଦରୀ ସାମନ୍ଥା ରୁଥ ପ୍ରଭୁଙ୍କୁ ଟ୍ରୋଲ କରିଥିବା ଜଣେ ପ୍ରଶଂସକଙ୍କ କ୍ଲାସ୍ ନେଇଛନ୍ତି। କମେଣ୍ଟରେ ଲେଖିଥିବା ବାକ୍ୟକୁ ଠିକ୍ କର ବୋଲି ସାମନ୍ଥା କହିଛନ୍ତି। ୦୪

୦୮ **ଦୂତୀଙ୍କ ମିଟ୍ ରେକର୍ଡ**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଆଥଲେଟିକ୍ ଚାମ୍ପିୟନଶିପ୍‌ର ୧୦୦ ମିଟର ରେସ୍‌ରେ ନୂଆ ମିଟ୍ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଅଲିମ୍ପିଆନ ଦୂତୀ ଚାନ୍ଦ।



ରାଜଧାନୀରେ ୫୦ ସ୍ପିଡ୍‌ରୁ ଅଧିକ ବେଗରେ ଗଲେ ଫାଇନ୍।




# ନିର୍ବାଚନୀ ହିଂସା ଥମୁନି

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ଟି ପର୍ଯ୍ୟାୟ ଭୋଟ ଗ୍ରହଣ ମଙ୍ଗଳବାର ଶେଷ ହୋଇଛି। ତେବେ ହିଂସାକାଣ୍ଡ ନିର୍ବାଚନ ପିଛା ଛାଡୁନାହିଁ। ଗତ ୩ଟି ପର୍ଯ୍ୟାୟ ନିର୍ବାଚନରେ ଭାଟ ବାକ୍ସ ନେଇଯିବା, ବାଲଟ ପେପର ଚିରିବା, ବୁଥ୍ ଜବରଦଖଲ କରିବା, ଭୋଟ ବାକ୍ସକୁ ପୋଖରୀକୁ ଫିଙ୍ଗି ଦେବା, ମାରପିଟ, ଗୋଷ୍ଠୀ ସଂଘର୍ଷ, ଖବରଦାତା, ବିଡିଓ, ପୋଲିସକୁ ମାରପିଟି ଭଳି ଘଟଣା ଘଟିଥିବା ବେଳେ ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ମଧ୍ୟ ଅନେକ ସ୍ଥାନରେ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଯଦିଓ ଗତ ପର୍ଯ୍ୟାୟ ନିର୍ବାଚନ ଗଣ୍ଡଗୋଳକାରୀଙ୍କୁ କିଛି ମାତ୍ରାରେ ପୋଲିସ ଗିରଫ କରିବାରେ ସଫଳ ହୋଇଛି ତେବେ ଏହାର ପ୍ରଭାବ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଦେଖିବାକୁ ମିଳିନାହିଁ। ବେଳକୁ ବେଳ ନିର୍ବାଚନ ହିଂସା ଭୟଙ୍କର ହେଉଛି। ଭଦ୍ରକର ଧାମନଗର ଅଞ୍ଚଳରେ ଭୟଙ୍କର ନିର୍ବାଚନ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗିର ଅଞ୍ଚଳରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ପ୍ରତାପ ରାଉତ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁହୋଇଥିବା ଅଭିଯୋଗ ହୋଇଛି।

ଜଗତସିଂହପୁର ଜିଲା ପାରାଦୀପ ଗଡ଼ରେ ଭୋଟ୍‌ବାକ୍ସ ସିଲ୍ ଚାଲିଥିବା ବେଳେ ବିଜେଡି ସମର୍ଥିତ ଜିଲା ପରିଷଦ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ହାତରେ ଷ୍ଟାମ୍ପ ଧରି ପୋଲିଂ ବୁଥ୍ ଭିତରେ ପଶିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିଯୋଗୁ ଗାଁ ଲୋକେ ପ୍ରାୟ ୨ଘଣ୍ଟା ଧରି ପୋଲିଂ କର୍ମଚାରୀଙ୍କୁ ଅଟକ ☞ପୃଷ୍ଠା-୫

### ସରିଲା ୪ର୍ଥ ପର୍ଯ୍ୟାୟ ପଞ୍ଚାୟତ ଭୋଟ

- ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ, ମାରପିଟ, ବୁଥ୍ ଜବରଦଖଲ
- ଜଣଙ୍କୁ ହତ୍ୟା ଅଭିଯୋଗ
- ବାଲଟ ପେପରରେ ତ୍ରୁଟି, ନିର୍ବାଚନ ବାତିଲ

### ୭୩% ମତଦାନ

**ନଗଡ଼ାରେ ୮୩%**

**ଭୁବନେଶ୍ୱର,୨୨।୨(ବ୍ୟୁରୋ)**

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଶେଷ ହୋଇଛି। ପ୍ରାରମ୍ଭିକ ସୂଚନା ଅନୁସାରେ ରାଜ୍ୟରେ ୭୩ ପ୍ରତିଶତ ମତଦାନ ହୋଇଛି ବୋଲି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ଚୂଡ଼ାନ୍ତ ସଂଖ୍ୟା ଆସିଲେ ଭୋଟ୍ ପ୍ରତିଶତ ବଢ଼ିପାରେ। ୪/୫ଟି ଜାଗାରେ ବିଭିନ୍ନ କାରଣରୁ ଭୋଟଦାନରେ ବାଧା ଉପୁଜିଛି। ଜିଲାପାଳମାନଙ୍କଠାରୁ ରିପୋର୍ଟ ମିଳିଲା ପରେ ସେ ନେଇ ପଦକ୍ଷେପ ନିଆଯିବ ବୋଲି କମିଶନର କହିଛନ୍ତି।

ଅପପୁଷ୍ଟିକୁ ନେଇ ଚର୍ଚ୍ଚାରେ ରହିଥିବା ଯାଜପୁର ଜିଲାର ନଗଡ଼ାରେ ୨୦ ବର୍ଷ ପରେ ☞ପୃଷ୍ଠା-୫

## ବିଜେଡି କର୍ମୀଙ୍କୁ ହତ୍ୟା

**ଭଦ୍ରକ ଅଫିସ/ଧାମନଗର, ୨୨।୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକରେ ପଞ୍ଚାୟତ ନିର୍ବାଚନ ନେଇ ରାଜନୈତିକ ହିଂସା ଉଗ୍ରରୂପ ଧାରଣ କରିଛି। ସୋମବାର ରାତିରେ ଜଣେ ବିଜେଡି କର୍ମୀଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ମୃତକ ହେଲେ ଧାମନଗର ଥାନା ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗୀର ଗାଁର ପ୍ରତାପ ଚନ୍ଦ୍ର ରାଉତ। ଭାଜପା କର୍ମୀଙ୍କ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିବା ମୃତକଙ୍କ ଭାଇ କେଶବ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୭୭/୨୨) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପ୍ରତାପ ରାତିରେ ଘରକୁ ଫେରୁଥିବା ବେଳେ କେତେ ଜଣ ଭାଜପା କର୍ମୀ ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଭାଇ କେଶବ ଏହାକୁ ବିରୋଧ କରିବାରୁ ତାଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଗୁରୁତର ଅବସ୍ଥାରେ ପ୍ରତାପଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ମଙ୍ଗଳବାର ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଘଟଣାରେ ଭାଜପା ନେତା ମନମୋହନ ସାମଲଙ୍କ ସମ୍ପୃକ୍ତିଥିବା କୁହାଯାଇଛି। ଏଥିସହ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅପରପକ୍ଷରେ ଭାଜପା ମଧ୍ୟ ଏକ ଖବରଦାତା ସମ୍ମିଳନୀ ଡାକି



ପ୍ରତାପ ଚନ୍ଦ୍ର ରାଉତ

ବିଜେଡିର ଅଭିଯୋଗକୁ ଖଣ୍ଡନ କରିଛି।

ବିଜେଡି ଖବରଦାତା ସମ୍ମିଳନୀରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବ୍ୟୋମକେଶ ରାୟ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ଜିଲା ବିଜେଡି ସଭାପତି ଜଗନ୍ନାଥ ଦାସ, ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜେଡି କର୍ମୀଙ୍କୁ ହତ୍ୟା ଘଟଣାର ତୀବ୍ର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେହିପରି ଭାଜପା ଖବରଦାତା ସମ୍ମିଳନୀରେ ବିଧାୟକ ବିଷ୍ଣୁ ସେଠୀ, ଭାଜପା କର୍ମୀ ମନୋଜ ମଲ୍ଲିକ, ସୂର୍ଯ୍ୟବଂଶୀ ସୂରଜ, ଅରବିନ୍ଦ ପତି, କୈଳାସ ମହାପାତ୍ର, ବିଜୁ ରାମ ପ୍ରମୁଖ ଉପସ୍ଥିତ ☞ପୃଷ୍ଠା-୫

# ଖୁସି ଆଣିଲା ବିରଳ ତାରିଖ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

ମଙ୍ଗଳବାର ଥିଲା ବର୍ଷର ପ୍ରଥମ ସିମେଟ୍ରିକାଲ ବା ପଲିଣ୍ଡ୍ରୋମ୍। ଅର୍ଥାତ୍ କ୍ୟାଲେଣ୍ଡରର ଏପରି ଏକ ତାରିଖ ଯାହାକି ସାଂଖ୍ୟିକ ଦୃଷ୍ଟିରୁ ବିରଳ। ମଙ୍ଗଳବାର ଥିଲା ୨୨.୦୨.୨୦୨୨ ତାରିଖ। ଅର୍ଥାତ ୨ ତାରିଖ ଦ୍ୱିତୀୟ ମାସ ଏବଂ ୨୦୨୨ ବର୍ଷ। ଆମେ ଏଭଳି ସଂଖ୍ୟା କ୍ରମକୁ ଦ୍ୱିତୀୟ ଥର ଦେଖିପାରିବା ନାହିଁ। ଏଭଳି ଦିନ ଖୁବ କ୍ୱଚିତ୍ ଦେଖିବାକୁ ମିଳିଥାଏ, ଯେଉଁଥିରେ ଦିନ, ମାସ ଓ ବର୍ଷର ସଂଖ୍ୟା ସମାନ ରହେ। କୌତୁହଳର ବିଷୟ ହେଉଛି, ଏହି ତାରିଖ ଉଭୟ ପଲିଣ୍ଡ୍ରୋମ୍ ଏବଂ ଆମ୍ବିଗ୍ରାମ୍। ଆମ୍ବିଗ୍ରାମ୍‌ର ଅର୍ଥ ଶବ୍ଦଟିକୁ ସିଧାରୁ ପଢିଲେ ଯାହା ତାକୁ ଓଲଟା ପଢିଲେ ମଧ୍ୟ ସମାନ। ୨୨.୦୨.୨୦୨୨ ସଂଖ୍ୟାକୁ ଆଗରୁ ପଢିଲେ ବାଇଶି ଶୂନ ଦୁଇ ଦୁଇ ଶୂନ ବାଇଶି ଏବଂ ପଛଆଡୁ ପଢିଲେ ମଧ୍ୟ ତାହା ବାଇଶି ଶୂନ ଦୁଇ ଦୁଇ ଶୂନ ବାଇଶି। ଏହି ଦିନଟିକୁ ସୋସିଆଲ ମିଡିଆରେ ୟୁଜର୍ସ ଟୁଜ୍ ଡେ'ର ଆଖ୍ୟା ଦେଇଛନ୍ତି। ଐତିହାସିକ ଦୃଷ୍ଟିରୁ ଏହା କୌଣସି ଗୁରୁତ୍ୱ ବହନ କରୁ ନ ଥିଲେ ବି ଜ୍ୟୋତିର୍ବିଦ୍‌ଙ୍କ ମତରେ, ଦୁଇଜଣ ବ୍ୟକ୍ତି କିମ୍ବା ଦୁଇଟି ଚିନ୍ତାଧାରାର ମିଳନକୁ ସଂଖ୍ୟା ୨ ସୂଚିତ କରିଥାଏ। ତେଣୁ ଏହାକୁ ଅମୃତ ବେଳା ବୋଲି କୁହାଯାଏ। ଏହି ବିରଳ ତାରିଖରେ ଭୁବନେଶ୍ୱର ମହାନଗର ନିଗମ ହସ୍ପିଟାଲରେ ୩ ଏବଂ କଟକ ଏସ୍‌ସିବି ହସ୍ପିଟାଲରେ ୨୫ଜଣ ଶିଶୁ ଜନ୍ମ ହୋଇଥିବା ମେଡିକାଲ ସୂତ୍ରରୁ ସୂଚନା ମିଳିଛି। ଫଳରେ ଉକ୍ତ ତାରିଖ ସମ୍ପୃକ୍ତ ପରିବାର ଲୋକଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ହୋଇଥିବାବେଳେ ସେମାନଙ୍କ ମୁହଁରେ ହସ ଫୁଟିଛି। ସେହିପରି କେତେଜଣ ବ୍ୟକ୍ତି ନୂଆ ଗାଡ଼ି, ଗହଣା ଓ ଘର କିଣି ଖୁସି ମନାଇଛନ୍ତି। ସୂଚନାଯୋଗ୍ୟ, ୨୦୧୧ ମସିହାରେ ଏଭଳି ସଂଖ୍ୟାକ୍ରମ ୧୧.୧.୨୦୧୧ ଦେଖିବାକୁ ମିଳିଥିଲା।




## ଆଜି ୪୫ ବୁଥ୍‌ରେ ସାନି ମତଦାନ

- ୫ମ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ଶେଷ
- ପ୍ରତି ପର୍ଯ୍ୟାୟରେ ବଢୁଛି ଭୋଟିଂ ପ୍ରତିଶତ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ):** ରାଜ୍ୟରେ ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ଭୋଟିଂ ମଙ୍ଗଳବାର ଶେଷ ହୋଇଛି। ୨୭ ଜିଲାର ୬୪ ବ୍ଲକର ୧ ହଜାର ୨୫୪ ପଞ୍ଚାୟତରେ ମତଦାନ ସରିଛି। ମୋଟ ୧୭ ହଜାର ୮୯ ବୁଥ୍‌ରେ ୫୧ ଲକ୍ଷ ୩୧ ହଜାର ୭୨୭ଜଣ ଭୋଟ୍ ଦେଇଛନ୍ତି। ୧୬୩ ଜିଲା ପରିଷଦ ଜୋନ୍‌ରେ ମୋଟ ୬୬୭ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିବାବେଳେ ସେମାନଙ୍କ ଭାଗ୍ୟ ବାଲଟ୍ ବକ୍ସରେ ବନ୍ଦ ହୋଇଛି। ଅନ୍ତିମ ତଥା ୫ମ ପର୍ଯ୍ୟାୟ ନିର୍ବାଚନକୁ ମଝିରେ ମାତ୍ର ଦିନଟିଏ ଥିବାବେଳେ ଏଥିଲାଗି ର ଅପରାହ୍ନରୁ ପ୍ରଚାର ଶେଷ ହୋଇଛି। ଅନ୍ୟପଟେ ଗତ ୩ ପର୍ଯ୍ୟାୟ ନିର୍ବାଚନ ସମୟରେ ୪୫ ବୁଥ୍‌ରେ ବିଭିନ୍ନ କାରଣରୁ ହୋଇଥିବା ଭୋଟିଂ ପ୍ରକ୍ରିୟାକୁ ନିର୍ବାଚନ କମିଶନ ବାତିଲ କରିଦେଇଥିଲେ। ସେହିସବୁ ସ୍ଥାନରେ ବୁଧବାର ପୁନଃ ମତଦାନ ହେବ। ଅନୁରୂପ ଭାବେ ୩ୟ ପର୍ଯ୍ୟାୟରେ ୩୦ ବୁଥ୍‌ରେ ସାନି ମତଦାନ ଲାଗି ଜିଲାପାଳମାନେ ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ୨୫ ତାରିଖରେ ଉକ୍ତ ୩୦ ବୁଥ୍‌ରେ ସାନି ମତଦାନ ହେବ ବୋଲି ଜଣାପଡ଼ିଛି। ଆସନ୍ତା ଗୁରୁବାର ଶେଷ ପର୍ଯ୍ୟାୟରେ ୪୯ ବ୍ଲକର ୧୩୩ ଜିଲା ପରିଷଦ ଜୋନ୍ ଲାଗି ନିର୍ବାଚନ ଅନୁଷ୍ଠିତ ହେବ। ୯୭୫ ସରପଞ୍ଚ, ସମିତିସଭ୍ୟ ଏବଂ ☞ପୃଷ୍ଠା-୫

## ଭୋଟ କେନ୍ଦ୍ରରେ ଟଳିପଡ଼ିଲେ ବୃଦ୍ଧା

**ସଜନାଗଡ଼,୨୨।୨(ଡି.ଏନ.ଏ.)**

ଭୋଟ ଦେବାକୁ ଆସି ଧାଡ଼ିରେ ଠିଆ ହୋଇଥିବା ବେଳେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀ ବରହମ୍‌ପୁର ଗାଁର ୭ ନଂ. ବୁଥ୍‌ରେ। ମୃତ ବୃଦ୍ଧା ଜଣକ ହେଲେ ସତ୍ୟଭାମା ବାରିକ(୬୫)।

ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ଭଳି ସତ୍ୟଭାମା ପୂର୍ବାହ୍ନରେ ଭୋଟ ଦେବାକୁ ଆସିଥିଲେ। ଧାଡ଼ିରେ ଠିଆ ହୋଇଥିବା ବେଳେ ସେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ଚିକିତ୍ସା ଲାଗି ବରହମପୁର ମେଡ଼ିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗୁଣି ସନ୍ଦେହରେ ୨ଘଣ୍ଟା ଭୋଟ ବନ୍ଦ

**ସଜନାଗଡ଼,୨୨।୨(ଡି.ଏନ୍.ଏ.)**

ପଞ୍ଚାୟତ ନିର୍ବାଚନରେ ଜିତିବା ଲାଗି ଜଣେ ସମିତିସଭ୍ୟ ପ୍ରାର୍ଥୀ ଗୁଣିଗାରେଡ଼ିର ଆଶ୍ରୟ ନେଇଥିବା ଅଭିଯୋଗ ହୋଇଛି। ଏପରି କି ଏହି ଘଟଣାକୁ ନେଇ ମତଦାନ କେନ୍ଦ୍ରରେ ଉତ୍ତେଜନା ଦେଖାଦେବାରୁ ୨ଘଣ୍ଟା ପାଇଁ ଭୋଟଦାନ ବନ୍ଦ ହୋଇଥିଲା। ପରେ ପୋଲିସ ଉପସ୍ଥିତିରେ ସ୍ଥିତି ସ୍ୱାଭାବିକ ହେବାପରେ ମତଦାନ ହୋଇଥିଲା। ଏଭଳି ଏକ ଘଟଣା ଦେଖିବାକୁ ଘଟିଛି ବାଲେଶ୍ୱର ଜିଲା ଔପଦା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ। ଏହି ପଞ୍ଚାୟତରେ ସମିତିସଭ୍ୟ ପ୍ରାର୍ଥୀ ହୋଇଥିବା ଭୋଳାନାଥ ମାଝି ନିର୍ବାଚନରେ ଜିତିବା ପାଇଁ କୁଲଡିହା ଅଭୟାରଣ୍ୟର ଗୁଡ଼ିଖୋଲା ନିକଟସ୍ଥ ଜଙ୍ଗଲରେ ଠାକୁରାଣୀ ପୂଜା କରିଥିବା ଜଣାପଡ଼ିଥିଲା। ଏହି ଖବର ପ୍ରଚାରିତ ହେବାପରେ କେତେଜଣ ଗ୍ରାମବାସୀ ଭୋଳାନାଥଙ୍କୁ ଅଟକାଇ ରଖିଥିଲେ। ଖବର ପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭୋଳାନାଥଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାକୁ ନେଇ ଶ୍ୟାମସୁନ୍ଦରପୁର ପଞ୍ଚାୟତର ୧୦ ନଂ. ବୁଥ୍‌ରେ ମଧ୍ୟ ଉତ୍ତେଜନା ☞ପୃଷ୍ଠା-୫

- ଜଙ୍ଗଲରୁ ଅଟକ ସମିତିସଭ୍ୟ ପ୍ରାର୍ଥୀ ଉଦ୍ଧାର
- ନିକଟସ୍ଥ ଜଙ୍ଗଲରେ ଠାକୁରାଣୀଙ୍କ ପୂଜାର୍ଚ୍ଚନା କରିଥିଲେ
- ଗୁଣିଗାରେଡ଼ି ନୁହେଁ, ନାଟକ: ଆଇଆଇସି



ପୋଲିସ ଉଦ୍ଧାର କରିଥିବା ସମିତିସଭ୍ୟ ପ୍ରାର୍ଥୀ ଭୋଳାନାଥ ମାଝି।




ନବମ ଶ୍ରେଣୀର 'ସୋସିଆଲ ସାଇନ୍ସ କଣ୍ଟେମ୍ପରାରି ଇଣ୍ଡିଆ-୧'ର ପଞ୍ଚମ ଅଧ୍ୟାୟରେ ଥିବା ୱାଇଲ୍ଡ ଲାଇଫ୍ ରିଜର୍ଭ ମ୍ୟାପ୍।

# ଜାତୀୟ ଉଦ୍ୟାନ ମ୍ୟାପ୍‌ରେ ଭିତରକନିକା ନାହିଁ

### ସିବିଏସ୍‌ଇ ନବମଶ୍ରେଣୀ ବହିରେ ତ୍ରୁଟି

**ଶିମିଳିପାଳକୁ ଦର୍ଶାଯାଇଛି ଜାତୀୟ ଉଦ୍ୟାନ**

**ଅସମାପିକା ସାହୁ**
**ଭୁବନେଶ୍ୱର, ୨୨।୨(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପିଲାଙ୍କୁ ଭୁଲ ପାଠ ପଢ଼ାଉଛି। ସିବିଏସ୍‌ଇ ନିଜ ସ୍କୁଲଗୁଡ଼ିକରେ ଏନ୍‌ସିଇଆର୍‌ଟି ବହି ପଢ଼ାଇବାକୁ ପ୍ରାଧାନ୍ୟ ଦେଇଥାଏ। କିନ୍ତୁ ଏନ୍‌ସିଇଆର୍‌ଟି ତରଫରୁ ପ୍ରଣୀତ ନବମ ଶ୍ରେଣୀ ବହିରେ ଏକ ତ୍ରୁଟି ପରିଲକ୍ଷିତ ହୋଇଛି। ସାମାଜିକ ବିଜ୍ଞାନ ବହି 'ସୋସିଆଲ ସାଇନ୍ସ କଣ୍ଟେମ୍ପରାରି ଇଣ୍ଡିଆ-୧'ର ପଞ୍ଚମ ଅଧ୍ୟାୟରେ ଦିଆଯାଇଥିବା ୱାଇଲ୍ଡ ଲାଇଫ୍ ରିଜର୍ଭ ମ୍ୟାପରେ ଶିମିଳିପାଳକୁ ନ୍ୟାଶନାଲ ପାର୍କ (ଜାତୀୟ ଉଦ୍ୟାନ) ବୋଲି ଚିହ୍ନଟ କରାଯାଇଛି। ହେଲେ ଓଡ଼ିଶାର ଏକମାତ୍ର ନ୍ୟାଶନାଲ ପାର୍କ ଭିତରକନିକାର ନାମ ନାହିଁ। ଏଭଳି ତ୍ରୁଟି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ।

ସୂଚନାଯୋଗ୍ୟ, ଭିତରକନିକା ଜାତୀୟ ଉଦ୍ୟାନରେ ବଉଳା କୁମ୍ଭୀର, ଅହିରାଜ ସାପ, ବର୍ମିଜ ଅଜଗର, ୱାଟର ମନିଟର ଆଦିଙ୍କ ସହିତ ଅନ୍ୟାନ୍ୟ ବନ୍ୟପ୍ରାଣୀ ରହିଛନ୍ତି। କେବଳ ସେତିକି ନୁହେଁ ନାନା ଜାତିର ହେନ୍ତାଳ ବଣ ଏବଂ ଅନ୍ୟାନ୍ୟ ଉଦ୍ଭିଦକୁ ନେଇ ଭିତରକନିକା ସାରା ପୃଥିବୀରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ୧୯୯୮ ମସିହାରୁ କେନ୍ଦ୍ର ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତରଫରୁ ଭିତରକନିକା ଜାତୀୟ ଉଦ୍ୟାନ ବୋଲି ନୋଟିଫିକେଶନ ଜାରି କରାଯାଇଥିଲା। ଏହାର ୨୪ ବର୍ଷ ପରେ ମଧ୍ୟ ଏନ୍‌ସିଇଆର୍‌ଟି ପ୍ରଣୀତ ବହିରେ ଭାରତ ମ୍ୟାପ୍‌ରେ ଭିତରକନିକା ଜାତୀୟ ଉଦ୍ୟାନ ସ୍ଥାନ ନ ପାଇବା ଦୁର୍ଭାଗ୍ୟଜନକ ବୋଲି ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ଉକ୍ତ ବହିର ତ୍ରୁଟିକୁ ତୁରନ୍ତ ସୁଧାରିବା ନିମନ୍ତେ ଉପଯୁକ୍ତ ସ୍ତରରେ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ ମାଧ୍ୟମରେ ଶୁଭେନ୍ଦୁ ପତ୍ର ଲେଖିଛନ୍ତି। ଏହାର ନକଲ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜ୍ୟର ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଏବଂ ସିବିଏସ୍‌ଇ ଚେୟାରମ୍ୟାନଙ୍କ ନିକଟକୁ ପଠାଇଛନ୍ତି। ଶୁଭେନ୍ଦୁ କହିଛନ୍ତି, ଶିମିଳିପାଳ ଭିତରେ କିଛି ଜନବସତି ରହିଯାଇଥିବାରୁ, ତାହାକୁ ନ୍ୟାଶନାଲ ପାର୍କ ମାନ୍ୟତା ଦିଆଯାଇପାରୁନାହିଁ। ତାହା ମଧ୍ୟ ଏନ୍‌ସିଇଆର୍‌ଟି ବହିର ଆଉ ଏକ ଭୁଲ। ତେଣୁ ଆସନ୍ତା ଶିକ୍ଷାବର୍ଷରୁ ଯେପରି ନୂଆ ବହିରେ ଠିକ୍ ତଥ୍ୟ ରହିବ, ସେଥିପାଇଁ ରାଜ୍ୟ ସରକାର ଉଭୟ ସିବିଏସ୍‌ଇ ଏବଂ ଏନ୍‌ସିଇଆର୍‌ଟି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଆବଶ୍ୟକ। ଏଠାରେ ☞ପୃଷ୍ଠା-୫

# ପୋଲିଂ ଅଧିକାରୀଙ୍କୁ ମାଡ଼, ବିଡିଓଙ୍କୁ ଠେଲାପେଲା

ଜଗତ୍‌ସିଂହପୁର ଅଫିସ/କୁଜଙ୍ଗ/ରାହାମା(ଡି.ଏନ୍.ଏ.),୨୨।୨

ମଙ୍ଗଳବାର ୪ର୍ଥ ପର୍ଯ୍ୟାୟ ନିର୍ବାଚନ ବେଳେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକର ପାରାଦୀପ ଗଡ଼ର ଏକ ବୁଥ୍ ଓ ରାହାମାସ୍ଥିତ ସାରଳା ମହାବିଦ୍ୟାଳୟ ବିତରଣ କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ପାରାଦୀପ ଗଡ଼ରେ ମତଦାନ ସମୟ ଅତିକ୍ରାନ୍ତ ପରେ ଭୋଟ ଦିଆଯିବା ଓ ପଣ୍ଡୁଆ ପଞ୍ଚାୟତର ୧୦ନଂ. ବୁଥ୍‌ରେ ସିଲ୍ ନ ହୋଇ ଶାରଳା ମହାବିଦ୍ୟାଳୟ ବିତରଣ କେନ୍ଦ୍ରରେ ବାଲଟ ସାମଗ୍ରୀ ସିଲ୍ ହେବା ପ୍ରସଙ୍ଗକୁ ନେଇ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ଶାରଳା ମହାବିଦ୍ୟାଳୟ ପରିସରରେ ପୋଲିଂ ଅଧିକାରୀ କୁଳମଣି ସେଠୀଙ୍କୁ ମାଡ଼ ହେବାରୁ ସେ ଆହତ ହୋଇଛନ୍ତି। ଏହି ସମୟରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ମଧ୍ୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକେ ବିଡିଓଙ୍କୁ ଠେଲାପେଲା କରିଛନ୍ତି। ଏ ସମ୍ପର୍କରେ ପୋଲିଂ ଅଧିକାରୀ ଅଭିଯୋଗ କଲାପରେ ତିର୍ତ୍ତୋଲ ଥାନାରେ ମାମଲା ରୁଜୁ କରାଯାଇ ୮ ଜଣଙ୍କୁ ଅଟକ ରଖାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଗଣ୍ଡଗୋଳରେ ସାମିଲ ନ ଥିବା ଜଣାପଡ଼ିଛି। ତେବେ ଏହା ଉପରେ ଅଧିକ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତିର୍ତ୍ତୋଲ ଆଇଆଇସି ସବ୍ୟସାଚୀ ରାଉତ କହିଛନ୍ତି।

**ପୋଲିଂ ବୁଥ୍‌ରେ ନୁହେଁ ବିତରଣ କେନ୍ଦ୍ରରେ ସିଲ୍ ହେବାରୁ ଉତ୍ତେଜନା**

ପାରାଦୀପ ଗଡ଼ରେ ହୋଇଥିବା ଅଘଟଣ ସମ୍ପର୍କରେ ଭାଜପା ଜିଲା ପରିଷଦ ପ୍ରାର୍ଥୀ ମାମାଲି ସାହୁଙ୍କ ସ୍ୱାମୀ କୁହନ୍ତି, ଅପରାହ୍ଣ ୧ଟା ଭିତରେ ନିର୍ବାଚନ ସରିବାର ଥିଲେ ସୁଦ୍ଧା ବୁଥ୍ ପରିସରରେ ୫ରୁ ୬ ଭାଜପା ସମର୍ଥିତ ଭୋଟର ଥିଲେ। ନିୟମ ଦୃଷ୍ଟିରୁ ସେମାନଙ୍କୁ ମତଦାନ ପାଇଁ ସୁଯୋଗ ଦେବା କଥା। କିନ୍ତୁ ପୋଲିଂ ଅଧିକାରୀ ସେମାନଙ୍କୁ ଭୋଟଦାନରୁ ବଞ୍ଚିତ କରିଥିଲେ। ମାତ୍ର ୧ଟା ୪୫ରେ ୬ ଜଣ ବିଜେଡି ସମର୍ଥିତ ପହଞ୍ଚିବାରୁ ସେମାନଙ୍କୁ ମତଦାନ ପାଇଁ ଅନୁମତି ଦିଆଯାଇଥିଲା। ଏନେଇ ଲୋକେ ପ୍ରତିବାଦ କରିଥିଲେ। ଏ ସମ୍ପର୍କରେ ଲକ୍ ଥାନା ଆଇଆଇସି ଯୁଗଳ ଦାଶ କହିଛନ୍ତି, ଭାଜପା ଜିଲା ପରିଷଦ ପ୍ରାର୍ଥୀ ଚାହୁଁଥିଲେ ସେମାନଙ୍କ ଉପସ୍ଥିତିରେ ଭୋଟ ବାକ୍ସ ସିଲ୍ ହେଉ। ଏଇ କଥାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପରେ ପରିସ୍ଥିତି ନିୟନ୍ତ୍ରଣ ଭିତରେ ରହିଥିଲା।

ପଣ୍ଡୁଆ ୧୦ନଂ. ବୁଥ୍ ସମ୍ପର୍କରେ ଭାଜପାର କେତେଜଣ କର୍ମୀଙ୍କ କହିବା କଥା ହେଲା ପୋଲିଂ ଦଳ ସମସ୍ତ ସାମଗ୍ରୀ ସିଲ୍ ନ କରି ପଳାଇ ଯାଇଥିଲେ। ଏନେଇ ସେମାନଙ୍କ ଉପରେ ସନ୍ଦେହ ହୋଇଥିଲା। ପରେ ଜଣାପଡ଼ିଲା ଯେ, ପୋଲିଂ ଗାଡ଼ି ବାଟରେ ଅଟକିଥିଲା। ତେଣୁ କିଛି ବ୍ୟତିକ୍ରମ ହୋଇଥିବା ସନ୍ଦେହରେ ଭାଜପା କର୍ମୀମାନେ ପିଛା କରି ରାହାମା ମହାବିଦ୍ୟାଳୟରେ ପୋଲିଂ କର୍ମଚାରୀମାନଙ୍କୁ ପାଇଥିଲେ। ସେଠାରେ ପୋଲିଂ ଅଧିକାରୀ ବାଲଟ୍ ଓ ଅନ୍ୟ ସାମଗ୍ରୀ ସିଲ୍ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ପାଟିତୁଣ୍ଡ ହୋଇଥିଲା। ପୋଲିଂ ଅଧିକାରୀ ସେଠୀଙ୍କ କହିବା କଥା ହେଲା ନିର୍ବାଚନ ପରେ ସେ ଭୋଟ ବାକ୍ସ ସିଲ୍ କରିଥିଲେ। କିନ୍ତୁ ଅନ୍ୟ କାଗଜପତ୍ର ସିଲ୍ କରିବା ସମୟରେ ୮ରୁ ୧୦ ଜଣ ଲୋକ ପାଟିତୁଣ୍ଡ କରିବାରୁ ସମସ୍ୟା ହୋଇଥିଲା। ଯେଉଁ କାରଣରୁ ସେମାନେ ଅବ୍ୟବହୃତ ବାଲଟ୍ ଓ ଅନ୍ୟ କାଗଜପତ୍ର ଧରି ରାହାମା ପଳାଇ ଯାଇଥିଲେ। ବିତରଣ କେନ୍ଦ୍ରରେ ସିଲ୍ କରୁଥିବାବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ତାଙ୍କ ମୁଣ୍ଡ ଫାଟିଯାଇଛି। ଏଥିରେ ବିଡିଓ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ଠେଲାପେଲା କରାଯାଇଛି।

## ପ୍ରିଜାଇଡ଼ିଂ ଅଫିସରଙ୍କୁ ପିଟିଲେ

ବାସୁଦେବପୁର, ୨୨।୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ଜଣେ ପ୍ରିଜାଇଡିଂ ଅଫିସରଙ୍କୁ ଉତ୍ତ୍ୟକ୍ତ ଲୋକେ ମଙ୍ଗଳବାର ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଭୋଟ ଗ୍ରହଣ କାର୍ଯ୍ୟ ଶେଷ ହେବା ପରେ ଭୋଟ ବାକ୍ସ ଗୁଡ଼ିକ ସ୍ଥାନୀୟ ଏବି ହାଇସ୍କୁଲ ପରିସରରେ ରଖାଯିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ତେବେ ଭୋଟ ବାକ୍ସ ଡିପୋଜିଟ୍ ବେଳେ କୁମାରପୁର ପଞ୍ଚାୟତର ଏକ ବୁଥ୍‌ରୁ ଆସିଥିବା ଭୋଟବାକ୍ସର ସିଲ୍ ଚିରିଯାଇଥିବା ଜଣାପଡ଼ିଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ସମ୍ପୃକ୍ତ ବୁଥ୍ ଦାୟିତ୍ୱରେ ଥିବା ପ୍ରିଜାଇଡ଼ିଂ ଅଫିସରଙ୍କୁ ଘେରିଯାଇ ମାଡ଼ ମାରିଥିଲେ। ପରେ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ପୋଲିସ ପ୍ରିଜାଇଡ଼ିଂ ଅଫିସରଙ୍କୁ ଉଦ୍ଧାର କରିଥିଲା।

**ବାସୁଦେବପୁରରେ ୧୪୪**

କୁମାରପୁର ସମେତ ପଦ୍ମପୁର ଓ ବ୍ରାହ୍ମଣଗାଁ ପଞ୍ଚାୟତର ଗୋଟିଏ ଲେଖାଏଁ ବୁଥ୍‌ରୁ ଆସିଥିବା ଭୋଟବାକ୍ସର ସିଲ୍ ମଧ୍ୟ ଚିରି ଯାଇଥିବା ଅଭିଯୋଗ ହୋଇଛି। ତେବେ କେଉଁ ପରିସ୍ଥିତିରେ ଏହି ସିଲ୍ ଚିରିଲା ତାହା ତଦନ୍ତ ସାପେକ୍ଷ। ଏନେଇ ଉତ୍ତେଜନା ଲାଗି ରହିଥିବାରୁ ଷ୍ଟ୍ରଙ୍ଗରୁମ୍ ସଂଲଗ୍ନ ଅଞ୍ଚଳ ସହିତ ବାସୁଦେବପୁର ବଜାରରେ ବୁଧବାର ସକାଳ ପର୍ଯ୍ୟନ୍ତ ୧୪୪ ଜାରି କରାଯାଇଥିବା ବିଡିଓ ସତ୍ୟଜିତ ରାଉତ ସୂଚନା ଦେଇଛନ୍ତି।

## ୨୦ ବର୍ଷ ପରେ ଭୋଟ



ଯୁବ ଭୋଟରମାନେ ପାରମ୍ପରିକ ବେଶଭୂଷାରେ ସୁସଜ୍ଜିତ ହୋଇ ମତଦାନ ଦେବାକୁ ଆସିଛନ୍ତି।

ଲାଞ୍ଜିଗଡ଼,୨୨।୨(ଡି.ଏନ.ଏ.)

ଦୀର୍ଘ ୨୦ ବର୍ଷ ପରେ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ନିୟମଗିରି ପାହାଡ଼ ପାଦଦେଶରେ ଥିବା ତ୍ରିଲୋଚନପୁର ପଞ୍ଚାୟତରେ ମଙ୍ଗଳବାର ଚଳିତବର୍ଷ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ସକାଳୁ ଧାଡିବାନ୍ଧି ଡଙ୍ଗରିଆ ଝରଣିଆ ଯୁବଭୋଟରମାନେ ପାରମ୍ପରିକ ବେଶଭୂଷାରେ ସୁସଜ୍ଜିତ ହୋଇ ଭୋଟ କେନ୍ଦ୍ରକୁ ଆସିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମାଓବାଦୀଗଡ଼ ବୋଲି କୁହାଯାଉଥିବା ତ୍ରିଲୋଚନପୁର ପଞ୍ଚାୟତରେ ଇଲେକ୍ସନ ନୁହଁ କେବଳ ସିଲେକ୍ସନ ଚାଲୁଥିଲା। ୨୦୦୨ ମସିହାରୁ ଏଠାରେ ନିର୍ବାଚନ ହୋଇପାରୁ ନ ଥିଲା। କିନ୍ତୁ ବାରମ୍ବାର ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନତା ଓ ଅପହଞ୍ଚ ଇଲାକାରେ ଥିବା ଗାଁଗୁଡିକରେ ରାସ୍ତାଘାଟ, ଶିକ୍ଷା, ପାନୀୟଜଳ ଆଦି ବ୍ୟବସ୍ଥା କରାଯାଇଛି। ତେଣୁ ଏଥର ବାଲଟ ପେପରରେ ମୋହର ମାରି ନିଜ ଅଧିକାର ସାବ୍ୟସ୍ତ କରିଛନ୍ତି ନିୟମଗିରି ଅଞ୍ଚଳବାସୀ।

**ସୁରକ୍ଷା ବଳୟରେ ତ୍ରିଲୋଚନପୁରର ୧୧ ବୁଥ୍**

ତ୍ରିଲୋଚନପୁର ପଞ୍ଚାୟତରେ ୧୧ଟି ଅତି ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଥିଲା। ଏଠାରେ ମୋଟ ୧୦୮୦ ଭୋଟର ମଧ୍ୟରୁ ୯୮୨ଜଣ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ତେବେ ଅମଠାପଦର ୧ ନମ୍ବର ବୁଥରେ ନିର୍ଦ୍ଧାରିତ ସମୟ ପୂର୍ବରୁ ପୋଲିଂ ପାର୍ଟି ବୁଥ୍ ବନ୍ଦ କରି ଚାଲିଯାଇଥିବା ଭୋଟରମାନେ ଅଭିଯୋଗ କରିଛନ୍ତି। ତ୍ରିଲୋଚନପୁର ପଞ୍ଚାୟତରେ ୯୦ ପ୍ରତିଶତ ଭୋଟ ହୋଇଥିବା ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି। ଦୀର୍ଘ ୨୦ ବର୍ଷରେ ଯାହା ହୋଇ ନ ଥିଲା, ତାହା ଏବେ ସଫଳ କରି ଦେଖାଇ ଦେଇଛନ୍ତି ବୋଲି ଉପଜିଲାପାଳ ବିଶ୍ୱଜିତ ଦାସ କହିଛନ୍ତି।

## ଭୋଟ ଦେବାକୁ ୬୦ କି.ମି. ଜଳଯାତ୍ରା

ମାଲକାନଗିରି,୨୨।୨(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ କାଲିମେଳା ବ୍ଲକରେ ଅନୁଷ୍ଠିତ ହୋଇଛି। ନିଜର ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଭୋଟରମାନେ ଦୀର୍ଘ ୬୦ କିଲୋମିଟର ବୋଟ୍‌ରେ ଯାତ୍ରା କରି ମତଦାନ କରିଥିବା ଦେଖିବାକୁ ମିଳିଛି। କାଲିମେଳା ବ୍ଲକ ତେଲରାଇ ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଜନସାଧାରଣ ଏପରି କରିଥିବା ଜଣାପଡିଛି। ୬୦ କିଲୋମିଟର ବୋଟ୍‌ରେ ଆସି ସେମାନେ ଟାଗୁରୁକୋଟା ମତଦାନ କେନ୍ଦ୍ରରେ ନିଜ ମତଦାନ ସାବ୍ୟସ୍ତ କରିଥିଲେ। ଏ ସମ୍ପର୍କରେ ଗ୍ରାମବାସୀ କହନ୍ତି, ନିର୍ବାଚନ ବେଳେ ନିକଟସ୍ଥ ପୋଲୁରୁଠାରେ ଆମ ପାଇଁ ମତଦାନ କେନ୍ଦ୍ର ସ୍ଥାପନ ହୁଏ। ମାତ୍ର ଚଳିତବର୍ଷ ଉକ୍ତ ବୁଥ୍ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଥିବାରୁ ଏହାକୁ ସ୍ଥାନାନ୍ତର କରାଯାଇ ଟାଗୁରୁକୋଟାଠାରେ କରାଯାଇଛି। ଏହି ବୁଥ୍ ରାମଚନ୍ଦ୍ରପୁର ଗ୍ରାମଠାରୁ ଓଡ଼ିଶା ରାସ୍ତା ଦେଇ ଆସିଲେ ୧୦୦ କିଲୋମିଟର ହୁଏ। ଆନ୍ଧ୍ର ଦେଇ ଜଳ ଯାତ୍ରା କଲେ ୬୦ କିଲୋମିଟର ପଡିଥାଏ। ପୂର୍ବରୁ ଆମ ପଞ୍ଚାୟତ ପାଇଁ ଯେତେ ସରପଞ୍ଚ ନିର୍ବାଚିତ ହୋଇଛନ୍ତି କେହି ମଧ୍ୟ ଆମ ଉନ୍ନତି ପାଇଁ ଦୃଷ୍ଟି ଦେଇନାହାନ୍ତି। ଆମ ସମସ୍ୟା ବୁଝୁନାହାନ୍ତି। ଆମେ କେବଳ ଆମ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ ପାଇଁ ଏତେ ଦୂର ଜଳଯାତ୍ରା କରି ଭୋଟ ଦେବାକୁ ଆସିଛୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।


ଭୋଟ ଦେବାକୁ ବୋଟରେ ବୁଥ୍‌କୁ ଯାଉଛନ୍ତି ଗ୍ରାମବାସୀ।

## ପୋଲିଂ ପାର୍ଟିକୁ ଡଙ୍ଗାରୁ ମୁକ୍ତି

ସମ୍ବଲପୁର,୨୨।୨(ବ୍ୟୁରୋ)

ସମ୍ବଲପୁର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଶେଷ ହୋଇଛି। ଏହି ନିର୍ବାଚନ ଧନକଉଡ଼ା ବ୍ଲକ କୁଦଗୁଣ୍ଡେରପୁରବାସୀଙ୍କ ପାଇଁ ନିଆରା ଅନୁଭୂତି ଆଣିଦେଇଛି। ସ୍ୱାଧୀନତାର ୭୫ବର୍ଷ ପରେ ନିର୍ବାଚନ ସମୟରେ ମହାନଦୀରେ ଡଙ୍ଗା ବ୍ୟବହାର ହୋଇନାହିଁ। ପୋଲ ନିର୍ମାଣ ହୋଇଥିବାରୁ ନଦୀ ଆରପାରି ଭୋଟକେନ୍ଦ୍ରକୁ ପୋଲିଂ ପାର୍ଟି, ପୋଲିସ, ପରିଚାଳନା ଅଧିକାରୀ ଓ ଭୋଟରମାନେ ଗାଡ଼ି ବ୍ୟବହାର କରି ଯାଇ ପାରିଥିଲେ। ପ୍ରଥମଥର ଏଭଳି ହୋଇଥିବାରୁ ଭୋଟର ଓ ଅଧିକାରୀ ବେଶ୍ ଖୁସି ଥିବା ପ୍ରକାଶ କରିଛନ୍ତି।

ଭୋଟରଙ୍କ କହିବା କଥା ମହାନଦୀ ଯୋଗୁ କୁଦଗୁଣ୍ଡେରପୁର ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ରହୁଥିଲା। ଯେକୌଣସି କାମରେ ସହରକୁ ଗଲେ ଡଙ୍ଗାରେ ପାରି ହେବାକୁ ପଡୁଥିଲା। ନିର୍ବାଚନ ସମୟରେ ଅଧିକାରୀ ଓ ପୋଲିସ ଆସିବାକୁ ଭୟ କରୁଥିଲେ। ଏପରି କି ସହରରେ ରହୁଥିବା ଭୋଟରମାନେ ମଧ୍ୟ ଭୟରେ ମତଦାନ କରିବାକୁ ଆସୁ ନ ଥିଲେ। ପୋଲ ନିର୍ମାଣ ହେବା ଫଳରେ ଗମନାଗମନ ସୁବିଧା ହୋଇଛି। ଧନକଉଡ଼ା ବିଡିଓ ବସନ୍ତ ହାତୀ କହିଛନ୍ତି, ସହରଠାରୁ ପ୍ରାୟ ୩୫ କି.ମି. ଦୂରରେ ରହିଛି କୁଦଗୁଣ୍ଡେରପୁର ପଞ୍ଚାୟତ। ପୂର୍ବରୁ ନିର୍ବାଚନ ସମୟରେ ମହାନଦୀ ପାର ହେବା ପାଇଁ ପ୍ରଶାସନ ପକ୍ଷରୁ ଡଙ୍ଗା ବ୍ୟବସ୍ଥା କରାଯାଉଥିଲା। ହେଲେ ପୋଲ ନିର୍ମାଣ ହୋଇଯାଇଥିବାରୁ ସୁବିଧାରେ ପୋଲିଂ ପାର୍ଟି ପହଞ୍ଚି ପାରିଥିଲେ।


କୁଦଗୁଣ୍ଡେରପୁରକୁ ସଂଯୋଗ କରୁଥିବା ପୋଲ।

## ମୋତେ ନେଇକି ଯା, ମୁଁ ଭୋଟ ଦେବି


ଭୋଟ ଦେବା ପାଇଁ ବୃଦ୍ଧା ଆଇ ମା'ଙ୍କୁ ନାତି କାଖେଇ ସାଲେପାଲି ବୁଥକୁ ଆଣୁଛନ୍ତି।

**ଦେଓଗାଁ,୨୨।୨ (ଡି.ଏନ.ଏ.):** ପ୍ରତି ପାଞ୍ଚ ବର୍ଷରେ ଗଣତନ୍ତ୍ର ପ୍ରକ୍ରିୟାରେ ନିର୍ବାଚନ ହୁଏ । ତେଣୁ ମୌଳିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଯେଉଁଠି ଥିଲେ ବି ମତଦାନ କରିବା ପାଇଁ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥାଏ । ଭୋଟଦାନକୁ ନେଇ ଅନେକ ସମୟରେ ରୋଚକ ଖବର ନଜରକୁ ଆସେ । ବୟସ ବି ବାଧକ ସାଜେନା କେତେକ କ୍ଷେତ୍ରରେ । ଏହାର ଉଦାହରଣ ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ । ମଙ୍ଗଳବାର ବ୍ଲକରେ ଚତୁର୍ଥ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଥିଲା । ଏକ ପରିବାରରେ ନାତିକୁ ଆଇ ମା' କହିଲେ ମୋତେ ନେଇକି ଯା ମୁଁ ବି ଭୋଟ ଦେବି । ଫଳରେ ନାତି ଜଣକ ୭୫ ବର୍ଷୀୟା ବୃଦ୍ଧା ଆଇ ମା'ଙ୍କୁ କାଖେଇ ଭୋଟକେନ୍ଦ୍ରକୁ ଆଣିବା ଦୃଶ୍ୟ ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ବୁଥରେ ଦେଖିବାକୁ ମିଳିଥିଲା ।

## ବାଲଟ୍ ବାକ୍ସରେ ପାଣି ଢାଳିଦେଲେ ଏଜେଣ୍ଟ

ଖୋର୍ଦ୍ଧା ଅଫିସ/ବାଲିପାଟଣା, ୨୨।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାରେ ମଙ୍ଗଳବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୪ର୍ଥ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ମତଦାନ ଚାଲିଥିବା ବେଳେ ବାଲିପାଟଣା ବ୍ଲକ ସୋମଣ ପଞ୍ଚାୟତର ୩ନମ୍ବର ବୁଥରେ ଜଣେ ପ୍ରାର୍ଥୀଙ୍କ ପକ୍ଷରୁ ନିଯୁକ୍ତ ଏଜେଣ୍ଟ କୌଣସି କାରଣରୁ ଉତ୍କ୍ଷିପ୍ତ ହୋଇ ବାଲଟ୍ ବାକ୍ସରେ ପାଣି ଢାଳି ଦେଇଥିଲେ। ଫଳରେ ଅଧାରୁ ଭୋଟ ଗ୍ରହଣ ବନ୍ଦ ରହିଥିଲା। ଏନେଇ ବୁଥ କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ଘଟଣା ପରେ ସମ୍ପୃକ୍ତ ଏଜେଣ୍ଟ ଫେରାର ହୋଇଯାଇଥିଲେ। ଖବରପାଇ ସେକ୍ଟର ଅଫିସର ଓ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସମ୍ପର୍କରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି, ସମ୍ପୃକ୍ତ ବୁଥ କେନ୍ଦ୍ରର ପ୍ରିଜାଇଡିଂ ଅଫିସରଙ୍କ ସହ ଆଲୋଚନା କରିଛି। ପୁଣି ଥରେ ଉକ୍ତ ବୁଥରେ ଭୋଟଦାନ ପାଇଁ ଜିଲାପାଳ ରାଜ୍ୟ ନିର୍ବାଚନ କମିଶନରଙ୍କୁ ସୁପାରିଶ କରିଛନ୍ତି। ଅନ୍ୟପକ୍ଷରେ ବାଲିପାଟଣା ଥାନାଧିକାରୀ କୃପାସିନ୍ଧୁ ବରାଡ଼ କହିଛନ୍ତି, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ଆସିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମଞ୍ଚାବାନ୍ଧି ଷ୍ଟ୍ରଙ୍ଗରୁମ୍ ଜଗୁଛନ୍ତି

ଆଳି,୨୨।୨(ଡି.ଏନ୍.ଏ.)

ଭୋଟ ଗ୍ରହଣ ସରିଛି । ପ୍ରାର୍ଥୀମାନଙ୍କ ଭାଗ୍ୟ ଭୋଟ୍‌ବାକ୍ସ ଭିତରେ ସିଲ୍ ହୋଇ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି । ପୋଲିସ କର୍ମଚାରୀମାନେ ଷ୍ଟ୍ରଙ୍ଗ୍‌ରୁମ୍ ପରିସରରେ ଜଗି ରହିଛନ୍ତି। ହେଲେ ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକମାନେ ମଞ୍ଚା ବାନ୍ଧି ଦିନରାତି ଜଗି ରହିଛନ୍ତି। କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନମଣ୍ଡଳୀ ଅଧୀନ ଆଳି ବ୍ଲକରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ଗତ ୧୬ରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଆଳି ବ୍ଲକରେ ଅନୁଷ୍ଠିତ ହୋଇଥିଲା। ବ୍ଲକର ୪ ଜୋନ୍‌ର ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସରେ ସିଲ୍ ହୋଇ ରହିଛି । ବ୍ଲକ ପ୍ରଶାସନ ପକ୍ଷରୁ ଆଳି ହାଇସ୍କୁଲକୁ ଷ୍ଟ୍ରଙ୍ଗ୍‌ରୁମ୍ କରାଯାଇ ଭୋଟବାକ୍ସଗୁଡ଼ିକୁ ସେଠାରେ ରଖାଯାଇଛି। ଷ୍ଟ୍ରଙ୍ଗରୁମ୍‌କୁ ପୋଲିସ କର୍ମଚାରୀମାନେ ଜଗି ରହିଛନ୍ତି। ହେଲେ ଏହାକୁ ବିଶ୍ୱାସକୁ ନେଇ ପାରୁନାହାନ୍ତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ । ସେଥିପାଇଁ ସେମାନେ ହାଇସ୍କୁଲର ପାଚେରି ଉଚ୍ଚରେ ଦୁଇଟି ମଞ୍ଚା ବାନ୍ଧିଛନ୍ତି।


ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ବନ୍ଧା ହୋଇଥିବା ମଞ୍ଚାରେ ପ୍ରାର୍ଥୀ ଓ ସମର୍ଥକ।

ସେହି ମଞ୍ଚାରେ କଂଗ୍ରେସ, ଭାଜପା ପ୍ରାର୍ଥୀ ଓ ସମର୍ଥକମାନେ ଦିନରାତି ପାଳି କରି ଜଗି ରହିଛନ୍ତି । ଶାସକ ଦଳର ଅସନ୍ତୁଷ୍ଟ ପ୍ରାର୍ଥୀ ଓ ସମର୍ଥକମାନେ ବି ବାରମ୍ବାର ଷ୍ଟ୍ରଙ୍ଗ୍‌ରୁମ୍ ପାଖକୁ ଯାଇ ସ୍ଥିତି ପରଖୁ ଥିବା ଦେଖିବାକୁ ମିଳୁଛି ।

ଏ ସଂକ୍ରାନ୍ତରେ ଭାଜପା ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ସେଠୀ କୁହନ୍ତି, ତାଙ୍କ ସ୍ତ୍ରୀ ୩ନଂ. ଜୋନ୍‌ରୁ ଭାଜପା ଜିଲା ପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିଲେ। ପୂର୍ବ ନିର୍ବାଚନରେ ଭୋଟ୍‌ଗ୍ରହଣ ଦିନ ହିଁ ଫଳାଫଳ ଘୋଷଣା ହେଉଥିଲା । ଚଳିତବର୍ଷ ସେହି ନିୟମରେ ପରିବର୍ତ୍ତନ କରାଯାଇଛି। ଫଳରେ ଭୋଟବାକ୍ସଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି । ନିର୍ବାଚନ ଅଧିକାରୀ ଜୋନ୍‌ରେ କେତେ ପୋଲିଂ ହୋଇଛି ସେ ସମ୍ପର୍କରେ କିଛି ତଥ୍ୟ ଦେଇ ନାହାନ୍ତି । ତାଙ୍କ ଅନୁପସ୍ଥିତିରେ ଭୋଟ ବାକ୍ସ ସିଲ୍ ହୋଇଛି। ଅପରପକ୍ଷେ ଅନ୍ୟ ବ୍ଲକରେ ଷ୍ଟ୍ରଙ୍ଗ୍‌ରୁମର ସ୍ଥିତି କିପରି ଅଛି ସେ ସମ୍ପର୍କରେ ଏଲ୍‌ଇଡି ସାହାଯ୍ୟରେ ସାଧାରଣ ଲୋକ ଦେଖୁଛନ୍ତି। କିନ୍ତୁ ଆଳି ବ୍ଲକରେ ସେଭଳି କୌଣସି ବ୍ୟବସ୍ଥା ନାହିଁ। ଷ୍ଟ୍ରଙ୍ଗ୍‌ରୁମ ପରିସରରେ କିଛି ଖାଲି ବାକ୍ସ ଥିବାରୁ କେତେବେଳେ କ'ଣ ହେବ କହି ହେବ ନାହିଁ । ବ୍ଲକ ପ୍ରଶାସନିକ ଅଧିକାରୀଙ୍କ କାମ ଉପରେ ଭରସା ନାହିଁ, ତେଣୁ ପ୍ରାର୍ଥୀ ଓ ସମର୍ଥକମାନେ ଦିନରାତି ପାଳି କରି ଏଭଳି ଶୀତ କାକରରେ ଷ୍ଟ୍ରଙ୍ଗ୍‌ରୁମ୍‌କୁ ଜଗି ରହିଛନ୍ତି ।

## ଘାରିଲାଣି ଷ୍ଟ୍ରଙ୍ଗ୍‌ରୁମ୍ ସୁରକ୍ଷା ଚିନ୍ତା

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୨୨ ପାଇଁ ରାଜ୍ୟରେ ହେଉଥିବା ୫ ପର୍ଯ୍ୟାୟ ନିର୍ବାଚନର ୪ଟି ପର୍ଯ୍ୟାୟ ପାଇଁ ଭୋଟିଂ ଶେଷ ହୋଇଯାଇଛି। ଏହି ୪ଟି ପର୍ଯ୍ୟାୟରେ ଯେଉଁମାନେ ପ୍ରାର୍ଥୀ ହୋଇଛନ୍ତି ସମସ୍ତଙ୍କୁ ବର୍ତ୍ତମାନ ଷ୍ଟ୍ରଙ୍ଗ୍‌ରୁମ୍ ଚିନ୍ତା ଘାରିଛି। ଶାସକ ଦଳ ସମର୍ଥିତ ସରପଞ୍ଚ ଏବଂ ସମିତି ସଭ୍ୟ ପ୍ରାର୍ଥୀଙ୍କୁ ଯେତିକି ମାତ୍ରାରେ ଏହି ଭୟ ଘାରୁନାହିଁ ତା'ଠାରୁ ଅଧିକ ସ୍ୱାଧୀନ ଏବଂ ବିରୋଧୀ ଦଳଗୁଡିକର ସମର୍ଥିତ ପ୍ରାର୍ଥୀମାନେ ଏ ବାବଦରେ ଚିନ୍ତା କରୁଥିବା ଲକ୍ଷ୍ୟ କରାଯାଉଛି। ଏଥର ପଞ୍ଚାୟତ ବଦଳରେ ବ୍ଲକ କାର୍ଯ୍ୟାଳୟରେ ଷ୍ଟ୍ରଙ୍ଗ୍ ରୁମ୍ କରାଯାଇଥିବାରୁ ଭୋଟ୍ ଏପଟ ସେପଟ ହୋଇପାରେ ବୋଲି ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଓ ଭାଜପା ନେତାମାନେ ପ୍ରଶ୍ନ ଉଠାଇବାପରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢୀ ଏ ବାବଦରେ ମୁହଁ ଖୋଲିଛନ୍ତି। ନିର୍ବାଚନ କମିଶନ ଷ୍ଟ୍ରଙ୍ଗ୍‌ରୁମ୍‌ର କଡ଼ା ସୁରକ୍ଷା ନିମନ୍ତେ କେତେକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

**■ କଡ଼ା ସୁରକ୍ଷା ପାଇଁ ଜିଲାପାଳଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ**

**■ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କର**

କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା ରାଜ୍ୟ ନିର୍ବାଚନ କମିଶନଙ୍କୁ ଏକ ମେସେଜ ମାଧ୍ୟମରେ କହିଛନ୍ତି, ରାଜ୍ୟରେ ୩୧୪ ବ୍ଲକରେ ରହିଥିବା ଭୋଟବାକ୍ସ କେତେ ସୁରକ୍ଷିତ। ନିର୍ବାଚନ ଶେଷ ହୋଇସାରିଥିବା ପଞ୍ଚାୟତର ଭୋଟବାକ୍ସଗୁଡିକ ବର୍ତ୍ତମାନ ବ୍ଲକ କାର୍ଯ୍ୟାଳୟରେ ରହିଛି। ଏଥିରେ ଟାମ୍ପରିଂ ହେବାର ସନ୍ଦେହ ଅନେକ ପ୍ରାର୍ଥୀ କରୁଛନ୍ତି। ତେଣୁ ଏ ବାବଦରେ ତୁରନ୍ତ ପ୍ରତିକ୍ରିୟା ରଖିବାକୁ ସେ ଅନୁରୋଧ କରିଥିଲେ। ଏହାପରେ କଂଗ୍ରେସର ଏକ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଅନ୍ୟପଟେ ଭାଜପା ନେତା ଗୋଲକ ମହାପାତ୍ର ମଧ୍ୟ ସମାନ ଅଭିଯୋଗ ଆଣି କହିଛନ୍ତି, ଷ୍ଟ୍ରଙ୍ଗରୁମ୍ ଜମାବି ସୁରକ୍ଷିତ ନୁହେଁ। ଷ୍ଟ୍ରଙ୍ଗରୁମ୍ ପାଇଁ ଯାହାସବୁ ଏସ୍‌ଓପି ପାଳନ କରିବା କଥା ତାହା କରାଯାଇନାହିଁ। ସେହିପରି ବାଲାଟ୍ ବକ୍ସଗୁଡିକ ଯେମିତି ସିଲ୍ ହେବା କଥା ମଧ୍ୟ ତାହା ହୋଇନାହିଁ ବୋଲି ଗୋଲକ କହିଛନ୍ତି।

ମୁଖ୍ୟ ନିର୍ବାଚନ କମିଶନ ସୂଚନା ଦେଇ କହିଛନ୍ତି, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରେ ପ୍ରତ୍ୟେକ ବ୍ଲକ୍ ମୁଖ୍ୟାଳୟଠାରେ ୨୬, ୨୭ ଓ ୨୮ ତାରିଖରେ ଭୋଟ୍ ଗଣତି କରାଯିବ। ଏଥିନିମନ୍ତେ ସେଠାରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ଭୋଟବାକ୍ସ ରଖିବା ପାଇଁ ଷ୍ଟ୍ରଙ୍ଗରୁମ୍ କରାଯାଇଛି। ଷ୍ଟ୍ରଙ୍ଗରୁମ୍‌ର କଡ଼ା ସୁରକ୍ଷା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ମତଦାନ ହୋଇଥିବା ଭୋଟବାକ୍ସଗୁଡ଼ିକୁ ଷ୍ଟ୍ରଙ୍ଗରୁମ୍‌ରେ ରଖିସାରି ସିଲ୍ କରିସାରିଲା ପରେ କୌଣସି ପରିସ୍ଥିତିରେ ଏହାକୁ ଖୋଲାଯାଇପାରିବ ନାହିଁ। ଯେଉଁ ମତଦାନ କେନ୍ଦ୍ରରେ ପୁନଃ ମତଗ୍ରହଣ କରାଯିବ, ସେସବୁ ଭୋଟବାକ୍ସଗୁଡ଼ିକୁ ଅନ୍ୟ ଏକ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯିବା ନିର୍ବାଚନ ଅଧିକାରୀଙ୍କ ସହ ଅନ୍ୟ ଅଧିକାରୀମାନେ ଷ୍ଟ୍ରଙ୍ଗରୁମ୍ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଷ୍ଟ୍ରଙ୍ଗରୁମ୍ ହୋଇଥିବା କୋଠାରେ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରିବା ଜରୁରୀ। ଷ୍ଟ୍ରଙ୍ଗରୁମ୍ ହୋଇଥିବା ଅଞ୍ଚଳଟି ସିସିଟିଭି ନଜରରେ ରହିବ । ଭୋଟ୍‌ଗଣତି କେନ୍ଦ୍ରକୁ ପ୍ରବେଶ କଲାବେଳେ ପ୍ରାର୍ଥମାନଙ୍କ ଦ୍ୱାରା ନିଯୁକ୍ତ ପ୍ରାଧିକୃତ ପ୍ରତିନିଧିଙ୍କୁ ପ୍ରବେଶ ପଥରେ କଡ଼ାକଡ଼ି ଯାଞ୍ଚ କରାଯିବ। ଯେପରି କୌଣସି ବ୍ୟକ୍ତି ଗଣତି କେନ୍ଦ୍ର ମଧ୍ୟକୁ ମୋବାଇଲ୍ ଫୋନ୍, ସ୍ୱାଏପେନ୍ କିମ୍ବା କୌଣସି ପ୍ରକାରର ବୈଦ୍ୟୁତିକ ଯନ୍ତ୍ରପାତି ନେଇ ଯାଇପାରିବେ ନାହିଁ । ଭୋଟଗଣତି କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ସମାନ ନିୟମ ଲାଗୁ କରାଯିବ । ଭୋଟଗଣତି କେନ୍ଦ୍ର ବାହାରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ଜିଲାପାଳମାନଙ୍କୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

ଧରିତ୍ରୀ
DHARITRI
ବୁଧବାର, ୨୩ ଫେବୃୟାରୀ, ୨୦୨୨



## ସଂକ୍ଷେପରେ

### ୧୫ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୨୨।୨: ଅନୁଗୋଳ ଜିଲାରୁ ମଙ୍ଗଳବାର ୧୫ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୩୭୨ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କିଶୋରନଗର ବ୍ଲକ ଅଞ୍ଚଳରୁ ୭ଜଣ, ବଆଁରପାଳ ବ୍ଲକ ଅଞ୍ଚଳରୁ ୨, ଅନୁଗୋଳ ପୌରାଞ୍ଚଳରୁ ୨, ପାଲଲହଡା ବ୍ଲକ ଅଞ୍ଚଳରୁ ୨ ଓ ଅନୁଗୋଳ ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଦିନକରେ ଜିଲାରୁ ୯୪ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ କୋଭିଡ୍‌ରେ ମୋଟ୍ ୪୧୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୭ ଲକ୍ଷ ୧୦ ହଜାର ୨୯୪ ଜଣ ଟିକା ନେଇସାରିଛନ୍ତି।

### ୩ ବଖରା ଜଳିଗଲା



ଛେଣ୍ଡିପଦା,୨୨।୨(ସ୍ୱ.ପ୍ର.) ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ମାଛକୁଟା ଗ୍ରାମ ରୁଗୁଡିସାହିରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୩ ବଖରା ପୋଡି ପାଉଁଶ ହୋଇଯାଇଛି। ରୁଗୁଡିସାହିର ଯାଦବାନନ୍ଦ ସାହୁଙ୍କ ଘରେ ଅପରାହ୍ନ ୧ଟା ବେଳେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଲିଭାଇବାକୁ ଚେଷ୍ଟା କରିବା ସହ ଛେଣ୍ଡିପଦା ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ୨୦ ହଜାର ଟଙ୍କା ଓ ୧୫ ବସ୍ତା ଧାନ ସହ ଅନ୍ୟ ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିଲେ ମଧ ଶଟସର୍କିଟରୁ ଏହି ଅଗ୍ନିକାଣ୍ଡ ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ସୁଚନା ମିଳିଛି।

### ଏଟିଏମ୍‌ରୁ ୪ ବ୍ୟାଟେରି ଚୋରି




ଛେଣ୍ଡିପଦା,୨୨।୨(ସ୍ୱ.ପ୍ର.): ଅନୁଗୋଳ ଜିଲା ଜରପଡା ଥାନା ହାଟପଡିଆ ସମ୍ମୁଖରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ଦୁର୍ବୃତ୍ତମାନେ ୪ଟି ବ୍ୟାଟେରି ଚୋରି କରିଛନ୍ତି। ମଙ୍ଗଳବାର ଜରପଡାଠାରେ ଥିବା ଏହି ଏଟିଏମ୍ କାଉଣ୍ଟରରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଜଣାପଡିଥିଲା। ଏଟିଏମ୍ ଦାୟିତ୍ୱରେ ଥିବା ସିକ୍ୟୁରିଟି ଚ୍ୟାନେଲ ମ୍ୟାନେଜର ଫାଲଗୁନୀ ପ୍ରଧାନ ଏ ନେଇ ଜରପଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ବିପଦସଙ୍କୁଳ ଅବସ୍ଥାରେ ବିଶ୍ରାମାଗାର

ଛେଣ୍ଡିପଦା,୨୨।୨(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକସ୍ଥିତ ବାପୁଜୀ ମହାବିଦ୍ୟାଳୟ ମୁଖ୍ୟ ଫାଟକଠାରେ ଥିବା ଯାତ୍ରୀ ବିଶ୍ରାମାଗାର ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ଛାତ୍ରୀଛାତ୍ର ଓ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୂର ଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇପଡ଼ିଛି। ଛାତ ତଳ ଭାଗରୁ ସିମେଣ୍ଟ ଖଣ୍ଡ ବାହାରି ଲୁହାଛଡ ଦେଖାଯାଉଛି। ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଯାତ୍ରୀ, ଛାତ୍ରୀଛାତ୍ର ଓ କଲେଜ କର୍ମଚାରୀମାନେ ବାଧହୋଇ ବାହାରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ତୁରନ୍ତ ଏହାର ମରାମତି କରାଗଲେ ଛାତ୍ରୀଛାତ୍ର ଓ ଯାତ୍ରୀମାନେ ଉପକୃତ ହୋଇପାରନ୍ତେ।

### ଷ୍ଟ୍ରଙ୍ଗ ରୁମ୍ ସମ୍ମୁଖରେ ଜଗି ରହିଛନ୍ତି ପ୍ରାର୍ଥୀ



ଛେଣ୍ଡିପଦା,୨୨।୨(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକରେ ଗତ ୧୮ ତାରିଖରେ ନିର୍ବାଚନ ଶେଷ ହୋଇଛି। ଭୋଟ ବାକ୍ସଗୁଡ଼ିକୁ ବାପୁଜୀ ମହାବିଦ୍ୟାଳୟରେ କରାଯାଇଥିବା ଷ୍ଟ୍ରଙ୍ଗରୁମରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ହେଲେ ପ୍ରଶାସନର ଏହି ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରାର୍ଥୀମାନଙ୍କ ଭରସା ନ ଥିବା ଯୋଗୁ କାଳେ କିଛି ଚକ୍କକତା କରାଯିବ, ସେହି ଆଶଙ୍କା କରି କେତେଜଣ ପ୍ରାର୍ଥୀ ଓ ସମର୍ଥକମାନେ ଷ୍ଟ୍ରଙ୍ଗରୁମ୍ ଆଗରେ ତମ୍ବୁ ପକାଇ ଦିନରାତି ଜଗି ରହିଛନ୍ତି। ଏପରିକି ସେଠାରେ ରୋଷେଇ କରି ଖିଆପିଆ କରୁଛନ୍ତି। ପ୍ରଶାସନର ସୁରକ୍ଷା ବ୍ୟବସ୍ଥା ଠିକ୍ ନ ଥିବାରୁ ସେମାନେ ଏପରି ଜଗି ରହିଥିବା ପ୍ରାର୍ଥୀମାନେ ପ୍ରକାଶ କରିଛନ୍ତି।

# ଫଳାଫଳକୁ ନେଇ ବଢୁଛି ଉତ୍କଣ୍ଠା

ଅନୁଗୋଳ ଅଫିସ/ ବଆଁରପାଳ,୨୨।୨




■ ଅନୁଗୋଳ ଜିଲାରେ ଭୋଟ୍ ଗ୍ରହଣ ଶେଷ
■ ୨୬ରୁ ୨୮ ତାରିଖ ଯାଏ ହେବ ଗଣତି
■ ୨୮ରେ ବିଧିବଦ୍ଧ ଭାବେ କରାଯିବ ଘୋଷଣା

ଅନୁଗୋଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗ୍ରହଣ ପ୍ରକ୍ରିୟା ମଙ୍ଗଳବାର ଶେଷ ହୋଇଛି। ୪ର୍ଥ ପର୍ଯ୍ୟାୟରେ କିଶୋରନଗର ଓ ତାଳଚେର ବ୍ଲକରେ ମତଦାନ ହୋଇଥିଲା। ଜିଲାର ୮ ବ୍ଲକରେ ଭୋଟ ଗ୍ରହଣ କାର୍ଯ୍ୟ ସମ୍ପନ୍ନ ହୋଇଥିବାରୁ ଏବେ ଗଣତି ଓ ଫଳାଫଳ ଉପରେ ସମସ୍ତଙ୍କ ନଜର ରହିଛି। ଜିଲାର ୨୮ଟି ଜିଲା ପରିଷଦ ଜୋନ୍ ଓ ୨୨୫ ପଞ୍ଚାୟତରେ କିଏ ବିଜୟୀ ହେବେ ତାହା ମୁଖ୍ୟତଃ ଆଲୋଚନାର ବିଷୟ ହୋଇଛି। ଆସନ୍ତା ୨୬, ୨୭ ଓ ୨୮ ତାରିଖରେ ଭୋଟ ଗଣତି ହେବାକୁ ଥିବାରୁ ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ପର୍ଯ୍ୟାୟ କ୍ରମେ ଗଣତି କରାଯାଇ ଫଳ ଘୋଷଣା କରାଯିବ। ହେଲେ ୨୮ ତାରିଖ ଅର୍ଥାତ୍ ଗଣତି ପ୍ରକ୍ରିୟା ଶେଷ ଦିନରେ ହିଁ ବିଧିବଦ୍ଧ ଭାବେ ଫଳ ଘୋଷଣା ହେବ ବୋଲି ପ୍ରଶାସନ ସୂତ୍ରରୁ ସୂଚନା ମିଳିଛି।

ଅନୁଗୋଳ ବ୍ଲକରେ ଥିବା ୧, ୨, ୩ ଓ ୪ନଂ. ଜିଲା ପରିଷଦ ଜୋନ୍ ସହ ୩୪ ପଞ୍ଚାୟତରେ ଗତ ୧୬ ତାରିଖରେ ଭୋଟଗ୍ରହଣ ହୋଇଥିଲା। ଭୋଟ ବାକ୍ସଗୁଡ଼ିକୁ ପିସିସ୍ଥିତ ହାଇସ୍କୁଲ ଷ୍ଟ୍ରଙ୍ଗରୁମ୍‌ରେ କଡ଼ା ସୁରକ୍ଷାରେ ରଖାଯାଇଛି। ଏଠାରେ ହିଁ ଗଣତି କରାଯାଇ ବିଜେତାଙ୍କ ସମ୍ପର୍କରେ ସୂଚନା ଦିଆଯିବ। ୨୬ ତାରିଖରେ ୧ ଓ ୨ନଂ. ଜୋନ୍ ସହ ଏହା ଅନ୍ତର୍ଗତ ପଞ୍ଚାୟତ, ୨୭ ତାରିଖରେ ୩ ଓ ୪ନଂ. ଜୋନ୍ ସହ ଏହା ଅନ୍ତର୍ଗତ ପଞ୍ଚାୟତଗୁଡ଼ିକର ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ସେହିପରି ଆଠମଲ୍ଲିକ ବ୍ଲକରେ ଥିବା ୫, ୬ ଓ ୭ନଂ. ଜିଲା ପରିଷଦ ଜୋନ୍ ଏବଂ ୨୪ ପଞ୍ଚାୟତରେ ଗତ ୨୦ ତାରିଖରେ ମତଦାନ ହୋଇଥିଲା। ଆସନ୍ତା ୨୬ ତାରିଖରେ ୫ନଂ. ଜିଲା ପରିଷଦ ଜୋନ୍ ଓ ଏହା ଅନ୍ତର୍ଗତ ପଞ୍ଚାୟତ, ୨୭ ତାରିଖରେ ୬ନଂ. ଜୋନ୍ ଓ ଏହା ଅନ୍ତର୍ଗତ ପଞ୍ଚାୟତ, ୨୮ ତାରିଖରେ ୭ନଂ ଜିଲା ପରିଷଦ ଜୋନ୍ ଓ ଏହା ଅନ୍ତର୍ଗତ ପଞ୍ଚାୟତଗୁଡ଼ିକର ଭୋଟ ଗଣତି କରାଯିବା ସହ ଫଳ ଘୋଷଣା କରାଯିବ। କଣିହାଁ ବ୍ଲକରେ ଥିବା ୮, ୯ ଓ ୧୦ନଂ. ଜିଲା ପରିଷଦ ଜୋନ୍ ଏବଂ ୨୭ ପଞ୍ଚାୟତରେ ଗତ ୧୮ ତାରିଖରେ ଭୋଟ ଗ୍ରହଣ ହୋଇଥିଲା। ବ୍ଲକ ପରିସରରେ ଥିବା ପବିତ୍ରମୋହନ ସଭାଗୃହରେ ଭୋଟ ଗଣତି ହେବ। ୨୬ ତାରିଖରେ ୮ନଂ. ଜୋନ୍ ଓ ଏହା ଅନ୍ତର୍ଗତ ପଞ୍ଚାୟତ, ୨୭ ତାରିଖରେ ୯ ନଂ. ଜୋନ୍ ସହ ଏହା ଅନ୍ତର୍ଗତ ପଞ୍ଚାୟତ ଏବଂ ୨୮ ତାରିଖରେ ୧୦ ନଂ. ଜୋନ୍ ସହ ଏହା ଅନ୍ତର୍ଗତ ପଞ୍ଚାୟତର ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଭୋଟ ବାକ୍ସରେ ସିଲ୍ ହୋଇଥିବା ୧୨ ଜିଲା ପରିଷଦ ପ୍ରାର୍ଥୀ, ୧୧୫ ସରପଞ୍ଚ ପ୍ରାର୍ଥୀ, ୧୦୩ ସମିତି ସଭ୍ୟ ପ୍ରାର୍ଥୀ ଓ ୩୭୩ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ଭାଗ୍ୟ କାହା ସପକ୍ଷରେ ଯାଇଛି ତାହା ୨୮ ତାରିଖରେ ଘୋଷଣା କରାଯିବ ବୋଲି ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁଜାତା ତ୍ରିପାଠୀ ସୂଚନା ଦେଇଛନ୍ତି। କିଶୋରନଗର ବ୍ଲକରେ ଥିବା ୧୧, ୧୨ ଓ ୧୩ନଂ. ଜିଲା ପରିଷଦ ଜୋନ୍ ଏବଂ ୨୩ ପଞ୍ଚାୟତରେ ୨୨ ତାରିଖରେ ଭୋଟ ଗ୍ରହଣ ଶେଷ ହୋଇଛି। ୨୬ ତାରିଖରେ ୧୧ନଂ. ଜୋନ୍ ଓ ଏହା ଅନ୍ତର୍ଗତ ପଞ୍ଚାୟତ, ୨୭ ତାରିଖରେ ୧୨ନଂ. ଜୋନ୍ ଓ ଏହା ଅନ୍ତର୍ଗତ ପଞ୍ଚାୟତ ଏବଂ ୨୮ ତାରିଖରେ ୧୩ନଂ. ଜୋନ୍ ଓ ଏହା ଅନ୍ତର୍ଗତ ପଞ୍ଚାୟତର ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବୋଲି ସହକାରୀ ଜିଲାପାଳ କୁଳମଣି ଦଳେଇ ସୂଚନା ଦେଇଛନ୍ତି। ଛେଣ୍ଡିପଦା ବ୍ଲକରେ ଥିବା ୧୪, ୧୫, ୧୬ ଓ ୧୭ନଂ ଜିଲା ପରିଷଦ ଜୋନ୍ ଏବଂ ୩୪ଟି ପଞ୍ଚାୟତରେ ଗତ ୧୮ ତାରିଖରେ ମତଦାନ ହୋଇଥିଲା। ୨୬ ତାରିଖରେ ୧୪ନଂ. ଜିଲା ପରିଷଦ ଜୋନ୍ ସହ ଏହା ଅନ୍ତର୍ଗତ ପଞ୍ଚାୟତ, ୨୭ ତାରିଖରେ ୧୫ନଂ. ଜୋନ୍ ସହ ଏହା ଅନ୍ତର୍ଗତ ପଞ୍ଚାୟତ, ୨୮ ତାରିଖରେ ୧୬ ଏବଂ ୧୭ ନମ୍ବର ଜିଲା ପରିଷଦ ଜୋନ୍ ସହ ପଞ୍ଚାୟତଗୁଡ଼ିକର ଭୋଟ ଗଣତି କରାଯାଇ ଫଳ ଘୋଷଣା କରାଯିବ ବୋଲି ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ କହିଛନ୍ତି। ତାଳଚେର ବ୍ଲକରେ ଥିବା ୧୮, ୧୯, ୨୦ ଓ ୨୧ ନଂ. ଜିଲା ପରିଷଦ ଜୋନ୍ ଓ ୨୧ ପଞ୍ଚାୟତରେ ୨୨ ତାରିଖରେ ଭୋଟ ଗ୍ରହଣ ହୋଇଛି। ୨୬ ଓ ୨୭ ତାରିଖରେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟ ଗଣତି କରାଯିବ ବୋଲି ବିଡିଓ ଶିବଶଙ୍କର ମିଶ୍ର ସୂଚନା ଦେଇଛନ୍ତି। ପାଲଲହଡ଼ା ବ୍ଲକରେ ଥିବା ୨୨, ୨୩ ଓ ୨୪ନଂ. ଜିଲା ପରିଷଦ ଜୋନ୍ ଓ ୨୭ ପଞ୍ଚାୟତରେ ଗତ ୨୦ ତାରିଖରେ ଭୋଟ ଗ୍ରହଣ କରାଯାଇଥିଲା। ୨୬ ତାରିଖରେ ୨୨ନଂ. ଜୋନ୍ ଓ ୯ ପଞ୍ଚାୟତ, ୨୭ ତାରିଖରେ ୨୩ନଂ. ଜୋନ୍ ଓ ୯ ପଞ୍ଚାୟତ ଏବଂ ୨୮ ତାରିଖରେ ୨୪ନଂ. ଜୋନ୍ ସହ ୯ ପଞ୍ଚାୟତର ଭୋଟ ଗଣତି କରାଯାଇ ଫଳ ଘୋଷଣା କରାଯିବ ବୋଲି ବିଡିଓ ଦିଲୀପ କୁମାର ବର ପ୍ରକାଶ କରିଛନ୍ତି। ସେହିପରି ବଆଁରପାଳ ବ୍ଲକରେ ଥିବା ୨୫, ୨୬, ୨୭ ଓ ୨୮ନଂ. ଜିଲା ପରିଷଦ ଜୋନ୍ ଏବଂ ୩୫ ପଞ୍ଚାୟତରେ ଗତ ୧୬ ତାରିଖରେ ଭୋଟ ଗ୍ରହଣ ହୋଇଥିଲା। ୨୬ ତାରିଖରେ ବଆଁରପାଳ ବ୍ଲକ ଅଫିସ ପରିସରରେ ୨୫ନଂ. ଜୋନ୍ ଓ ଏହା ଅନ୍ତର୍ଗତ ପଞ୍ଚାୟତ, ୨୭ ତାରିଖରେ ୨୬ନଂ. ଜୋନ୍ ଓ ଏହା ଅନ୍ତର୍ଗତ ପଞ୍ଚାୟତ ଏବଂ ୨୮ ତାରିଖରେ ୨୭, ୨୮ ନଂ. ଜୋନ୍ ସହ ଏହା ଅନ୍ତର୍ଗତ ପଞ୍ଚାୟତଗୁଡ଼ିକର ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା ହେବ। ଏଥିପାଇଁ ୪ଟି କାଉଣ୍ଟିଂ ହଲ୍‌ରେ ୩୫ ଜଣ ସୁପରଭାଇଜର, ୩୫ ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ ଓ ୩୫ ଜଣ ଅନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି ବୋଲି ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଶ୍ମିରେଖା ନାୟକ ସୂଚନା ଦେଇଛନ୍ତି।

## ୨ ନାବାଳିକା ବିବାହ ରୋକିଲା ଚାଇଲ୍ଡ ଲାଇନ

ଅନୁଗୋଳ ଅଫିସ,୨୨।୨(ଡି.ଏନ.ଏ.)

ଅନୁଗୋଳ ଜିଲା ବଆଁରପାଳ ବ୍ଲକରେ ହେଉଥିବା ୨ ନାବାଳିକା ବିବାହକୁ ଚାଇଲ୍ଡ ଲାଇନ ପକ୍ଷରୁ ବନ୍ଦ କରାଯାଇଛି। ସୂଚନା ଅନୁଯାୟୀ, ବଆଁରପାଳ ବ୍ଲକର ଜଣେ ୧୭ ବର୍ଷର ନାବାଳିକାଙ୍କୁ ପରିବାର ଲୋକେ ବିବାହ ଦେଉଥିବା ଖବରପାଇ ଚାଇଲ୍ଡ ଲାଇନ ସଂଯୋଜିକା ଲିଜା ପାଣିଗ୍ରାହୀ ଏବଂ କାଉନସେଲର୍ ଦିଗ୍‌ବିଜୟ ସାହୁ, ବଆଁରପାଳ ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ଲିଲି ଦାସ, ପୋଲିସ୍ ଓ ଅଙ୍ଗନୱାଡି କର୍ମଚାରୀଙ୍କ ସହ ପହଞ୍ଚି ନାବାଳିକାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ଫଳରେ ବିବାହ ବନ୍ଦ କରିବାକୁ ପରିବାର ଲୋକେ ରାଜି ହୋଇଥିଲେ। ସେହିପରି ଅନୁଗୋଳ ବ୍ଲକ ଅଞ୍ଚଳର ଜଣେ ୧୬ ବର୍ଷର ନାବାଳିକାଙ୍କୁ ମାମୁ ଘର ବଆଁରପାଳ ବ୍ଲକରେ ବିବାହ କରାଯାଉଥିବାର ଚାଇଲ୍ଡ ଲାଇନକୁ ଖବର ମିଳିଥିଲା। ବିବାହ ପୂର୍ବଦିନ ଚାଇଲ୍ଡ ଲାଇନ ସଦସ୍ୟା ରୋଜାଲିନ୍ ଦାସ ଏବଂ ସଦସ୍ୟ ରାମଚନ୍ଦ୍ର ସାହୁ, ଅଙ୍ଗନୱାଡି ସୁପରଭାଇଜର୍ ବିଦ୍ୟୁତ୍ ପ୍ରଭା ବେହେରା ପହଞ୍ଚି ପରିବାର ଲୋକଙ୍କୁ ସଚେତନ କରିଥିଲେ। ଏହାସତ୍ତ୍ୱେ ସମ୍ପୃକ୍ତ ପରିବାର ଲୋକେ ନାବାଳିକାଙ୍କ ବିବାହ କରାଯାଉଥିବା ଜାଣି ଚାଇଲ୍ଡ ଲାଇନ କର୍ମକର୍ତ୍ତା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା, ଛେଣ୍ଡିପଦା ବ୍ଲକ ଶିଶୁ ସୁରକ୍ଷା ଅଧିକାରୀ ଏବଂ ପୋଲିସ ପ୍ରଶାସନ ପହଞ୍ଚି ବିବାହ ବନ୍ଦ କରିଥିଲେ।

## ସମିତିରେ ତାଲା, ଅସନ୍ତୋଷ



ମଣ୍ଡିକୁ ଆସିଥିବା ଚାଷୀମାନେ ଧାନ ବସ୍ତା ଧରି ଅପେକ୍ଷା କରିଛନ୍ତି।

କଣିହାଁ,୨୨।୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ବାଲିପଶି ସମବାୟ ସମିତିକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୩ ଦିନ ହେବ ଏହି ସମିତିରେ ତାଲା ପଡିଥିବାବେଳେ କର୍ମଚାରୀଙ୍କ ଦେଖାମିଳୁନି। ଫଳରେ ଧାନ ବିକ୍ରି ପାଇଁ ମଣ୍ଡିକୁ ଆସିଥିବା ଟୋକନଧାରୀ ଚାଷୀମାନେ ସେଠାରେ ପଡ଼ିରହିଛନ୍ତି। ପ୍ରକାଶ ଯେ, ବାଲିପଶି ସମବାୟ ସମିତିରେ ୮୨୫ ଜଣ ଚାଷୀ ଧାନ ବିକ୍ରି କରିବାକୁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ଚାଷୀଙ୍କ ଧାନ ବିକ୍ରି ହୋଇପାରିଛି। ଅନେକ ଚାଷୀ ମାସେ ହେବ ଟୋକନ୍ ଧରି ମଣ୍ଡିକୁ ବାରମ୍ବାର ଦୌଡୁଥିଲେ ମଧ ଧାନ ବିକ୍ରି ହେଉ ନ ଥିବା ଚାଷୀ ଗଣେଶ୍ୱର ନାୟକ, କନ୍ଦର୍ପ ଗୋଛାୟତ, ନିରଞ୍ଜନ ସାହୁ, ଶିବରାମ ମାଝି ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ସମବାୟ ସମିତି ସମ୍ପାଦକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିବାରୁ ମତାମତ ମିଳିପାରି ନାହିଁ। ତୁରନ୍ତ ଧାନ କିଣା ନ ଗଲେ ମଣ୍ଡିରେ ତାଲା ପକାଯାଇ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ସରିଲା ୪ର୍ଥ ପର୍ଯ୍ୟାୟ ମତଦାନ

ବଇଣ୍ଡା/ ତାଳଚେର,୨୨।୨(ଡି.ଏନ.ଏ.)



କିଶୋରନଗର ବ୍ଲକ ଶରଧାମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ମତଦାନ ପାଇଁ ଭୋଟରଙ୍କ ଧାଡ଼ି।

■ କିଶୋରନଗରରେ ୮୩.୮୦, ତାଳଚେରରେ ୭୧.୭୧% ଭୋଟ

ଅନୁଗୋଳ ଜିଲାରେ ୪ର୍ଥ ପର୍ଯ୍ୟାୟ ଭୋଟଗ୍ରହଣ ମଙ୍ଗଳବାର କିଶୋରନଗର ଓ ତାଳଚେର ବ୍ଲକରେ ସମାପନ ହୋଇଛି। କାଁ ଭାଁ ଅସନ୍ତୋଷ, ଉତ୍ତେଜନାକୁ ବାଦ୍ ଦେଲେ ମୋଟାମୋଟି ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ ଥିବା ସୂଚନା ମିଳିଛି। କିଶୋରନଗର ବ୍ଲକରେ ୮୩.୮୦ ଓ ତାଳଚେର ବ୍ଲକରେ ୭୧.୭୧ ପ୍ରତିଶତ ମତଦାନ ହୋଇଛି।

କିଶୋରନଗର ବ୍ଲକର ୩ ଜିଲା ପରିଷଦ ଜୋନ୍ ଓ ୨୩ ପଞ୍ଚାୟତରେ ଭୋଟ ଗ୍ରହଣ ଶେଷ ହୋଇଛି। ବ୍ଲକର ମୋଟ୍ ୮୩ ହଜାର ୧୫୪ ଭୋଟରଙ୍କ ମଧ୍ୟରୁ ୮୩.୮୦ ପ୍ରତିଶତ ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ୩୪ ହଜାର ୨୮୩ ମହିଳା ଓ ୩୫ ହଜାର ୩୫୭ ଜଣ ପୁରୁଷ ଭୋଟ ଦେଇଥିବା ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ସୂଚନା ଦେଇଛନ୍ତି। ମୋଟ୍ ୨୮୪ଟି ବୁଥ୍‌ରେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ଯାଏ ମତଦାନ ବ୍ୟବସ୍ଥା କରାଯାଇଥିଲା। ଅଙ୍ଗପଡାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଙ୍ଗପଡା ପଞ୍ଚାୟତ ୨ ନମ୍ବର ୱାର୍ଡର ସଂଯୁକ୍ତା ନାୟକ ମତଦାନ କରିବାକୁ ଆସିଥିବା ବେଳେ ତାଙ୍କ ନାମରେ ପୂର୍ବରୁ ଅନ୍ୟ ଜଣେ ମହିଳା ଭୋଟଦେଇ ପଳାଇ ଯାଇଥିବାରୁ ଉତ୍ତେଜନା ଦେଖାଦେଇଥିଲା। ଏ ନେଇ ସେ ପ୍ରିଜାଇଡିଂ ଅଫିସରଙ୍କ ଠାରେ ଅଭିଯୋଗ କରିଥିଲେ। ବ୍ଲକର ୩୨ଟି ସମ୍ବେଦନଶୀଳ ବୁଥରେ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ପ୍ରସ୍ତୁତି କରାଯାଇଥିଲା। ମୋବାଇଲ ସ୍କ୍ୱାଡ୍ ବୁଥ୍‌ଗୁଡିକ ବୁଲି ଯାଞ୍ଚ କରିଥିଲେ। ଜଙ୍ଗଲ ଅଧ୍ୟୁଷିତ ଅଞ୍ଚଳର ବୁଥ୍‌ଗୁଡ଼ିକରେ ଗଣ୍ଡଗୋଳ ଭୟରେ ଫୋର୍ସ ମୁତୟନ କରାଯାଇଥିଲା। ନୁନୁକାପଶି ପଞ୍ଚାୟତରେ ଅନେକ ଲୋକଙ୍କ ନାମ ଭୋଟର ତାଲିକାରେ ନ ଥିବା ଯୋଗୁ ଅସନ୍ତୋଷ ଦେଖାଦେଇଥିଲା। ଆଠମଲ୍ଲିକ ତହସିଲଦାର ସୋଫି ସାଇନିକା, କିଶୋରନଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ, ଆଠମଲ୍ଲିକ ଅତିରିକ୍ତ ତହସିଲଦାର ଅଶୋକ ଦେହୁରୀ, ଆଠମଲ୍ଲିକ ସହକାରୀ ଜିଲାପାଳ କୁଳମଣି ଦଳେଇ ଓ ବଆଁରପାଳ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିଲେ। ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା ବିଭିନ୍ନ ବୁଥ୍ ବୁଲି ଯାଞ୍ଚ କରିଥିଲେ। ଅନୁଗୋଳ ଜିଲା ଅତିରିକ୍ତ ଏସ୍‌ପି ପ୍ରଶ୍ନ କୁମାର ବିଶ୍ୱାଳ, ଆଠମଲ୍ଲିକ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ।

ସେହିପରି ତାଳଚେର ବ୍ଲକର ୪ ଜିଲା ପରିଷଦ ଜୋନ୍ ଓ ୨୧ ପଞ୍ଚାୟତରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ବ୍ଲକର ମୋଟ୍ ୧ ଲକ୍ଷ ୧୩ ହଜାର ୯୫୧ ଭୋଟରଙ୍କ ପାଇଁ ୩୦୫ ବୁଥ୍ କରାଯାଇଥିଲା। ବିଶେଷକରି ଅତି ସମ୍ବେଦନଶୀଳ ବୁଥରେ ଅଧିକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ତେବେ ୭୧.୭୧ ପ୍ରତିଶତ ଭୋଟର ଅର୍ଥାତ୍ ୮୧ ହଜାର ୭୧୫ ଜଣ ଭୋଟ୍ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୩୭ ହଜାର ୫୯୮ ମହିଳା ଓ ୪୪ ହଜାର ୧୧୭ ଜଣ ପୁରୁଷ ଭୋଟର ରହିଥିବା ବିଡିଓ ଶିବଶଙ୍କର ମିଶ୍ର ସୂଚନା ଦେଇଛନ୍ତି।

# 'ରାସ୍ତା ନାହିଁ ତ ଭୋଟ ନାହିଁ'



ପୋଲିଂ ଦାୟିତ୍ୱରେ ଥିବା ଅଧିକାରୀ ଭୋଟରଙ୍କୁ ଅପେକ୍ଷା କରିଛନ୍ତି।

କାମାକ୍ଷାନଗର, ୨୨।୨(ଡି.ଏନ୍.ଏ.)

■ ପାକଟମୁଣ୍ଡା ବୁଥ୍‌ରେ ହେଲାନି ମତଦାନ

ସ୍ୱାଧୀନତାର ଦୀର୍ଘ ୭୪ବର୍ଷ ପରେ ବି ସରନି ଦୁଃଖ। ମିଳୁନି ସର୍ବନିମ୍ନ ମୌଳିକ ସୁବିଧା। ରାସ୍ତା, ସ୍ୱାସ୍ଥ୍ୟ, ମୋବାଇଲ ନେଟୱର୍କ ଭଳି ଅତ୍ୟାବଶ୍ୟକ ବ୍ୟବସ୍ଥା ପାଲଟିଛି ସ୍ୱପ୍ନ। ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଅସହ୍ୟ ହେବା ପରେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରି ତୀବ୍ର ପ୍ରତିବାଦ କରିଛନ୍ତି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାମ ପଞ୍ଚାୟତର ପାକଟମୁଣ୍ଡା ଗ୍ରାମବାସୀ। ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଟିଏ ବି ଭୋଟ ପଡ଼ି ନ ଥିବାବେଳେ ଖାଲି ବାଲଟ ବାକ୍ସ ଧରି ଫେରିଛନ୍ତି ପୋଲିଂ ପାର୍ଟି।

ବଣପାହାଡ଼ ଘେରା ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ପାକଟମୁଣ୍ଡା ଗ୍ରାମରେ ବାସ କରନ୍ତି ୧୦୦ରୁ ଊର୍ଦ୍ଧ୍ୱ ପରିବାର। ପଞ୍ଚାୟତର ୬ନଂ. ୱାର୍ଡରେ ଅବସ୍ଥିତ ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀଙ୍କ ନିକଟରେ ସର୍ବନିମ୍ନ ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି। ସରକାର ସ୍ମାର୍ଟସିଟି ସ୍ୱପ୍ନ ଦେଖାଉଥିବାବେଳେ ଏବେ ବି ଗ୍ରାମକୁ ନା ରହିଛି ଭଲ ରାସ୍ତା ନା ମିଳୁଛି କୌଣସି ମୌଳିକ ସୁବିଧା। ସ୍ୱାସ୍ଥ୍ୟ ସେବା କଥା ଛାଡ଼, ଦୀର୍ଘଦିନର ଦାବିପରେ ଏଠାରେ ମୋବାଇଲ ନେଟୱର୍କ ପାଇଁ ଏକ ଟାୱାର ବି ବସିପାରିନି। ଗ୍ରାମକୁ ଯିବାରେ ପ୍ରତିବନ୍ଧକ ସାଜିଛି ଦୁଇଟି ପାହାଡ଼ିଆ ନାଳ। ଫଳରେ ବର୍ଷାଦିନେ ବିଚ୍ଛିନ୍ନାଞ୍ଚଳବାସୀ ଭଳି ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି ଏଠାକାର ଶତାଧିକ ଲୋକ। ଅଧିକାଂଶ ପରିବାର ଦିନ ମଜୁରିଆ ହୋଇଥିବାବେଳେ ନିଜ ଅଧିକାର ପାଇଁ ପ୍ରତିଦିନ ସଂଘର୍ଷ କରୁଛନ୍ତି। ଏସବୁ ସମସ୍ୟା ନେଇ ପଞ୍ଚାୟତ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଏସବୁର ପ୍ରତିବାଦରେ ମଙ୍ଗଳବାର ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନକୁ ବର୍ଜନ କରିବାକୁ ଗ୍ରାମଦେବୀଙ୍କ ନିକଟରେ ଶପଥ କରି ଭୋଟ ବର୍ଜନ ପାଇଁ ସାମୂହିକ ଭାବେ ନିଷ୍ପତ୍ତି ନେଇଥିଲେ ଗାଁ ଲୋକେ। ପଥରଗଡ଼ଠାରୁ ସିଆରିମାଳିଆ ଯାଏ ପକ୍କାରାସ୍ତା ନିର୍ମାଣ, ମୋବାଇଲ ନେଟୱର୍କ ସେବା, ପ୍ରଥମରୁ ଦଶମ ଶ୍ରେଣୀ ଯାଏ ପାଠ ପଢୁଥିବା ଏସ୍‌ସି/ଏସ୍‌ଟି ପିଲାମାନଙ୍କ ଲାଗି ଏକ ଆଶ୍ରମ ବିଦ୍ୟାଳୟ ସ୍ଥାପନ, ମେଡିକାଲ ସୁବିଧା, ପାନୀୟ ଜଳ ପାଇଁ ଏକ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ଆଦି ଦାବି ସମ୍ପର୍କିତ ବ୍ୟାନର ଓ ପୋଷ୍ଟର ଲଗାଇଥିବା ଦେଖିବାକୁ ମିଳିଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ହେବାକୁଥିବା ସାଧାରଣ ନିର୍ବାଚନ ମଧ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ବୁଥ୍‌ରେ ପ୍ରିଜାଇଡିଂ ଅଫିସର, ପୋଲିଂ ଅଧିକାରୀ ନିର୍ଦ୍ଧାରିତ ସମୟ ଯାଏ ଭୋଟରଙ୍କୁ ଅପେକ୍ଷା କରିଥିଲେ ମଧ କେହି ଜଣେ ବି ଆସି ନ ଥିଲେ। ଭୋଟରଙ୍କୁ ମନାଇବାକୁ ଯାଇ ସେକ୍ଟର ଅଫିସର ମଧ ନୟାନ୍ତ ହୋଇଥିଲେ। ଶେଷରେ ଖାଲି ଭୋଟ ବାକ୍ସ ଧରି ନିର୍ବାଚନରେ ନିୟୋଜିତ ଅଧିକାରୀମାନେ ଫେରିଥିଲେ।

ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ କୁହନ୍ତି, ପାକଟମୁଣ୍ଡା ଗ୍ରାମକୁ ଯାଇଥିବା ରାସ୍ତା ଜଙ୍ଗଲ ବିଭାଗ ଅଧୀନରେ ରହିଛି। ଜଙ୍ଗଲ ବିଭାଗ ପକ୍ଷରୁ ଅସ୍ଥାୟୀ ଭାବେ ମୋରମ ପକାଇ ରାସ୍ତା ନିର୍ମାଣ କରାଯାଇଛି। ହେଲେ ପକ୍କା ସଡ଼କ ନ ଥିବାରୁ ଲୋକଙ୍କ ସମସ୍ୟା ହେଉଥିବା ଜଣାପଡ଼ିଛି। ଗ୍ରାମବାସୀ ଭୋଟ ବର୍ଜନ କରିଥିବା ସୂଚନା ପାଇବା ପରେ ଡିଏଫ୍‌ଓ, ତହସିଲଦାର ଏବଂ ଅନ୍ୟ ଅଧିକାରୀମାନେ ଯାଇଥିଲେ। ବୁଝାଶୁଝା କରିବା ସତ୍ତ୍ୱେ ଲୋକମାନେ ବୁଝି ନ ଥିଲେ। ଲୋକଙ୍କ ଦାବି ପୂରଣ କରିବାକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।




ଭୋଟ ବର୍ଜନ କରି ଗ୍ରାମବାସୀ ଲଗାଇଥିବା ପୋଷ୍ଟର।

## ମାତୃଭାଷା ପ୍ରତି ମମତା ରଖିବାକୁ ଆହ୍ୱାନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

ମାଧପୁର,୨୨।୨

ଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସୂଚନା କେନ୍ଦ୍ରଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ଆଭାସ କୁମାର କ୍ଷେତି ସ୍ୱାଗତ ଭାଷଣ ଦେବା ସହ ବିଶ୍ୱ ମାତୃଭାଷା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉଦିପ୍ତ ପୁରୋହିତ, ଅଧ୍ୟାପକ ବିବେକାନନ୍ଦ ବେହେରା, ଶିକ୍ଷକ ସଦାଶିବ ଦଳବେହେରା, ଆଶିଷ କୁମାର ସିଂହ, କଳାକାର ଜ୍ଞାନେନ୍ଦ୍ର ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମାତୃଭାଷା ଓ ମାତୃଭୂମିରେ ମମତା ରଖିବାକୁ ସଂକଳ୍ପ ନେବା ପାଇଁ ଆହ୍ୱାନ କରିଥିଲେ। କଣ୍ଠଶିଳ୍ପୀ ବିଭୂତି ଭୂଷଣ ରଥ ସଂଗୀତ ପରିବେଷଣ କରିଥିବା ବେଳେ ଶିଳ୍ପୀ ରଣଜିତ ରଣା ଓ ଅଭିଳାଷ ସ୍ୱାଇଁ ସହଯୋଗ କରିଥିଲେ। ସଂଗ୍ରାମ କେଶରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାରେ କମୁଛି ସଂକ୍ରମଣ

ଢେଙ୍କାନାଳ ଅଫିସ,୨୨।୨:

ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିଛି। ଜାନୁୟାରୀ ତୁଳନାରେ ଫେବୃୟାରୀରେ ଆକ୍ରାନ୍ତଙ୍କ ସଂଖ୍ୟା ଲଗାତର କମିବାରେ ଲାଗିଛି। ମଙ୍ଗଳବାର ଜିଲାର ସଦର ବ୍ଲକରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଅନ୍ୟ କେଉଁଠାରୁ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି। ପ୍ରଶାସନ ପକ୍ଷରୁ ଟେଷ୍ଟିଂକୁ ଗୁରୁତ୍ୱ ଦିଆଯାଉଥିବାବେଳେ ୨୦୬୩ ଟେଷ୍ଟିଂ କରାଯାଇଥିଲା। ନମୁନାରୁ ମାତ୍ର ୩ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏହାକୁ ମିଶାଇ ଜିଲାରେ ମୋଟ କରୋନା ମାମଲା ୨୨ ହଜାର ୩୪୯ରେ ପହଞ୍ଚିଛି। ସେହିପରି ଦିନକରେ ୯ ଜଣ ସୁସ୍ଥ ହୋଇଛନ୍ତି। ଏହାପରେ ମୋଟ ସୁସ୍ଥଙ୍କ ସଂଖ୍ୟା ୨୧ ହଜାର ୨୫ରେ ପହଞ୍ଚିଛି। ଏବେ ୬୧ ସକ୍ରିୟ ରୋଗୀ ଚିକିତ୍ସାଧୀନ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## ଜେଟ୍ ଏୟାର୍ ୱେଜ୍'ର ନୂଆ ସିଏଫ୍ଓ ନିଯୁକ୍ତ


ବିପୁଲା ଗୁନାତିଲେକା

**ନୂଆଦିଲ୍ଲୀ, ୨୨।୨:** ଅର୍ନ୍ତରାଷ୍ଟ୍ରୀୟ ବିମାନ ସେବା ପ୍ରଦାନ କରୁଥିବା ଜେଟ୍ ଏୟାର୍ ୱେଜ୍ ପକ୍ଷରୁ ମଙ୍ଗଳବାର ବିପୁଲା ଗୁନାତିଲେକାଙ୍କୁ ଏହାର ମୁଖ୍ୟ ବିତ୍ତ ଅଧିକାରୀ (ସିଏଫ୍ଓ) ଭାବେ ନିଯୁକ୍ତ କରାଯାଇଛି। ସେ ୨୦୨୨ ମାର୍ଚ୍ଚ ପହିଲାରୁ ନିଜ ପଦରେ ଯୋଗ ଦେବେ। ଗୁନାତିଲେକା ଏହା ପୂର୍ବରୁ ଅର୍ଥାତ୍ ୨୦୨୨ ଜାନୁଆରୀ ପର୍ଯ୍ୟନ୍ତ ଶ୍ରୀଲଙ୍କାନ୍ ଏୟାରଲାଇନ୍ସର ସିଇଓ ଭାବରେ ଦାୟିତ୍ୱ ନିର୍ବାହ କରିଛନ୍ତି। କୋଭିଡ୍ ମହାମାରୀ ସମୟରେ ସେ ଅନେକ କଠିନ ଦାୟିତ୍ୱକୁ ସୁଚାରୁରୂପେ ତୁଲାଇ ନିଜ ଜାତୀୟ କ୍ୟାରିୟରକୁ ଆଗକୁ ବଢ଼ାଇଥିଲେ। ତାଙ୍କ ସମୟର ଅର୍ଥାତ୍ ୨୦୧୯-୨୦ ଆର୍ଥିକ ବର୍ଷରେ କୋଭିଡ୍ ଏବଂ ୨୦୨୦ ଏପ୍ରିଲ୍‌ରେ ଆତଙ୍କୀ ହମ୍ଲା ସତ୍ତ୍ୱେ ଶ୍ରୀଲଙ୍କାନ୍ ଏୟାରଲାଇନ୍ ଉତ୍ତମ ଆର୍ଥିକ ପ୍ରଦର୍ଶନ କରିଥିଲା।

## ୫ ହଜାର ମାନବ ସମ୍ବଳ ବୃଦ୍ଧି କରିବ ଭିଷ୍ଟାରା

**ନୂଆଦିଲ୍ଲୀ,୨୨।୨:** ଦେଶର ପ୍ରମୁଖ ଘରୋଇ ବିମାନ ସେବା ପ୍ରଦାନକାରୀ କମ୍ପାନୀ ଭିଷ୍ଟାରା ପକ୍ଷରୁ ଏକ ବଡ଼ ଘୋଷଣା କରାଯାଇଛି। କମ୍ପାନୀ ଚଳିତ ବର୍ଷ ଶେଷ ସୁଦ୍ଧା ୫,୦୦୦ ପର୍ଯ୍ୟନ୍ତ ମାନବ ସମ୍ବଳ ବୃଦ୍ଧି କରିବାକୁ ଯୋଜନା କରିଛି। ବର୍ତ୍ତମାନ କମ୍ପାନୀ ନିକଟରେ ପ୍ରାୟ ୪,୦୦୦ କର୍ମଚାରୀ ବିଭିନ୍ନ ବର୍ଗ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ଭିଷ୍ଟାରା ସିଇଓ ବିନୋଦ କାନନ କହିଛନ୍ତି, ଏୟାରଲାଇନ୍ସ ସେବା ବର୍ତ୍ତମାନ ସମୟରେ ପ୍ରତିଯୋଗିତାମୂଳକ ହୋଇଯାଇଛି। ଗ୍ରାହକଙ୍କ ସେବା ଅଧିକରୁ ଅଧିକ କରିବା ପାଇଁ କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଛି।

# ଡିସେମ୍ବର ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୬.୬% ହେବ

**ନୂଆଦିଲ୍ଲୀ,୨୨।୨**




କୋଭିଡ୍ ମହାମାରୀର ତୃତୀୟ ଲହର ଯୋଗୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିର ପୂର୍ବ ବର୍ଷ ତୁଳନାରେ ୧୦% କମ୍ ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏ ସମ୍ପର୍କରେ ମଙ୍ଗଳବାର ବିଦେଶୀ ବୋକ୍ରେଜ ବାରକଲେସ୍ ପକ୍ଷରୁ କୁହାଯାଇଛି, ଡିସେମ୍ବର ତ୍ରୈମାସରେ ଭାରତୀୟ ଅର୍ଥନୀତି ୬.୬% ବୃଦ୍ଧି ହେବା ଯଥେଷ୍ଟ ସମ୍ଭାବନା ରହିଛି। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି, ୨୦୨୨ ଜାନୁୟାରୀରେ ଓମିକ୍ରନ୍‌ର (୩ୟ ଲହର) ପ୍ରଭାବ ସହିତ ପୂର୍ବ ୨ଟି ଲହରର କାର୍ଯ୍ୟକଳାପକୁ ଆକଳନ କରାଗଲେ ଦେଶର ଅର୍ଥନୀତି ଅପେକ୍ଷାକୃତ ସ୍ଥିର ରହିଛି। ସେହିଭଳି ଗତ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଭାରତୀୟ ଅର୍ଥନୀତି ପ୍ରାୟ ୮.୪% ଅଭିବୃଦ୍ଧି କରିଥିବା ସୂଚନା ମିଳିଛି। ସେହିପରି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ)ର ସୂଚନା ଅନୁସାରେ ଫେବୃୟାରୀ ୨୮ରେ ୨୦୨୧-୨୨ ପାଇଁ ଜିଡିପି ଆକଳନ ଘୋଷଣା କରାଯିବ। ଅପରପକ୍ଷରେ ଉଚ୍ଚ ବେସ୍ ଇଫେକ୍ଟଗୁଡିକର କାର୍ଯ୍ୟକଳାପ ଯୋଗୁ ଅନେକ ସମସ୍ୟା ଲାଗି ରହିଛି। ସର୍ଭେ ରିପୋର୍ଟ ଅନୁଯାୟୀ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଉତ୍ପାଦନ ପରିବର୍ତ୍ତେ ସେବା ଦ୍ୱାରା ଅଧିକ ପରିଚାଳିତ ହୋଇପାରିବ। ବିଶେଷକରି ଖଣି, ନିର୍ମାଣ ଏବଂ ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ଧୀର ରହିଛି। ଏହାର ଆଂଶିକ ଯୋଗାଣ ଶୃଙ୍ଖଳ ବ୍ୟାଘାତ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଯୋଗାଣ ଅଭାବ ଏବଂ ଉତ୍ପାଦନ ଉପରେ ଉଚ୍ଚ ବେସ୍‌ର ପ୍ରଭାବ ରହୁଥିବାବେଳେ ଉକ୍ତ ସେବାଗୁଡିକ ଏକ ଦ୍ରୁତ କ୍ଲିପ୍‌ରେ ବଢ଼ିପାରେ ବୋଲି ଆଶା କରାଯାଉଛି। ଏହାର ପୁନରୁଦ୍ଧାରରୁ ଏକ ସ୍ପଷ୍ଟ ସଙ୍କେତ ରହୁଛି ଯେ ସ୍ଥିର ଇନ୍ଧନ ଚାହିଦା ଏବଂ ବାଣିଜ୍ୟ ପରିମାଣ ନୂତନ ରେକର୍ଡକୁ ସ୍ପର୍ଶ କରିବା ସମ୍ଭାବନା ମଧ୍ୟ ଦେଖାଦେଇଛି। ମୋବିଲିଟି ସ୍ତରରେ ଏକ ଉତ୍ତମ ପ୍ରୟାସ ମଧ୍ୟ କରାଯାଉଛି। କାରଣ ପର୍ଯ୍ୟଟନ କାର୍ଯ୍ୟକଳାପ, ବିମାନ ଚଳାଚଳ, ରେଲୱେ ମାଲ ପରିବହନ ଏବଂ ମୋବିଲିଟି କ୍ଷେତ୍ରର ବୃଦ୍ଧି ଯୋଗୁ ଏହା ମହାମାରୀର ଉକ୍ତ ଧାରାକୁ ଫେରିବାର ବାଟ ଦେଖାଉଛି। ଏଭଳି ସମୟରେ କ୍ରେଡିଟ୍ ଅଭିବୃଦ୍ଧି ମଧ୍ୟ ଜାରି ରହିଛି। କର୍ପୋରେଟ୍ ସଂସ୍ଥାଗୁଡିକ ବେଶ୍ ଲାଭାନ୍ୱିତ କରିପାରିଛନ୍ତି। ଯଦିଓ ଓମିକ୍ରନ୍ ସଂକ୍ରମଣ ପୁନରୁଦ୍ଧାରକୁ ସେଭଳି ପ୍ରଭାବିତ କରି ନ ଥିଲା, ହେଲେ ଅର୍ଥନୈତିକ ପୁନରୁଦ୍ଧାର ୪ର୍ଥ ତ୍ରୈମାସର ସାମାନ୍ୟ ବୃଦ୍ଧିର କାରଣ ହୋଇପାରେ ବୋଲି ଆକଳନ କରାଯାଇଛି। କୋଭିଡ୍‌ର ପ୍ରଥମ ୨ଟି ଲହର ସମୟରେ ଯୋଗାଯୋଗଭିତ୍ତିକ ସେବା, ବାଣିଜ୍ୟ ଏବଂ ଯୋଗାଣ ପ୍ରଭାବିତ ହୋଇଥିବା ରିପୋର୍ଟରେ କୁହାଯାଇଛି।

# ୱାନ୍‌ପ୍ଲସ୍ ନର୍ଡ ସିଇ-୨ର ଶୁଭାରମ୍ଭ




**ଭୁବନେଶ୍ୱର,୨୨।୨**

ଅନ୍ତଃରାଷ୍ଟ୍ରୀୟ ଆଣ୍ଡ୍ରଏଡ୍ ଫୋନ (ମୋବାଇଲ) କମ୍ପାନୀ ୱାନ୍‌ପ୍ଲସ୍ ନର୍ଡ ସିଇ-୨ର ବଜାର ପ୍ରବେଶ ସାଙ୍ଗକୁ ଏହାର ଶୁଭାରମ୍ଭ ମଧ୍ୟ ହୋଇଯାଇଛି। କମ୍ପାନୀର ସ୍ୱୀକୃତିପ୍ରାପ୍ତ ଓଡ଼ିଶା ଡିଷ୍ଟ୍ରିବ୍ୟୁଟର ଏସ୍ଏ ଇନ୍‌ଫୋସିସ୍ ପ୍ରା.ଲି ପକ୍ଷରୁ ମଙ୍ଗଳବାର ଏହାର ବିକ୍ରୟ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଏସ୍ଏ ଇନ୍‌ଫୋସିସ୍‌ର ଏମ୍‌ଡି ଅଭିଷେକ ପୋଦ୍ଦାର, ୱାନ୍‌ପ୍ଲସ୍‌ର ଓଡ଼ିଶା ଆର୍ଏସ୍ଏମ୍ ବାଣୀଭୂଷଣ ବାରିକ, ପୀୟୂଷ କୁମାର, ଭାଗୀରଥି ସାହୁ, ମାନସ ରଞ୍ଜନ ଚୌଧୁରୀ, ମୃତ୍ୟୁଞ୍ଜୟ ପ୍ରଧାନଙ୍କ ସମେତ ଉଭୟ କମ୍ପାନୀ ଓ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଯୁବବର୍ଗଙ୍କ ଚାହିଦା ପୂରଣ ସହ ସର୍ଟ ଭିଡିଓ ସ୍ୱୋଶାଲିଷ୍ଟ ଭାବେ ସୁନାମ ଅର୍ଜନ କରିଥିବା ୱାନ୍‌ପ୍ଲସ୍‌ର ଅତ୍ୟାଧୁନିକ ସୁବିଧା ଓ ବଳିଷ୍ଠ କ୍ୟାମେରା ଓ ଚାର୍ଜିଂ କ୍ଷମତା ଅନ୍ୟ ଆଣ୍ଡ୍ରଏଡ୍ ଫୋନଠାରୁ ଭିନ୍ନ ବୋଲି ପୋଦ୍ଦାର କହିଛନ୍ତି। ସେହିଭଳି ଏହା ୨ଟି ସ୍ୱତନ୍ତ୍ର କଲର ସହ ୮ଜେବି ରାମ୍ ଏବଂ ୧୨୮ ଜିବି ରାମ୍‌ରେ ଉପଲବ୍ଧ ରହିଛି। ଉକ୍ତ ମଡେଲଗୁଡ଼ିକରେ ୬୪ ଏମ୍‌ପି କ୍ୟାମେରା ସାଙ୍ଗକୁ ଓମ୍‌ନିଭିଜନ ସେନ୍ସର ଭଳି ଟେକ୍ନୋଲୋଜି ସଂଲଗ୍ନ ରହିଛି। ୱାନ୍‌ପ୍ଲସ୍‌ର ଡିସ୍‌ପ୍ଲେ ବୋର୍ଡ ୭.୮ ମି.ମି. ଏବଂ ୧୭୩ ଗ୍ରାମର ଓଜନ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ମଡେଲ ୬୫ ୱାଟର ସୁପର ଭୋକ୍ ଚାର୍ଜର ସହିତ ଅନ୍ୟାନ୍ୟ ସୁବିଧା ରହିଛି ବୋଲି ବାଣୀଭୂଷଣ କହିଛନ୍ତି। ଏହାର ସର୍ବଭାରତୀୟ ମୂଲ୍ୟ ୨୩,୯୯୯ ରୁ ୨୪,୯୯୯ ମଧ୍ୟରେ ରହିଛି।

## ସେନ୍‌ସେକ୍ସ ୩୮୨ ପଏଣ୍ଟ ହ୍ରାସ

**ମୁମ୍ବାଇ,୨୨।୨**

ଗତ କିଛି ଦିନ ହେବ ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ସାମରିକ ଉତ୍ତେଜନା ଲାଗି ରହିଛି। ଉକ୍ତ ଘଟଣା ଉପରେ ବିଶ୍ୱବାସୀ ନଜର ରଖିଥିବା ବେଳେ ଏହାର ପ୍ରଭାବ ଭାରତୀୟ ଶେୟାର ମାର୍କେଟ ଉପରେ ପଡ଼ିଛି। କାରବାରର ପ୍ରଥମ ୧ ଘଣ୍ଟା ସେନ୍‌ସେକ୍ସରେ ୧୦୦୦ ପଏଣ୍ଟ ପର୍ଯ୍ୟନ୍ତ ହ୍ରାସ ଘଟିଥିଲା। ଫଳରେ ଶେୟାର ବଜାର ବନ୍ଦ ହେବା ବେଳକୁ ସୂଚକାଙ୍କ ୩୮୨.୯୧ ପଏଣ୍ଟ ହ୍ରାସ ସହ ୫୭,୩୦୦.୬୮ ଅଙ୍କରେ ଏବଂ ନିଫ୍ଟି ୧୧୪.୪୫ ପଏଣ୍ଟ ହ୍ରାସ ସହ ୧୭,୦୯୨.୨୦ ଅଙ୍କରେ କାରବାର ବନ୍ଦ ହୋଇଛି। ମଙ୍ଗଳବାରର ବଜାର କାରବାରରେ କେବଳ ଭାରତ ନୁହେଁ ଜାପାନ,ହଂକଂ, କୋରିଆ ଓ ଚାଇନା ଆଦି ଦେଶର ଶେୟାର ବଜାରରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଛି। ବିଶେଷକରି ନିକେଇ ୨.୨% ହ୍ରାସର ସମ୍ମୁଖୀନ ହୋଇଥିବା ବେଳେ ହଂକଂ ବଜାର ୩.୨%, କୋରିଆ ୧.୮% ଏବଂ ଚାଇନା ବଜାର ୧.୨% ହ୍ରାସର ସମ୍ମୁଖୀନ ହୋଇଥିବା ସୂଚନା ମିଳିଛି।

# ଟିପିସିଓଡିଏଲ୍‌ର ସିଏସ୍ଆର୍ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୨।୨**

■ଏମ୍ଏଚ୍‌ଡି ଜରିଆରେ ୯୪ ଗ୍ରାମପଞ୍ଚାୟତ ଅତିକ୍ରମ

■୪ମାସରେ ୧୦,୦୦୦ରୁ ଅଧିକ ଗ୍ରାମବାସୀ ଉପକୃତ

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ୧ମ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସ୍‌ପେନ୍‌ସାରି (ଏମ୍ଏଚ୍‌ଡି)ର ଉଦ୍‌ଘାଟନ କରାଯାଇଥିଲା। ଏହାର ଶୁଭାରମ୍ଭର ପ୍ରଥମ ୪ମାସ ମଧ୍ୟରେ ଢେଙ୍କାନାଳ ଓ ଅନଗୋଳ ଜିଲାର ୯୪ଟି ଗ୍ରାମପଞ୍ଚାୟତର ୧୦,୦୦୦ରୁ ଅଧିକ ଗ୍ରାମବାସୀ ଉପକୃତ ହୋଇପାରିଛନ୍ତି। ଏହା ଗ୍ରାମବାସୀଙ୍କ ମଧ୍ୟରେ ସକାରାତ୍ମକ ପ୍ରଭାବ ପକାଇବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପୂର୍ବରୁ ମୌଳିକ ସ୍ୱାସ୍ଥ୍ୟସେବାର ସୁବିଧା ପାଇବା ଲାଗି ଲୋକମାନଙ୍କୁ ୧୫ରୁ ୨୦ କି.ମି. ଯାତ୍ରା କରିବାକୁ ପଡୁଥିଲା। ହେଲେ ଏମ୍ଏଚ୍‌ଡି ଜରିଆରେ ସେମାନେ ନିଜ ଦୁଆର ମୁହଁରେ ବିନା ମୂଲ୍ୟରେ ସ୍ୱାସ୍ଥ୍ୟସେବାର ଆବଶ୍ୟକ ପରାମର୍ଶ ପାଉଛନ୍ତି। ମୌଳିକ ମେଡିକାଲ ସମସ୍ୟା ଯଥା ଡାଇବେଟିସ୍, ଥଣ୍ଡା, କାଶ, ଆନେମିଆ ଇତ୍ୟାଦି ଯାହା ପୂର୍ବରୁ ଶେଷ ପର୍ଯ୍ୟାୟରେ ନିଦାନ ହେଉଥିଲା ତାହା ଏବେ ଆଗୁଆ ଚିହ୍ନଟ ହେଉଛି ଏବଂ ଉପଯୁକ୍ତ ପ୍ରତିଷେଧମୂଳକ ପଦକ୍ଷେପ ବିଷୟରେ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଉଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ୍ କହିଛନ୍ତି, ରାଜ୍ୟର ଦୁର୍ଗମ ଅଞ୍ଚଳରେ କମ୍ କିମ୍ବା ବିନା କୌଣସି ମୌଳିକ ମେଡିକାଲ ସୁବିଧାରେ ବସବାସ କରୁଥିବା ସ୍ଥାନୀୟ ଗୋଷ୍ଠୀର ଉପେକ୍ଷିତ ବର୍ଗଙ୍କ ଦୁଆର ମୁହଁରେ ବିନା ମୂଲ୍ୟରେ ମେଡିକାଲ ସେବା ପହଞ୍ଚାଇବାକୁ ଆମେ ପ୍ରତିବଦ୍ଧ ରହିଛୁ।

## ଷ୍ଟାଇଲ ସ୍ୱା ଫର୍ନିଚର ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା

**ଭୁବନେଶ୍ୱର,୨୨।୨**

ଦେଶର ପ୍ରମୁଖ ବାସୋପଯୋଗୀ ତଥା ଗୃହୋପକରଣ ସାମଗ୍ରୀ ପ୍ରସ୍ତୁତ କରୁଥିବା କେ.କେ. ବିର୍ଲା, ଆଡଭେଞ୍ଚ ଗ୍ରୁପ୍‌ର ସ୍ୱୀକୃତିପ୍ରାପ୍ତ ସଂସ୍ଥା ଷ୍ଟାଇଲ ସ୍ୱା ଫର୍ନିଚର ପକ୍ଷରୁ ଆକର୍ଷଣୀୟ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏଠାରେ ଉଭୟ ଘର ଓ କାର୍ଯ୍ୟାଳୟ ପାଇଁ ଆବଶ୍ୟକ ସବୁ ବର୍ଗର ଗୃହୋପକରଣ ସାମଗ୍ରୀ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ମାନର ଉପଲବ୍ଧ ହେଉଛି। ସେହିଭଳି ପ୍ରତି କ୍ରୟ ଉପରେ ୪୦% ଫ୍ଲାଟ୍ ରିହାତି ପ୍ରଦାନ କରାଯାଉଛି। ଏପରିକି ପ୍ରତି ୨୦,୦୦୦ରୁ ଊର୍ଦ୍ଧ୍ୱ ବିଲିଂ ଉପରେ ଅତିରିକ୍ତ ୫%ର ରିହାତି ମଧ୍ୟ ଶୋ'ରୁମ୍ ପକ୍ଷରୁ ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଶୋ'ରୁମ୍‌ର ସ୍ୱତ୍ତ୍ୱାଧିକାରୀ ସତ୍ୟଜିତ ମିଶ୍ର କହିଛନ୍ତି , ଚଳିତ ବର୍ଷର ବିବାହଋତୁ ସାଙ୍ଗକୁ ନୂତନ ଗୃହ ପ୍ରବେଶ ଭଳି ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ମଧ୍ୟ ଗ୍ରାହକଙ୍କ ଚାହିଦା ମୁତାବକ ସାମଗ୍ରୀ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇଦେବାକୁ ସଂସ୍ଥା ପ୍ରତିଶ୍ରୁତିବଦ୍ଧ ।

**ଫୁର୍‌ସତ୍**

# ୧୭ ବର୍ଷ ପରେ ଜୀବିତ



**ମୁମ୍ବାଇ:** ହିନ୍ଦୁ ରୀତିନୀତିରେ ତାଙ୍କର ଅନ୍ତିମ ସଂସ୍କାର ଶେଷ ହୋଇଥିଲା। କଷ୍ଟ ଲାଗିଲେ ବି ପରିବାର ଲୋକେ ତାଙ୍କୁ ପ୍ରାୟତଃ ଭୁଲି ସାରିଥିଲେ। କିନ୍ତୁ ବିଧିର ବିଧାନ ବିଚିତ୍ର। ସଂସ୍କାର ହୋଇ ସାରିଥିବା ବ୍ୟକ୍ତିଜଣକ ସ୍ୱଦେହରେ ଫେରିଥିଲେ ଘରକୁ। ୧୭ ବର୍ଷ ପରେ ହଜିଲା ପୁଅକୁ ପାଇଁ ଘର ଲୋକେ ଏବେ ଖୁସିରେ ବିଭୋର ହୋଇଯାଇଛନ୍ତି। ଏସବୁ କଥା କୌଣସି କାହାଣୀର ବିଷୟବସ୍ତୁ ନୁହେଁ। ଏଭଳି ଏକ ଘଟଣା ଘଟିଛି ମହାରାଷ୍ଟ୍ରର ଗ୍ୱାଲିଅର ଅଞ୍ଚଳରେ। ମହାରାଷ୍ଟ୍ର ଗ୍ୱାଲିଅରର ଅମରାବତୀ ଅଞ୍ଚଳରେ ଥିବା ନୱଳଗାଁର ଏକ ପରିବାରରୁ ରାନୁ ତାନ୍ୟା ନାମକ ଜଣେ ଯୁବକ ହଠାତ୍ ନିଖୋଜ ହୋଇଯାଇଥିଲେ। ୧୭ ବର୍ଷ ତଳର ଏହି ଘଟଣାକୁ ନେଇ ଏବେ ପୁଣି ଥରେ ଚର୍ଚ୍ଚା। କାହିଁକି ନା ହଜି ଯାଇଥିବା ଯୁବକ ରାନୁ ଏବେ ପୁଣି ଥରେ ଘରକୁ ଫେରି ଆସିଛନ୍ତି। ପରିବାର ଲୋକଙ୍କ କହିବା ଅନୁସାରେ ୧୭ ବର୍ଷ ତଳେ ରାନୁ ଘର ଛାଡ଼ି କୁଆଡ଼େ ଚାଲି ଯାଇଥିଲେ। ସେତେବେଳେ ତାଙ୍କ ମାନସିକ ଅବସ୍ଥା ବି ଭଲ ନ ଥିଲା। ପରିବାର ଲୋକେ ତାଙ୍କୁ ବିଭିନ୍ନ ଅଞ୍ଚଳରେ ଖୋଜାଖୋଜି କରି ନିରାଶ ହୋଇଥିଲେ। ତେଣୁ ରାନୁଙ୍କ ହଜିବାର ୧୨ ବର୍ଷ ପରେ ସେମାନେ ତାଙ୍କର ଶୁଦ୍ଧିକ୍ରିୟା ବି କରି ଦେଇଥିଲେ। କିନ୍ତୁ ଏବେ ଗ୍ୱାଲିଅରର ସ୍ୱର୍ଣ୍ଣ ସଦନ ଆଶ୍ରମ ମାଧ୍ୟମରେ ସେ ଘରକୁ ଫେରିଛନ୍ତି। ଆଶ୍ରମ ମୁଖିଆଙ୍କ କହିବା ଅନୁସାରେ ଦୁଇବର୍ଷ ତଳେ ରାନୁଙ୍କୁ ଏକ ରେଳ ଷ୍ଟେସନ୍ ପାଖରୁ ଉଦ୍ଧାର କରାଯାଇଥିଲା। ସେତେବେଳେ ତାଙ୍କର ମାନସିକ ଅବସ୍ଥା ଠିକ୍ ନ ଥିଲା। ତେଣୁ ଆଶ୍ରମରେ ତାଙ୍କର ଚିକିତ୍ସା କରାଯାଇଥିଲା। ଏହାପରେ ରାନୁ ଅମରାବତୀ ଅଞ୍ଚଳର ବୋଲି ଜଣାପଡିଥିଲା। ତେଣୁ ଆଶ୍ରମ ଲୋକେ ରାନୁଙ୍କ ଘର ବିଷୟରେ ଖବର ନେଇ ଯୋଗାଯୋଗ କରିଥିଲେ। ରାନୁ ଜୀବିତ ଥିବା ଖବର ପାଇଁ ତାଙ୍କ ପୁଅ ସୁନୀଲ ତାନ୍ୟା ଆଶ୍ରମରୁ ତାଙ୍କୁ ଘରକୁ ଆଣିଛନ୍ତି। ରାନୁ ଘର ଛାଡ଼ି ଯିବା ସମୟରେ ତାଙ୍କ ପୁଅ ସୁନୀଲ ମାତ୍ର ୬ ବର୍ଷର ହୋଇଥିଲେ। ସେତେବେଳେ ରାନୁ କୃଷି କାମ କରି ଜୀବିକା ନିର୍ବାହ କରୁଥିଲେ। କିନ୍ତୁ ତାଙ୍କ ମାନସିକ ଅବସ୍ଥା ଖରାପ ହେବା ପରେ ସେ ଘର ଛାଡ଼ି କୁଆଡ଼େ ଚାଲି ଯାଇଥିଲେ।

## ପ୍ରଶଂସକଙ୍କ କ୍ଲାସ୍ ନେଲେ ସାମନ୍ଥା



**ମୁମ୍ବାଇ:** ସାଉଥ ସୁନ୍ଦରୀ ସାମନ୍ଥା ରୁଥ ପ୍ରଭୁ ତାଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନକୁ ନେଇ ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ଅଭିନେତ୍ରୀ ଭାବେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ସେ ଚେଷ୍ଟା ଜାରି ରଖିଛନ୍ତି। ନିକଟରେ ଅଭିନେତ୍ରୀ ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକଙ୍କ ସହ କଥାବାର୍ତ୍ତା କରିଥିଲେ, ଯେଉଁଥିରେ ଜଣେ ୟୁଜର୍ସ ତାଙ୍କୁ ଏପରି ଏକ ପ୍ରଶ୍ନ ପଚାରିଥିଲେ, ଯାହାର ଜବାବରେ ସାମନ୍ଥା ତାଙ୍କ କ୍ଲାସ ନେଇଛନ୍ତି। ନାଗା ଚୈତନ୍ୟଙ୍କ ସହ ଛାଡପତ୍ର ପରେ ସାମନ୍ଥା ବର୍ତ୍ତମାନ ନିଜ କ୍ୟାରିଅର୍ ଉପରେ ଧ୍ୟାନ ଦେଉଛନ୍ତି । ତାଙ୍କ ଆଗାମୀ ଫିଲ୍ମ 'କାଥୁଭାକୁଲା ରେଣ୍ଡୁ କାଦଲ'ର ରିଲିଜକୁ ଅପେକ୍ଷାରେ ଅଛି। ସମ୍ପ୍ରତି ଅଭିନେତ୍ରୀ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ରଖିଥିଲେ। ଏଥିରେ ଜଣେ ୟୁଜର୍ସ ତାଙ୍କୁ ପଚାରିଥିଲେ, 'ତୁମେ ରିପ୍ରଡ୍ୟୁସ କରିବାକୁ ଚାହୁଁଛ କି? କାରଣ ମୁଁ ତୁମକୁ ରିପ୍ରଡ୍ୟୁସ କରିବାକୁ ଚାହୁଁଛି।' ଏହା ଉପରେ ପ୍ରତିକ୍ରିୟା ଦେଇ ସାମନ୍ଥା ତାଙ୍କ କ୍ଲାସ ନେଇ ଲେଖିଥିଲେ, 'ପ୍ରଥମେ ରିପ୍ରଡ୍ୟୁସ ଉପରେ ଠିକ୍ଭାବେ ବାକ୍ୟ ଲେଖିବା ଶିଖନ୍ତୁ।'ଏବେ ଏହି ପ୍ରତିକ୍ରିୟା ବେଶ ଭାଇରାଲ ହେଉଛି।

## ରାଧେ ଶ୍ୟାମରେ ଅମିତାଭଙ୍କ ଭଏସ୍



**ମୁମ୍ବାଇ:** ପ୍ରଭାସଙ୍କ ଅଭିନୀତ ଆଗାମୀ ଫିଲ୍ମ 'ରାଧେ ଶ୍ୟାମ'ରେ ନିଜ ଭଏସ୍‌ର ଯାଦୁ ଦେଖାଇବେ। ନିର୍ମାତା ରାଧାକୃଷ୍ଣ କୁମାରଙ୍କୁ ଏପରି ଏକ ଭଏସ୍‌ର ଦରକାର ଥିଲା ଯିଏ କି ଦେଶକୁ ଆଦେଶ ଦେଇପାରୁଥିବ। ଏହାପରେ ସେ ଅମିତାଭଙ୍କ ଭଏସ୍‌କୁ ବାଛିଥିଲେ, ଯାହାଙ୍କୁ ସମସ୍ତେ ଜାଣିଛନ୍ତି ଏବଂ ତାଙ୍କୁ ସମସ୍ତେ ସମ୍ମାନ ମଧ୍ୟ କରନ୍ତି। ନିର୍ଦ୍ଦେଶକଙ୍କ ଦ୍ୱାରା ବହୁଭାଷୀ ପ୍ରେମ କାହାଣୀ ୧୯୭୦ ଦଶକରେ ୟୁରୋପରେ ସ୍ଥାପିତ ହୋଇଥିଲା, ଯେଉଁଥିରେ କି ପ୍ରଭାସ ପାଲ୍ମ ରିଡରଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ଇଟାଲି, ଜର୍ଜିଆ ଏବଂ ହାଇଦ୍ରାବାଦ୍‌ରେ ମୁଭିର ଶୁଟିଂ କରାଯାଇଛି। ଫିଲ୍ମରେ ପ୍ରଥମ ଥର ପାଇଁ ପ୍ରଭାସ ଏବଂ ପୂଜା ହେଗ୍‌ଡେ ଏକାଠି କାମ କରିବା ନୂଆ ଅନ୍ଦାଜରେ ନଜରକୁ ଆସିବେ। ୟୁଭି କ୍ରିଏଶନ୍ ପ୍ରଡକ୍ସନ, ଗୁଲସନ କୁମାର ଏବଂ ଟି-ସିରିଜ୍ ଦ୍ୱାରା ଫିଲ୍ମ ପ୍ରସ୍ତୁତ କରାଯାଇଛି। ସିନେମାର ପୋଷ୍ଟର ଆଗରୁ ରିଲିଜ୍ ହୋଇଥିବାବେଳେ ୧୧ ମାର୍ଚ୍ଚରେ ବଡ ପରଦାରେ ମୁକ୍ତିଲାଭ କରିବ।

## ଟେଲି ପରଦାରେ ଡେବ୍ୟୁ କରିବେ ବିକି



**ମୁମ୍ବାଇ:** ଅଭିନେତ୍ରୀ ଅଙ୍କିତା ଲୋଖଣ୍ଡେ ସ୍ୱାମୀ ବିକି ଜୈନ ଅଭିନୟ ଜଗତରେ ପାଦ ଥାପିବାକୁ ଯାଉଛନ୍ତି। ଅର୍ଥାତ ଟିଭି ପରଦାରେ ଡେବ୍ୟୁ କରିବେ ବିକି। ବିକିଙ୍କ ଅଭିନୟକୁ ଦେଖି ଅଙ୍କିତା ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଅଙ୍କିତା ତାଙ୍କର ଆଗାମୀ ଶୋ'ର ପ୍ରୋମୋ ଶେୟାର କରିବା ସହ ଲାଇଟ କ୍ୟାମେରା ଏବଂ ଆକ୍ସନ ଦୁନିଆରେ ବିକି ଜୈନଙ୍କୁ ସ୍ୱାଗତ କରିଛନ୍ତି। ଉକ୍ତ ପ୍ରୋମୋରେ ଅଙ୍କିତା ଚିଲି ଆଇସ୍କ୍ରିମ ଖାଉଥିବା ବେଳେ ପରେ ବିକି ମଧ୍ୟ ଆଇସ୍କ୍ରିମ୍ ଖାଉଥିବାର ଦେଖିବାକୁ ମିଳିଛି।

## ସିଦ୍ଧାର୍ଥଙ୍କ କୁକୁରକୁ ଶ୍ରଦ୍ଧାଞ୍ଜଳି

**ମୁମ୍ବାଇ:** ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମଲହୋତ୍ରା ନିଜ ଅଭିନୟ ଜରିଆରେ ସମସ୍ତଙ୍କ ମନ ଜିଣି ନେଇଛନ୍ତି। ତେବେ ସେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଏକ ଦୁଃଖଦ ପୋଷ୍ଟ ଶେୟାର କରିଛନ୍ତି। ତାଙ୍କ ସହ ୧୧ ବର୍ଷ ଧରି ରହିଥିବା ଏକ ପାଳିତ କୁକୁର ଓସ୍କାରର ମୃତ୍ୟୁ ହୋଇଥିବା ଜଣାଇଛନ୍ତି। ଏଥିସହ ତାଙ୍କ ଗର୍ଲଫ୍ରେଣ୍ଡ କିଆରା ଆଡ୍‌ଭାନୀ ମଧ୍ୟ ଓସ୍କାରକୁ ଶ୍ରଦ୍ଧାଞ୍ଜଳି ଦେଇ ଦୁଃଖ ପ୍ରକାଶ କରିଛନ୍ତି। ସିଦ୍ଧାର୍ଥ ଲେଖିଛନ୍ତି, ଏହି ପୋଷ୍ଟ ମୁଁ ଲୁହ ଭରା ଲୁହରେ ଲେଖୁଛି। ଓସ୍କାର ତାଙ୍କୁ ଛାଡିଲା ପରେ ତାଙ୍କ ଜୀବନରେ ଏକ ଖାଲିସ୍ଥାନ ସୃଷ୍ଟି ହୋଇଛି। ସେ ୧୧ ବର୍ଷ ଧରି ତାଙ୍କ ସହ ପରିବାରରେ ଥିଲା। ଅନ୍ୟ ଅଭିନେତା ସିଦ୍ଧାର୍ଥଙ୍କ ଏହି ପୋଷ୍ଟରେ ଦୁଃଖ ପ୍ରକାଶ କରିଛନ୍ତି।

## ଅପହରଣ କରିଥିଲା ଏଲିଅନ୍



**ଜ୍ୟାକ୍‌ସନ୍:** ମିସିସିପିର ଜଣେ ମାଛବାଲା କେଲ୍‌ଭିନ ପାର୍କରଙ୍କୁ ୫୦ ବର୍ଷ ପୂର୍ବେ ଏଲିଅନ୍ ଅପହରଣ କରିନେଇଥିବା ଦାବି କରିଛନ୍ତି। ଏହାସହ ଏଲିଅନ୍ ତାଙ୍କୁ କରୋନା ମହାମାରୀ ଏବଂ ତୃତୀୟ ବିଶ୍ୱଯୁଦ୍ଧ ବିଷୟରେ ଚେତାବନୀ ଦେଇଥିବା କହିଛନ୍ତି। ୬୮ ବର୍ଷୀୟ କେଲ୍‌ଭିନଙ୍କ କହିବା ଅନୁଯାୟୀ, ୧୯୭୩ ମସିହାରେ ସେ ତାଙ୍କ ସାଙ୍ଗ ସହ ପାସକାଗୌଲାରେ ଥିବା ନଦୀତଟରେ ମାଛ ଧରୁଥିଲେ। ସେହି ସମୟରେ ଏକ ୟୁଏଫ୍ଓ ଆସି ପହଞ୍ଚିଲା। ସେଥିରୁ ଜଣେ ଏଲିଅନ୍ ଯିଏ କି ଅଜବ ଦେଖାଯାଉଥିଲା, ତା'ର ମାଛ ପଞ୍ଝା ଏବଂ ଗାଜର ଭଳି ନାକ ଥିଲା। ଏଲିଅନ୍ କେଲ୍‌ଭିନ୍‌ଙ୍କୁ ଧରି ମାନବଙ୍କ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତରେ ଘଟିବାକୁ ଥିବା ଭୟାନକ ଘଟଣାକୁ ଦେଖାଇଥିଲା। ମହାମାରୀରେ ଲକ୍ଷ ଲକ୍ଷ ଲୋକ ମରୁଥିବା, ଦୁନିଆରେ ଖାଦ୍ୟର ଅଭାବ ଦେଖାଯିବ ବୋଲି ସେ କହିଛନ୍ତି। ଏହି ଘଟଣାକୁ ସେ ଲୁଚାଇ ରଖିଥିଲେ। କିନ୍ତୁ ଯେତେବେଳେ କରୋନା ମହାମାରୀର ଦୃଶ୍ୟ ତାଙ୍କ ସାମ୍‌ନାକୁ ଆସିଲା, ସେତେବେଳେ ସେ ଏହି ଘଟଣାକୁ ପ୍ରକାଶ କରିବା ଉଚିତ୍ ମନେକଲେ ବୋଲି କହିଛନ୍ତି।

# 'ଡାକ୍ତରଙ୍କ ବିନା ପରାମର୍ଶରେ ଅକ୍ସିଜେନ୍ ନିଅନ୍ତୁ ନାହିଁ'

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ରାଜ୍ୟରୁ ଏପର୍ଯ୍ୟନ୍ତ କୋଭିଡ୍ ଯାଇନାହିଁ। କୋଭିଡ୍ ସଂକ୍ରମଣ ପରବର୍ତ୍ତୀ ଜଟିଳତା ଦେଖା ଦେଉଥିବାରୁ ସେଥିପ୍ରତି ସଚେତନ ରହିବାକୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ନିଶ୍ଚେତକ ବିଭାଗ ମୁଖ୍ୟ ଡା. ନିବେଦିତା ପାଣି ପରାମର୍ଶ ଦେଇଛନ୍ତି।

ମଙ୍ଗଳବାର ସରକାରଙ୍କ ପକ୍ଷରୁ ଆୟୋଜିତ କୋଭିଡ୍ ସଚେତନତା ପରାମର୍ଶଭିତ୍ତିକ କାର୍ଯ୍ୟକ୍ରମରେ ଡା. ପାଣି ଯୋଗଦେଇ କହିଥିଲେ, କୋଭିଡ୍ ସଂକ୍ରମଣ ପରେ ମଧୁମେହ, ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ରୋଗୀଙ୍କ ମଧ୍ୟରେ ଜଟିଳତା ବୃଦ୍ଧି ପାଇଛି। ବୟସ୍କ ରୋଗୀ ଏବଂ ଅନ୍ୟ ଜଟିଳତା ଥିବା ରୋଗୀ ଅଧିକ ପ୍ରଭାବିତ ହେଉଛନ୍ତି। କୋଭିଡ୍ ରୋଗୀ ଘରେ ମଧ୍ୟ ଅକ୍ସିଜେନ୍ ନେଇପାରିବେ। ଅକ୍ସିଜେନ୍ ଏକ ଔଷଧ। ଏହାକୁ କେମିତି, କେଉଁ ପରିମାଣ ଓ ମାନର ନେବେ ତାହା ଜାଣିବା ଉଚିତ୍। ଡାକ୍ତରଙ୍କ ବିନା ପରାମର୍ଶରେ ମନଇଚ୍ଛା ଅକ୍ସିଜେନ୍ ନେବା ଉଚିତ୍ ନୁହେଁ। ଅକ୍ସିଜେନ୍ ଯୋଗୁ ଫୁସଫୁସ ଓ ହୃତପିଣ୍ଡ ଉପରେ କୁପ୍ରଭାବର ଆଶଙ୍କା ରହିଛି। ସାଇନୋସାଇଟିସ୍ ଓ ବାତ ଭଳି ରୋଗ ମଧ୍ୟ ବାହାରିପାରେ। ଠିକ୍ ଭାବେ ଓ ଠିକ୍ ପରିମାଣର ଅକ୍ସିଜେନ୍ ନ ଦେଲେ ଶିଶୁଙ୍କ ଦୃଷ୍ଟିଶକ୍ତି ଚାଲିଯିବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଶ୍ୱାସକ୍ରିୟାରେ ଅସୁବିଧା ହେଲେ ଖୋଲା ଜାଗାକୁ ଯାଇ ଲମ୍ବା ନିଶ୍ୱାସ-ପ୍ରଶ୍ୱାସ ନେବା ଉଚିତ୍ ବୋଲି ଡା. ପାଣି କହିଛନ୍ତି। ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୪୨୮ଜଣ ନୂଆ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୮ବର୍ଷରୁ କମ୍ ୧୩୬ ଜଣ ପିଲା ଅଛନ୍ତି। ମୋଟ ସଂକ୍ରମିତ ସଂଖ୍ୟା ୧୨,୮୩,୨୯୭ରେ ପହଞ୍ଚିଛି। ସେହିଭଳି ଦିନକରେ ୧୦ଜଣ କରୋନାରେ ପ୍ରାଣ ହରାଇଛନ୍ତି। ଏଥିରେ ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ୬ଜଣ ରହିଛନ୍ତି। ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୯,୦୩୬କୁ ଛୁଇଁଛି।

**୪୨୮ କରୋନା ସଂକ୍ରମିତ ଚିହ୍ନଟ, ୧୦ ମୃତ**

# ଫେରାର ରାଜାଙ୍କୁ ଧରିଲା ଏସ୍‌ଟିଏଫ୍

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ନୟାଗଡ଼ ଜିଲା ଟାଉନ୍ ଥାନା ଅନ୍ତର୍ଗତ ଉଦୟପଥ ଲେନ୍‌ର ଏକ ଭଡ଼ାଘରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ ଏମ୍.ଡି. ରାଜା ଧରାପଡ଼ିଛନ୍ତି। ମଙ୍ଗଳବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତାଙ୍କୁ ପୁରୀ ଜିଲା ଡେଲାଙ୍ଗ ଥାନା ଅଞ୍ଚଳସ୍ଥିତ ନିଜ ଘରୁ ଗିରଫ କରାଯାଇଛି। ପରେ ତାଙ୍କୁ ନୟାଗଡ଼ ଜିଲା ଓ ଦୌରାଜଜ୍ କୋର୍ଟକୁ ଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୨୦ତାରିଖ ରାତିରେ ଭୁବନେଶ୍ୱର ପାହାଲ କ୍ରସିଂ ନିକଟରୁ ଏସ୍‌ଟିଏଫ୍ ମୁଖ୍ୟ ଅଭିଯୁକ୍ତ ଶିବ ପ୍ରସାଦ ଦାସ ଓରଫ ଶିବୁଙ୍କୁ ଗିରଫ କରିଥିଲା। ତେବେ ଏହି ମାମଲାରେ ଏକାଧିକ ବ୍ୟକ୍ତି ସାମିଲ ଥିବା ସୂଚନା ମିଳିଛି। ସେମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଅନୁସନ୍ଧାନ ଜାରି ରଖିଛି।

ସୂଚନା ଅନୁଯାୟୀ, ଶିବୁ ମାଛ ବ୍ୟବସାୟ କରୁଥିବା କହି ଉଦୟପଥ ଲେନ୍‌ରେ ଘରଭଡ଼ା ନେଇ ପରିବାର ସହ ରହୁଥିଲେ। ସେଠାରେ ସେ କେତେଜଣ ଲୋକଙ୍କୁ ରଖି ବ୍ରାଉନସୁଗାର ବ୍ୟବସାୟ କରୁଥିଲେ। ଏନେଇ ଏସ୍‌ଟିଏଫ୍ ସୂଚନା ପାଇବା ପରେ ଜାନୁୟାରୀ ୨୫ ତାରିଖ ରାତିରେ ସେଠାରେ ଚଢ଼ାଉ କରି ଶିବୁଙ୍କ ସହଯୋଗୀ ଭିକି ରାଓଙ୍କୁ ଗିରଫ କରିଥିଲା। ହେଲେ ଚଢ଼ାଉ ପୂର୍ବରୁ ଶିବୁଙ୍କ ସମେତ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ଏସ୍‌ଟିଏଫ୍ ଉକ୍ତ ଘରୁ ୩ କେଜି ୧୦୦ ଗ୍ରାମର ବ୍ରାଉନସୁଗାର, ନଗଦ ୬୫ ଲକ୍ଷ ୩୨ ହଜାର ଟଙ୍କା, ୩ଟି ପିସ୍ତଲ, ୪୩ ରାଉଣ୍ଡ ଗୁଳି, ୭ ମାଗାଜିନ୍, ଗୋଟିଏ ଟଙ୍କା ଗଣିବା ମେଶିନ, ୪ଟି ମୋବାଇଲ ଫୋନ୍, ଏଟିଏମ୍ କାର୍ଡ ଓ ଗୋଟିଏ ଟାବ୍‌ଲେଟ ଜବତ କରିଥିଲା। ଏ ନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

**ମାଛ ବ୍ୟବସାୟ ନାଁରେ ବ୍ରାଉନ ସୁଗାର କାରବାର ମାମଲା**



ଏମ୍.ଡି. ରାଜା

- ନୟାଗଡ଼ ଭଡ଼ାଘରେ ଚଢ଼ାଉବେଳେ ଖସି ପଳାଇଥିଲେ
- ୨୦ରେ ମୁଖ୍ୟ ଅଭିଯୁକ୍ତ ଶିବୁ ଗିରଫ ହୋଇଥିଲେ

# କୁଆଁ ପଞ୍ଚାୟତରେ ୧୦୭.୦୯% ମତଦାନ ଗୁଜବ

ଦଶରଥପୁର, ୨୨।୨(ଡି.ଏନ.ଏ.)

ଯାଜପୁର ଜିଲା ଦଶରଥପୁର ବ୍ଲକ୍‌ରେ ୧୮ ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୨ୟ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇଥିଲା। ତେବେ ଉକ୍ତ ବ୍ଲକ୍ କୁଆଁ ପଞ୍ଚାୟତ ଗୋପବନ୍ଧୁ ନଗର ୟୁପି ସ୍କୁଲ୍‌ର ୨ ନଂ.ବୁଥ୍‌ରେ ଭୋଟରଙ୍କ ସଂଖ୍ୟା ୩୮୧ ହୋଇଥିବାବେଳେ ଏଠାରେ ୪୦୮ ଖଣ୍ଡ ଭୋଟ୍ ଅର୍ଥାତ୍ ୧୦୭.୦୯% ମତଦାନ ହୋଇଥିବା ଗୁଜବ ସୃଷ୍ଟି ହୋଇଛି। ସେହିପରି ଅସନପୁର ପଞ୍ଚାୟତ ରାଧାବଲ୍ଲଭପୁର ପ୍ରୋଜେକ୍ଟ ସ୍କୁଲରେ ହୋଇଥିବା ୯ନଂ. ବୁଥ୍‌ର ଶତପ୍ରତିଶତ ମତଦାନ ଗୁଜବ ହୋଇଛି। ବ୍ଲକ୍‌ର ଯାଜପୁର ନିର୍ବାଚନମଣ୍ଡଳୀରେ ଥିବା ଦୁଦୁରାଅନ୍ତା ପଞ୍ଚାୟତ ଭାଗେଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟର ୧୦ ନଂ. ବୁଥ୍‌ର ଭୋଟର ସଂଖ୍ୟା ୨୪୪ ହୋଇଥିବାବେଳେ ଏଠାରେ ୨୫୦ ଖଣ୍ଡ ଅର୍ଥାତ୍ ୧୦୨.୪୬% ମତଦାନ ହୋଇଥିବା ମଧ୍ୟ ଗୁଜବ କରାଯାଇଛି। ଅପରପକ୍ଷରେ କୁଆଁ ପଞ୍ଚାୟତ ଗୋପବନ୍ଧୁନଗର ୨ନଂ. ବୁଥ୍‌କୁ ଲାଗି ଥିବା ଧରମପୁର ୟୁପି ସ୍କୁଲର ୧୬ନଂ.ବୁଥ୍‌ରେ ଭୋଟରଙ୍କ ସଂଖ୍ୟା ୨୯୭ ହୋଇଥିବାବେଳେ ଏଠାରେ ୧୧୦ ପୋଲିଂ ଅର୍ଥାତ୍ ୩୭.୦୪ ମତଦାନ ହୋଇଛି, ଯାହାକି ବ୍ଲକ୍‌ର ସବୁଠାରୁ କମ୍ ପୋଲିଂ ବୋଲି ଜଣାପଡ଼ିଛି। ତେବେ ବ୍ଲକ୍ ପ୍ରଶାସନ ପକ୍ଷରୁ ଅନିଚ୍ଛାବଶତ ଏପରି ତ୍ରୁଟି ହୋଇଥିବା କୁହାଯାଇଛି। ବିଡିଓ ଶ୍ୱେତ ସ୍ନିଗ୍ଧା କହିଛନ୍ତି, କୁଆଁ ପଞ୍ଚାୟତ ୨ ନଂ. ବୁଥ୍‌ର ଭୋଟର ସଂଖ୍ୟା ୩୮୧ ହୋଇଥିବାବେଳେ ୨୫୫ ଖଣ୍ଡ ଭୋଟ୍ ଗ୍ରହଣ କରାଯାଇଛି। ସେହିପରି ଅସନପୁର ୯ ନଂ. ବୁଥ୍‌ର ଭୋଟର ସଂଖ୍ୟା ୨୬୦ ହୋଇଥିବାବେଳେ ୨୪୨ ଖଣ୍ଡ ଭୋଟ୍ ଗ୍ରହଣ କରାଯାଇଛି। ଦୁଦୁରାଅନ୍ତା ପଞ୍ଚାୟତର ୧୦ ନଂ.ବୁଥ୍‌ର ଭୋଟର ସଂଖ୍ୟା ୨୪୪ ହୋଇଥିବାବେଳେ ୧୪୫ ଖଣ୍ଡ ଗ୍ରହଣ କରାଯାଇଛି। ତେବେ ଗୁଜବକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି।

**ଦଶରଥପୁର ବ୍ଲକ୍**

## ପ୍ରଥମ ପୃଷ୍ଠାରୁ...

### ନିର୍ବାଚନୀ...

ରଖିଥିଲେ। କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ବାଲାଗୋଡ଼ା ପଞ୍ଚାୟତ ୨୩ ଓ ୨୫ ନମ୍ବର ବୁଥ୍‌ରେ ପୋଲିସ ଉପସ୍ଥିତିରେ ବାହାର ଲୋକ ଜୋରଜବରଦସ୍ତି ପ୍ରବେଶ କରିଥିବା ଅଭିଯୋଗ ହୋଇଛି। ଏପରିକି ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା ହୋଇଥିଲେ ହେଁ ପୋଲିସ୍ ନୀରବଦ୍ରଷ୍ଟା ସାଜିଥିଲା। ଏଥିଯୋଗୁ ଉଭୟ ବୁଥ୍‌ରେ ପ୍ରବଳ ହୋହଲ୍ଲା ହୋଇଥିଲା। ଫଳରେ ଘଣ୍ଟାଏ କାଳ ଭୋଟ ଗ୍ରହଣ ବନ୍ଦ ରହିଥିଲା। ଖବର ପାଇ କେନ୍ଦୁଝର ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ।

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ବଙ୍ଗାଳପୁର ନୂଆ ଶାସନରେ ସରପଞ୍ଚ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ବାଲଟ ପେପର ଫୋଲ୍ଡିଂରେ ତ୍ରୁଟି ଦେଖାଦେବାରୁ ସେଠାରେ ମତଦାନ ବନ୍ଦ ହୋଇଛି।

କଟକ ଜିଲା ଆଠଗଡ଼ ଅଞ୍ଚଳରେ ଅର୍ଗସ ନ୍ୟୁଜ୍‌ର ଖବରଦାତା ସୁଶାନ୍ତ ସାହୁଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗହୋଇଛି।ଆଠଗଡ଼ବ୍ଲକଅନନ୍ତପୁରପଞ୍ଚାୟତର ୪ଟି ବୁଥରେ କେତେଜଣ ଏଜେଣ୍ଟଙ୍କୁ ପୂରାଇ ନ ଦେବାରୁ ଉତ୍ତେଜନା ହୋଇଥିଲା। ଏନେଇ ଖବର ସଂଗ୍ରହ ବେଳେ ଖବରଦାତା ସାହୁଙ୍କୁ ଠେଲାପେଲା କରାଯାଇଥିଲା।

ଚତୁର୍ଥ ପର୍ଯ୍ୟାୟ ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ଦିନ ୧ଟାରେ ଶେଷ ହୋଇଥିଲା। ରାଜ୍ୟର ବିଭିନ୍ନ ବୁଥରେ ଲୋକମାନଙ୍କ ମଧ୍ୟରେ ମତଦାନକୁ ନେଇ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସକାଳୁ ମତଦାନ ସାମାନ୍ୟ ଧୀମା ଥିବା ବେଳେ ପୂର୍ବାହ୍ନ ୧୦ଟା ପରେ ବୁଥ୍‌ଗୁଡିକରେ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ତେବେ କେତେକ ସ୍ଥାନରେ ନିର୍ବଚାନ ହିଂସାକାଣ୍ଡ ଏବଂ ପୋଲିଂ ଅଧିକାରୀଙ୍କ ଭୁଲ୍ ଯୋଗୁ ନିର୍ବାଚନକୁ ବାତିଲ କରାଯାଇଛି। ଜିଲାପାଳଙ୍କ ରିପୋର୍ଟ ପରେ ସେସବୁ ସ୍ଥାନରେ ପୁନଃ ନିର୍ବାଚନ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ବାଚନ ଶେଷ ହେବା ପରେ ଭୋଟ ବାକ୍ସଗୁଡିକୁ କଡ଼ା ସୁରକ୍ଷା ମଧ୍ୟରେ ବ୍ଲକ ସଦର ମହକୁମାରେ ଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଛି। ଏହି ପର୍ଯ୍ୟାୟରେ ୨୭ ଜିଲାର ୬୪ ବ୍ଲକର ୧୬୩ ଜିଲା ପରିଷଦ ଜୋନ୍‌ର ୧୨୫୪ ପଞ୍ଚାୟତରେ ଭୋଟଗ୍ରହଣ କରାଯାଇଛି। ଏଥିପାଇଁ ୧୭,୦୮୯ ବୁଥ୍‌ରେ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ୧୬୩ ଜିଲା ପରିଷଦ ଜୋନରେ ମୋଟ ୬୬୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରାର୍ଥୀମାନଙ୍କର ଭାଗ୍ୟ ବାଲଟ ବକ୍ସ ଭିତରେ ସିଲ୍ ହୋଇଯାଇଛି। ଆସନ୍ତା ୨୬ ତାରିଖରୁ ୩ ଦିନ ବ୍ୟାପୀ ଭୋଟ ଗଣତି କରାଯିବ।

### ୭୩%...

ଭୋଟଗ୍ରହଣ ହୋଇଛି। ମଙ୍ଗଳବାର ହୋଇଥିବା ଭୋଟ ଗ୍ରହଣରେ ଏଠାରେ ୮୩% ମତଦାନ ହୋଇଛି ବୋଲି କମିଶନର ସୂଚନା ଦେଇଛନ୍ତି। ମାଓବାଦୀପ୍ରବଣ ନିୟମଗିରି ତ୍ରିଲୋଚନପୁରରେ ମଧ୍ୟ ୮୦% ମତଦାନ ହୋଇଛି। ଯୋଗାଯୋଗ ସମସ୍ୟା ଯୋଗୁ ଉଭୟ ନଗଡ଼ା ଓ ତ୍ରିଲୋଚନପୁରରେ ଭୋଟ ହୋଇପାରୁ ନ ଥିଲା।

### ବିଜେଡି...

ରହି ଘଟଣାସ୍ଥଳର ସିସିଟିଭି ଓ ଅଭିଯୁକ୍ତମାନଙ୍କ ସିଡିଆର୍ ଯାଞ୍ଚ କରି ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି। ଭାଜପା ନେତା ମନମୋହନ ସାମଲ ଘଟଣାକୁ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିବା ସହ ତାଙ୍କ ସମ୍ପୃକ୍ତିକୁ ଖଣ୍ଡନ କରିଛନ୍ତି। ପୋଲିସ ତଦନ୍ତ କରୁ, ଆପେ ଜାଣିପାରିବ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି। ରିପୋର୍ଟ ଲେଖା ସୁଦ୍ଧା କାହାରିକୁ ଗିରଫ କରାଯାଇନାହିଁ।

### ଗୁଣି ସନ୍ଦେହରେ...

ଦେଖାଦେବାରୁ ସକାଳ ସାଢ଼େ ୭ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ମତଦାନ ବନ୍ଦ ହୋଇଥିଲା। ପରେ ପୋଲିସ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଭୋଟ ଦାନ ସ୍ୱାଭାବିକ ହୋଇଥିଲା।

ମିଳିଥିବା ସୂଚନା ଅନୁସାରେ , ନୀଳଗିରି ଥାନା ଖୁମଖୁଟ ନିକଟସ୍ଥ ଗୁଡ଼ିଖୋଲା ଗ୍ରାମର ଭୋଳାନାଥ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ସମିତିସଭ୍ୟ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନରେ ଜିତିବା ପାଇଁ ସେ ଜଙ୍ଗଲରେ ଥିବା ଠାକୁରାଣୀଙ୍କୁ ପୂଜା କରିଥିଲେ। ତେବେ ଏହି ସମୟରେ କେତେଜଣ ଗ୍ରାମବାସୀ ଅସୁସ୍ଥ ହେବାର ଦେଖି ସ୍ଥାନୀୟ ଲୋକମାନେ ଭୋଳାନାଥ ଗୁଣିଗାରେଡ଼ି କରୁଥିବା ନେଇ ସନ୍ଦେହ କରିଥିଲେ। ପରେ ଗ୍ରାମବାସୀ ଏକଜୁଟ ହୋଇ ଭୋଳାନାଥଙ୍କୁ ଜଙ୍ଗଲ ଭିତରେ ପୂଜା କରୁଥିବା ସ୍ଥାନକୁ ନେଇ ଅଟକ ରଖିଥିଲେ ଏବଂ କେତେକେଲୋକ ଉକ୍ତ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ 'ଦିଆସି' (ଆଦିବାସୀ ସମ୍ପ୍ରଦାୟର ବଡ଼ପୂଜକ) ନିକଟକୁ ଯାଇଥିଲେ। ଏସମ୍ପର୍କରେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭୋଳାନାଥଙ୍କୁ ଉଦ୍ଧାର କରିଥିଲା। ଅପରପକ୍ଷରେ ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ୧୦ ନଂ. ବୁଥ୍‌ରେ ମତଦାନ ବନ୍ଦ କରିଥିଲେ। କାହାରିକୁ ଭୋଟ ଦେବାକୁ ଛାଡ଼ି ନ ଥିଲେ। ପୋଲିସ ବୁଥ୍ ନିକଟରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲା। ସେମାନଙ୍କୁ ବୁଝାଶୁଝା କରିବା ପରେ ମତଦାନ ଆରମ୍ଭ କରାଯାଇଥିଲା। ଗ୍ରାମରେ ଏବଂ ବୁଥ୍ ନିକଟରେ ବ୍ୟାପକ ପୋଲିସ ମୁତୟନ କରାଯାଇ ମତଦାନ ପ୍ରକ୍ରିୟାକୁ ଶେଷ କରାଯାଇଛି। ନୀଳଗିରି ଥାନା ଆଇଆଇସି ଦ୍ରୌପଦୀ ଦାସ ଗୁଣିଗାରେଡି ଘଟଣାକୁ ଅସ୍ୱୀକାର କରିବା ସହ ଭୋଳାନାଥ ନିଜେ ନାଟକ କରି ଜଙ୍ଗଲରେ ରହିଥିବା କହିଛନ୍ତି। ଅନ୍ୟପକ୍ଷରେ ୧୦ ନଂ. ବୁଥ୍‌ରେ ଯେଉଁମାନେ ଉତ୍ତେଜନା କରୁଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଦାସ କହିଛନ୍ତି।

### ଆଜି ୪୫...

୧୩ ହଜାର ୫୧୪ ୱାର୍ଡସଭ୍ୟ ପଦବୀ ଲାଗି ୪୧ ଲକ୍ଷରୁ ଅଧିକ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଅଦ୍ୟାବଧି ୪ ପର୍ଯ୍ୟାୟରେ ଶେଷ ହୋଇଥିବା ନିର୍ବାଚନରେ ୭୩% ମତଦାନ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ୭୭.୨%, ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ତୃତୀୟ ପର୍ଯ୍ୟାୟରେ ୭୮.୬% ଭୋଟିଂ ହୋଇଥିବା ବେଳେ ୪ର୍ଥ ପର୍ଯ୍ୟାୟ ଚୂଡ଼ାନ୍ତ ରିପୋର୍ଟ ଆସିବା ବେଳକୁ ଏହା ସବୁ ପର୍ଯ୍ୟାୟର ଭୋଟିଂ ରେକର୍ଡକୁ ପାର୍ କରିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ରାଜ୍ୟ ନିର୍ବାଚନ କମିଶନ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ତୃତୀୟ ପର୍ଯ୍ୟାୟରେ ୨୯ ଜିଲାର ୬୩ ବ୍ଲକ ଅନ୍ତର୍ଗତ ୧୭୧ ଜିଲା ପରିଷଦ ଜୋନ୍‌ର ୧ ହଜାର ୩୮୧ ପଞ୍ଚାୟତ ପାଇଁ ଭୋଟ ହୋଇଛି। ଏଥିରେ ୫୬ ଲକ୍ଷ ୫୩ ହଜାର ୪୦୫ଜଣ ଭୋଟର ନିଜର ବହୁମୂଲ୍ୟ ମତ ସାବ୍ୟସ୍ତ କରିଛନ୍ତି। ଏହି ପର୍ଯ୍ୟାୟରେ ମୋଟ ୬୭୯ ଜିଲା ପରିଷଦ ପ୍ରାର୍ଥୀ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୩୦ ଜିଲାର ୬୮ ବ୍ଲକ ଅନ୍ତର୍ଗତ ୧୮୬ ଜିଲା ପରିଷଦ ଜୋନ୍‌ର ୧ ହଜାର ୫୧୪ ପଞ୍ଚାୟତର ୨୦ ହଜାର ୪୩୬ ବୁଥ୍‌ରେ ନିର୍ବାଚନ ହୋଇଥିଲା। ୬୨ ଲକ୍ଷ ୧୦ ହଜାର ୯୩୮ ମତଦାତା ଭୋଟିଂ ପ୍ରକ୍ରିୟାରେ ଭାଗ ନେଇଥିଲେ। ୧୮୬ ଜିଲା ପରିଷଦ ଜୋନ୍ ପାଇଁ ୭୪୭ ପ୍ରାର୍ଥୀ ନିର୍ବାଚନ ଲଢୁଥିବାବେଳେ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡମେମ୍ବର ପ୍ରାର୍ଥୀଙ୍କୁ ମିଶାଇ ଏହି ପର୍ଯ୍ୟାୟରେ ୩୦ ହଜାର ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିଲେ। ଅନୁରୂପ ଭାବେ ପ୍ରଥମ ପର୍ଯ୍ୟାୟରେ ୩୦ ଜିଲାର ୭୧ ବ୍ଲକ ଅଧୀନ ୧ ହଜାର ୬୬୯ ପଞ୍ଚାୟତର ୬୭ ଲକ୍ଷ ୫୧ ହଜାର ମତଦାତା ୨୨ ହଜାର ୩୭୯ ବୁଥ୍‌ରେ ଭୋଟ ଦେଇଥିଲେ। ସେମାନେ ୨୦୦ ଜିଲା ପରିଷଦ ସଭ୍ୟ ସମେତ ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡସଭ୍ୟଙ୍କୁ ଚୟନ କରିସାରିଛନ୍ତି।

ବ୍ୟାପକ ହିଂସା, ଭୋଟ ବାକ୍ସ ଲୁଟ୍, ବୁଥ୍ ଜବରଦଖଲକୁ ଚଳିତ ପଞ୍ଚାୟତ ନିର୍ବାଚନ ଚର୍ଚ୍ଚାର ଶିରୋନାମା ପାଲଟିଛି। ଏସବୁ ଭିତରେ ଭାଗ୍ୟ ପରୀକ୍ଷା କରୁଥିବା ପ୍ରାର୍ଥୀମାନେ ଭୋଟଗଣତିକୁ ଅପେକ୍ଷା କରିଥିବାବେଳେ ଅନ୍ତିମ ଚରଣ ଭୋଟ ଲାଗି ସବୁଦଳ ପକ୍ଷରୁ ଜୋର୍‌ଦାର ପ୍ରଚାର କରାଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଅନ୍ୟ ଜିଲା ଦାୟିତ୍ୱରେ ରହିଥିବା ନେତାମାନେ ନିଜ ଅଞ୍ଚଳକୁ ଫେରି ଆସିଛନ୍ତି। ଶେଷ ପର୍ଯ୍ୟାୟ ନିର୍ବାଚନକୁ ମାତ୍ର କେଇ ଘଣ୍ଟା ଥିବାବେଳେ ମତଗ୍ରହଣ ହେବାକୁ ଥିବା ସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ଉପରେ କଡ଼ା ନଜର ରଖାଯାଇଛି। ସ୍ଥାନୀୟ ପୋଲିସ, ପ୍ରଶାସନିକ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି।

### ଜାତୀୟ ଉଦ୍ୟାନ...

ଉଲ୍ଲେଖଯୋଗ୍ୟ, ଶିମିଳିପାଳକୁ ବାୟୋସ୍ଫିୟର ରିଜର୍ଭ ଭାବେ ମାନ୍ୟତା ଦିଆଯାଇଛି। ତେଣୁ ଆସନ୍ତା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କୁ ଭିତରକନିକା ଓ ଶିମିଳିପାଳ ସମ୍ପର୍କିତ ଭୁଲ ତଥ୍ୟ ଉତ୍ତର ଦେବା ଭଳି ପ୍ରଶ୍ନ ନ ପଚାରିବାକୁ ଶୁଭେନ୍ଦୁ ଅନୁରୋଧ କରିଛନ୍ତି।

# ତୃଣମୂଳସ୍ତରରେ ବରିଷ୍ଠ ନାଗରିକଙ୍କ ଯତ୍ନ ବଡ଼ ଆହ୍ୱାନ

ଭୁବନେଶ୍ୱର, ୨୨।୨(ବ୍ୟୁରୋ)

ଆସନ୍ତା ୨୦୩୧ ମସିହା ସୁଦ୍ଧା ଭାରତର ମୋଟ୍ ଜନସଂଖ୍ୟାର ୧୩.୧ ପ୍ରତିଶତ ବରିଷ୍ଠ ନାଗରିକଙ୍କୁ ନେଇ ପୂରଣ ହେବ। ତେଣୁ ଜିଲା ତଥା ତୃଣମୂଳସ୍ତରରେ ଥିବା ମାନବସମ୍ବଳ ଏବଂ ଭିତ୍ତିଭୂମିକୁ ଉପଯୁକ୍ତ ଭାବେ ବିନିଯୋଗପୂର୍ବକ ବରିଷ୍ଠ ନାଗରିକଙ୍କ ସମ୍ପୂର୍ଣ୍ଣ ଯତ୍ନ ବର୍ତ୍ତମାନ ସମୟର ଏକ ବଡ଼ ଆହ୍ୱାନ। ମଙ୍ଗଳବାର ଏମ୍ସ ଭୁବନେଶ୍ୱରର କମ୍ୟୁନିଟି ମେଡିସିନ୍ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ଆୟୋଜିତ ବାର୍ଦ୍ଧକ୍ୟ ରୋଗ ଜନିତ ଚିକିତ୍ସା ସମ୍ପର୍କିତ ରାଜ୍ୟସ୍ତରୀୟ ତାଲିମ କାର୍ଯ୍ୟକ୍ରମରେ ଏହି ମତପ୍ରକାଶ ପାଇଛି।

ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶାର ମିଳିତ ସହଯୋଗରେ ଆୟୋଜିତ ଏହି ତିନି ଦିନିଆ ତାଲିମ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱର ଏବଂ ଇସ୍ପାତ ଜେନେରାଲ ହସ୍ପିଟାଲ ରାଉରକେଲାର ମେଡିସିନ୍ ଏବଂ ଅନ୍ୟାନ୍ୟ ବିଭାଗର ବିଶେଷଜ୍ଞ ତଥା ବରିଷ୍ଠ ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ। ବାର୍ଦ୍ଧକ୍ୟ ଅବସ୍ଥାରେ ସମ୍ପୂର୍ଣ୍ଣ ଚିକିତ୍ସା ତଥା ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବା ସମ୍ପର୍କରେ ତାଲିମ ଦିଆଯାଇଥିଲା। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର, ରାଜ୍ୟ ଏନ୍‌ସିଡି ସେଲ୍‌ର ଡା. ସୁଶାନ୍ତ କୁମାର ସ୍ୱାଇଁ ଯୋଗଦେଇ ଅଦ୍ୟାବଧି ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟସେବାକୁ ନେଇ ରହିଥିବା ନାନା ପ୍ରତିବନ୍ଧକ ତଥା ଏହାର ପ୍ରତିକାର ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ଶିବିରରୁ ତାଲିମ ନେଇଥିବା ମାଷ୍ଟର ତାଲିମଦାତାମାନେ ସେମାନଙ୍କର ସମ୍ପୃକ୍ତ ଅଞ୍ଚଳରେ ବାର୍ଦ୍ଧକ୍ୟ ଅବସ୍ଥାରେ ଆବଶ୍ୟକ ହେଉଥିବା ଚିକିତ୍ସା ସମ୍ବନ୍ଧରେ ତଦାରଖ କରିବେ। ଗ୍ରାମାଞ୍ଚଳରେ ବରିଷ୍ଠ ନାଗରିକଙ୍କୁ ବାର୍ଦ୍ଧକ୍ୟ ଅବସ୍ଥାଜନିତ ରୋଗର ଉପଯୁକ୍ତ ଚିକିତ୍ସା ପ୍ରଦାନ ନେଇ କ୍ଷେତ୍ର ପ୍ରସ୍ତୁତ କରିବା ଏହି ଶିବିରର ପ୍ରମୁଖ ଲକ୍ଷ୍ୟ ଥିଲା। ମେଡିସିନ୍, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି, ଫିଜିକାଲ୍ ମେଡିସିନ୍ ଏବଂ ପୁନର୍ବାସ, ୟୁରୋଲୋଜି, ସ୍ନାୟୁବିଜ୍ଞାନ, ପଲ୍‌ମୋନାରି ମେଡିସିନ୍, ଅଙ୍କୋଲୋଜି, ସାଇକିଆଟ୍ରି, ଏଣ୍ଡୋକ୍ରାଇନୋଲୋଜି ଏବଂ କାର୍ଡିଓଲୋଜି ଭଳି ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ବହୁମୁଖୀ ଦଳ ଏହି ତାଲିମ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏମ୍ସ ଡିନ୍ ଡା. ଦେବାଶିଷ ହୋତା, ପ୍ରଫେସର ଡା. ସୋନୁ ଏଚ୍ ସୁବା, ପ୍ରଫେସର ଡା. ବିନୋଦ କୁମାର ପାତ୍ରୋ, ଡା. ଅନୁ ଆଣ୍ଟୋନି ପ୍ରମୁଖ ବିଶେଷଜ୍ଞମାନେ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ।

**ଏମ୍ସରେ ବାର୍ଦ୍ଧକ୍ୟ ରୋଗଜନିତ ଚିକିତ୍ସା ସଂକ୍ରାନ୍ତ ରାଜ୍ୟସ୍ତରୀୟ ତାଲିମ**




# ୩ ଓଏଫ୍ଏସ୍ ଅଫିସର ଆଇଏଏସ୍ ପାହ୍ୟାକୁ ଉନ୍ନୀତ

**ଭୁବନେଶ୍ୱର, ୨୨।୨(ବ୍ୟୁରୋ):** ଓଡ଼ିଶା ଅର୍ଥ ସେବା(ଓଏଫ୍ଏସ୍)ର ୩ଣ ବରିଷ୍ଠ ଅଧିକାରୀ ଆଇଏଏସ୍ ପଦବୀକୁ ଉନ୍ନୀତ ହୋଇଛନ୍ତି। ଏନେଇ ମଙ୍ଗଳବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବାସହ ସମ୍ପୃକ୍ତ ୩ ଜଣ ଅଫିସରଙ୍କୁ ୨୦୨୦ ସିଲେକ୍ଟ ତାଲିକାରେ ସାମିଲ ହୋଇଛନ୍ତି। ପରବର୍ତ୍ତୀ ସମୟରେ ଏହି ଅଫିସରମାନଙ୍କୁ କ୍ୟାଡର ଆବଣ୍ଟନ କରାଯିବ। କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ସରକାରଙ୍କ ଅଣ ପ୍ରଶାସନିକ ସେବାର ୩ଜଣ ବରିଷ୍ଠ ଅଫିସର ସତ୍ୟପ୍ରିୟ ରଥ, ଦୀପଙ୍କର ମହାପାତ୍ର ଓ ପ୍ରଣତି ଛୋଟରାୟଙ୍କୁ ଆଇଏଏସ୍ ପଦବୀକୁ ଉନ୍ନୀତ କରାଯାଇଛି। ଏହି ୩ ଅଫିସରଙ୍କ ବରିଷ୍ଠତା ଓ କ୍ୟାଡର ବର୍ଷ ନିର୍ଦ୍ଧାରଣ ନିମନ୍ତେ ଆବଶ୍ୟକ ପ୍ରସ୍ତାବ ନିର୍ଦ୍ଧାରିତ ଫର୍ମାଟରେ ପଠାଇବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଚିଠି ଲେଖି ଅବଗତ କରାଇଛି। ଅର୍ଥ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ସତ୍ୟପ୍ରିୟ ରଥ ୧୦ ବର୍ଷ ଧରି ରାଜ୍ୟ ବଜେଟ ପ୍ରସ୍ତୁତିର ମୁଖ୍ୟ କାର୍ଯ୍ୟ କରୁଛନ୍ତି।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୫ **ବିଜ୍ଞାପନ** ତା:୩୧।୦୧।୨୨

No. CAD-2978: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଝାରସୁଗୁଡ଼ା ସୋସିଆଲ ହାଉସିଂ ପ୍ରକଳ୍ପରେ ଘର ନଂ. ଏଲ.ଆଇ.ଜି.–୨–୧୧୦ (L.I.G.-II-110)କୁ ଶ୍ରୀମତୀ ଏମ୍. ରଶ୍ମି, ସ୍ୱା.– ଏମ୍. ଶଙ୍କର, ଗ୍ରା: ତେଲେଙ୍ଗା ସାହି, ପୋ./ଥା/ଜି.– ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଶ୍ରୀମତୀ ଏମ୍. ରଶ୍ମି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ସୂର୍ଯ୍ୟମଣି ନାୟକ, ପି.– କୋକା ନାୟକ, ଗ୍ରା/ପୋ.– ମନ୍ଦାର, ଥା: ପୋଲସରା, ଜି.– ଗଞ୍ଜାମଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0403/2122

NANDANKANAN

**NANDANKANAN ZOOLOGICAL PARK**

**EXPRESSION OF INTEREST NOTICE**

**NOTICE No. 14 of 2022**

**Dated the Nandankanan 21st February, 2022**

**No.MM-366:** The interested Individuals/Firms/Agencies are invited to express their willingness for "EOI for Construction / Renovation of works inside Nandankanan Zoological Park for the year 2021-22". The Application Form of the said item along with the detail terms and conditions shall be available at the website www.nandankanan.org from **21.02.2022.**

| Sl. No. | Item of Service | Last Date of Submission of Quotation | Date of Opening of Quotation |
|---|---|---|---|
| 1 | EOI for Construction/ Renovation of works inside Nandankanan Zoological Park for the year 2021-22 | **12.00 Noon of 28.02.2022** | **03.30 P.M. of 28.02.2022** |

**Sd./- Deputy Director**
**Nandankanan Zoological Park**

**OIPR-08070/11/0015/2122**

**DIRECTORATE OF FAMILY WELFARE, ODISHA**
**State Family Welfare Cell**
**3rd Floor, Heads of Department Building, Bhubaneswar-751001**
**No.E-923** **Ph.0674-2390434**

**CONTRACTUAL ADVERTISEMENT**

Applications are invited from eligible candidate for filling up the position under Directorate of Family Welfare, Odisha supported by UNFPA on purely contractual basis as per the terms and conditions below.

| SL. No. | Name of the Position | No. of Post | Qualification |
|---|---|---|---|
| 1 | Accounts Officer | 1 | • M.Com/MBA with specialization in Finance/ Finance Management/ Financial Accounting<br>• Computer knowledge along with accounting software is required.<br>• Minimum 4 years of post-qualification experience in working in finance function with specific emphasis on financial budgeting and fund disbursement. Knowledge of working with MS office environment is essential.<br>• At least 2 years' experience in handling accounts in Government Sector |

Candidates with required eligibility criteria will send their updated resume along with a statement of suitability (not more than 300 hundred words) to the following email ID- india.ori@unfpa.org or before 5 P.M. of 4th March 2022. No other means of submission of application except through email will be entertained. Only shortlisted candidate will be contacted.

**OIPR-10006/11/0006/2122**

**ସର୍ବସାଧାରଣଙ୍କ ପାଇଁ ସୂଚନା**

No.A–୮୪୫:– ପ୍ରକଳ୍ପ ଯନ୍ତ୍ରୀ, ଜାଇକା (ଜଳ ନିଷ୍କାସନ), କଟକ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛନ୍ତି ଯେ, କଟକ ନଗରର ଚଣ୍ଡୀଛକରୁ କନିକା ଛକ ଯାଉଥିବା ମୁଖ୍ୟ ରାସ୍ତାରେ ଖ୍ରୀଷ୍ଟ ମହାବିଦ୍ୟାଳୟ ନିକଟସ୍ଥ ମୁଖ୍ୟନାଳ–୧ ଉପରେ ଥିବା ପୁରୁଣା କଲଭର୍ଟ ଭଙ୍ଗାଯାଇ ଏକଦଫାରେ କଲଭର୍ଟ ନୂଆ ତିଆରି କରାଯିବ। ଏହି କାମ ଚଳିତ ମାସ ତା.୨୦.୦୨.୨୦୨୨ରିଖରୁ ଆରମ୍ଭ ହୋଇ ତା.୨୦.୦୪.୨୦୨୨ରିଖରେ ଶେଷ ହେବାର ଯୋଜନା ଅଛି । ଉପରୋକ୍ତ କାର୍ଯ୍ୟ ପାଇଁ ଏହି ରାସ୍ତା ଉପରଦର୍ଶିତ ସମୟ ମଧ୍ୟରେ ଜନସାଧାରଣଙ୍କ ଗତାଗତ ପାଇଁ ସମ୍ପୂର୍ଣ୍ଣ ବନ୍ଦ ରହିବ । କାମ ସମ୍ପୂର୍ଣ୍ଣ ହେଲାପରେ ସର୍ବସାଧାରଣଙ୍କ ଯାତାୟାତ ପାଇଁ ଖୋଲାଯିବ । ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କର ଦୁଇ / ତିନି / ଚାରି ଚକିଆ ଓ ତା'ଠାରୁ ଅଧିକ ଚକ ଥିବା ଗାଡ଼ି ଯାତାୟାତ ପାଇଁ ପରିବର୍ତ୍ତିତ ମାର୍ଗ ନିମ୍ନରେ ଉଲ୍ଲେଖ କରାଗଲା ।

**୧) ଦୁଇଚକିଆ ଓ ତିନିଚକିଆ (ଅଟୋ ରିକ୍ସା) ଯାନ ପାଇଁ ପରିବର୍ତ୍ତିତ ମାର୍ଗ:**

ସେଲଟର ଛକ ପଟୁ, ଚଣ୍ଡୀଛକ / ଖ୍ରୀଷ୍ଟ ମହାବିଦ୍ୟାଳୟ ଆଡ଼କୁ କନିକା ଛକଦେଇ ଯିବା ପାଇଁ ଚାହୁଁଥିବା ସମସ୍ତ ଦୁଇ ଚକିଆ / ତିନି ଚକିଆ ଯାନ କନିକା ଛକରୁ ବାମକୁ ବୁଲି, ଜିଲ୍ଲାପାଳଙ୍କ ସରକାରୀ ବାସଗୃହ ପୂର୍ବରୁ ଡାହାଣକୁ ବୁଲି, ଜିଲ୍ଲାପାଳଙ୍କ ବାସଗୃହ ଓ ଅକ୍ଷୟ ମହାନ୍ତି ପାର୍କ ମଝିରେ ଯାଇଥିବା ରାସ୍ତାରେ ଫାୟାର ଅଫିସ ଓ ସଏଲ କଞ୍ଜରଭେସନ ଅଫିସ ଦେଇ ଯିବାଆସିବା କରିପାରିବେ ।

ସେହିପରି ଚଣ୍ଡୀଛକ ପଟୁ କନିକା ଛକ ଓ ବିଜୁ ପଟ୍ଟନାୟକ ଛକ ଆଡ଼କୁ ଯିବାକୁ ଚାହୁଁଥିବା ଦୁଇ / ତିନି ଚକିଆ ଯାନସବୁ ଉପରୋକ୍ତ କଲଭର୍ଟର ଠିକ୍ ପୂର୍ବରୁ ଡାହାଣକୁ ବୁଲି ସଏଲ କଞ୍ଜରଭେସନ୍ ଅଫିସ ଓ ଫାୟାର ଅଫିସର ଅଫିସ ଦେଇ ଯାଇଥିବା ରାସ୍ତାରେ ଯିବାଆସିବା କରିପାରିବେ । ଏହି ପରିବର୍ତ୍ତିତ ରାସ୍ତାରେ କୌଣସି ଚାରିଚକିଆ ଓ ଭାରିଯାନ ଯିବା ବାରଣ କରାଯାଇଛି ।

**୨) ଚାରିଚକିଆ ଓ ଭାରିଯାନ ପାଇଁ ପରିବର୍ତ୍ତିତ ମାର୍ଗ:**

ସେଲଟର ଛକପଟୁ କନିକା ଛକଦେଇ ଚଣ୍ଡୀଛକ ଆଡ଼କୁ ଯିବାକୁ ଚାହୁଁଥିବା ଚାରିଚକିଆ ଓ ଅନ୍ୟ ଭାରିଯାନ ସବୁ କନିକା ଛକରୁ ବାମପଟକୁ ବୁଲି ବିଜୁ ପଟ୍ଟନାୟକ ଛକ, ପି.ଏଚ୍.ଡି. କାର୍ଯ୍ୟାଳୟ ଓ କନ୍‌ଭେଣ୍ଟ ସ୍କୁଲ ଦେଇ ଯାଇଥିବା ରାସ୍ତାରେ ଯିବାଆସିବା କରିପାରିବେ ।

ସେହିପରି ଚଣ୍ଡୀଛକ ପଟୁ ସେଲଟର ଛକକୁ / ବିଜୁ ପଟ୍ଟନାୟକ ଛକ ପଟକୁ ଯିବାକୁ ଚାହୁଁଥିବା ଚାରିଚକିଆ ଓ ଭାରିଯାନ ସବୁ ଚଣ୍ଡୀ ଛକରୁ କନଭେଣ୍ଟ ସ୍କୁଲ, ପି.ଏଚ୍.ଡି. ଅଫିସ, ବିଜୁ ପଟ୍ଟନାୟକ ଛକ ଓ କନିକା ଛକ ଦେଇ ଯାଇଥିବା ରାସ୍ତାରେ ଯିବାଆସିବା କରିପାରିବେ । ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ, ସର୍ବସାଧାରଣ ଉପରୋକ୍ତ ନିୟମ ମାନି ଯାତାୟାତ କରି ଉପରୋକ୍ତ କାମରେ ସହଯୋଗ କରିବା ପାଇଁ ନିବେଦନ କରାଯାଉଅଛି ।

ସ୍ୱା./- (ପ୍ରକଳ୍ପ ଯନ୍ତ୍ରୀ)
ଜଳ ନିଷ୍କାସନ, ଜାଇକା, କଟକ

OIPR-13007/11/0017/2122

## ସଂକ୍ଷେପରେ

### ଜଙ୍ଗଲରେ ପଡ଼ିଛି ମହିଳାଙ୍କ ମୃତଦେହ

**ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ**

**ହିନ୍ଦୋଳ, ୨୨।୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ହରିଡ଼ାଗୋଳ ଜଙ୍ଗଲରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ଠାବ କରାଯାଇଛି। ତାଙ୍କ ପରିଚୟ ଜଣାପଡ଼ିନାହିଁ। ଉଲଗ୍ନ ଅବସ୍ଥାରେ ପଡ଼ିଥିବା ଉକ୍ତ ମୃତଦେହକୁ ପୋଡ଼ି ଦିଆଯିବାକୁ ଉଦ୍ୟମ କରାଯାଇଥିବାବେଳେ ଶରୀରର ପେଟ, ହାତ, ଛାତି ଏବଂ ଜଙ୍ଘରେ କଟାଦାଗ ରହିଛି। ୩ରୁ ୪ଦିନ ତଳେ ତାଙ୍କୁ ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦିଆଯାଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଅନ୍ୟପଟେ ମହିଳାଙ୍କୁ ଜଙ୍ଗଲରେ ହତ୍ୟା କରାଯାଇଛି ନା ବାହାରେ ହତ୍ୟା କରି ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ପୋଡ଼ି ଦିଆଯିବାକୁ ଉଦ୍ୟମ କରାଯାଇଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ଗଣମାଧମରୁ ଘଟଣା ସମ୍ପର୍କରେ ସୂଚନା ପାଇଛି। ଏହାର ତଦନ୍ତ କରାଯିବ ବୋଲି ଥାନାଧିକାରୀ ଅନାଦି ଚରଣ ପଟ୍ଟାୟତ କହିଛନ୍ତି।

### ରୋକାଗଲା ନାବାଳିକା ବିବାହ

**ଢେଙ୍କାନାଳ ଅଫିସ,୨୨।୨:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମାଳବିଡ଼ୋ ଗ୍ରାମରେ ସୋମବାର ଚାଇଲ୍ଡ ଲାଇନର ହସ୍ତକ୍ଷେପ ପରେ ଏକ ନାବାଳିକା ବିବାହ ରୋକାଯାଇପାରିଛି। ଜଣେ ନାବାଳିକାଙ୍କ ବିବାହ ହେଉଥିବା ସୂଚନା ପାଇବା ପରେ ଚାଇଲ୍ଡ ଲାଇନ୍ ଟିମ୍ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲା। ସୂଚନାଯୋଗ୍ୟ, ସମ୍ପୃକ୍ତ ନାବାଳିକାଙ୍କ ବୟସ ୧୭ବର୍ଷ। ମଙ୍ଗଳବାର ତାଙ୍କର ବିବାହ ଲାଗି ଲଗ୍ନ ଧାର୍ଯ୍ୟ ହୋଇଥିଲା।

### ସାନି ନିର୍ବାଚନ ଦାବି

**ଢେଙ୍କାନାଳ ଅଫିସ, ୨୨।୨:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦ ଓ ଶିବପୁର ପଞ୍ଚାୟତରେ ସାନି ନିର୍ବାଚନ ପାଇଁ ଜିଲା ପରିଷଦ ଜୋନ୍-୧ର ଭାଜପା ପ୍ରାର୍ଥିନୀ ବବିଲତା ବେହେରା ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସେ ମଙ୍ଗଳବାର ବ୍ଲକ ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗରୁ ଜଣାପଡ଼ିଛି, ଗତ ୧୮ ତାରିଖରେ ଓଡ଼ାପଡ଼ା ବ୍ଲକରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବିରୋଧୀ ଦଳର ପ୍ରାର୍ଥୀ, ସମର୍ଥକମାନେ ଖଡଗପ୍ରସାଦ ଏବଂ ଶିବପୁରରେ ବୁଥ୍ ଜବରଦଖଲ କରି ମତଦାନ କରିଥିଲେ। ଏପରି କି ମୃତ ଏବଂ ଅନୁପସ୍ଥିତ ଥିବା ଭୋଟରଙ୍କ ନାମରେ ଭୋଟ୍ ଦିଆଯାଇଛି। ତେଣୁ ଉକ୍ତ ବୁଥ୍‌ଗୁଡ଼ିକରେ ସାନି ନିର୍ବାଚନ କରିବାକୁ ସେ ଲିଖିତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ଭୋଟ ଦେବାକୁ ଆସି ପ୍ରାଣ ଗଲା

**ଧାମନଗର,୨୨।୨(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ଥାନା ରାମେଶ୍ୱରପୁର ସ୍ଥିତ ଦାଣ୍ଡିପଡ଼ିଆ ରାସ୍ତାକଡ ଗଛରେ ପିଟି ହୋଇ ରଥମାହାରା ଗ୍ରାମର ଭରତ ଜେନାଙ୍କ ମୃତ୍ୟୁ ଘଟିଛି। ପଞ୍ଚାୟତ ନିର୍ବାଚନ ଥିବାରୁ ଭୋଟ ଦେବା ପାଇଁ ସେ ଘରକୁ ଆସିଥିଲେ। ପରିବାର ଲୋକଙ୍କୁ ଦେଖାକରି ସୋମବାର ସନ୍ଧ୍ୟାରେ ଶ୍ୱଶୁର ଘର ଭଣ୍ଡାରିପୋଖରୀକୁ ବାଇକ୍‌ରେ ଯାଉଥିବା ବେଳେ ଗଛରେ ପିଟି ହୋଇ ଯାଇଥିଲେ। ଧାମନଗର ଦମକଳ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧାମନଗର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଭରତଙ୍କୁ ମୃତ ଘୋଷଣା କରିଥିଲେ।

# ଭୁବନରେ ୭୯.୮୯, କଙ୍କଡ଼ାହାଡ଼ରେ ୮୧.୩୦%



ଭୁବନ ବ୍ଲକର ଏକ ବୁଥ୍‌ରେ ମତଦାନ ଲାଗି ଭୋଟରମାନେ ଧାଡ଼ି ବାନ୍ଧି ଛିଡ଼ା ହୋଇଥିବାବେଳ ଜଣେ ବୃଦ୍ଧା ଭୋଟ ଦେଇ ଫେରୁଛନ୍ତି।

**ଢେଙ୍କାନାଳ ଅଫିସ୍/ ଭୁବନ(ଡି.ଏନ୍.ଏ.), ୨୨।୨**

■ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟିଂ ଶେଷ

ଢେଙ୍କାନାଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଅନ୍ତିମ ଚରଣ ମତଦାନ ବୁଧବାର ଶେଷ ହୋଇଛି। ୪ର୍ଥ ତଥା ଶେଷ ପର୍ଯ୍ୟାୟରେ ଭୁବନ ଏବଂ କଙ୍କଡ଼ାହାଡ଼ ବ୍ଲକରେ ଭୋଟଗ୍ରହଣ ହୋଇଥିଲା। କାଁ ଭାଁ ଗଣ୍ଡଗୋଳ, ଭୋଟ ବର୍ଜନକୁ ବାଦ୍‌ଦେଲେ ନିର୍ବାଚନ ପ୍ରାୟତଃ ଶୃଙ୍ଖଳିତ ରହିଛି। ଭୁବନ ବ୍ଲକରେ ୭୯.୮୯% ଏବଂ କଙ୍କଡ଼ାହାଡ଼ ବ୍ଲକରେ ୮୧.୩୦% ମତଦାନ ହୋଇଥିବା ରେକର୍ଡ କରାଯାଇଛି।

ଭୁବନ ବ୍ଲକର ୧୮ ପଞ୍ଚାୟତରେ ୨୫୮ ବୁଥ୍‌ରେ ମତଗ୍ରହଣ କରାଯାଇଥିଲା। ମୋଟ ୮୨ ହଜାର ୭୪୭ ଭୋଟରଙ୍କ ମଧ୍ୟରୁ ୬୬ ଜଣ ୧୧୦ ମତଦାନ କରିଥିଲେ। ତନ୍ମଧ୍ୟରେ ୩୧ ହଜାର ୫୮୩ ମହିଳା ଏବଂ ୩୪ ହଜାର ୫୨୭ ପୁରୁଷ ଭୋଟର। ମାଳପୁରା ପଞ୍ଚାୟତରେ ସର୍ବାଧିକ ଭୋଟିଂ ହୋଇଛି। ଏଠାରେ ୩ ହଜାର ୭୨୯ ଭୋଟରଙ୍କ ମଧ୍ୟରୁ ୩ ହଜାର ୨୫୧ ମତଦାନ କରିଛନ୍ତି। ସେହିପରି ମୃଦଙ୍ଗା ପଞ୍ଚାୟତରେ ସର୍ବନିମ୍ନ ଭୋଟିଂ ହୋଇଛି। ଏଠାରେ ୪ ହଜାର ୪୬୯ ଭୋଟରଙ୍କ ମଧ୍ୟରୁ ୩ ହଜାର ୧୯୯ ମତଦାନ କରିଛନ୍ତି। ଗତ ନିର୍ବାଚନରେ ଭୁବନ ବ୍ଲକରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଚଳିତ ଥର ଏହାକୁ ଏଡ଼ାଇବାକୁ ସ୍ପର୍ଶକାତର ଭାବେ ଚିହ୍ନଟ କରାଯାଇଥିବା ସମସ୍ତ ବୁଥ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଫଳରେ ଶାନ୍ତିଶୃଙ୍ଖଳା ମଧ୍ୟରେ ମତଦାନ ଶେଷ ହୋଇଛି।

ସେହିପରି ଆଦିବାସୀବହୁଳ କଙ୍କଡ଼ାହାଡ଼ ବ୍ଲକରେ ୨୧ ପଞ୍ଚାୟତ ଲାଗି ୨୭୬ ବୁଥରେ ମତଦାନ ଅନୁଷ୍ଠିତ ହୋଇଛି। ୮୩ ହଜାର ୨୦୦ ଭୋଟରଙ୍କ ମଧ୍ୟରୁ ୬୭ ହଜାର ୬୪୩ ଜଣ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ସେଥିରୁ ୩୩ ହଜାର ୨୯୧ ମହିଳା ଏବଂ ୩୪ ହଜାର ୩୫୨ ପୁରୁଷ। ସନ୍ଧ୍ୟା ସୁଦ୍ଧା ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌କୁ ସବୁ ବୁଥ୍‌ରୁ ବାଲଟ୍ ବକ୍ସ ଆସି ପହଞ୍ଚି ସାରିଛି।

ଅପରପକ୍ଷେ ଆଦର୍ଶ ମତଦାନ ବାର୍ତ୍ତା ବାଣ୍ଟିବାକୁ ଭୁବନ ବ୍ଲକ ବାଲିବୋ ପଞ୍ଚାୟତର କାନଖାଇ ଏବଂ ଏକତାଳି ପଞ୍ଚାୟତର ବେଣ୍ଟଶାଳିଆରେ ପିଙ୍କ୍ ବୁଥ୍ କରାଯାଇଥିଲା। ତେବେ ଏଠାରେ ନିୟମ ଅନୁଯାୟୀ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିବାରୁ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଭୁଷଳ ପଞ୍ଚାୟତର ଜୟପୁର ଏବଂ ମହୁଲପାଳ ପଞ୍ଚାୟତର କେତେକ ବୁଥ୍‌ରେ ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ମଧ୍ୟରେ ସାମାନ୍ୟ ଯୁକ୍ତିତର୍କ ହୋଇଥିବା ଦେଖିବାକୁ ମିଳିଥିଲା। ଏ ସଂକ୍ରାନ୍ତରେ ବିଡିଓ ଆଶୀର୍ବାଦ ପରିଡ଼ା କୁହନ୍ତି, ବହୁ ବିଳମ୍ବରେ ସମ୍ପୃକ୍ତ ଦୁଇ ମତଦାନ କେନ୍ଦ୍ରକୁ ପିଙ୍କ୍ ବୁଥ୍ କରିବାକୁ ନିଷ୍ପତ୍ତି ହୋଇଥିଲା। ସୋମବାର ମଧ୍ୟରାତ୍ରିରେ ଏଥିଲାଗି ଆୟୋଜନ କରାଯାଇଥିଲା। ତେଣୁ ପିଙ୍କ୍ ବୁଥ୍‌ରେ ଆନୁଷଙ୍ଗିକ ବ୍ୟବସ୍ଥା କରିବା ସମ୍ଭବପର ହୋଇ ନ ଥିଲା ବୋଲି ବିଡିଓ କହିଛନ୍ତି।

# ଆଜି ୪ ବୁଥ୍‌ରେ ପୁନଃ ମତଦାନ

**ଢେଙ୍କାନାଳ ଅଫିସ, ୨୨।୨**

■ ନିହଲପ୍ରସାଦରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

■ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ଯାଏ ଭୋଟ

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତର ୪ ବୁଥ୍‌ରେ ବୁଧବାର ପୁନଃ ମତଦାନ ଅନୁଷ୍ଠିତ ହେବ। ଏଥିଲାଗି ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଆବଶ୍ୟକ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ଯାଏ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବୁଥ୍ ନଂ. ୨, ୬, ୭ ଏବଂ ୧୧ରେ ଭୋଟ ଗ୍ରହଣ ହେବ। ମୋଟ ୨,୦୯୯ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ୨ନଂ. ବୁଥ୍‌ରେ ୫୪୭, ୬ନଂ. ବୁଥ୍‌ରେ ୩୭୦, ୭ନଂ. ବୁଥ୍‌ରେ ୭୪୪ ଏବଂ ୧୧ନଂ. ବୁଥ୍‌ରେ ୪୩୮ ଜଣ ଭୋଟର ରହିଛନ୍ତି। ଜିଲାପାଳ, ଏସ୍‌ପି ପ୍ରତ୍ୟକ୍ଷ ଭାବେ ମତଦାନ କେନ୍ଦ୍ର ପରିଚାଳନା ଦାୟିତ୍ୱରେ ରହିଥିବାବେଳେ କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ଲାଗି ବ୍ୟାପକ ଫୋର୍ସ ମୁତୟନ କରାଯାଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ନିହଲପ୍ରସାଦର ୪ ବୁଥ୍‌ରେ ପୁନଃ ମତଦାନ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଶାସନ ଏବଂ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିବେ। ଏସ୍‌ପି ଏଲ୍ ଦିବ୍ୟା ଭି. କୁହନ୍ତି, ନିହଲପ୍ରସାଦରେ ୪ ବୁଥ୍‌ରେ ପୁନଃ ମତଦାନ ପାଇଁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସ୍ଥାନୀୟ ଥାନା ପୋଲିସ ଆବଶ୍ୟକ ସହାୟତା ଯୋଗାଇଦେବେ। ମତଦାନ ପୂର୍ବରୁ ମଙ୍ଗଳବାରଠାରୁ ପଞ୍ଚାୟତରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ନିହଲପ୍ରସାଦ ପଞ୍ଚାୟତର ୨, ୬, ୭ ଏବଂ ୧୧ନଂ. ବୁଥ ଜବରଦଖଲ ହୋଇଥିଲା। ୧୧ନଂ. ବୁଥ୍ ଦାୟିତ୍ୱରେ ଥିବା ପୋଲିଂ ଅଫିସର ପୂର୍ଣ୍ଣଚନ୍ଦ୍ର ରାଉଳଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରି ବାଲଟ ବକ୍ସ ଲୁଟି ନେଇ କୂଅରେ ଫିଙ୍ଗି ଦେଇଥିଲେ। ଏଥିସହ ମତଦାନ କେନ୍ଦ୍ର ପରିସରରେ ଥିବା ବୋଲେରୋ ଏବଂ ବାଇକ୍ ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ୧୭ ତାରିଖରେ ଲୁଟ୍ ଭୋଟ ବାକ୍ସ କୂଅରୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ନିହଲପ୍ରସାଦ ଥାନା ପୋଲିସ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ତେଜୁଛି ବନ୍ଦର ବିରୋଧୀ ଅସନ୍ତୋଷ



ବୈଠକରେ ବାଲିଆପାଳ ବେକାରି ସଂଘର କର୍ମକର୍ତ୍ତା।

**ବାଲିଆପାଳ, ୨୨।୨(ସ୍ୱ.ପ୍ର.)**

ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ବିରୋଧରେ ଅସନ୍ତୋଷ ତେଜିବାରେ ଲାଗିଛି। ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ବନ୍ଦରକୁ ବିରୋଧ ହେଉଥିବା ବେଳେ ବାଲିଆପାଳ ବେକାରୀ ସଂଘ, ଉତ୍ତର ଓଡ଼ିଶା ଜନମଞ୍ଚ ସହିତ କିଛି ସ୍ଥାନୀୟ ସଙ୍ଗଠନ ବନ୍ଦର ସପକ୍ଷରେ ଆନ୍ଦୋଳନ ଜାରି ରଖିଥିଲେ। ମାତ୍ର ସୋମବାର ବନ୍ଦର କର୍ତ୍ତୃପକ୍ଷ ରେଳଲାଇନ ପାଇଁ ଜମି ହରାଇଥିବା ପରିବାରରୁ କେତେଜଣ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ପାଇଁ ଜାମସେଦପୁର ଟାଟା କମ୍ପାନୀକୁ ପଠାଇବାରୁ ବିରୋଧର ସୂତ୍ରପାତ ହୋଇଛି। ସେହି ବିରୋଧକୁ ଆନ୍ଦୋଳନରେ ପରିଣତ କରିବା ପାଇଁ ମଙ୍ଗଳବାର ବାଲିଆପାଳର ପାରୁଳିଆ ଛକରେ ଥିବା ଶ୍ରୀଦୁର୍ଗାକଲ୍ୟାଣ ମଣ୍ଡପରେ ବାଲିଆପାଳ ବେକାରି ସଂଘ ପକ୍ଷରୁ ସଂଘର ସଭାପତି ରିଙ୍କୁ ରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବାଲିଆପାଳ ଅଞ୍ଚଳର ବହୁ ଯୁବତୀଯୁବକ ଉପସ୍ଥିତ ଥିଲେ।

ସ୍ଥାନୀୟ ବେକାରି ସଂଘ ବାଲିଆପାଳର ବିକାଶ ପାଇଁ ବନ୍ଦର ନିର୍ମାଣ ଦାବି କରି ଆସୁଛି। ସେମାନେ ବନ୍ଦର ବିରୋଧୀ ନୁହନ୍ତି, କିନ୍ତୁ ସ୍ଥାନୀୟ ଯୁବତୀଯୁବକଙ୍କ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପାଇଁ ତାଲିମ ଓ ବନ୍ଦର ପକ୍ଷରୁ ସିଧାସଳଖ ନିଯୁକ୍ତି ଦିଆଯିବା ଆବଶ୍ୟକ। ଅଞ୍ଚଳରେ କର୍ମ ନିୟୋଜନ ସୃଷ୍ଟି ପାଇଁ ଏହା ଅତ୍ୟାବଶ୍ୟକ। ଏହା କରା ନ ଗଲେ ଆଗାମୀ ଦିନରେ ବନ୍ଦର ବିରୋଧରେ ଆନ୍ଦୋଳନ ଆରମ୍ଭ ହେବ ବୋଲି ସଂଘ ସଦସ୍ୟ ଚେତାବନୀ ଦେଇଛନ୍ତି। ଆୟୋଜିତ ବୈଠକରେ ହେମନ୍ତ ଜେନା, ଦେବ ରଞ୍ଜିତ, ମାନସ କୁମାର ମହାନ୍ତି, ରଶ୍ମିତା ଜେନା, ସଞ୍ଜିତା ସାମନ୍ତରାୟ, ମିନାକ୍ଷୀ ମାହାନ୍ତି, ଅଭିଜିତ ଜେନା, ମନୋଜ ଜେନା, ରାମକୃଷ୍ଣ ପାତ୍ର, ରମ୍ୟରଞ୍ଜନ ପାତ୍ର, ଶିବ ନାରାୟଣ ଜେନାଙ୍କ ସହିତ ବେକାରୀ ସଂଘର ବହୁ ସଦସ୍ୟାସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକ ଉପସ୍ଥିତ ଥିଲେ।

## ଗୋଷ୍ଠୀ ସଂଘର୍ଷ: ୧୦ ଆହତ

**ପଦ୍ମପୁର,୨୨।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ଦାମୋଦରପୁର ଗ୍ରାମରେ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷରେ ୧୦ଜଣ ଆହତ ହୋଇଛନ୍ତି। ଗ୍ରାମର ଦୀପକ କୁମାର ମହାନ୍ତି ଭୋଟ ଦେଇ ଫେରୁଥିବା ବେଳେ କିଛି ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଏହାକୁ ନେଇ ଦୀପକ ନାୟକାଣିଡିହୀ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକ୍ରମେ ପୋଲିସ ୮ଜଣଙ୍କ ନାମରେ ମାମଲା(ନଂ.୪୬/୨୨) ରୁଜୁ କରିଥିଲା। ଏହାପରେ ଅପରପକ୍ଷଙ୍କର ଅଭିଯୋଗ ଅନୁଯାୟୀ ଦୀପକ ଗ୍ରାମର ଅନ୍ୟ ଜଣେ ଯୁବକ ନରେନ ବିଶ୍ୱାଳଙ୍କୁ ଆକ୍ରମଣ କରିଥିଲେ। ଏନେଇ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷର ୧୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଗୁରୁତର ଆହତ ହୋଇଛନ୍ତି।

ଆହତମାନଙ୍କୁ ପ୍ରଥମେ ବାଲିମେଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ନାୟକାଣିଡିହୀ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର, ଏସ୍‌ଆଇ ବନମାଳୀ ପରିଡ଼ା, ଏସ୍‌ଆଇ ସୁଦର୍ଶନ ସେନ, ପ୍ରଭାସିନୀ ମହାପାତ୍ର ପ୍ରମୁଖ ପହଞ୍ଚି ଲୋକଙ୍କୁ ପରିସ୍ଥିତି ଉପରେ ନଜର ରଖିଛନ୍ତି।

# ଉପଭୋକ୍ତା–ବିଦ୍ୟୁତ୍ କର୍ମଚାରୀ ମୁହାଁମୁହିଁ

**କେନ୍ଦୁଝର, ୨୨।୨ (ସ୍ୱ.ପ୍ର.)**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଆଟୋପୁର ସ୍ଥିତ ଜଣେ ବ୍ୟକ୍ତିଙ୍କ ଘରେ ଟାଟା ବିଦ୍ୟୁତ୍ ବିତରକ କମ୍ପାନୀ ଟିପିଏନଓଡିଏଲ କର୍ମଚାରୀମାନେ ମଙ୍ଗଳବାର ୧୧ଟା ସମୟରେ ବକେୟା ବିଦ୍ୟୁତ ବିଲ ଆଦାୟ ପାଇଁ ଯାଇଥିବାବେଳେ ଘରେ ପଶି ଫଟୋ ଉଠାଇବା ନେଇ ବିବାଦ ଦେଖାଦେଇଥିଲା। ଫଟୋ ଉଠାଇବା ଘଟଣାକୁ ନେଇ ଘର ମାଲିକଙ୍କ ସାନଭାଇଙ୍କୁ କମ୍ପାନୀର ଆସିଷ୍ଟାଣ୍ଟ ମ୍ୟାନେଜର ଓ କର୍ମଚାରୀମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ସ୍ଥାନୀୟ ଲୋକ ଜମା ହୋଇଯିବାରୁ ମୁହାଁମୁହିଁ ହୋଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଟାଉନ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିବାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଏସମ୍ପର୍କରେ ଟାଟା ପାୱାରର ଆସିଷ୍ଟାଣ୍ଟ ମ୍ୟାନେଜର ମୃତ୍ୟୁଞ୍ଜୟ ଜେନା କହିଛନ୍ତି, ବକେୟା ଅର୍ଥ ଆଦାୟ ପାଇଁ ଯାଇଥିଲୁ। ସେଠାରେ ଚୋରାରେ ବିଦ୍ୟୁତ ସଂଯୋଗ ହୋଇଥିବା ଦେଖି ଫଟୋ ଉଠାଇବା ବେଳେ ସେମାନେ ପ୍ରଥମେ ଆକ୍ରମଣ କରିଥିଲେ।

# ୪ ବଖରା ଜଳିଗଲା

**ବନ୍ତ,୨୨।୨(ସ୍ୱ.ପ୍ର.):**

ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ଆଡିଆ ଗ୍ରାମର କଇଁଗଡିଆରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ଜଳି ପାଉଁଶ ହୋଇଯାଇଛି। ସୂଚନାମୁତାବକ ଉକ୍ତ ଗ୍ରାମର ବାସନ୍ତି ସାହୁଙ୍କ ୨ ବଖରା ଓ ରାଜେଶ ସାହୁଙ୍କ ୨ ବଖରା ଘର ସମେତ ଏକ ଗୁହାଳ ଘର ପୋଡି ଯାଇଛି। ଅଗ୍ନିକାଣ୍ଡରେ ଧାନ ଚାଉଳ ସମେତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଇଛି। ମଙ୍ଗଳବାର ସକାଳେ ଆଗରପଡା ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର ଜେନା ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ପ୍ରୟାସକାନ୍ତି ସାମଲ ଅଗ୍ନିବିପନ୍ନଙ୍କୁ ଭେଟି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ମା’ ତାରିଣୀ ମହିଳା ମହାସଂଘ ଓ ଗ୍ରାମର ଯୁବକ ମାନେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇଦେବା ସହିତ ସରକାରୀ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ଅସୁରକ୍ଷିତ ଖବରଦାତାଙ୍କ ପରିବାର

## ପୋଲିସ ଅଧିକାରୀଙ୍କ ଦବଙ୍ଗଗିରି

**କେନ୍ଦୁଝର,୨୨।୨(ସ୍ୱ.ପ୍ର.)**

ଗଣମାଧମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହିକ୍ରମରେ ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକ ଧରିତ୍ରୀ ପ୍ରତିନିଧି ଶୁଭକାନ୍ତ ନାୟକଙ୍କ ପରିବାର ଜିଲା ପୋଲିସ ବାହିନୀର ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ଦବଙ୍ଗଗିରିରେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଦିନ ନାହିଁ କି ରାତି ନାହିଁ ସମ୍ପୃକ୍ତ ପୋଲିସ ଏସଆଇ ବିଶ୍ୱଜିତ୍ ବେହେରା ସ୍ପେଶାଲ ସ୍କ୍ୱାଡ୍ ଆଳରେ ଖବରଦାତା ନାୟକଙ୍କ ଉପରେ ବ୍ୟକ୍ତିଗତ ଆକ୍ରୋଶ ରଖି ତାଙ୍କ ଘର ରେଡ୍ କରିବା ସହିତ ପରିବାର ଲୋକଙ୍କୁ ଧମକ ଚମକ ଦେବା ଭଳି ଘଟଣା ଦେଖିବାକୁ ମିଳିଛି। ଏହାକୁ ନେଇ ଖବରଦାତାଙ୍କ ବୃଦ୍ଧ ବାପା ଧନେଶ୍ୱର ନାୟକ ଅସହାୟ ହୋଇପଡ଼ିଥିବାବେଳେ ପରିବାରର ସୁରକ୍ଷା ନେଇ ଚିନ୍ତାରେ ପଡ଼ିଛନ୍ତି।

୧୯ ତାରିଖରେ ଏସ୍‌ଆଇ ବେହେରା ଖବରଦାତା ଶୁଭକାନ୍ତଙ୍କ ଘରେ ଚଢ଼ାଉ କରି ତାଙ୍କ ପରିବାର ଲୋକଙ୍କୁ ଧମକ ଚମକ ଦେଇଥିଲେ। ଏନେଇ ଶୁଭକାନ୍ତଙ୍କ ବାପା ଧନେଶ୍ୱର ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଥାନାରେ ଲିଖିତ ଅଭିଯୋଗ ହେବା ଘଟଣା ସମ୍ପର୍କରେ ଜାଣି ଏସଆଇ୍ ବେହେରା ୨୦ ତାରିଖରେ ପୁନର୍ବାର ୧୫ରୁ ୨୦ଜଣ ପୋଲିସ ଫୋର୍ସ ସହିତ ଧନେଶ୍ୱରଙ୍କ ଘରେ ପହଞ୍ଚି ଫାଟକ ଭଙ୍ଗାରୁଜା କରିଥିଲେ। ଏସ୍‌ଆଇ ବେହେରାଙ୍କ ସହିତ ୯ଜଣ ଫୋର୍ସ ଘର ଭିତରକୁ ପ୍ରବେଶ କରି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଖବରଦାତା ଶୁଭକାନ୍ତଙ୍କୁ ଖୋଜିଥିଲେ। ତୋ ପୁଅ ମୋ ନାଁରେ ପୂର୍ବରୁ କେସ୍ କରିଥିଲା, କିଛି କରିପାରିଲାନି। ତାକୁ ମାରି ତୋ ବଂଶ ନିପାତ କରିଦେବି ବୋଲି ଏସ୍‌ଆଇ ବେହେରା ଶୁଭକାନ୍ତଙ୍କ ବାପା ଧନେଶ୍ୱରଙ୍କୁ କହିଥିଲେ। ଧନେଶ୍ୱର ଏହାର ପ୍ରତିବାଦ କରିବାରୁ ଏସ୍‌ଆଇ ବେହେରା ନିଜ ପାଖରେ ରଖିଥିବା ବନ୍ଧୁକକୁ ତାଙ୍କ ମୁଣ୍ଡରେ ଲଗାଇ ମାରିଦେବାର ଧମକ ଦେଇଥିଲେ। ଅନ୍ୟ ୩ଜଣ ଫୋର୍ସ ଧରିଥିବା ବାଡ଼ିରେ ଧନେଶ୍ୱରଙ୍କ ମୁଣ୍ଡକୁ ପିଟିବା ସମୟରେ ସେ ପଛକୁ ଘୁଞ୍ଚିଯାଇ ଜୀବନ ବଞ୍ଚାଇଥିଲେ। ଏସଂକ୍ରାନ୍ତରେ ଧନେଶ୍ୱର ଆନନ୍ଦପୁର ଉପଜିଲାପାଳ ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ ପତ୍ର ଦାଖଲ କରି ନ୍ୟାୟ ଭିକ୍ଷା କରିଛନ୍ତି। ନଚେତ ସେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଅଁଳାକଟାକୁ ହରାଇ ମହାପାଟ ଚାମ୍ପିୟନ





ଚାମ୍ପିୟନ୍ ଗେହ୍ଲେଇକୋଟେଣି ମହାପାଟ କ୍ରିକେଟ କ୍ଲବକୁ ପୁରସ୍କୃତ କରାଯାଉଛି।





ରନର୍ସଅପ୍ ଅଁଳାକଟା ଦଳକୁ ପୁରସ୍କାର ପ୍ରଦାନ କରାଯାଉଛି।

**ପରଜଙ୍ଗ, ୨୨।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ପଞ୍ଚାୟତ ଭାଲିଆତଇଳା ଖେଳପଡ଼ିଆରେ ଚାଲିଥିବା ଜହ୍ନାପଡ଼ା ମା’ ଗ୍ରାମେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୧୫ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ଅଁଳାକଟାକୁ ହରାଇ ଗେହ୍ଲେଇକାଟେଣି ମହାପାଟ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଗେହ୍ଲେଇକାଟେଣି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୧୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଅଁଳାକଟା ୧୪.୩ ଓଭରରେ ୮୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ସିପୁନ ଏବଂ ବୁଲୁ ଖେଳ ପରିଚାଳନା କରିଥିବା ବେଳେ ବିଭୂତି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅମିତ୍ ଧାରାବିବରଣୀ ଦେଇଥିଲେ। ମହାପାଟ ଦଳର ମନୋଜ ଏବଂ ପିଣ୍ଟୁଙ୍କୁ ଯଥାକ୍ରମେ ‘ମ୍ୟାନ୍ ଅଫ୍ ଦି ମ୍ୟାଚ୍’ ଏବଂ ‘ମ୍ୟାନ୍ ଅଫ୍ ଦି ସିରିଜ୍’ ଘୋଷଣା କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ଦଳବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସାହୁ, ଗଣମାଧମ ପ୍ରତିନିଧି ନିର୍ମଳ ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ୧୧ ହଜାର ୧୧୧ ଏବଂ ରନର୍ସଅପ୍ ଦଳକୁ ୬ ହଜାର ୬୬ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଆୟୋଜକ ମା’ ଗ୍ରାମେଶ୍ୱରୀ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଆଖୁହୁଡ଼ା ଭାଙ୍ଗିବା ସମୟରେ

ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷ କରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ। ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ। ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଖୁ ଗଛକୁ ଏକ ଧାରୁଆ କତୁରିରେ ଭୂମି ପତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାର କରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ। ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଭଲ।



# କୁକୁଡ଼ା ଛୁଆ ପାଳନ



ଦିନରେ ବାୟୁମଣ୍ଡଳର ଉତ୍ତାପ ଅଧିକ ଥିବାରୁ ବ୍ରଏଲର କୁକୁଡ଼ା ଛୁଆ ପାଳନ ପାଇଁ କମ୍ ଉତ୍ତାପ ଦିଅନ୍ତୁ (ଆବଶ୍ୟକ ୩୫୦ ସେଣ୍ଟିଗ୍ରେଡ୍)। କୁକୁଡ଼ା ଛୁଆମାନେ ଉତ୍ତାପ ଉତ୍ସ ତଳେ ରହିଲେ ଉତ୍ତାପ ବଢ଼ାନ୍ତୁ ଓ ଉତ୍ତାପ ଉତ୍ସଠାରୁ ଦୂରରେ ରହିଲେ ଉତ୍ତାପ କମ୍ ଦିଅନ୍ତୁ। ସାତ ଦିନର କୁକୁଡ଼ା ଛୁଆଙ୍କୁ ରାଣୀକ୍ଷେତ ରୋଗ ଓ ୧୫ ଦିନର ଛୁଆଙ୍କୁ ଆଇ.ବି.ଡି. ରୋଗର ଟିକା ଦିଅନ୍ତୁ । ବାର୍ଡ ଫ୍ଲୁ ରୋଗ ଦମନ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ । ନିମ୍ନଲିଖିତ ଲକ୍ଷଣମାନ ଦେଖାଦେଲେ ବାର୍ଡ ଫ୍ଲୁ ରୋଗର ସୂଚନା ମିଳିଥାଏ। କୁକୁଡ଼ା ଦୁର୍ବଳ ଦେଖାଯାନ୍ତି, ପର ଅସଜଡ଼ା ପରି ଲାଗେ, ଅଣ୍ଡାଦିଆ କୁକୁଡ଼ା ଅଣ୍ଡା ଦେବା କମ୍ କରିଦିଅନ୍ତି, ନାକରୁ ପତଳା ସିଙ୍ଘାଣି ବାହାରିବା ସହିତ ଛିଙ୍କ ତଥା ପତଳା ପାଣି ପରି ଝାଡ଼ା ହୁଏ, ପ୍ରାପ୍ତ ବୟସ୍କ କୁକୁଡ଼ାଙ୍କ ଚୂଳ, ୱାଟଲ୍ ଓ ଆଖି ଚାରିପାଖ ଫୁଲିଯାଏ, ଚୂଳ ନୀଳ ପଡ଼ିବା ସହିତ ରକ୍ତଛିଟା ଚିହ୍ନ କିମ୍ବା ମୁହଁ ବା ମୁଣ୍ଡ ଫୁଲିଯିବା ଆଦି ଉପସର୍ଗ ମାନ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ ।

# ଅଧିକ ଅମଳକ୍ଷମ ସୋରିଷ

ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଦେଖାଦେଉଥିବା ବିଭିନ୍ନ ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ସକାଶେ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି.- ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ଲାଗି ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ସକାଶେ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



# ମୃତ୍ତିକା କର୍ଷଣ



ପ୍ର. ସୁବୋଧ କୁମାର ସାହୁ

ମୃତ୍ତିକା ଓ ମାଟି ଏକ କଠିନ ଘନବସ୍ତୁ। ଏହା ଶୁଷ୍କ ଥିଲେ କଠିନ ଓ ଓଦା ହେଲେ ନରମ ହୁଏ। ଏପରି ଅବସ୍ଥାରେ ମଞ୍ଜିବୁଣା ଓ ଚାରା ରୋପଣ ନିମନ୍ତେ ମାଟିର ଏକ ଅନୁକୂଳ ପରିବେଶ ସୃଷ୍ଟି ପାଇଁ ଯେଉଁସବୁ କାର୍ଯ୍ୟ କରାଯାଏ, ତାହାକୁ ମୃତ୍ତିକା କର୍ଷଣ କହନ୍ତି। କର୍ଷଣ ଦ୍ୱାରା ମାଟି ଓଲଟ ପାଲଟ, ହାଲୁକା ଓ ଫସ୍‌ଫସିଆ ହୁଏ। ମାଟିର ସ୍ଥୂଳ ଘନତ୍ୱ କମେ। କର୍ଷଣ ଯୋଗୁ ମାଟିରେ ଅନେକ ସ୍ଥୂଳ ଓ ସୂକ୍ଷ୍ମ ଛିଦ୍ରମାନ ସୃଷ୍ଟି ହୁଏ। ଏହା ଦ୍ୱାରା ମାଟିରେ ଜଳ ଓ ବାୟୁ ଚଳାଚଳରେ ବୃଦ୍ଧି ଘଟେ। ମାଟି ଉପରେ ଠିଆ ପାଣି ନ ରହି ନିମ୍ନଗାମୀ ହୁଏ। ମାଟି ଧୋଇ ନ ହୋଇ ସଂରକ୍ଷିତ ହୁଏ। ମାଟିର ଜଳଧାରଣ ଶକ୍ତି ବଢ଼େ। ସୂକ୍ଷ୍ମ ଛିଦ୍ରରେ ଜଳ ସୁରକ୍ଷିତ ହୁଏ। କର୍ଷଣ ଯୋଗୁ ମାଟିରେ ଅମ୍ଳଜାନ ଏବଂ ଯବକ୍ଷାରଜାନ ପରିମାଣ ବଢ଼େ। ମାଟିରେ ସୃଷ୍ଟି ହେଉଥିବା କ୍ଷତିକାରକ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ନିଷ୍କାସନ ହୁଏ। ଏହାଦ୍ୱାରା ମଞ୍ଜିର ଗଜା ପରିମାଣ ବଢ଼େ ଓ ଚାରାର ଭଲ ବୃଦ୍ଧି ଘଟେ। ଚାରାର ଚେର ଗଭୀରକୁ ଯାଏ। ବର୍ଦ୍ଧିତ ଚାରା ଦ୍ୱାରା ମାଟିରୁ ଗଛ ପାଇଁ ଆବଶ୍ୟକ ଖାଦ୍ୟ ଉପାଦାନ ଗ୍ରହଣ ଶକ୍ତି ବଢ଼େ। କର୍ଷଣ ଦ୍ୱାରା ମାଟିର ଉତ୍ତାପ ନିୟନ୍ତ୍ରିତ ହୁଏ। କର୍ଷଣ ଦ୍ୱାରା ଫସଲଜନିତ ରୋଗ, ପୋକ ଏବଂ କବକର ଆକ୍ରମଣ କମେ। କର୍ଷଣ ମୃତ୍ତିକାର ଜଳ, ବାୟୁ ଓ ଉତ୍ତାପକୁ ନିୟନ୍ତ୍ରିତ କରି ମାଟିରେ ଫସଲ ପାଇଁ ରୋଗ ଓ ପୋକ ପରିବେଶ ସୃଷ୍ଟି ହେବାକୁ ଦିଏ ନାହିଁ। ପୋକର ଲାର୍ଭା ଶୂକ ଓ ଅଣ୍ଡା ସଂଖ୍ୟା କମିବା ଫଳରେ ଫସଲ ପୋକ ଆକ୍ରମଣରୁ ରକ୍ଷାପାଏ। ତୃଣକ ଫସଲର ଏକ ବଡ଼ ଶତ୍ରୁ। ଏହା ଖାଦ୍ୟ, ଜଳ, ଅମ୍ଳଜାନ ଓ ଆଲୋକ ପାଇଁ ଫସଲ ସହିତ ପ୍ରତିଯୋଗିତା କରେ। ଏହାଦ୍ୱାରା ଫସଲ ଅମଳ କମେ। କର୍ଷଣ ଦ୍ୱାରା ତୃଣକ ନିୟନ୍ତ୍ରିତ ହୁଏ। ଅନ୍ୟପକ୍ଷରେ ତୃଣକ ମାଟିରେ ବିଘଟିତ ହୋଇ ଜୈବ ଖତରେ ପରିଣତ ହୁଏ।

ମାଟିର ବିଭିନ୍ନ ପରିବେଶକୁ ନେଇ କର୍ଷଣ କରାଯାଏ। ଶୁଷ୍କ ମାଟିକୁ କର୍ଷଣ କଲେ ଢେଲାମାନ ସୃଷ୍ଟି ହୁଏ, କିନ୍ତୁ ଗଭୀର ଚାଷ ହୋଇପାରେ ନାହିଁ। ମାଟିରେ ଢେଲା ରହିଲେ ଆବଶ୍ୟକ ବାୟୁର ସଠିକ ଚଳାଚଳ ହୁଏ। ସୂର୍ଯ୍ୟତାପ ଢେଲାରେ ତୀର୍ଯ୍ୟକ୍ ଭାବରେ ପଡ଼ି ମାଟିର ଉତ୍ତାପ ଆହରଣ ଶକ୍ତି ବଢ଼ାଏ। ପ୍ରଥମ ଏବଂ ଦ୍ୱିତୀୟ ବର୍ଷାଜଳ ମାଟି ଉପରେ ବୋହି ନ ଯାଇ ମାଟି ଭିତରକୁ ପ୍ରବେଶ କରି ମାଟିର ଜଳଧାରଣ ଶକ୍ତି ବଢ଼ାଏ। ଅନ୍ୟପକ୍ଷରେ ମାଟି ଉପରେ ଜଳ ବୋହି ନ ଯାଇ ମାଟିକୁ ସ୍ଥାନାନ୍ତରିତ କରିପାରେ ନାହିଁ। ତେଣୁ ମାଟି ସଂରକ୍ଷିତ ହୁଏ। ମାଟି କୈଶିକ ଜଳ ଅବସ୍ଥାରେ ଥିଲେ ଭଲ କର୍ଷଣ ହୁଏ। ଢେଲା ସୃଷ୍ଟି ହୁଏ ନାହିଁ। ମାଟି ଗଭୀର ଚାଷ ହୁଏ। ମାଟିର ଜଳ ପରିସ୍ରବଣ ଓ ଅନ୍ତସ୍ରବଣ ଶକ୍ତି ବଢ଼େ। ମଞ୍ଜି ଠିକ୍ ଗଭୀରରେ ପଡ଼ି ଗଜା ହୁଏ। ଚାରା ଗଛ ରୋପଣରେ ସୁବିଧା ହୁଏ। ତେଣୁ ଚାଷୀ ମାଟିର ଜଳ ପରିମାଣକୁ ଅନୁଭବ କରି କର୍ଷଣ କରିବା ଜରୁରୀ। ଫସଲ ଓ ଜମିର କିସମ ଦେଖି ମାଟି କର୍ଷଣ କରାଯାଏ। ଆମ ରାଜ୍ୟରେ ମଧ୍ୟମ ଓ ଖାଲ କିସମ ଜମିରେ ଧାନ ରୁଆଯାଏ। ଧାନ ରୁଆ ପାଇଁ ମାଟିକୁ କର୍ଷଣ କରି କାଦୁଅ କରାଯାଏ। ଏହାଦ୍ୱାରା ମାଟି ଲବଣି ଭଳି ନରମ ହୁଏ। ଏ ପ୍ରକାର ନରମ ମାଟିରେ ଧାନତଳି ସହଜରେ ରୁଆ ଯାଇପାରେ। କିନ୍ତୁ ମାଟିର ସରଞ୍ଚନାରେ ପରିବର୍ତ୍ତନ ଘଟେ। ମାଟିର ପରିସ୍ରବଣ ଓ ଅନ୍ତସ୍ରବଣ କମ୍ ହେବା ଫଳରେ ମାଟି ଉପରେ ଠିଆ ପାଣି ରହେ। ଏହାଦ୍ୱାରା ଚାରା ବିଳମ୍ବରେ ଚେର ଧରେ। ମାଟିରେ ବାୟୁ ଚଳାଚଳ କମିଯାଏ। ଅମ୍ଳଜାନ ଅଭାବରେ ଚାରା ଶ୍ୱାସରୁଦ୍ଧ ହୁଏ। ତେଣୁ ମାଟିକୁ ଲବଣି ପରି କାଦୁଅ କରିବା ଅନୁଚିତ। କେବଳ ମାଟିର ଢେଲା ଭାଙ୍ଗି ମଇ ଚଳାଇ ଧାନତଳିକୁ ରୋଇବା ଭଲ। ଡିପ ଓ ମଧ୍ୟମ କିସମ ଜମିରେ ଗହମ, କ୍ଷୁଦ୍ରଶସ୍ୟ, ତୈଳବୀଜ ଓ ଡାଲିଜାତୀୟ ଫସଲ ଆଦି ଚାଷ ସମୟରେ ମାଟିକୁ ଭଲ ଭାବରେ ଗୁଣ୍ଡ କରି ମଞ୍ଜି ବୁଣିବା ଆବଶ୍ୟକ।

ଢେଲା ଥିଲେ ତାକୁ ଭାଙ୍ଗି ଗୁଣ୍ଡ କରିବା ପାଇଁ କଲ୍‌ଟିଭେଟର ବ୍ୟବହାର କରାଯାଏ। ପ୍ରଥମ ଏବଂ ଦ୍ୱିତୀୟ ଓଡ଼ ଚାଷ ପାଇଁ ଡିସ୍କୋହାର ଭଲ। ଧାନରୁଆ ପୂର୍ବରୁ ମାଟିକୁ କାଦୁଅ କରିବା ପାଇଁ ଡିସ୍କୋହାର ଭଲ କାମ କରେ। କ୍ଷେତରେ ଢେଲାକୁ ଗୁଣ୍ଡ କରେ ଓ ଘାସକୁ କାଟି ମାଟିରେ ମିଶାଏ। ମାଟିହଣା, ହିଡ଼ ଦେବା, କଡି ମାରିବା, ହୁଡ଼ା ଟେକିବା ଇତ୍ୟାଦି କାମ ପାଇଁ କୋଦାଳ ଓ କୋଡ଼ି ବ୍ୟବହାର କରାଯାଏ। କ୍ଷେତରେ ଫସଲର ବର୍ଦ୍ଧନ ସମୟରେ ଘାସ ନିୟନ୍ତ୍ରଣ ଏବଂ ସାର ପ୍ରୟୋଗ ପାଇଁ ମାଟି କର୍ଷଣ କରାଯାଏ। ଏଥିଲାଗି ବିଭିନ୍ନ କୃଷି ଯନ୍ତ୍ର ଯଥା- ଟ୍ରେଞ୍ଚ ହୋ, ହୁଇଲ ହୋ, ଗୁଜୁରାଟ ହାଣ୍ଡ ହୋ, ଘାସବଛା ରେକ୍, ଗାର୍ଡନ ରେକ୍ ଆଦି ବ୍ୟବହାର କରାଯାଏ। ଏ ସବୁକୁ ମଧ୍ୟବର୍ତ୍ତୀ କର୍ଷଣ ଯନ୍ତ୍ର କୁହାଯାଏ। ମଧ୍ୟବର୍ତ୍ତୀ କର୍ଷଣ ଦ୍ୱାରା ମାଟିରେ ବାୟୁ ଚଳାଚଳ ସଠିକ୍ ହୁଏ। ଫସଲରେ ଦ୍ୱିତୀୟ ଓ ତୃତୀୟ ଥର ପ୍ରୟୋଗ ହେଉଥିବା ସାର ଧୋଇ ନ ଯାଇ ଫସଲରେ ଚେର ପାଖରେ ଠିକ୍ ଭାବରେ ପହଞ୍ଚିପାରେ। ଏହାଦ୍ୱାରା ପ୍ରୟୋଗ ସାରର ଉପଯୁକ୍ତ ବିନିଯୋଗ ହୋଇଥାଏ।

କୃଷି କାର୍ଯ୍ୟ ପାଇଁ ମୃତ୍ତିକା କର୍ଷଣ ଜରୁରୀ ଆବଶ୍ୟକ। କର୍ଷଣ ମାଟିକୁ ମଞ୍ଜି ବୁଣିବା ଓ ଚାରା ରୋଇବା ଲାଗି ଉପଯୁକ୍ତ ପରିବେଶ ସୃଷ୍ଟି କରେ। ମାଟିର କିସମ ଏବଂ ଏଥିରେ ଜଳର ସ୍ଥିତି ଅନୁଧ୍ୟାନ କରି ବିଭିନ୍ନ ସମୟରେ କର୍ଷଣ କରାଯାଏ। ଏଥିପାଇଁ ବିଭିନ୍ନ କୃଷି ଯନ୍ତ୍ରପାତି ସୃଷ୍ଟି କରାଯାଇଛି। ଉପଯୁକ୍ତ ମୃତ୍ତିକା କର୍ଷଣ ଅଧିକ ଫସଲ ଅମଳରେ ସାହାଯ୍ୟ କରେ।

- ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ :୯୪୫୬୨୬୭୦୮୫





# ଡାଳୁଅ ଧାନରେ ପୋକ ଦମନ



ଡ. ବିଷ୍ଣୁ ଚରଣ ଜେନା

ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଚାଷୀମାନେ ମାଘ ମାସଠାରୁ ବୈଶାଖ ମଧ୍ୟରେ ଖରାଟିଆ ବା ଡାଳୁଅ ଧାନ ଚାଷ କରନ୍ତି। ଧାନ ଫସଲକୁ କାଣ୍ଡବିନ୍ଧା, ପତ୍ରମୋଡ଼ା, ଚକଡ଼ା ବା ମାଟିଆଗୁଣ୍ଡି ଏବଂ ଧଳାପିଠିଆ ପୋକ କ୍ଷତିକାରକ। ତନ୍ମଧ୍ୟରୁ ମାଟିଆଗୁଣ୍ଡି ଏବଂ ଧଳାପିଠିଆ ଅତ୍ୟନ୍ତ କ୍ଷତିକାରକ ହୋଇଥାନ୍ତି। ଉକ୍ତ ଦୁଇଟି ପୋକ ଶୋଷକ ଜାତୀୟ। ଏହି ପୋକଦ୍ୱୟର ଅର୍ଭକ ଓ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଗୁଡ଼ିକ ଧାନଗଛର ପତ୍ରରୁ ରସ ଶୋଷନ୍ତି। ଧାନ ବୁଦାର ମୂଳ ଅଂଶରେ ପୋକଦ୍ୱୟ ଶହ ଶହ ସଂଖ୍ୟାରେ ଏକତ୍ରିତ ହୋଇ ମୂଳରୁ ରସ ଶୋଷି ଦିଅନ୍ତି। ଧାନମୂଳ ରସଶୂନ୍ୟ ହୋଇ ଶୁଖିଯାଇଥାଏ। ଏଥିରେ ଧାନକେଣ୍ଡା ଆସେ ନାହିଁ। ଆକ୍ରାନ୍ତ ଗଛଗୁଡ଼ିକ ଛୋଟ ଛୋଟ ହୋଇ ପୋଡ଼ିଗଲା ପରି ଜଣାପଡ଼େ। ଧାନ କିଆରିର ବିଭିନ୍ନ ସ୍ଥାନରେ ବୁଦା ବୁଦା ହୋଇ ଚକଡ଼ା ଆକାରରେ କ୍ଷତିର ଲକ୍ଷଣ ଜଣାପଡ଼େ। ତେଣୁ ଏହାକୁ ପୋଡ଼ା ଚକଡ଼ା କୁହାଯାଏ। ଧାନରୁଆ ଜମିରେ ଅଧିକ ପାଣି ଅନେକ ଦିନ ପର୍ଯ୍ୟନ୍ତ ଜମି ରହିବା, ଧାନଗଛ ଲଗାଲଗି ହୋଇ ରହିବା ଏବଂ ଧଳାପିଠିଆ ପୋକର ପ୍ରାଦୁର୍ଭାବ ଧାନ ଫସଲରେ ବୃଦ୍ଧି ପାଏ। ଏ ସବୁକୁ ବିଚାରକୁ ନେଇ ପୋକଦ୍ୱୟର ଦମନ ପ୍ରଣାଳୀ ସମ୍ବନ୍ଧରେ ଚାଷୀଭାଇମାନଙ୍କୁ କେତେକ ଉପଯୁକ୍ତ ପରାମର୍ଶ ନିମ୍ନରେ ଦିଆଯାଉଛି।

ରୋଗପୋକ ନିରୋଧକ ବିହନ ଯଥା ଖଣ୍ଡଗିରି, ଲଲାଟ, କୋଣାର୍କ, ଘଣ୍ଟେଶ୍ୱରୀ ଓ ମହାନଦୀ ଆଦି କିସମ ଚାଷ କରନ୍ତୁ। ଧାନ ସବୁବେଳେ ଧାଡ଼ିରେ ରୁଅନ୍ତୁ। ଧାଡ଼ି ପ୍ରତି ୨୦ ସେମି ଓ ଗଛ ପ୍ରତି ୧୫ ସେମି ବ୍ୟବଧାନରେ ଧାନତଳି ରୁଅନ୍ତୁ। ଧାନଜମିରୁ ସମସ୍ତ ତୃଣଜାତୀୟ ଉଦ୍ଭିଦ ଉପାଡ଼ି ଦିଅନ୍ତୁ। ଧାନର କିସମ ଓ ଅମଳ କରିବାର ଅବଧିକୁ ବିଚାର କରି ଅନୁମୋଦିତ ପରିମାଣର ସାର ପ୍ରୟୋଗ କରନ୍ତୁ। ଜଳ ନିଷ୍କାସନ କରିବାର ସୁବିଧା ଥିଲେ ରୁଆ ଧାନଜମିକୁ ୩-୪ ଦିନ ବ୍ୟବଧାନରେ ଶୁଖିଲା ରଖିବା ଓ ପରବର୍ତ୍ତୀ ସମୟରେ ଜଳସେଚନ କରନ୍ତୁ। ଧାନ ରୋଇବା ଦିନଠାରୁ ଅମଳ ପର୍ଯ୍ୟନ୍ତ ୨-୩ ଦିନ ଅନ୍ତରରେ ଜମିକୁ ପରିଦର୍ଶନ କରନ୍ତୁ। ତା' ସହ ପୋକଦ୍ୱୟର ଆବିର୍ଭାବ ଓ ଏହାର ବିସ୍ତାର ସମୟ ଜାଣି ଦମନ ପ୍ରକ୍ରିୟା ପ୍ରତି ସଚେତନ ରୁହନ୍ତୁ। ବିଗତ ବର୍ଷଗୁଡ଼ିକର ଅନୁଭୂତିରୁ ପ୍ରତୀୟମାନ ହୁଏ ଯେ, ଏହି ପୋକ ଦ୍ୱୟ ପିଲ ଦେବା ଏବଂ ଧାନ ପାଚିବା ସମୟ ଯଥା- ଚୈତ୍ର ଓ ବୈଶାଖ ମାସରେ ଧାନମୂଳରେ ଅନେକ ସଂଖ୍ୟାରେ ଦେଖାଦେଇ ଧାନମୂଳରୁ ରସ ଶୋଷି ଦିଅନ୍ତି। ଯାହାଫଳରେ ଆକ୍ରାନ୍ତ ଧାନବୁଦାଗୁଡ଼ିକ ଶୁଷ୍କ ହୁଏ ଓ ସେଥିରେ ଧାନକେଣ୍ଡା ଆସେନାହିଁ। ତେଣୁ ଧାନବୁଦା ପ୍ରତି ୫ଟି ପୋକ ଦେଖାଦେଲେ ଜମିରୁ ପାଣି ବାହାର କରି ଶୁଖେଇ ଦିଅନ୍ତୁ।

ତିନି ଫୁଟ ବ୍ୟବଧାନରେ କନ୍ଦି କରି ଧାନଗଛର ମୂଳକୁ ପାୱାର ସ୍ପ୍ରେୟାର ଦ୍ୱାରା ଇମିଡାକ୍ଲୋପ୍ରିଡ ୧୭.୮ ଏସ.ଏଲ. ୪୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ କିମ୍ବା ବୁପ୍ରୋଫେଜିନ୍ ୧.୫ ଗ୍ରାମ ଏକ ଲିଟର ପାଣିରେ ମିଶାଇ ଏହି ଅନୁପାତରେ କୀଟନାଶକକୁ ଭଲ ଭାବରେ ସିଞ୍ଚନ କରନ୍ତୁ।

ଚାଷୀଭାଇମାନଙ୍କୁ ଅନୁରୋଧ, ସେମାନେ ନିକଟସ୍ଥ କୃଷି ବିଭାଗର ଶସ୍ୟ ସଂରକ୍ଷଣ କିମ୍ବା ଓୟୁଏଟି ଦ୍ୱାରା ପ୍ରତିଷ୍ଠିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ସହ ପରାମର୍ଶ ଜାରି ରଖନ୍ତୁ।

- ପୂର୍ବତନ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, କୀଟତତ୍ତ୍ୱ ବିଭାଗ,
କୃଷି ମହାବିଦ୍ୟାଳୟ, ଓୟୁଏଟି,
ଭୁବନେଶ୍ୱର



# ଚାଷୀଙ୍କ ପାଇଁ...

- ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ୧ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ।
- ଆଳୁଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ। ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ। ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ। ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ। ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।
- ପିଆଜର ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇ ଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମି ଯାଇଥାଏ ।
- ଭେଣ୍ଡିର ଉନ୍ନତ କିସମ ମଧ୍ୟରେ ରହିଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଆବଶ୍ୟକ। ଭେଣ୍ଡି ଚାଷ ପାଇଁ ଜମି ପ୍ରସ୍ତୁତି ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ, ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁଜକ ଖତ ସହିତ ପ୍ରୟୋଗ କରନ୍ତୁ।
- ଛେଳିମାନଙ୍କୁ ଏଣ୍ଟରୋଟକ୍ସିମିଆ ରୋଗ ଏହି ମାସରେ ଦେଖାଇଥାଏ। ଏହାର ପ୍ରତିକାର ପାଇଁ ଏଣ୍ଟରୋଟକ୍ସିମିଆ ଟିକା ଦିଅନ୍ତୁ।



# ଦୁଧିଆଳୀ ଗାଈର ଖାଦ୍ୟ

ଦୁଧିଆଳୀ ଗାଈକୁ ପ୍ରତ୍ୟେକ ୨.୫ ଲିଟର ଦୁଗ୍ଧ ପାଇଁ ୧ କି.ଗ୍ରା. ସନ୍ତୁଳିତ ମିଶ୍ରିତ ଦାନା ଖାଇବାକୁ ଦିଅନ୍ତୁ । ପ୍ରତ୍ୟେକ ଦିନ ୩୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଗାଈକୁ ଖାଇବାକୁ ଦିଅନ୍ତୁ। ଦାନାଖର୍ଚ୍ଚ କମାଇବା ସହ ଗାଈମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରହିବା ପାଇଁ ସବୁଜ ଗୋଖାଦ୍ୟ ଫସଲ ଚାଷ କରନ୍ତୁ। ନଡ଼ା ଖାଇବାକୁ ଦେବା ପୂର୍ବରୁ ପ୍ରଥମେ ନଡ଼ାକୁ କାଟି ପାଣିରେ ୪ ଘଣ୍ଟା ବତୁରାଇ ଦିଅନ୍ତୁ । ପରେ ନଡ଼ାକୁ ପାଣି ଛଡ଼ାଇ ଶୁଖାଇ ଦିଅନ୍ତୁ। ଏହି ନଡ଼ାକୁ ଖାଇବାକୁ ଦେଲେ ନଡ଼ାରେ ଥିବା ଅକ୍‌ଜାଲିକ୍ ଅମ୍ଳ ପରିମାଣ କମିଥାଏ।





# ତରଭୁଜ ବିହନ ବିଶୋଧନ

ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ। ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଜରୁରୀ। ତରଭୁଜର ଉନ୍ନତ କିସମ ମଧ୍ୟରେ ରହିଛି ସୁଗାରବେବି, ଆର୍କାମାଣିକ ଏବଂ ଲାଲ୍‌ସେନା। ଏହାର ସଙ୍କର କିସମଗୁଡ଼ିକ ହେଲା- ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍ ଏବଂ ଆଣ୍ଡାମାନ୍।

# ଚିନାବାଦାମ ଚାଷ ଲାଗି ଜମି ଚୟନ



ଖରାଦିନିଆ ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ। ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା । ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ବୁଧବାର, ଫେବୃୟାରୀ ୨୩/୨୦୨୨ Dhenkanal, Wednesday, February 23/ 2022

# ମିଟ୍ ରେକର୍ଡ ସହ ଦୂତୀଙ୍କୁ ସ୍ୱର୍ଣ୍ଣ



ପୋଡିୟମ ଉପରେ ସ୍ୱର୍ଣ୍ଣ ପଦକ ଗ୍ରହଣ ଅବସରରେ ଦୂତୀ ଚାନ୍ଦ।

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଆଥ୍‌ଲେଟିକ୍ସ**

**ଭୁବନେଶ୍ୱର, ୨୨।୨ (କ୍ରୀଡ଼ା ପ୍ରତିନିଧି):** କିଟ୍ ଓ କିସ୍‌ର ଆଥଲେଟିକ୍ ଷ୍ଟାଡିୟମରେ ଚାଲିଥିବା ୮୧ତମ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଆଥଲେଟିକ ଚାମ୍ପିୟନଶିପ୍‌ର ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଅଲିମ୍ପିଆନ ଦୂତୀ ଚାନ୍ଦ। ଦୂତୀ ଏହି ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରୁଛନ୍ତି। ମଙ୍ଗଳବାର ଅନୁଷ୍ଠିତ ରେସ୍‌ରେ ଦୂତୀ ୧୧.୪୪ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ଗୁରୁ ଜମ୍ଭେଶ୍ୱର ବିଶ୍ୱବିଦ୍ୟାଳୟର ପ୍ରୀତି ୧୧.୬୬ ଓ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର ନରାଲେ ଅଭନ୍ତିକା ୧୧.୭୬ ସେକେଣ୍ଡ ସହ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ରେସ୍‌ରେ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି କିଟ୍‌ର ମଧୁମିତା ଦେବ। ତେଣୁ ଦୂତୀ ଓ ମଧୁମିତା ଦ୍ୱିତୀୟ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦୂତୀ, ମଧୁମିତା, ରିୟା କୁମାରୀ ଓ ଶତାକ୍ଷୀ ରାୟଙ୍କୁ ନେଇ ଗଠିତ କିଟ୍ ଦଳ ୪ x୧୦୦ ମିଟର ରିଲେ ରେସ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳ ମଧ୍ୟ ସେମିଫାଇନାଲ ପାଇଁ ଯୋଗ୍ୟତା ପାଇଛି।

ପ୍ରତିଯୋଗିତାର ଅନ୍ୟ ଇଭେଣ୍ଟଗୁଡ଼ିକ ମଧ୍ୟରେ ୨୦ କି.ମି. ରେସ୍ ୱାକ୍‌ରେ ବଲଜିତ କୌର, ରାକ୍ଷୀ କୁଶବାଲା ଓ ପାୟଲ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ୪୦୦ ମିଟର ରେସ୍‌ରେ ପ୍ରିୟା ଏଚ୍. ମୋହନ ସ୍ୱର୍ଣ୍ଣ, ରୂପାଲ ରୌପ୍ୟ ଓ ଫ୍ଲୋରେନ୍ସ ବାର୍ଲା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୫୦୦ ମିଟର ରେସ୍‌ରେ ଡି. ଭାଗ୍ୟଲକ୍ଷ୍ମୀ, ବର୍ଷା ଓ ସୁନୀତା, ୩୦୦୦ ମିଟର ଷ୍ଟିପଲ୍‌ଚେଜ୍‌ରେ କୋମଲ ଜଗଦଲେ, ରେବି ପାଲ୍, ଶଇଲି ଧମା, ହାଇଜମ୍ପ ଇଭେଣ୍ଟରେ ଗ୍ରାସିନା ମେର୍ଲି, ଏ. କେଭିନା ଅଶ୍ୱିନୀ ଓ କେ.ଏଚ୍. ସଲିହା ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।

**୪ ନୂଆ ମିଟ୍ ରେକର୍ଡ**

ଦ୍ୱିତୀୟ ଦିବସରେ ୪ଟି ନୂଆ ମିଟ୍ ରେକର୍ଡ ସ୍ଥାପନ ହୋଇଛି। ୧୦୦ ମିଟରରେ ଦୂତୀ ୧୧.୪୪ ସେକେଣ୍ଡ ସମୟ ନେଇ ପୂର୍ବ ରେକର୍ଡ ଭାଙ୍ଗିଥିଲେ। ପୂର୍ବରୁ ଏହି ରେକର୍ଡ ଏମଜି ବିଶ୍ୱବିଦ୍ୟାଳୟର ଏନ୍.ଏମ୍. ସିମି (୧୧.୫୬ ସେକେଣ୍ଡ, ୨୦୧୮ ମସିହା)ଙ୍କ ନାମରେ ଥିଲା। ୪୦୦ ମିଟରରେ ଜୈନ ବିଶ୍ୱବିଦ୍ୟାଳୟର ପ୍ରିୟା ଏଚ୍. ମୋହନ ୫୨.୫୮ ସେକେଣ୍ଡ ସମୟ ନେଇ ମିଟ୍ ରେକର୍ଡ କରିଥିଲେ। ୨୦୦୫ରେ ଏମ୍‌ଜି ବିଶ୍ୱବିଦ୍ୟାଳୟର ଅନିଲ୍‌ଦା ଥୋମାସ ୫୨.୫୮ ସେକେଣ୍ଡ ନେଇ ରେକର୍ଡର ଅଧିକାରୀ ଥିଲେ। ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ସାବିତ୍ରୀବାଇ ଫୁଲେ ପୁଣେ ବିଶ୍ୱବିଦ୍ୟାଳୟର କୋମଲ ଜଗଦଲେ ୧୦:୦୦.୨୩ ସେକେଣ୍ଡ ସମୟ ନେଇ ୨୦୨୦ରେ କରିଥିବା ନିଜ ରେକର୍ଡ (୧୦:୨୩.୬୬)କୁ ଭାଙ୍ଗିଥିଲେ। ହାଇଜମ୍ପରେ ମାନୋନ୍‌ମାଣିୟାମ ସୁନ୍ଦର୍ଶନ ବିଶ୍ୱବିଦ୍ୟାଳୟର ଗ୍ରାସିନା ମେର୍ଲି ୧.୮୪ ମିଟର କ୍ଲିୟର କରି ୨୦୧୮ରେ କାଲିକଟ ବିଶ୍ୱବିଦ୍ୟାଳୟର ଆଞ୍ଜେଲ ପି. ଦେବସ୍ୟ କରିଥିବା ୧.୮୩ ମିଟର ରେକର୍ଡକୁ ଭାଙ୍ଗିଥିଲେ।

# ଶ୍ରୀଲଙ୍କା ବିପକ୍ଷ ଟି୨୦ ସିରିଜରୁ ଦୀପକ ବାଦ୍



ଦୀପକ ଚହର

**ନୂଆଦିଲ୍ଲୀ, ୨୨।୨ (ପି.ଟି.):** ହାମଷ୍ଟ୍ରିଙ୍ଗ ଇଞ୍ଜୁରି ଯୋଗୁ ଆଗାମୀ ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜରୁ ବାଦ୍ ପଡ଼ିଛନ୍ତି ଭାରତୀୟ ପେସ୍ ବୋଲର ଦୀପକ ଚହର। ଫର୍ମରେ ଥିବା ଏହି ବୋଲର ଗତ ରବିବାର କୋଲକାତାଠାରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ବେଳେ ଆଘାତପ୍ରାପ୍ତ ହୋଇଥିଲେ। ତେଣୁ ସିରିଜରୁ ସେ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛନ୍ତି। ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ସେ ବର୍ତ୍ତମାନ ରିହାବିଲିଟେଶନରେ ରହିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ତେବେ ମାର୍ଚ୍ଚ ଶେଷ ସପ୍ତାହରେ ଆରମ୍ଭ ହେବ ବୋଲି ଆଶା କରାଯାଉଥିବା ଆଇପିଏଲ୍ ବେଳକୁ ସେ ଫିଟ୍ ହୋଇଥିବେ କି ନା ତାହା ଲକ୍ଷ୍ୟ କରିବାର କଥା। ଦଳ ପକ୍ଷରୁ କିନ୍ତୁ ବଦଳ ଖେଳାଳି ଦାବି କରାଯାଇ ନାହିଁ। କାରଣ ଦଳରେ ଉପଅଧିନାୟକ ଯଶପ୍ରୀତ ବୁମ୍‌ରା ରହିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ଲକ୍ଷ୍ନୌଠାରେ ଗୁରୁବାରଠାରୁ ଆରମ୍ଭ ହେବ।



ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବା ପାଇଁ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଥିବା ସ୍ପେନ ମହିଳା ହକି ଦଳ।

## ପ୍ରଜ୍ଞାନନ୍ଦଙ୍କ ଆଉ ଦୁଇ ବିଜୟ

**ଚେନ୍ନାଇ,୨୨।୨(ପି.ଟି.):** ଭାରତର ସ୍ୱଳ୍ପବୟସ୍କ ପ୍ରତିଭା ଆର୍. ପ୍ରଜ୍ଞାନନ୍ଦ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟ ଆର୍ଥିଙ୍ଗ୍ସ ମାଷ୍ଟର୍ସରେ ତାଙ୍କ ପ୍ରଭାବ ପ୍ରଦର୍ଶନ ଜାରି ରଖି ଆଉ ଦୁଇଟି ବିଜୟ ହାସଲ କରିଛନ୍ତି। ଦଶମ ଓ ଦ୍ୱାଦଶ ରାଉଣ୍ଡରେ ସେ ଗ୍ରାଣ୍ଡମାଷ୍ଟର ଆନ୍ଦ୍ରେ ଏସିପେଙ୍କୋ ଓ ଆଲେଜାଣ୍ଡ୍ରା କୋଷ୍ଟିନିକ୍‌ଙ୍କୁ ପରାସ୍ତ କରିଛନ୍ତି। ଭାରତର ଏହି ୧୬ ବର୍ଷୀୟ ଖେଳାଳି ଦିନକ ପୂର୍ବରୁ ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନଙ୍କୁ ହରାଇ ଦେଇଥିଲେ। ମଙ୍ଗଳବାର ସେ ପ୍ରଥମେ ନୋଡିର୍‌ବେକ୍ ଆବ୍‌ଦସାତ୍ତ୍ରୋଭ୍‌ଙ୍କ ବିପକ୍ଷ ତାଙ୍କ ଗେମ୍ ଡ୍ର ରଖିଥିଲେ। କିନ୍ତୁ ୧୧ତମ ରାଉଣ୍ଡରେ ସେ ରଷିଆନ୍ ଗ୍ରାଣ୍ଡମାଷ୍ଟର ଇଆନ ନେପୋମ ନିଆଚ୍‌ଚିଙ୍କଠାରୁ ହାରିଯାଇଥିଲେ। ଦୁଇ ବିଜୟ ଓ ଗୋଟିଏ ଡ୍ର' ସତ୍ତ୍ୱେ ପ୍ରଜ୍ଞାନନ୍ଦ ୧୫ ପଏଣ୍ଟ ସହ ଦ୍ୱାଦଶ ସ୍ଥାନରେ ଅଛନ୍ତି। ପ୍ରଜ୍ଞାନନ୍ଦ ଆଗକୁ ତାଙ୍କ ୧୩ତମ, ୧୪ତମ ଓ ୧୫ତମ ରାଉଣ୍ଡରେ ଯଥାକ୍ରମେ ଜର୍ମାନୀର ଭିନ୍‌ସେଣ୍ଟ କିମର, ଯୁକ୍ତରାଷ୍ଟ୍ର ଆମେରିକାର ହାନ୍ସ ମୋକ୍ ନିମାନ ଓ ରୁଷିଆର ଭ୍ଲାଡିସ୍ଲାଭ ଆର୍ଟିମିଭ୍‌ଙ୍କୁ ଭେଟିବେ।

# ଭାରତ ମ୍ୟାଚ ପାଇଁ ଆମେ ପ୍ରସ୍ତୁତ: ଲୋପେଜ

**ସ୍ପେନ୍ ମହିଳା ହକି ଦଳ ପହଞ୍ଚିଲା**

**ଭୁବନେଶ୍ୱର, ୨୨।୨ (କ୍ରୀଡ଼ା ପ୍ରତିନିଧି)**

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ଖେଳିବା ପାଇଁ ସ୍ପେନ୍ ମହିଳା ହକି ଦଳ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ସ୍ପେନ୍ ମଧ୍ୟରେ ପ୍ରୋ ଲିଗ୍ ମ୍ୟାଚ ଚଳିତ ମାସ ୨୬ ଓ ୨୭ ତାରିଖରେ ଅନୁଷ୍ଠିତ ହେବ। ''ଆମେ ପ୍ରଥମ ଥର ପାଇଁ ଭାରତ ଆସି କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ ଯାଉଥିବାରୁ ଅତ୍ୟନ୍ତ ଖୁସି। ଏପରି ଏକ ବଡ଼ ଷ୍ଟାଡିୟମରେ ଆମେ ଅଧିକ ମ୍ୟାଚ ଖେଳିନାହୁଁ। ତେଣୁ ଏଠାରେ ମ୍ୟାଚ ଖେଳିବାକୁ ଆମେ ବ୍ୟଗ୍ର। ଆମ ପାଇଁ ଆଗାମୀ ମ୍ୟାଚ ନୂଆ ଅଭିଜ୍ଞତା ଆଣିବ। ଉଭୟ ଦଳ ପ୍ରଥମ ଥର ପାଇଁ ପ୍ରୋ ଲିଗ୍‌ରେ ପରସ୍ପରକୁ ଭେଟିବାକୁ ଯାଉଛୁ। ତେଣୁ ଆମେ ଗେମ୍ ଉପରେ ଫୋକସ କରୁଛୁ'' ବୋଲି ସ୍ପାନିଶ୍ ମୁଖ୍ୟ କୋଚ୍ ଆଡ୍ରିଆନ ଲକ୍ ପ୍ରକାଶ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ଟୁର୍ନାମେଣ୍ଟରେ ସ୍ପେନ୍ ନିଜର ପ୍ରଥମ ମ୍ୟାଚରେ ନେଦରଲାଣ୍ଡଠାରୁ ହାରିଥିଲେ ହେଁ ଦ୍ୱିତୀୟ ମ୍ୟାଚରେ ଶୁଟ୍-ଆଉଟରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ''ନେଦରଲାଣ୍ଡ ବିପକ୍ଷ ମ୍ୟାଚରୁ ପଏଣ୍ଟ ମିଳିଥିବାରୁ ଆମ ମନୋବଳ ବହୁତ ବଢ଼ିଯାଇଛି। ଭାରତ ବିପକ୍ଷ ମ୍ୟାଚରେ ଏହା ନିଶ୍ଚିତ କାମ ଦେବ'' ବୋଲି ସ୍ପେନ୍ ଅଧିନାୟିକା ମାରିଆ ଲୋପେଜ ପ୍ରକାଶ କରିଛନ୍ତି। ନେଦରଲାଣ୍ଡ ବିପକ୍ଷ ମ୍ୟାଚରେ ଆମ ଖେଳାଳିଙ୍କ ପ୍ରଦର୍ଶନରେ ମୁଁ ଅତ୍ୟନ୍ତ ଖୁସି। ଆମେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ ବୋଲି ପ୍ରମାଣିତ କରିଛୁ। ନେଦରଲାଣ୍ଡ ବିପକ୍ଷ ମ୍ୟାଚରୁ ପଏଣ୍ଟ ପାଇଥିବାରୁ ଆଗାମୀ ମ୍ୟାଚରେ ଭଲ ପ୍ରଦର୍ଶନ କରିପାରିବୁ ବୋଲି ଦୃଢ଼ ନିଶ୍ଚିତ ଅଛୁ। ଭାରତ ଏକ ଶକ୍ତିଶାଳୀ ଦଳ ବୋଲି ଆମେ ଜାଣିଛୁ। ଭାରତ ୨ଟି ମ୍ୟାଚ ଖେଳି ଉଭୟରେ ବିଜୟୀ ହୋଇ ସାରିଛି। ତେଣୁ ଆଗାମୀ ମୁକାବିଲା ନିଶ୍ଚିତ ସଂଘର୍ଷପୂର୍ଣ୍ଣ ହେବ ବୋଲି ଲୋପେଜ କହିଛନ୍ତି। ଭାରତ ବିପକ୍ଷ ମ୍ୟାଚ ପାଇଁ ସ୍ପେନ୍ ନିଜକୁ ଭଲଭାବେ ପ୍ରସ୍ତୁତ କରିଛି ବୋଲି ଅନୁଭବ କରୁଛନ୍ତି ସ୍ପେନ୍ ଅଧିନାୟିକା। ''ଆମେ ଆଗାମୀ ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଆମ ଦଳରେ ଅନେକ ନୂଆ ଖେଳାଳି ସାମିଲ ହୋଇଛନ୍ତି। ନିକଟ ଅତୀତରେ ଆମେ ଭଲ ପ୍ରଦର୍ଶନ ଦେଇଛୁ ଏବଂ ହକିକୁ ଉପଭୋଗ କରିଛୁ। ସ୍ପେନ୍‌ରେ ଆମେ ଭଲ ଆରମ୍ଭ କରିଥିଲୁ। ଭାରତରେ ମଧ୍ୟ ସେପରି ପ୍ରଦର୍ଶନ କରିବା ନେଇ ଆଶା ରହିଛି'' ବୋଲି ଲୋପେଜ ପ୍ରକାଶ କରିଛନ୍ତି। ଶନିବାର ଓ ରବିବାର ଅପରାହ୍ନ ୫ଟାରୁ ଭାରତ-ସ୍ପେନ ମହିଳା ବିଭାଗ ମ୍ୟାଚ ଆରମ୍ଭ ହେବ। ଷ୍ଟାର ସ୍ପୋର୍ଟ୍ସରେ ମ୍ୟାଚଗୁଡ଼ିକ ପ୍ରସାରିତ ହେବ।

# ଦିମିତ୍ରୋଭଙ୍କ ବିପର୍ଯ୍ୟୟ ଘଟାଇଲେ କୋଜ୍‌ଲୋଭ

**ଆକାପୁଲ୍‌କୋ (ମେକ୍ସିକୋ), ୨୨।୨ (ଏପି):** ଗ୍ରିଗୋର ଦିମିତ୍ରୋଭ୍‌ଙ୍କୁ ୭-୬ (୮), ୫-୭, ୬-୨ ସେଟ୍‌ରେ ପରାସ୍ତ କରି ଷ୍ଟିଫାନ କୋଜ୍‌ଲୋଭ ଏଠାରେ ଚାଲିଥିବା ମେକ୍ସିକାନ ଓପନ ଟେନିସ ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ରାଫାଲ ନାଡାଲଙ୍କୁ ଭେଟିବେ। ସୂଚନାଯୋଗ୍ୟ, ଇଞ୍ଜୁରି ଯୋଗୁ ମାକ୍ସିମି କ୍ରେସି ଓହରିଯିବାରୁ ୧୩୦ ନମ୍ବର ର୍ୟାଙ୍କିଙ୍ଗ ପ୍ରାପ୍ତ କୋଜ୍‌ଲୋଭ ଲକି ଲୁଜର ହିସାବରେ ମୁଖ୍ୟ ଡ୍ର'ରେ ସ୍ଥାନ ପାଇଥିଲେ। ଗତ ମାସରେ ନାଡାଲ ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ଏହି ଟୁର୍ନାମେଣ୍ଟରେ ବିଶ୍ୱର ଟପ୍ ୫ ଖେଳାଳିଙ୍କ ମଧ୍ୟରୁ ୪ଜଣ ଭାଗ ନେଇଛନ୍ତି। ନାଡାଲଙ୍କ ବ୍ୟତୀତ ଅନ୍ୟ ଖେଳାଳିମାନେ ହେଲେ ଅଷ୍ଟ୍ରେଲିଆନ ଓପନ୍ ରନର୍ସ ଅପ୍ ଡାନିଲ ମେଡଭେଡେଭ, ଗତଥରର ଚାମ୍ପିୟନ ଆଲେଜାଣ୍ଡର ଜେଭରେଭ ଓ ଚତୁର୍ଥ ସିଡ୍ ଷ୍ଟିଫାନସ ସିତ୍‌ସିପାସ୍।

# ଭାରତର କ୍ରମାଗତ ଚତୁର୍ଥ ପରାଜୟ

**ଦିନିକିଆ ମହିଳା କ୍ରିକେଟ**

**କୁଇନ୍ସଟାଉନ୍, ୨୨।୨(ପି.ଟି.):** ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ ମ୍ୟାଚରେ ଭାରତ ୬୩ ରନରେ ପରାସ୍ତ ହୋଇଛି। ମଙ୍ଗଳବାର ବର୍ଷା ଯୋଗୁ ଏହି ମ୍ୟାଚ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ପ୍ରାୟ ୫ ଘଣ୍ଟା ବିଳମ୍ବରେ ଟସ୍ ପଡ଼ିଥିଲା। ଭାରତୀୟ ଅଧିନାୟିକା ମିଥାଲି ରାଜ ଟସ୍ ଜିତି ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଆମେଲି କେର୍‌ଙ୍କ ଅପରାଜିତ ୬୮ ଏବଂ ସୁଜି ବେଟ୍ସଙ୍କ ୪୧ ରନ ସହାୟତାରେ ଆୟୋଜକ ଦଳ ୨୦ ଓଭରରେ ୫ ଉଇକେଟ ବିନିମୟରେ ବିଶାଳ ୧୯୧ ରନ କରିଥିଲା। ଜବାବରେ ଚାପରେ ରହିଥିବା ଭାରତୀୟ ଟପ୍ ଅର୍ଡରର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ଏକଦା ୧୯ ରନରେ ଏହାର ୪ ଉଇକେଟ ହରାଇଥିଲା। ମିଥାଲି ୩୦ ରନ କରିଥିଲେ। ଭ୍ରମଣକାରୀ ଦଳ ୧୭.୫ ଓଭରରେ ୧୨୮ ରନ କରି ଅଲଆଉଟ ହୋଇଯାଇଥିଲା। କହିବାକୁ ଗଲେ ଭାରତର ଏହା ହେଉଛି କ୍ରମାଗତ ୫ମ ପରାଜୟ। କାରଣ ୪ ଅନ୍ତର୍ଜାତୀୟ ଦିନିକିଆରେ ପରାଜୟ ପୂର୍ବରୁ ଭାରତ ଏହି ଦେଶ ବିପକ୍ଷରେ ଖେଳିଥିବା ଏକମାତ୍ର ଅନ୍ତର୍ଜାତୀୟ ଟି୨୦ରେ ପରାସ୍ତ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୨୦ ଓଭରରେ ୧୯୧/୫ (ଆମଲି କେର୍-୬୮*, ସୁଜି ବେଟ୍ସ-୪୧; ରେଣୁକା ସିଂ ୨/୩୩)। ଭାରତ: ୧୭.୫ ଓଭରରେ ୧୨୮/ଅଲଆଉଟ (ରିଚା ଘୋଷ-୫୨, ମିଥାଲି ରାଜ-୩୦; ହେଲେ ଜାନସେନ୍-୩/୩୨)।

# ୨୦୨୨ରେ ଜୋକୋଭିଚ୍‌ଙ୍କ ପ୍ରଥମ ବିଜୟ

**ଦୁବାଇ,୨୨।୨(ପି.ଟି.):** ଦୁବାଇ ଟେନିସ ଚାମ୍ପିୟନଶିପ୍‌ରେ ନୋଭାକ୍ ଜୋକୋଭିଚ୍ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚରେ ଲୋରେଞ୍ଜୋ ମୁସେଟ୍‌ଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଚଳିତବର୍ଷ ଏହା ହେଉଛି ତାଙ୍କ ପ୍ରଥମ ମ୍ୟାଚ ବିଜୟ। କରୋନା ଟିକା ନେଇ ନ ଥିବାରୁ ଏହି ସର୍ବୀୟ ଟେନିସ ଷ୍ଟାର ଗତ ମାସରେ ତାଙ୍କ ଅଷ୍ଟ୍ରେଲିଆନ ଓପନ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇ ନ ଥିଲେ। କାରଣ ତାଙ୍କୁ ଆୟୋଜକ ଦେଶରୁ ପ୍ରତ୍ୟର୍ପଣ କରାଯାଇଥିଲା। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) କିନ୍ତୁ ତାଙ୍କୁ ଖେଳିବା ଲାଗି ଅନୁମତି ଦେଇଥିଲା। ପୂର୍ବରୁ ଏହି ଟୁର୍ନାମେଣ୍ଟ ସେ ୫ଥର ଜିତି ସାରିଛନ୍ତି। ଏଠାରେ ଦ୍ୱିତୀୟ ରାଉଣ୍ଡରେ ସେ କାରେନ କାଚାନୋଭ କିମ୍ବା ଆଲେକ୍ସ ଡି' ମିନାଉର୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ୨୦୧୭ରେ ଟାଇଟଲ ଜିତିଥିବା ଆଣ୍ଡି ମୁରେ ଏଠାରେ ତାଙ୍କ ପ୍ରଥମ ମ୍ୟାଚ ଜିତିଛନ୍ତି। ପ୍ରଥମ ରାଉଣ୍ଡରେ ସେ ଅଷ୍ଟ୍ରେଲିଆ କ୍ୱାଲିଫାୟର କ୍ରିଷ୍ଟୋଫର ଓ' କଲୋନେଲଙ୍କୁ ୬-୭ (୪), ୬-୩, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ପାଖାପାଖି ୩ ଘଣ୍ଟା ଧରି ଚାଲିଥିଲା।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ